# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧/୨୦୨୫ (୧୮ ପୃଷ୍ଠା) | Bhubaneswar, Friday, February 21/2025 | Page 18 | ₹ 7.00

୫୧ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 89 | ମୂଲ୍ୟ₹୭/-


DSPL-390



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

## ୨୧ ଫେବୃଆରୀ ୨୦୨୫

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"
*ସ୍ୱଭାବ କବି ଗଙ୍ଗାଧର ମେହେର*

**ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ିତୋଳିବାକୁ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ'ର ପ୍ରୟାସ ।**

ଗୁଜରାଟ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ୬୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରଦାନ ।

ଆଗାମୀ ଶିକ୍ଷା ବର୍ଷରେ ୫ ଲକ୍ଷ ୪୬ ହଜାରରୁ ଉର୍ଦ୍ଧ୍ୱ ବେସରକାରୀ ଓଡ଼ିଆ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଇବା ପାଇଁ ବ୍ୟବସ୍ଥା ।

ଓଡ଼ିଆ ଭାଷାରେ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା-୨୦୨୪ରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ୭୧୬୦ଜଣ ଛାତ୍ରଛାତ୍ରୀଙ୍କୁ ୫ କୋଟି ୩୭ ଲକ୍ଷ ଟଙ୍କାର 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି ପୁରସ୍କାର' ପ୍ରଦାନ ।

୪୨୭୩୯ ବିଦ୍ୟାଳୟରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ ।

୪୮୬୫୮ ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ।

ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବ ସମାରୋହ ୧୧ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ।

ଭାଷା ଭିତ୍ତିକ ଆକାଂକ୍ଷୀ ପାଠ୍ୟକ୍ରମ 'ସାହିତ୍ୟ ସୃଜନୀ' ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳନ ।

ଉଚ୍ଚ ବିଦ୍ୟାଳୟ ସ୍ତରରେ ଓଡ଼ିଆ ଶିକ୍ଷାର ବିକାଶ ପାଇଁ ୪୯୬ଜଣ ଓଡ଼ିଆ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ ପଦବୀ ସୃଷ୍ଟି କରାଯାଇ ନିଯୁକ୍ତି ପ୍ରକ୍ରିୟା ଜାରିରହିଛି ।

ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ୧୩୧୭ଟି ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୨୧ଟି ଭାଷାରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ।

OIPR-27068/13/0038/2425

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**



वित्त मंत्रालय
MINISTRY OF FINANCE
Government of India
सत्यमेव जयते

# କୃଷି ବିକାଶକୁ ପ୍ରୋତ୍ସାହନ

UNION BUDGET 2025-2026

## ସମୃଦ୍ଧ ଅନ୍ନଦାତା, ସମୃଦ୍ଧ ଭାରତ

### ଚାଷୀଙ୍କୁ ମିଳିଛି ନୂଆ ସୁବିଧା
### ପ୍ରଶସ୍ତ ହେଉଛି ଆତ୍ମନିର୍ଭର ଓ ବିକଶିତ ଭାରତର ମାର୍ଗ

ପିଏମ୍ ଧନ-ଧାନ୍ୟ କୃଷି ଯୋଜନା 100 ଜିଲ୍ଲାରେ ବଢ଼ାଇବ ଉତ୍ପାଦକତା, ଲାଭ ପାଇବେ 1.7 କୋଟି ଚାଷୀ

ପ୍ରାୟ 7.7 କୋଟି ମତ୍ସ୍ୟଜୀବୀ, ଚାଷୀ ଓ ଦୁଗ୍ଧ ଚାଷୀଙ୍କ ସହାୟତା ଲାଗି କିଷାନ କ୍ରେଡିଟ୍ କାର୍ଡ (କେସିସି)ର ଋଣ ସୀମା ବଢ଼ାଇ 5 ଲକ୍ଷ ଟଙ୍କା କରି ଦିଆଯାଇଛି

ଭାରତର ସାମୁଦ୍ରିକ ଖାଦ୍ୟ କ୍ଷେତ୍ରର ଉଦ୍ୟୋଗୀ ଏବଂ ଚାଷୀଙ୍କ ସହାୟତା ପାଇଁ ଫ୍ରୋଜନ ଫିଶ୍ ପେଷ୍ଟ ଉପରେ ମୂଳ ସୀମା ଶୁଳ୍କ 30%ରୁ ହ୍ରାସ କରି 5% ଏବଂ ଫିଶ୍ ହାଇଡ୍ରୋଲାଇସେଟ୍ ଉପରେ 15%ରୁ କମାଇ 5% କରି ଦିଆଯାଇଛି

କମ୍ପ୍ରେହେନ୍ସିଭ୍ ରୁରାଲ ପ୍ରସ୍ପରିଟି ଆଣ୍ଡ ରେସିଲିଏନ୍ସ କାର୍ଯ୍ୟକ୍ରମ ଅଧୀନରେ ତାଲିମ, ପ୍ରଯୁକ୍ତି ଓ ନିବେଶ ଦ୍ୱାରା ସ୍ଥାନୀୟ କୃଷି ଏବଂ ରୋଜଗାର ବୃଦ୍ଧି କରାଯିବ, ଯାହାଫଳରେ ପ୍ରବାସ ବାଧ୍ୟବାଧକତା ନୁହେଁ ବରଂ ଏକ ବିକଳ୍ପ ପାଲଟିବ (100 କୃଷି ଜିଲ୍ଲାରୁ ଶୁଭାରମ୍ଭ)

ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଗ୍ରାମାଞ୍ଚଳ ଲୋକମାନଙ୍କର ଋଣ ଆବଶ୍ୟକତା ନିମନ୍ତେ 'ଗ୍ରାମୀଣ କ୍ରେଡିଟ୍ ସ୍କୋର' ଢାଞ୍ଚା ପ୍ରସ୍ତୁତ

ଡାଲି ବିଶେଷ କରି, ହରଡ଼, ବିରି ଏବଂ ମସୁର ଉପରେ ଆତ୍ମନିର୍ଭରଶୀଳତା ପାଇଁ ଏକ ସ୍ୱତନ୍ତ୍ର ମିଶନ

CBC 15201/13/0011/2425

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧/୨୦୨୫ | Bhubaneswar, Friday, February 21/2025 | ପୃଷ୍ଠା-୧

# ଅରୁଣାଚଳ ସୀମାରେ ଚାଇନା ବସାଉଛି ୯୦ ଗାଁ

ଚାଇନା ଏହାର ବିସ୍ତାର ନୀତି 'ପ୍ରସ୍ପରସ୍ ଭିଲେଜେସ୍' ଅନୁଯାୟୀ ଅରୁଣାଚଳ ପ୍ରଦେଶର ଅପରପାର୍ଶ୍ୱ ଏଲ୍ଏସି ସଂଲଗ୍ନ ଅଞ୍ଚଳରେ ୯୦ ନୂଆ ବସତି ସ୍ଥାପନ କରୁଛି। ଚାଇନା ପକ୍ଷରୁ ଏଲ୍ଏସି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅଦ୍ୟାବଧି ୬୨୮ଟି ଗ୍ରାମ ପ୍ରତିଷ୍ଠା କରାଯାଇଥିବାବେଳେ ଆହୁରି ୯୦ ବସତିସ୍ଥାପନ ବେଜିଂର କ୍ଷେତ୍ରୀୟ ଦାବିକୁ ମଜଭୁତ କରିବା ସହ ଅନିର୍ଦ୍ଧାରିତ ସୀମାରେ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ସାମରିକ ପ୍ରସ୍ତୁତିକୁ ମଧ୍ୟ ମଜଭୁତ କରିବ ବୋଲି କୁହାଯାଉଛି। ଅନ୍ୟପକ୍ଷେ କେନ୍ଦ୍ର ସରକାର ସୀମାନ୍ତ ଅଞ୍ଚଳରେ ଗ୍ରାମଗୁଡ଼ିକୁ ବିକଶିତ କରିବା ପାଇଁ ୨୦୨୩ ଫେବୃଆରୀରେ 'ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମ' ଆରମ୍ଭ କରିଥିଲେ। କିନ୍ତୁ ଏହି କାର୍ଯ୍ୟକ୍ରମ ଅଧୀନରେ ସରକାର ଗତ ୨ ବର୍ଷ ଭିତରେ ୯୦% ପାଣ୍ଠିକୁ ଖର୍ଚ୍ଚ କରି ନ ଥିବା ଦର୍ଶାଇ ଏଥିଯୋଗୁ ଭାରତର ଜାତୀୟ ସ୍ୱାର୍ଥ ବିପନ୍ନ ହୋଇଥିବା କଂଗ୍ରେସ ସମାଲୋଚନା କରିଛି।


The Tribune
Trending Videos India World Sports

To date, China has established a total of 628 such villages, with the current 90 villages forming part of its latest expansion. The sources also note that China is seeking to create a legal defence under the Border Defence Cooperation Agreement (2005) with India, which addresses border settlements and local populations residing along the border. According to Article VII of the agreement, "The two sides shall safeguard the due interests of their settled populations in the border areas." So, as and when a situation arises to demarcate the LAC, these villages do not get disturbed in any such exercise.

ଦ ଟ୍ରିବ୍ୟୁନ୍‌ରେ ପ୍ରକାଶିତ ରିପୋର୍ଟ।

ନୂଆଦିଲ୍ଲୀ,୨୦।୨(ଟ୍ରିବ୍ୟୁନ୍) ତିବ୍ବତରେ ୨ଟି ସଦ୍ୟ ଘଟଣାକ୍ରମ ଉପରେ ସୁରକ୍ଷା ବିଶେଷଜ୍ଞମାନେ ନଜର ରଖିଛନ୍ତି। ପ୍ରଥମଟି ହେଲା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ସଂଲଗ୍ନ ଅଞ୍ଚଳ ଉପରେ ଚାଇନା ୯୦ଟି ନୂଆ ଗ୍ରାମ ସ୍ଥାପନ କରୁଛି। ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ତିବ୍ବତ ଓ ନେପାଳର ମୁସ୍ତାଙ୍ଗ ସୀମା କ୍ରସିଂ ପଏଣ୍ଟରେ ବେଜିଂ ନିଜ ଭିତ୍ତିଭୂମିକୁ ସୁଦୃଢ଼ କରୁଛି। ଚାଇନାର କମ୍ୟୁନିଷ୍ଟ ଶାସନରୁ ବର୍ତ୍ତିବା ପାଇଁ ତିବ୍ବତୀୟ ଶରଣାର୍ଥୀମାନେ ଏହି ରୁଟ୍‌କୁ ବାରମ୍ବାର ବ୍ୟବହାର କରିଥାଆନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ଚାଇନା ଏହାର ବିସ୍ତାର ନୀତି 'ପ୍ରସ୍ପରସ୍ ଭିଲେଜେସ୍' ☞ପୃଷ୍ଠା-୭



## ପିଏଲ୍ଏର ମନୋବଳ ବଢ଼ାଉଛନ୍ତି ଜିନ୍‌ପିଙ୍ଗ୍

ୱାଶିଂଟନ୍,୨୦।୨(ଡବ୍ଲ୍ୟୁଏସ୍‌ଜେ)

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ଅନେକ ସାମରିକ କମାଣ୍ଡରଙ୍କୁ ଦୁର୍ନୀତି ଓ ଆନୁଗତ୍ୟହୀନତା ପାଇଁ ବହିଷ୍କାର କରିଛନ୍ତି। ସେମାନଙ୍କ ଏଭଳି କାର୍ଯ୍ୟ ଯୋଗୁ ସେନାର ଆଦର୍ଶଗତ ଉତ୍ସାହ ଓ ନୈତିକ ମନୋବଳ ଦୁର୍ବଳ ହେଉଥିବା ସେ ଦର୍ଶାଇଛନ୍ତି।

ଆମେରିକାର ୱାର୍ଲ୍ଡଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବିଶ୍ୱର ସର୍ବବୃହତ୍ ସଶସ୍ତ୍ର ବାହିନୀରେ ଉତ୍ସାହ ଭରିଦେବା ପାଇଁ ଜିନ୍‌ପିଙ୍ଗ୍ ଏକ ଅଭିଯାନ ଆରମ୍ଭ କରିଛନ୍ତି। ତଦନୁଯାୟୀ, ଚାଇନା ସ୍ଥଳସେନା, ☞ପୃଷ୍ଠା-୭

## ମୋଦି ସରକାର ଭାରତର ଜାତୀୟ ସୁରକ୍ଷାକୁ ବିପନ୍ନ କରୁଛନ୍ତି: ଖାର୍ଗେ

ଅରୁଣାଚଳ ପ୍ରଦେଶ ସୀମାରେ ଚାଇନା ପକ୍ଷରୁ ୯୦ଟି ନୂତନ ଗ୍ରାମ ପ୍ରତିଷ୍ଠା କରାଯିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ କେନ୍ଦ୍ରକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଜାତୀୟ ସୁରକ୍ଷା ପରିବର୍ତ୍ତେ 'ପିଆର୍ ଷ୍ଟଣ୍ଟ' ଏବଂ 'ମିଥ୍ୟା ବିଜ୍ଞାପନ'କୁ ପ୍ରାଧାନ୍ୟ ଦେଉଛନ୍ତି। ମୋଦିଜୀ, ଆପଣ ଚାଇନାକୁ ☞ପୃଷ୍ଠା-୭

ଚାମ୍ପିୟନ୍ସ ଟ୍ରଫି | ବାଂଲାଦେଶ ବିପକ୍ଷ ମ୍ୟାଚ ଜିତିଲା ଭାରତ (ଖେଳ ପୃଷ୍ଠାରେ)

ଆଜିର ସମ୍ପାଦକୀୟ | ଏଆଇର ଗତିଶୀଳତା






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଯାଆଁଳା ତୋଟାର ଚିତ୍ର ଓ ଚରିତ୍ର ଓଡ଼ିଆ ଅସ୍ମିତା, ସ୍ଥାନ: ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସକାଳ ୯ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମାତୃଭାଷା ଦିବସ ଓ ସମ୍ବର୍ଦ୍ଧନା, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ୍–୩, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ନିମନ୍ତେ ପଦଯାତ୍ରା, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ମେଳା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ମିଶନ ଶକ୍ତି ଭବନ, ପୋଖରୀପୁଟ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଅନ୍ତର୍ଜାତୀୟ ମାତୃଭାଷା ଦିବସ ସାହିତ୍ୟ ଓ ସଙ୍ଗୀତ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୨ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ : ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ଅପରାହ୍ନ ୫ଟା।
- ବିଶ୍ୱ ମାତୃଭାଷା ଦିବସ ଅବସରରେ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ଅପରାହ୍ନ ୫ଟା ୩୦।
- ସଂଭାବନାର ବିଶ୍ୱ ମାତୃଭାଷା ଦିବସ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ରଘୁନାଥଜୀଉ ଡିଗ୍ରୀ କଲେଜ ସାଇନ୍ସ ସୋସାଇଟିର ବାର୍ଷିକ ଅଧିବେଶନ, ସ୍ଥାନ: କଲେଜ ପରିସର, ଦେଉଳସାହି, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କାଇପଦର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା, ସ୍ଥାନ: ହାବେଳି ପଡ଼ିଆ, ସମୟ: ଅପରାହ୍ନ ୪ଟା।
- କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ପଞ୍ଚମ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

- ୩୫ତମ ଆଭାସୀ ଆଲୋଚନା ଚକ୍ର, ସ୍ଥାନ: ସ୍ୱର୍ଣ୍ଣବୃନ୍ତ ସାହିତ୍ୟ ପରିବାର, ମିତ୍ରପୁର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର ବାର ଆସୋସିଏଶନର ୧୨୬ତମ ବାର୍ଷିକ ଉତ୍ସବ, ସ୍ଥାନ: ସିଭିଲ କୋର୍ଟ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମା' ସୁବର୍ଣ୍ଣମୁଖୀଙ୍କ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ସୋଧ, ଧାମନଗର, ସମୟ: ସକାଳ ୭ଟା।
- ସମ୍ବେଦନଶୀଳ ଶିଶୁ ପ୍ରସଙ୍ଗରେ ଗୋପନୀୟତା କର୍ମଶାଳା, ସ୍ଥାନ: ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଯଜ୍ଞ ପୂର୍ଣ୍ଣାହୁତି ଓ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ, ସ୍ଥାନ: ମୂଳଗାଁ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ଦିବାରାତ୍ର ନାମ ଯଜ୍ଞ, ସ୍ଥାନ: ବଂଚୋ, ହାଟଡିହୀ, ସମୟ : ପ୍ରାତଃ ୫ ଟା।
- ଶ୍ରୀମା ଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ : ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୯ ଟା।

## ମୟୂରଭଞ୍ଜ

- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ସୂର୍ଯ୍ୟପୂଜା, ସ୍ଥାନ:ସାରସକ୍ଷେତ୍ର,ସାରସକଣା, ସମୟ: ସକାଳ ୭ଟା।
- କରଞ୍ଜିଆ ସହିତ ଜେକେସିସି କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ,ସମୟ: ସକାଳ ୯ଟା।
- ଭୀମମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ବିଶ୍ୱ ମାତୃ ଦିବସ ପାଳନ, ସ୍ଥାନ:ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମାଙ୍କ ମହାଆବିର୍ଭାବ ଦିବସ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ

- ପଞ୍ଚୁଦଣ୍ଡ ପରିଚାଳନା କମିଟିର ୧୩ ଶମ୍ଭୁ ମିଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଶାଳବଣ, ଗୁଇବନ୍ଧ,ବାଲିଗୁଡା,ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଜିଲ୍ଲାସ୍ତରୀୟ ଆଶା, ଜିକେଏସ୍, ଜାସ୍ ଓ ମାସ୍ ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲ୍ଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତ୍‌ସିଂହପୁର

- ବିଶେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଓଲରା ଗ୍ରାମ, ପଦ୍ମପୁର ପଞ୍ଚାୟତ, ଏରସମା, ସମୟ: ସକାଳ ୬ଟା।
- କଳିଙ୍ଗ ମହିଳା ଶକ୍ତି ସଂଗଠନ ପକ୍ଷରୁ ସାଧାରଣ ସଭା ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଗଲ୍ଫ ପଡ଼ିଆ, ବଡ଼ପଡ଼ିଆ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମାଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ, ଲକ୍ଷ୍ମଛକ ନିକଟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ମହୁଲିଆ, ରାଜନଗର, ସମୟ: ସକାଳ ୬ଟା।
- ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ଖେଳ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ଶ୍ରୀଶ୍ରୀ ଶିରିଡି ସାଇ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଯଜ୍ଞ, ଷୋଡଶ ଉପଚାର ପୂଜା, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁରସ୍ଥ ୫୭ନଂ. ଜାତୀୟ ରାଜପଥ କଡ, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ମାଟ୍ରିକ୍ ବୋର୍ଡ ପରୀକ୍ଷା, ସ୍ଥାନ: ଝରିଗାଁ ବ୍ଲକର ୧୧ ପରୀକ୍ଷା କେନ୍ଦ୍ର, ଡାବୁଗାଁ ବ୍ଲକର ୭ ପରୀକ୍ଷା କେନ୍ଦ୍ର, ସମୟ: ସକାଳ ୯ଟା।
- ଲୋକପ୍ରତିନିଧି, ମିଶନ ଶକ୍ତି ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ତାଲିମ୍, ସ୍ଥାନ: ନବରଙ୍ଗପୁର ଜିଭିଏସ୍ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ଦଲେଇଗୁଡ଼ା ସରକାରି ଆଶ୍ରମ ବିଦ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## କୋରାପୁଟ

- କୁନ୍ଦୁରା ବ୍ଲକ୍ ସାମ୍ବାଦିକ ସଂଘର ପ୍ରଥମ ପ୍ରତିଷ୍ଠା ଦିବସ, ସ୍ଥାନ: ଶିକ୍ଷକ ଭବନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁରୀ ଦରପନ ଆୟୋଜିତ ମାତୃଭାଷା ଦିବସ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୯ଟା ୩୦।
- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ୟୁନିୟନ ସ୍ପୋର୍ଟିଂ କଟକ ଏବଂ ସମ୍ବଲପୁର ଫୋରସି ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ: ସକାଳ ୮ଟା ୩୦।
- ଭୁବନେଶ୍ୱର ଓ ସମ୍ବଲପୁର ଏମ୍‌ଏମସିସି ମଧ୍ୟରେ କ୍ରିକେଟ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ ଅପରାହ୍ନ ୧୨ଟା ୩୦।
- ବର୍ଦ୍ଧିଷ୍ଣୁ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲ୍ଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ସମ୍ବଲପୁର ଜିଲ୍ଲା ବନାମ ନୂଆଁପଡା ଜିଲ୍ଲା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ଓ ପ୍ରଯୁକ୍ତି ପ୍ରତିଷ୍ଠାନର ୧୫ତମ ବାର୍ଷିକ ଉତ୍ସବ ଆବାହନୀ–୨୫, ସ୍ଥାନ : ସୁଇଟ ପରିସର, ସମୟ : ସନ୍ଧ୍ୟା ୬ଟା।

## ରାଉରକେଲା

- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉଦିତନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ ମାତୃ ଦିବସ ପାଳନ, ସ୍ଥାନ: ଆମ୍ବାଗାନ ଛକ, ସେକ୍ଟର–୧୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଃଶୁଳ୍କ ହାର୍ନିଆ ଅସ୍ତ୍ରୋପଚାର ଶିବିର, ସ୍ଥାନ: ବ୍ୟାସଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଏସ୍‌ବିଆଇ ଲାଇଫ୍ ରାଉରକେଲା ଡିଭିଜନାଲ ଶାଖାର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ଶ୍ରୀ ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗଙ୍ଗାଧର ନଗର, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ ବୈଭବ ଭେଙ୍କଟେଶ୍ୱର ସ୍ୱାମୀଜୀଙ୍କର ବ୍ରହ୍ମୋତ୍ସବ, ସ୍ଥାନ: ବୈଭବ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର, ତୁରୁଙ୍ଗା, ବରଗଡ଼, ସମୟ: ସକାଳ ୮ଟା।
- ଝାରବନ୍ଧ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ମହିମାଧର୍ମୀ ସାଧୁସନ୍ଥଙ୍କ ସମାବେଶ,ସ୍ଥାନ:ବନଦୁର୍ଗା ମନ୍ଦିର ପ୍ରାଙ୍ଗଣ, ଝାରବନ୍ଧ,ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କାଦୋବାହାଲ, ଅତାବିରା,ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଭବାନୀପାଟଣା ନକଟିଗୁଡା ସିଟି ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କେସିଙ୍ଗା ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଗବେଷଣାତ୍ମକ ପୁସ୍ତକ 'ବାତାୟନରେ କଳାହାଣ୍ଡି' ଲୋକାର୍ପଣ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଦ୍ୱିତୀୟ ସେବା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁଡୁଡା, ହରଭଙ୍ଗା, ସମୟ: ସକାଳ ୯ଟା।

## ଦେବଗଡ଼

- ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହେଟଖମାର, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଶ୍ୱ କୋସଲି ମାତୃଭାଷା ଦିବସ ପାଳନ, ସ୍ଥାନ: ସୋନପୁର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପଳସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ କଥା ଶ୍ରୀରାମ ଓ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ, ସ୍ଥାନ: ନୂଆପଡ଼ା ସଦର ମହକୁମା ପତୋରା, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ସଡ଼କ ସୁରକ୍ଷା ସଚେତନତା ଯାତ୍ରା, ସ୍ଥାନ: ସୁରଭି ଭବନ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମାଙ୍କ ଜନ୍ମଦିନ ପାଳନ, ସ୍ଥାନ: ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାଳୀମନ୍ଦିର ରୋଡ଼, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗଜକେଶରୀ ଯୋଗ ଫଳସ୍ୱରୂପ ବନ୍ଧୁମିଳନ, ଧାର୍ମିକ କାର୍ଯ୍ୟ ଓ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବାଧକାଧିପତି ଶନି ରାଶିକୁ ଅବଲୋକନ କରୁଥିବାରୁ ଶାରୀରିକ ସ୍ତରରେ ଶିଥିଳତା ଅନୁଭବ କରିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ**
ରାଶିରେ ଦେବଗୁରୁ ଅବସ୍ଥାନ କରିଥିବାରୁ ଆଜି ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରିବାରେ ସମର୍ଥ ହେବେ। ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ଓ ଫଳପ୍ରଦ ଆଲୋଚନା ପ୍ରୀତିଦାୟକ ରହିବ। ଘରୋଇ ଝମେଲା କାରଣରୁ ମନ ଭଲ ରହି ନ ପାରେ। ପରିବହନ, ଲେଖାପଢ଼ା ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ**
ବକ୍ରୀ ମଙ୍ଗଳ ରାଶିରେ ରହିଥିବାରୁ ପାରିବାରିକ ଓ କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିପାରେ। ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ଶନି କ୍ଷେତ୍ରସ୍ଥ ବୁଧଙ୍କ ପ୍ରଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି ।

**କର୍କଟ**
ନୀଚରାଶିରେ ଚନ୍ଦ୍ର ଥିବାରୁ ଅତୀତ କଥାକୁ ଚିନ୍ତା କରି ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟିଜନିତ କାମ ସ୍ଥଗିତ ରହିଯାଇପାରେ। ଆକସ୍ମିକ ଭାବେ ଅନ୍ୟଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି।

**ସିଂହ**
ତିନୋଟିଗ୍ରହ ରାଶିକୁ ଦେଖୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି କାମ ହାସଲ କରିପାରିବେ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। କ୍ରୀଡ଼ା, ସାହିତ୍ୟଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ ପ୍ରଭୃତିରେ ସଫଳତା ଯୋଗୁ ମନ ଖୁସି ରହିବ। ପାରିବାରିକ ସ୍ଥିତି ପୂର୍ବଭଳି ରହିବା ଯୋଗୁ ମନ ଖୁସି ରହିପାରେ।

**କନ୍ୟା**
ଶୁକ୍ର ଓ ବୁଧଙ୍କ ଯୋଗୁ ଦୈହିକ, ମାନସିକ ଓ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ବନ୍ଧୁଙ୍କ ଅନୁରୋଧରେ କୌଣସି ସ୍ଥଗିତ କାମ ଆରମ୍ଭ କରିବା ସକାଶେ ମନ ବଳାଇବେ। ଖଳ ଲୋକମାନଙ୍କ କଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବାକୁ ପଡ଼ିପାରେ।

**ତୁଳା**
ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ଭଲରେ କଟିବ। ଶନିଙ୍କ ସୁପ୍ରଭାବରୁ ରାଜନୈତିକ ସ୍ଥିତିର ସମୀକ୍ଷା, ବ୍ୟବସାୟିକ ସ୍ଥିତିର ଅଗ୍ରଗତିରେ ସନ୍ତୋଷ ପାଇବେ। ସନ୍ଦେହ ଓ ବୁଝାମଣା ଅଭାବରୁ ବନ୍ଧୁଙ୍କ ଉପରେ ରାଗିବାରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା**
ଅଷ୍ଟମସ୍ଥ ରାଶ୍ୟାଧିପ କାରଣରୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ରାଜନୀତି, ପ୍ରଶାସନ, କଳା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ। ବିଶିଷ୍ଟବ୍ୟକ୍ତିମାନଙ୍କ ଦ୍ୱାରା ସଭାସମିତିରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ବୁଧ ଭାଗ୍ୟସ୍ଥାନକୁ ଦେଖୁଥିବାରୁ କର୍ମକ୍ଷେତ୍ରରେ ଅସଂଗତି ରହିଲେ ମଧ୍ୟ ଅସୁବିଧା ହେବ ନାହିଁ। ଶନିକ୍ଷେତ୍ରସ୍ଥ ବୁଧଙ୍କ ପ୍ରଭାବରୁ ବନ୍ଧୁଙ୍କ ଭୁଲ୍‌ବୁଝାମଣାକୁ ସୁଧାରି ନେବେ। ପଡ଼ୋଶୀ ସହଯୋଗର ହାତ ବଢ଼ାଇ କାର୍ଯ୍ୟହାସଲରେ ସହାୟକ ହେବେ। ଆଜି ଦିନଟିରେ ଯାନବାହନରେ ସତର୍କତା ରକ୍ଷା କରିବା ଭଲ ହେବ।

**ମକର**
ଆଜିର ଗ୍ରହସ୍ଥିତିର ବୈଷମ୍ୟତା ପାରିବାରିକ କ୍ଷେତ୍ରରେ ଅଶାନ୍ତିଜନିତ ମନରେ ସରସତା ରହିବ ନାହିଁ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ସ୍ୱରାଶି ପ୍ରତି ଶନିଙ୍କ ସ୍ଥିତି ଶାରୀରିକ, ସାମାଜିକ, ଗଣତାନ୍ତ୍ରିକ, ଆଇନ ପ୍ରଭୃତି କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ**
ସମସ୍ୟା ଓ ପ୍ରତିବନ୍ଧକକୁ ପଛକୁ ପକାଇ ବାସ୍ତବତାରେ ଉତ୍‌ଫୁଲ୍ଲିତ ରହିବେ। ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଶୁକ୍ରଙ୍କ ପ୍ରଭାବରେ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫେବୃଆରୀ ୨୧ ତାରିଖ, ବିଶ୍ୱ ମାତୃଭାଷା ଦିବସ, ଶ୍ରୀମାଙ୍କ ଜୟନ୍ତୀ, ଫାଲଗୁନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ରାଶିନକ୍ଷତ୍ର–ଅନୁରାଧା/ବିଛା, ନବମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହପାଣିଗ୍ରହଣ, ସକାଳ ଘ.୦୬।୧୫ ମି. ଗତେ ଘ.୦୭.୦୧ମି. ମଧ୍ୟେ, ଘ.୦୭.୪୭ ମି. ଗତେ ଘ.୦୯.୦୫ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୪ମି. ଗତେ ଘ.୧୨.୦୦ମି. ମଧ୍ୟେ ରାହୁ କାଳ।

## କିଟ୍‌ରେ ନେପାଳୀ ଛାତ୍ରୀଙ୍କୁ ମାଡ଼ ଘଟଣା

# ଆଉ ୫ ଗିରଫ

ଭୁବନେଶ୍ୱର,୨୦।୨(ସତ୍ୟଜିତ୍ ରାଉତ)



ଗିରଫ ୪ ବାଉନ୍ସରଙ୍କ ସମେତ ଫିଲ୍ଡ ଅଫିସର

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କୁ ମାଡ଼ ମାରି କ୍ୟାମ୍ପସରୁ ବିଦା କରିବା ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ଗୁରୁବାର ଆଉ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୪ଜଣ ବାଉନ୍ସର ଅଛନ୍ତି। ସେମାନେ ହେଲେ ଅଜୟ କୁମାର ସ୍ୱାଇଁ (୪୬), ସରୋଜ କୁମାର ରାଉତରାୟ (୪୫), ଚନ୍ଦନ କୁମାର ସ୍ୱାଇଁ (୨୯), ସୁଧାଂଶୁ ଶେଖର ବେହେରା (୪୧) ଏବଂ ଫିଲ୍ଡ ଅଫିସର ରମାକାନ୍ତ ସେଠୀ (୩୭)। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ପାଇଁ ଆବେଦନ ହୋଇଥିଲା। ହେଲେ ପୋଲିସ ପକ୍ଷରୁ ଦିଆଯାଇଥିବା ପ୍ରମାଣଗୁଡ଼ିକୁ ଆଧାର କରି ବିଚାରପତି ଜାମିନ ନାମଞ୍ଜୁର କରିଦେଇଥିଲେ। ଫଳରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ପୀଡ଼ିତା ମୃତା ପ୍ରକ୍ରିତି ଲାମ୍‌ସଲ୍‌ଙ୍କୁ ନ୍ୟାୟ ଦେବାକୁ ନେପାଳୀ

### ଜାମିନ ନାମଞ୍ଜୁର ପରେ ଜେଲ ଗଲେ

ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଧିକାରୀଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ହେଲେ ଆନ୍ଦୋଳନକାରୀଙ୍କୁ ଖୁବ୍‌ଶୀଘ୍ର ହଷ୍ଟେଲ ତଥା ଶିକ୍ଷାନୁଷ୍ଠାନ ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟରେ ଛାତ୍ରୀଛାତ୍ରମାନେ ହଷ୍ଟେଲ ଖାଲି କରୁଥିବାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଯଥାଶୀଘ୍ର ସେଠାରୁ ଚାଲିଯିବାକୁ ତାଗିଦ୍ କରିଥିଲେ। ଛାତ୍ରମାନେ ହଷ୍ଟେଲ ଖାଲି କରିବାରେ ସାମାନ୍ୟ ବିଳମ୍ବ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଓ ମାରପିଟ କରିଥିଲେ। ଏହାପୂର୍ବରୁ ମଙ୍ଗଳବାର ଏହି ମାମଲାରେ ପୋଲିସ କିଟ୍‌ର ୩ଜଣ ଅଧିକାରୀ ଏବଂ ୨ଜଣ ସୁରକ୍ଷା କର୍ମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ପୋଲିସ କୋହଳ ଦଫା ଲଗାଇଥିବାରୁ ସେମାନଙ୍କୁ ତୁରନ୍ତ ଜାମିନ ମିଳି ଯାଇଥିଲା।

# ରିମାଣ୍ଡରେ ପୁରୁଷବନ୍ଧୁ ଆଦଭିକ୍

## ଆଜି ଭଏସ୍ ସ୍ପେକ୍‌ଟ୍ରୋଗ୍ରାଫି ଟେଷ୍ଟ ହେବ

ଭୁବନେଶ୍ୱର,୨୦।୨(ସତ୍ୟଜିତ୍ ରାଉତ)

କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମସଲ୍ ଆତ୍ମହତ୍ୟା ଘଟଣାର ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ ଚାଲିଛି। ଅପରପକ୍ଷରେ ପ୍ରକ୍ରିତିଙ୍କୁ ବ୍ଲାକମେଲ୍ କରି ଗିରଫ ହୋଇଥିବା ଅଭିଯୁକ୍ତ ପୁରୁଷବନ୍ଧୁ ଆଦଭିକ୍ ଶ୍ରୀବାସ୍ତବଙ୍କୁ ବୁଧବାରଠାରୁ ୩ ଦିନିଆ ରିମାଣ୍ଡରେ ପୋଲିସ ନେଇ ମାରାଥନ୍ ଜେରା କରୁଛି।



ଆଦଭିକ୍ ଶ୍ରୀବାସ୍ତବ

ପ୍ରକ୍ରିତିଙ୍କୁ ସେ କେବେଠୁ ପ୍ରେମ କରୁଥିଲେ, ସମ୍ପର୍କରେ ଫାଟ ସୃଷ୍ଟି ହେବାର କାରଣ, କାହିଁକି ନିର୍ଯାତନା ଦେଲେ, କିଭଳି ନିର୍ଯାତନା ଦେଉଥିଲେ ଆଦି ଦିଗକୁ ନେଇ ଆଦଭିକ୍‌ଙ୍କଠୁ ପୋଲିସ ତଥ୍ୟ ହାସଲ କରୁଛି। ଅନ୍ୟପକ୍ଷରେ ଆଦଭିକ୍‌ଙ୍କ ଭଏସ୍ ସ୍ପେକ୍‌ଟ୍ରୋଗ୍ରାଫି ଟେଷ୍ଟ ହେବ ବୋଲି ସୂଚନା ମିଳିଛି। ଏହି ଘଟଣାରେ ପ୍ରକ୍ରିତି ଓ ଆଦଭିକ୍ ବାର୍ତ୍ତାଳାପର ଏକ ଅଡିଓ କଲ ଭାଇରାଲ ହୋଇଥିଲା। ଉକ୍ତ ଭାଇରାଲ ଅଡିଓରେ ଆଦଭିକ୍ ଗାଳିଗୁଲଜ କରୁଥିବା ବେଳେ ପ୍ରକ୍ରିତି କାନ୍ଦୁଥିବା ଶୁଣିବାକୁ ମିଳିଥିଲା। ତେବେ ଏଥିରେ ଥିବା ପୁରୁଷ କଣ୍ଠସ୍ୱର ଆଦଭିକ୍‌ଙ୍କ କି ନୁହେଁ ତାହା ପ୍ରମାଣ କରିବାକୁ ପୋଲିସ ଉକ୍ତ ଭଏସ୍ ଟେଷ୍ଟ କରିବ। ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ଶୁକ୍ରବାର ଏହି ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି।

# କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ଛାତ୍ର ସଙ୍ଗଠନ





ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)





କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଦୋଷୀଙ୍କୁ ଦଣ୍ଡ ଦେବା ସହିତ ନେପାଳର ଛାତ୍ରୀଛାତ୍ରଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରି ବିତାଡିତ କରିଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନନିଆଯାଉ। ନେପାଳୀ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା, କ୍ୟାମ୍ପସ ଚତୁଃପାର୍ଶ୍ୱରେ ଥିବା ମଦ ଓ ମାଦକ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନଗୁଡିକ ତୁରନ୍ତ ବନ୍ଦ କରିବାକୁ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେସନ୍ସ (ଏଆଇଡିଏସ୍‌ଓ) ଦାବି କରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଛାତ୍ରୀଛାତ୍ରମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ଉପ–ସଭାପତି ନିରୁପମା ବେହେରା, ଭାଗ୍ୟରବି ଦାସ, କାର୍ଯ୍ୟାଳୟ ସମ୍ପାଦକ ନସିମ ସରକାର, କୋଷାଧକ୍ଷା ସର୍ପୁଷିନୀ ରାଉଳ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସେହିପରି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫଦାରୀ ଦାବିରେ ସିପିଆଇ ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି।

# ବଜରଙ୍ଗ ଦଳ, ଓଡ଼ିଶା ଛାତ୍ର ସମାଜର ବିକ୍ଷୋଭ





ଭୁବନେଶ୍ୱର,୨୦।୨(ସତ୍ୟଜିତ୍ ରାଉତ)

କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍‌ଙ୍କ ଆତ୍ମହତ୍ୟା ଏବଂ ନେପାଳୀ ଛାତ୍ରୀଛାତ୍ରଙ୍କୁ ବଳପୂର୍ବକ କଲେଜରୁ ବିତାଡ଼ିତ କରି ନିର୍ଯାତନା ଘଟଣାରେ ବିଶ୍ୱ ହିନ୍ଦୁ ପରିଷଦ–ବଜରଙ୍ଗ ଦଳ ଗୁରୁବାର ରାସ୍ତାକୁ ଓହ୍ଲାଇଛି। ବଜରଙ୍ଗ ଦଳ ଭୁବନେଶ୍ୱର ମହାନଗର ୟୁନିଟ୍ ପକ୍ଷରୁ ସନ୍ଧ୍ୟାରେ କିଟ୍ ଗେଟ୍–୬ ସମ୍ମୁଖରେ ୧୦ଗୋଟି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ମାମଲାରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଦାୟୀ କରି ଆନ୍ଦୋଳନକାରୀମାନେ ନାରାବାଜି ଦେଇଥିଲେ। ଏଥିସହ ଅଚ୍ୟୁତଙ୍କ କୁଶପୁତ୍ତଳିକା ଦାହ କରି ଆନ୍ଦୋଳନ କରିଥିଲେ। ନେପାଳୀ ଛାତ୍ରୀଛାତ୍ରଙ୍କ ପ୍ରତି ହୋଇଥିବା ଅସଦାଚରଣ, ଭାରତ–ନେପାଳ ସମ୍ପର୍କରେ ତିକ୍ତତା, ଅଭିଯୁକ୍ତଙ୍କୁ ଗିରଫ କରିବାର ପାଞ୍ଚ ଘଣ୍ଟା ମଧ୍ୟରେ ଜାମିନ, ଘଟଣା ପରେ ବି ବାରମ୍ବାର କିଟ୍ କର୍ମଚାରୀଙ୍କ ଦ୍ୱାରା ବିଦ୍ୟାର୍ଥୀଙ୍କୁ ଧମକ ଆଦି ଦାବି ନେଇ ବଜରଙ୍ଗୀ କର୍ମୀମାନେ ଗର୍ଜିଥିଲେ। ପ୍ଲାକାର୍ଡ ଧରି କ୍ୟାମ୍ପସ୍ ଭିତରେ ଆନ୍ଦୋଳନକାରୀମାନେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେଠାରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ପୋଲିସ ଫୋର୍ସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ସହ ସେମାନଙ୍କୁ ଅଟକାଇଥିଲା। ଫଳରେ ପୋଲିସ ଓ ବଜରଙ୍ଗ କର୍ମୀମାନଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ଉପୁଜିଥିଲା। ବଜରଙ୍ଗ ଦଳର ପ୍ରାନ୍ତ ସହ–ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଅପରପକ୍ଷରେ ଦିନବେଳେ କିଟ୍ ଗେଟ୍ ସମ୍ମୁଖରେ ଓଡ଼ିଶା ଛାତ୍ର ସମାଜ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାର୍ଥୀମାନଙ୍କ ଉପରେ ଅତ୍ୟାଚାର ଚଳିବ ନାହିଁ ଆଦି ପ୍ଲାକାର୍ଡ ଧରି ସେମାନେ ଆନ୍ଦୋଳନ କରି ନାରା ଦେଇଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ହାଜର ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୨ (ସୁଚିସ୍ମିତା ସାହୁ)

## କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ, ଆକ୍ରମଣ ଘଟଣା


ଅଚ୍ୟୁତ ସାମନ୍ତ

କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ପଢୁଥିବା ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସଲଙ୍କ ମୃତ୍ୟୁ ଓ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ସହ ଜୋର୍‌ଜବରଦସ୍ତ ବସ୍‌ରେ ନେଇ କଟକ ରେଳ ଷ୍ଟେଶନରେ ଛାଡିବା ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ଏକ ଉଚ୍ଚସ୍ତରୀୟ କମିଟି ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଗୁରୁବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନୋଟିସ ଜାରି କରାଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ଉଚ୍ଚସ୍ତରୀୟ ତଦନ୍ତ କମିଟି ନିକଟରେ ହାଜର ହେବାକୁ ଅଚ୍ୟୁତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରୀ ଆତ୍ମହତ୍ୟା ମାମଲା ଓ ଏହା ପରବର୍ତ୍ତୀ ଘଟଣାରେ କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ସେ ସମ୍ବନ୍ଧୀୟ ସମସ୍ତ ଡକ୍ୟୁମେଣ୍ଟ କମିଟି ନିକଟରେ ଉପସ୍ଥାପନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏହି କମିଟି ବୁଧବାର କ୍ୟାମ୍ପସ ପରିଦର୍ଶନ କରିବା ସହ ହଷ୍ଟେଲରେ ଥିବା ନେପାଳୀ ଛାତ୍ରୀଛାତ୍ର ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କେବଳ ନେପାଳ ଛାତ୍ରୀଛାତ୍ରଙ୍କ ପାଇଁ ସାଇନ-ଏ-ଡାଏ ଘୋଷଣା ହେବା ଏବଂ ସେମାନଙ୍କୁ କ୍ୟାମ୍ପସରୁ ଲୋକ ଲଗାଇ ବିଦା କରିବା ଆଦି ବିଷୟରେ ତଦନ୍ତ କରାଯିବ। ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ସହ କ୍ୟାମ୍ପସରେ ଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ ଉକ୍ତ କମିଟି ତଦାରଖ କରିବ। ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବାକୁ ବିଭାଗ ପକ୍ଷରୁ ଅଭିଜ୍ଞ ପରାମର୍ଶଦାତାଙ୍କୁ ନିୟୋଜିତ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

**ମୟୂରଭଞ୍ଜ: ଥାନା ପାଖ ବ୍ୟାଙ୍କରୁ ଲୁଟ୍**




# ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ଆଦେଶ

## ବଲାରପୁର ପେପର ମିଲ୍ ମାମଲା

କଟକ,୨୦।୨(କାର୍ତ୍ତିକ ସାହୁ)

ବଲାରପୁର ପେପର ମିଲ୍‌କୁ ଶିଳ୍ପ ପାଇଁ ଦିଆଯାଇଥିବା ସରକାରୀ ଜମି ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହାର ହେଉନାହିଁ। ତାହାକୁ ପ୍ଲଟିଂ କରି ବିକ୍ରି କରିବାକୁ ଉଦ୍ୟମ ହୋଇଛି। ଜମିର କିସମ ପରିବର୍ତ୍ତନ କରିବାକୁ ଆବେଦନ ମଧ୍ୟ କରାଯାଇଛି। ତେଣୁ ଉକ୍ତ ଜମିକୁ ନେଇ ଓଡ଼ିଶା ରାଜ୍ୟ ସରକାରଙ୍କ ସହ ବଲାରପୁର ପେପର ମିଲ୍‌ର ହୋଇଥିବା ରାଜିନାମା(ଏମ୍‌ଓୟୁ)କୁ ରଦ୍ଦ କରିବା ପାଇଁ ଆଗତ ମାମଲାର ଶୁଣାଣି ହାଇକୋର୍ଟରେ ବୁଧବାର ହୋଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଏମ. ଏସ୍. ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସମ୍ପୃକ୍ତ ଜମିର ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ ଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ପ୍ରତିପକ୍ଷ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୯ ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀ ରମେଶ ଚନ୍ଦ୍ର ନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ଆଇନଜୀବୀ ବି.ପି.ବି. ବାହାଲି ମାମଲା ପରିଚାଳନା କରୁଛନ୍ତି।

# ମହାନଦୀରେ ନିର୍ମାଣ ହେବ ୧୬ ଡ୍ୟାମ୍, ୧୫ ବ୍ୟାରେଜ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୨ (ବନ୍ଦନା ସେଠୀ)

ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହାନଦୀରେ ଆଉ ୧୬ ଡ୍ୟାମ୍ ଏବଂ ୧୫ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ହେବ। ଏଥିସହ ମହାନଦୀରେ ୪୧ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ କରିବାକୁ ଯୋଜନା ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଗୁରୁବାର ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାନଦୀ ଅବବାହିକାର ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ଅଣଯୋଜନାବଦ୍ଧ ପ୍ରକଳ୍ପ ମାଧ୍ୟମରେ ଅତ୍ୟଧିକ ନଦୀଜଳ ବ୍ୟବହାର କରୁଥିବାରୁ ଓଡ଼ିଶାର ତଳମୁଣ୍ଡକୁ ଜଳ ପ୍ରବାହ କ୍ରମଶଃ ହ୍ରାସ ପାଉଛି। ଆନ୍ତଃରାଜ୍ୟ ସୀମାନ୍ତରେ ଅବସ୍ଥିତ ହୀରାକୁଦ ଡ୍ୟାମ୍‌ରେ ମଧ୍ୟ ଜଳସ୍ତର ଖସିବାରେ ଲାଗିଛି, ଯାହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି। ଏହି ମହାନଦୀ ଜଳ ବିବାଦ ପାଇଁ ଓଡ଼ିଶା ଟ୍ରିବ୍ୟୁନାଲର ଆଶ୍ରୟ ନେଇ ବହୁ ଆବେଦନ ମାଧ୍ୟମରେ ନିଜ ଦାବି ରଖି ଆସୁଛି। ଏହି ମାମଲା ବର୍ତ୍ତମାନ ବିଚାରାଧୀନ ଥିବାରୁ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ମହାନଦୀ ଜଳର ସମାନତା ସହିତ ସ୍ଥାୟୀ ଜଳ ବିକାଶକୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଅପରପକ୍ଷେ ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। ଛତିଶଗଡ଼ ସରକାର ମହାନଦୀର ଉପର ଅବବାହିକା ଅଞ୍ଚଳରେ ୮/୯ଟି ବ୍ୟାରେଜ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଓଡ଼ିଶା ଗ୍ରୀଷ୍ମ ସମୟରେ କୁପ୍ରଭାବିତ ହେଉଛି। ଏନେଇ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରସନ୍ନ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଭାଜପା ସରକାର ଗତ ୮ମାସ ଧରି କ୍ଷମତାରେ ଅଛି। ଏତେ କମ୍ ସମୟ ମଧ୍ୟରେ ବନ୍ଧ ନିର୍ମାଣ ହୋଇପାରିବ ନାହିଁ। ତେବେ ରାଜ୍ୟ ସରକାର ୩୧ଟି ବୃହତ୍ ଓ ମଧ୍ୟମ ଜଳପ୍ରକଳ୍ପ, ୨୭ଟି ବ୍ୟାରେଜ, ୭୨ଟି ଆଇଏସ୍‌ଏସ୍ ଢାଞ୍ଚା ଏବଂ ୭୯ଟି କ୍ଷୁଦ୍ର ଜଳପ୍ରକଳ୍ପ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ୫୧ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଜଳସମ୍ପଦ ବିଭାଗ ଏଥିପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଛି। ଏନେଇ ଆଗାମୀ ୫ବର୍ଷ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ମହାଲିଙ୍ଗ ବିଧାନସଭାରେ ତଥ୍ୟ ରଖିଛନ୍ତି। ସେ ଆହୁରି କହିଛନ୍ତି, ଛତିଶଗଡ଼ରେ ଯେଉଁ ଡ୍ୟାମ ହୋଇଛି ତାକୁ ନେଇ ବିଧାନସଭାରେ ଅନେକ ବାର ଆଲୋଚନା ହୋଇଛି। ଗତ ୨୪ବର୍ଷର ପ୍ରସଙ୍ଗକୁ ଦୋହରାଇବାକୁ ଚାହୁଁନି। ଏତେବର୍ଷ ସରକାରରେ ଥିବା ବିଜେଡି ମହାନଦୀର ତଳମୁଣ୍ଡରେ କେତୋଟି ଡ୍ୟାମ କରିଛି, ତାହାର ତଥ୍ୟ ବର୍ତ୍ତମାନର ବିରୋଧୀ ଦଳ ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଥିବ। ତେଣୁ ପ୍ରଥମେ ନିଜକୁ ନିଜେ ପ୍ରଶ୍ନ ପଚାରନ୍ତୁ ବୋଲି ମହାଲିଙ୍ଗ ଟେରଛା ବାଣ ମାରିଛନ୍ତି।




# ପୁରୁଣା ସହର ପାଇଁ ଆସିବ ନୂଆ ଆଇନ: ମନ୍ତ୍ରୀ

## ଟାଉନ୍ ପ୍ଲାନିଂ ସ୍କିମ୍ ମାଧ୍ୟମରେ ସହରର ବିକାଶ ହେବ



ଭୁବନେଶ୍ୱର, ୨୦।୨(ବନ୍ଦନା ସେଠୀ)

ଟାଉନ ପ୍ଲାନିଂ (ଟିପି) ସ୍କିମ୍ ମାଧ୍ୟମରେ ଯୋଜନାବଦ୍ଧ ଭାବେ ରାଜ୍ୟରେ ବିକଶିତ ସହର ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଗୁରୁତ୍ୱ ଦେଉଛି। ଏନେଇ ଗୁରୁବାର ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଟିପି ସ୍କିମ୍‌କୁ କଟକ, ବ୍ରହ୍ମପୁର ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରିବା ନେଇ ଆଲୋଚନା ହୋଇଥିଲା। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡ୍‌ରେ ସହର ସରକାରୀ ଜମିଗୁଡ଼ିକର ସଦୁପଯୋଗ କରି ଆୟ ବୃଦ୍ଧି କରିବା ନିମନ୍ତେ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଖାଲିଥିବା ଟାଉନପ୍ଲାନ୍‌ର ପଦବୀ ପୂରଣ, ଭିଜନ ଡକ୍ୟୁମେଣ୍ଟଗୁଡ଼ିକର କ୍ରିୟାଶୀଳତା ଓ ଆବଶ୍ୟକତା ଦୃଷ୍ଟିରୁ ସେଥିରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ସହର ବିକାଶରେ ଓଡ଼ିଶାର ବିକାଶ ହେବ। ଏନେଇ ସବୁ ଡେଭଲପମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଯେଉଁଠି ଟାଉନପ୍ଲାନ୍‌ର ଅଭାବ ଥିବ, ତାହା ପୂରଣ କରାଯିବ। ଅନେକ ସ୍ଥାନରେ ପୁରୁଣା ଘର ବା ଜାଗା ଥିଲେ ହେଁ ରାସ୍ତା ସମସ୍ୟା ପାଇଁ ଲୋକମାନେ ଘର କରିପାରୁନାହାନ୍ତି। ଏହାର ସମାଧାନ ପାଇଁ ନୂଆ ଆଇନ୍ ଆସିବାକୁ ଯାଉଛି। ଏହାଦ୍ୱାରା ପୁରୁଣା ସିଟିଗୁଡ଼ିକରେ ଲୋକମାନେ ଘର କରିପାରିବେ ବୋଲି ମନ୍ତ୍ରୀ ମତ ରଖିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଭିସି, ସହର ପ୍ଲାନର ଏବଂ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।







# ବରଯାତ୍ରୀଙ୍କ ବାଣ ନିଆଁରେ ଶ୍ରୀଜଗନ୍ନାଥଙ୍କ ରଥ ଜଳିଗଲା



ଯାଜପୁର,୨୦।୨(ହର୍ଷବର୍ଦ୍ଧନ ବେହେରା)

ବରଯାତ୍ରୀ ଶୋଭାଯାତ୍ରା ସମୟରେ ବାଣ ନିଆଁରେ ସୁକିନ୍ଦାର ଶ୍ରୀଜଗନ୍ନାଥଙ୍କ ରଥ ଜଳିଯାଇଛି । ବୁଧବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ଟା ସମୟରେ ସୁକିନ୍ଦା ବଡଦାଣ୍ଡ ଦେଇ ଏକ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା । ଶ୍ରୀଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ବରଯାତ୍ରୀମାନେ ବାଣ ଫୁଟାଉଥିଲେ । ବାଣ ନିଆଁ ସେଠାରେ ରଖାଯାଇଥିବା ଶ୍ରୀଜଗନ୍ନାଥଙ୍କ ରଥ ଉପରକୁ ଛିଟକି ପଡିଥିଲା । ରଥର ଉପରି ଭାଗରେ ଥିବା ପୁରୁଣା ତଥା ଶୁଖିଲା ନଡାରେ ନିଆଁ ପଡିବାରୁ ତାହା ହୁତୁହୁତୁ ହୋଇ ଜଳିଥିଲା । ଏହା ଦେଖି ବରଯାତ୍ରୀ ଏବଂ ସ୍ଥାନୀୟ ଲୋକମାନେ ନିଆଁ ଲିଭାଇବା ପାଇଁ ପ୍ରୟାସ କରିଥିଲେ ହେଁ ସଫଳ ହୋଇପାରି ନ ଥିଲେ । ରଥରେ ବ୍ୟବହୃତ କାଠଗୁଡ଼ିକ ଶୁଖିଲା ଥିବାରୁ ନିଆଁର ତେଜ ବଢିଥିଲା । ଦମକଳ ବାହିନୀଙ୍କୁ ଖବର ଦେବା ପରେ ସେମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଗୁରୁବାର ସୁକିନ୍ଦା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ସ୍ମିତାରାଣୀ ନନ୍ଦୀ ଘଟଣାସ୍ଥଳରେ ପହଞ୍ଚି ଏ ନେଇ ଥାନାରେ ଏତଲା ଦେଇଛନ୍ତି । ଅତିରିକ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା କହିଛନ୍ତି, ପରବର୍ତ୍ତୀ ସମୟରେ ପୁରୀ ବାଡଗ୍ରାହୀଙ୍କ ସହିତ ଆଲୋଚନା କରାଯାଇ ରଥ ନିର୍ମାଣ କାର୍ଯ୍ୟ କରାଯିବ।






ଯଦି କୌଣସି ସମସ୍ୟା ଆସେ- ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା- ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# ଏଆଇର ଗତିଶୀଳତା



ଡାରୋନ ଆକେମୋଗ୍ଲୁ

ନିକଟରେ ପ୍ୟାରିସ୍‌ରେ ଅନୁଷ୍ଠିତ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଆକ୍ସନ ସମିଟ୍ ବା ସମ୍ମିଳନୀରେ ମୁଁ ଭାଗ ନେଇଥିଲି। ସାମାଜିକ କଲ୍ୟାଣ ଦିଗରେ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାକୁ କିଭଳି ଅଧିକ ସଞ୍ଚାଳନ କରାଯାଇପାରିବ, ତାହା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଗୋଟିଏ ସମୟ ଥିଲା, ସିଲିକନ୍ ଭ୍ୟାଲିରୁ ଏଆଇ ଗତିଶୀଳତା ପାଇଁ ଅଧିକ ଦାବି ହେଉଥିଲା। କିନ୍ତୁ ଏବେ ଆମେରିକା ସରକାରରୁ ଏହା କରାଯାଉଛି। ଏଭଳି ସ୍ଥିତିରେ ପ୍ରଯୁକ୍ତି ବା ଟେକ୍ନୋଲୋଜିରୁ ଆମେ କ'ଣ ଚାହୁଁ ତାହା ଉପରେ ଗୁରୁତ୍ୱ ଦେବା ପାଇଁ ଏହି ସମ୍ମିଳନୀ ଏକ ସୁଯୋଗ ଥିଲା। ମୋର ଏକ ବକ୍ତବ୍ୟରେ ଦର୍ଶାଇଥିଲି ଯେ, ମାନବ ସମାଜ ପାଇଁ ଯାହା ମୂଲ୍ୟବାନ୍ ଓ ଅଧିକ ଗୁରୁତ୍ୱପୂର୍ଣ୍ଣ, ତାହା ଉପରେ ପ୍ରଶ୍ନ ଉତ୍‌ଥାପନ ଓ ଆଲୋଚନା କରାଯିବା ଉଚିତ୍। ଦେଖିବାକୁ ଗଲେ ବିକାଶମୂଳକ ଦିଗରେ ଆମେ ସ୍ୱତନ୍ତ୍ର ଭାବରେ କିଛି ଭଲ କିମ୍ବା ସଫଳତାର ଅନୁଭବ ହାସଲ କରିଛୁ। ବିଶେଷକରି ଛୋଟ ବଡ଼ ସମସ୍ୟା ସମାଧାନର ପଥ ଗଢ଼ିବାରେ ଆମର ଦକ୍ଷତା ରହିଛି। କେବଳ ଜ୍ଞାନ ସୃଷ୍ଟି କରିବାରେ ନୁହେଁ, ବରଂ ତାହାକୁ ଶେୟାର କରିବାରେ ମଧ୍ୟ ଆମର କ୍ଷମତା ଅଛି। ଏହା ସତ୍ୟ ଯେ, ମାନବ ଜୀବନର ଯାତ୍ରା ସବୁବେଳେ ସରଳ ରହିନାହିଁ। ଅନେକ ସମୟରେ ଆମର କ୍ଷମତା, ମେଶିନ, ଜ୍ଞାନ ବ୍ୟାପକ କ୍ଷତି ଘଟାଏ। ତେବେ ଏବକାର ସ୍ଥିତିରେ ଲଗାତର ଅନୁଧ୍ୟାନ ଏବଂ ଅତ୍ୟଧିକ ତଥ୍ୟ ଶେୟାରର ଆବଶ୍ୟକତା ରହିଛି।

୨ ଲକ୍ଷ ବର୍ଷରୁ ଊର୍ଦ୍ଧ୍ୱ ହେଲା ଟେକ୍ନୋଲୋଜି ବିକାଶର କେନ୍ଦ୍ରରେ ରହିଆସିଛି। ପ୍ରସ୍ତର ଯୁଗରୁ ଏଯାବତ୍ ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ସମାଧନ ବାଟ ବାହାର କରିଛୁ। କାହାଣୀ କଥନ ଓ ଲେଖିବା ଶୈଳୀ ଉଦ୍ଭାବନ କରିବାଠାରୁ ଆରମ୍ଭ କରି ଛାପାଖାନା ଓ ଇଣ୍ଟରନେଟ ପର୍ଯ୍ୟନ୍ତ ଆମେ ଜ୍ଞାନ ବିତରଣ କରିବାର ନୂତନ ତଥା ଉନ୍ନତ ପଦ୍ଧତି ବିକାଶ କରିପାରିଛୁ। ବିଗତ ୨୦୦ ବର୍ଷ ମଧ୍ୟରେ କିପରି ଜ୍ଞାନ ଉପରେ ଅଧିକ ସ୍ୱାଧୀନ ଓ ଉତ୍ତମ ପରୀକ୍ଷା କରିବାକୁ ହେବ, ତାହା ମଧ୍ୟ ଆମେ ହାସଲ କରିଛୁ। ଏହା ସହ ଜ୍ଞାନର ଆଦାନ ପ୍ରଦାନ କରିଛୁ। ବୈଜ୍ଞାନିକ ପ୍ରକ୍ରିୟା ଆମକୁ ନିର୍ଦ୍ଧାରିତ ତଥ୍ୟ ଦେଇଛି। ପ୍ରତ୍ୟେକ ପିଢ଼ିକୁ ତାହାର ପୂର୍ବ ପିଢ଼ିର ବିକାଶ ଉପରେ ଗଢ଼ିଉଠିବା ପାଇଁ ବାଟ ଦେଖାଇଛି। ଏହା ମଧ୍ୟ ବିଗତ ଦୁଇ ଶତାବ୍ଦୀ ମଧ୍ୟରେ ଅଧିକାଂଶ ଦେଶରେ ଉଲ୍ଲେଖନୀୟ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଛି। ଦୁଇ ଦେଶ କିମ୍ବା ଦେଶ-ଦେଶ ମଧ୍ୟରେ ଆର୍ଥିକ ବିକାଶ ଗମ୍ଭୀର ଅସମାନତା ସୃଷ୍ଟି କରିଥିଲେ ମଧ୍ୟ ଏବେ ପ୍ରାୟ ସବୁଠି ଲୋକେ ଅଷ୍ଟାଦଶ ଶତାବ୍ଦୀ ତୁଳନାରେ




ଅଧିକ ସୁସ୍ଥ ଓ ସମୃଦ୍ଧ ହୋଇ ପାରିଛନ୍ତି। ଏଆଇ ଏହି ଧାରାକୁ ଆହୁରି ଅଧିକ ଶକ୍ତି ଯୋଗାଇଲା। ଏହା ମାନବ କୌଶଳ, ବୁଦ୍ଧି ଓ ଜ୍ଞାନକୁ ଅନୁକୂଳ କରି ଏବଂ ଆମର ନୀତି ନିର୍ଦ୍ଧାରଣ, ଅନୁଧ୍ୟାନ ଏବଂ ଉପଯୋଗୀ ଜ୍ଞାନ ବ୍ୟବହାରରେ ଉନ୍ନତି ଆଣିପାରିଲା।

ଏହି ଉଦ୍ଦେଶ୍ୟ ପାଇଁ ଏଆଇ ଦରକାର କି ନାହିଁ ତାହା ଉପରେ କେତେକେ ପ୍ରଶ୍ନ ଉଠାଇପାରନ୍ତି। ତଥାପି ଆମେ ବ୍ୟାପକ ତଥ୍ୟର ଏକ ଯୁଗରେ ବାସ କରୁଛୁ। ଜଣେ ସବୁ କିଛି ଚାହାନ୍ତୁ ବା ନ ଚାହାନ୍ତୁ, ତଥ୍ୟସବୁ ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଉପଯୋଗୀ ତଥ୍ୟ ସହଜରେ ମିଳେନାହିଁ। ତେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କରିବା ପାଇଁ ଠିକ୍ ସମୟରେ ଯଦି ତୁମେ ତଥ୍ୟ ପାଇଗଲ; ତେବେ ଜାଣିବ ଯେ ତୁମର ଭାଗ୍ୟ ଭଲ। କେବଳ ତଥ୍ୟ ନୁହେଁ, ଉପଯୋଗୀ ତଥା ଗୁରୁତ୍ୱପୂର୍ଣ୍ଣ ବ୍ୟାବହାରିକ ଜ୍ଞାନ କମ୍ପାନୀ କର୍ମଚାରୀଙ୍କୁ ଅଧିକ ଉତ୍ପାଦନକ୍ଷମ କରିଥାଏ, ନୂଆ ଉପକରଣକୁ ନିୟନ୍ତ୍ରଣ କରି ଜଟିଳ କାର୍ଯ୍ୟକୁ ସମ୍ପାଦନ ଲାଗି ଇଲେକ୍ଟ୍ରିସିଆନଙ୍କୁ ସକ୍ଷମ କରେ, ସ୍ୱାସ୍ଥ୍ୟସେବାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ନର୍ସଙ୍କୁ ସାହାଯ୍ୟ କରିବାରେ ମଧ୍ୟ ପ୍ରମୁଖ ଭୂମିକା ନେଇଥାଏ। ଏହାସହ ସମସ୍ତ କୌଶଳ ଓ ପୃଷ୍ଠଭୂମିର କର୍ମଚାରୀଙ୍କୁ ନୂତନ ତଥା ଅଧିକ ଉତ୍ପାଦକ ଭୂମିକା ନିର୍ବାହ କରିବା ଲାଗି ଅନୁମତିଦିଏ। ଏଆଇକୁ ଠିକ୍ ଭାବରେ ବିକାଶ କରି ବ୍ୟବହାର କଲେ ତାହା ଆମ ଜୀବନକୁ ଉନ୍ନତ କରିପାରିବ। ଏହା କେବଳ ଯେ ଆମ ବୁଦ୍ଧିକୁ ଅଧିକ ଶକ୍ତି ଯୋଗାଏ ତାହା ନୁହେଁ, ବରଂ କାର୍ଯ୍ୟ କ୍ଷମତାକୁ ବଢ଼ାଇଥାଏ। ତଥାପି ଏଆଇର ବ୍ୟାପକ ଶକ୍ତିକୁ ଦେଖିଲେ ଏହା ମଧ୍ୟ ଏବେ ମାନବତା ପ୍ରତି ଗମ୍ଭୀର ବିପଦ ଭାବେ ଉଭା ହୋଇଛି। ଅତି ବୁଦ୍ଧିମତ୍ତାସମ୍ପନ୍ନ ମେଶିନଗୁଡ଼ିକ କୌଣସି ଏକ ସମୟରେ ଆମକୁ ନିୟନ୍ତ୍ରଣ କରିବାରେ ଅଟକି ଯିବନାହିଁ, ବରଂ ଶିଖିବା, ପରୀକ୍ଷା କରିବା, ଜ୍ଞାନ ବାଣ୍ଟିବା ଏବଂ କାର୍ଯ୍ୟକଳାପରେ ଆମର ସାମର୍ଥ୍ୟକୁ ଏହା ଦୁର୍ବଳ କରିଦେବ। ଯଦି ଏଆଇ ନିରନ୍ତର ଭାବେ କାମ ଓ ଚାକିରି ହଟାଇବ, ତେବେ ଆମକୁ ଏହା ନ୍ୟୂନ କରି ରଖିବ। ଆମ ଜୀବନକୁ ନିୟନ୍ତ୍ରଣ କରିବା ଲାଗି ଅଳ୍ପ କେତେକ କମ୍ପାନୀକୁ ସଶକ୍ତ କରିବ ଏବଂ ଅତ୍ୟଧିକ ଅସମାନତା ଓ ଭିନ୍ନତା ଥିବା ଏକ ଦ୍ୱିସ୍ତରୀୟ ସମାଜ ସୃଷ୍ଟି କରିବ। ଏହା ମଧ୍ୟ ଗଣତନ୍ତ୍ର ଓ ମାନବ ସଭ୍ୟତାକୁ ନଷ୍ଟ କରିଦେଇପାରେ।

ଆମେ ଏବେ ଏହି ଦିଗରେ ଅଗ୍ରସର ହେଉଛୁ ବୋଲି ମୋ ମନରେ ଅଶଙ୍କା ଉପୁଜୁଛି, କିନ୍ତୁ କୌଣସିଟି ପୂର୍ବ ନିର୍ଦ୍ଧାରିତ ନୁହେଁ। ଆମ ସମାଜକୁ ନିୟନ୍ତ୍ରଣ କରିବା ଲାଗି ଆମକୁ ଉନ୍ନତ ଉପାୟ ବାହାର କରିବାକୁ ପଡ଼ିବ ଏବଂ ପ୍ରଯୁକ୍ତି ପାଇଁ ଏକ ଦିଶା ବାଛିବାକୁ ହେବ; ଯାହା ଜ୍ଞାନ ଆହରଣକୁ ବଢ଼ାଇବା ସହ ମାନବସମାଜକୁ ଅଧିକ ସଶକ୍ତ କରିପାରିବ। ଆମେ ନିଶ୍ଚିତ ହେବାକୁ ହେବ ଯେ, ଏଆଇ ଭଲ ଚାକିରି ସୃଷ୍ଟି ଏବଂ ଶିକ୍ଷାଠାରୁ ଆରମ୍ଭ କରି ଆୟ ପର୍ଯ୍ୟନ୍ତ ସବୁଥିରେ କ୍ଷମତା ବୃଦ୍ଧି କରିପାରିବ। କିନ୍ତୁ ପ୍ରଥମେ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ଯେ, ଏହି ସାମାଜିକ ଆକାଂକ୍ଷିତ ପଥ ପ୍ରଯୁକ୍ତିଗତ ଦୃଷ୍ଟିକୋଣରୁ ସମ୍ଭବ। ଯଦି ପ୍ରଯୁକ୍ତିବିତ୍, ଯନ୍ତ୍ରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ଏକାଠି କାମ କରିବେ ଏବଂ ଆମେରିକା, ୟୁରୋପ ଓ ଚାଇନାରେ ଏଆଇ ବିକାଶକାରୀମାନେ ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକରେ ରହୁଥିବା ୫୦୦ କୋଟି ଲୋକଙ୍କ କଥା ଶୁଣିବେ, ତେବେ ଏଆଇ ମାନବଜାତିକୁ ସମର୍ଥନ କରିବା ଦିଗରେ ଅଗ୍ରସର ହେବ। ଏଥିପାଇଁ ବିଶେଷଜ୍ଞଙ୍କଠାରୁ ଆମେ ଅଧିକ ବିଚାରଶୀଳ ପରାମର୍ଶ ଏବଂ ରାଜନେତାଙ୍କଠାରୁ ପ୍ରେରଣାଦାୟକ ନେତୃତ୍ୱ ଚାହୁଁ। ସେମାନେ ନୀତି ଓ ନିୟାମକ ଆଧାରରେ ମାନବଜାତିକୁ ସମର୍ଥନ କରୁଥିବା ଏଆଇକୁ ଉତ୍ସାହିତ କରିବାରେ ଅଧିକ ଧ୍ୟାନ ଦେବା ଉଚିତ।

କିନ୍ତୁ ନୀତିନିୟମଠାରୁ ଆମେ ଅଧିକ କିଛି ଆବଶ୍ୟକ କରୁ। ଆଶା କରାଯାଏ, ସିଲିକନ୍ ଭ୍ୟାଲି ମଡେଲର ବିକଳ୍ପସବୁ ଅଛି ବୋଲି ୟୁରୋପୀୟ ଏଆଇ କମ୍ପାନୀଗୁଡ଼ିକ ଏବଂ ଗବେଷକମାନେ ଦର୍ଶାଇପାରିବେ। ଏହା ହାସଲ କରିବା ପାଇଁ ୟୁରୋପୀୟ ସମାଜ ଏଆଇର ସାମାଜିକ ଉପକାରିତା ଦିଗକୁ ଉତ୍ସାହିତ କରିବା ଉଚିତ୍। ୟୁରୋପୀୟ ନେତାମାନେ ଆବଶ୍ୟକ ଡିଜିଟାଲ ଭିତ୍ତିଭୂମି ଉପରେ ନିବେଶ କରିବା ଆବଶ୍ୟକ। ଏହା ସହ ସେମାନେ ନିବେଶକୁ ନିରୁତ୍ସାହିତ ନ କରିବା କିମ୍ବା ଏଆଇ ଗବେଷକମାନଙ୍କୁ ଦୂରେଇ ନ ଦେବା ଭଳି ଆଇନ ଗଠନ କରିବା ଦରକାର। ସଫଳ ଷ୍ଟାର୍ଟଅପ୍ ବୃଦ୍ଧି କରିବା ଲାଗି ପାଣ୍ଠି ଯୋଗାଣ ପ୍ରକ୍ରିୟା ସୃଷ୍ଟି କରିବାକୁ ପଡ଼ିବ। ନିଜର ଏକ ମଜଭୁତ ଏଆଇ ଶିଳ୍ପ ବିନା ୟୁରୋପର ବିଶ୍ୱସ୍ତରରେ କୌଣସି ଗୁରୁତ୍ୱ ରହିବ ନାହିଁ।

**୨୦୨୪ ନୋବେଲ ବିଜେତା (ଅର୍ଥନୀତି)**

# ପରୀକ୍ଷା ପାଇଁ ପ୍ରସ୍ତୁତି



ଡ. ଅରୁନ୍ଧତୀ ଦେବୀ

ଖୁବ୍ କମ୍ ଦିନ ଭିତରେ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଇଛି। ବାର୍ଷିକ ପରୀକ୍ଷାଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରୀଛାତ୍ର ନୁହନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା। ଅନେକେ ହୁଏତ ଜାଣି ନ ଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ। ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତେଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟିକରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ପିଲାମାନଙ୍କୁ ଯଥାସମ୍ଭବ ଚାପ ଓ ବ୍ୟସ୍ତତାଠାରୁ ଦୂରେଇରଖିବା ଶ୍ରେଷ୍ଠ ମାଧ୍ୟମ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଭଲ। ଠିକ୍ ଭାବେ ବିଶ୍ରାମ ନ ହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ। ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରିକରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକ ଜିନିଷ ରଖନ୍ତୁ। ଏସବୁ ଜିନିଷ ଖୋଜିବା ପାଇଁ ଯେପରି ଜଣେ ଅନ୍ୟମନସ୍କ ନ ହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନ କରେ। ସେହିପରି କ୍ରମାଗତ ଭାବେ ୪/୫ ଘଣ୍ଟା ଧରି ପାଠ ପଢ଼ିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢୁଥିବା ଜିନିଷକୁ ଚିନ୍ତନକରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ। ରାତି ରାତି ଅନିଦ୍ରା ହୋଇ ପିଲାମାନଙ୍କୁ ଘୋଷା ଶୁଆ କରିବା ଅଭ୍ୟାସ ଭଲ ନୁହେଁ। ବର୍ତ୍ତମାନ ସମୟର କେବଳ ସିଲେକ୍‌ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନ ହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ। ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟଠାରୁ ଦୂରେଇରଖନ୍ତୁ।

ସକାଳୁ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ। ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମନେବା ବହୁତ ଭଲ। ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ। ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ। ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ। ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ। ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ୍ ହାଲକାରେ ତା' ମାନସିକତା ବୁଝନ୍ତୁ। ଅମୁକ ଡିଭିଜନ ପାଇଲେ ବା ଅମୁକ ର୍ୟାଙ୍କ୍ ପାଇଲେ ଏଇଆ ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧକତା ଚାପ ତା'ଉପରେ ଲଦନ୍ତୁନାହିଁ। ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତା'ର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ। ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେଜଣ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି। ଏ ଦିଗଟିକୁ ଗୁରୁତର ସହ ବିଚାରକରି ତାକୁ ଦୂରେଇରଖନ୍ତୁ। ପଢୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ। ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ୍ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ। ଅନ୍ୟ ଛାତ୍ରୀଛାତ୍ରଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁ ନାହିଁ। ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି। ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ୍ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ୍ୟ ହେବେ।

**ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,**
**କଟକ, ମୋ : ୯୯୩୭୧୭୨୮୧୦**

## ଏଇ ଭାରତରେ

କେରଳର ଜୋଶେଫ କରାକାଡୁଙ୍କ ବୟସ ୭୪। ଏହି ବୟସରେ ସେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଡ୍ରାଗନ ଫ୍ରୁଟ୍ସ ଚାଷୀ ହୋଇପାରିଛନ୍ତି। ଜୋଶେଫ ପାଖାପାଖି ୧ ଏକର ଜମିରେ ୨୦ ପ୍ରକାର ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ସେ ବିଶେଷକରି ତାଇୱାନ, ବ୍ରାଜିଲ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆରୁ ଏହି ସବୁ କିସମର ଡ୍ରାଗନଫ୍ରୁଟ୍ସ ସଂଗ୍ରହ କରିଛନ୍ତି। ଡ୍ରାଗନଫ୍ରୁଟ୍ସ ବିକ୍ରି କରି ସେ ଯେତିକି ରୋଜଗାର କରୁନାହାନ୍ତି, ତାହାଠାରୁ ଅଧିକ ଲାଭ ପାଉଛନ୍ତି ଚାରା ବିକ୍ରି କରି। ଚାରାରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଜୋଶେଫ ମଧ୍ୟ ନିଜ ପ୍ରଚେଷ୍ଟାରେ ନୂଆ କିସମର ଡ୍ରାଗନଫ୍ରୁଟ୍ସ ଉତ୍ତାରୁଛନ୍ତି। ଏଗୁଡ଼ିକ ମଧ୍ୟରେ ରେଡ୍ ଚିଲି ଓ ଓ୍ୱଣ୍ଡ ବୟ ଅନ୍ୟତମ। ଚାଷ କରିବା ପୂର୍ବରୁ ଜୋଶେଫଙ୍କର ଏକ ମେଶିନ ଟୁଲ୍ ଇଣ୍ଡଷ୍ଟ୍ରି ଥିଲା। କିନ୍ତୁ ସେ ଏହି ବ୍ୟବସାୟ ଛାଡ଼ି ବାହାରି ଆସି ସେ ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ସେ ଉତ୍ପାଦିତ ଡ୍ରାଗନଫ୍ରୁଟ୍ସ ଓ ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଫେବୃଆରୀ ୧୯୭୬**

- ଲୋକଦଳର ବିଧାନସଭା ସଭ୍ୟ ଉଦୟ ନାରାୟଣ ଦେବ ଦଳରୁ ଇସ୍ତଫା ଦେଇଛନ୍ତି।
- ଦୁର୍ଘଟଣାଗ୍ରସ୍ତ ଚାସନଳୀ କୋଇଲା ଖଣିରୁ ୩୪୮ଟି ଶବ ମିଳିଥିବା ଖଣି ନିରାପତ୍ତା ନିର୍ଦ୍ଦେଶାଳୟ ସୂତ୍ରରୁ ଜଣାପଡ଼ିଛି।
- ଦକ୍ଷିଣ କୋରିଆ ଭାରତରୁ ବର୍ଷକୁ ୨ ନିୟୁତ ଟନ ଲୁହାପଥର ଆମଦାନୀ କରିବା ନେଇ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 1 | | | |
| | 9 | | | 4 | | | | |
| | | 7 | 5 | | | 2 | 1 | |
| 8 | | | | 6 | 4 | | 3 | |
| | | | 1 | 3 | | | | 9 |
| | 7 | | | 8 | | | | 2 |
| 9 | | | | | | | | |
| | 1 | | | | | | | |
| 6 | | 2 | | | | 9 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 6 | 1 | 8 | 4 | 3 | 2 | 7 |
| 8 | 7 | 2 | 5 | 6 | 3 | 9 | 4 | 1 |
| 4 | 1 | 3 | 2 | 7 | 9 | 8 | 6 | 5 |
| 3 | 6 | 4 | 8 | 9 | 5 | 7 | 1 | 2 |
| 5 | 2 | 7 | 6 | 3 | 1 | 4 | 9 | 8 |
| 1 | 8 | 9 | 7 | 4 | 2 | 5 | 3 | 6 |
| 2 | 3 | 8 | 4 | 1 | 7 | 6 | 5 | 9 |
| 6 | 4 | 1 | 9 | 5 | 8 | 2 | 7 | 3 |
| 7 | 9 | 5 | 3 | 2 | 6 | 1 | 8 | 4 |

ଗତକାଲିର ଉତ୍ତର

# ଭାଷାର ବିବିଧତା ବଞ୍ଚୁ



ଲୋକନାଥ ପଣ୍ଡା

ଚଳିତ ବର୍ଷ ମିଳିତ ଜାତିସଂଘ ଅନ୍ତର୍ଜାତୀୟ ମାତୃଭାଷା ଦିବସର ରୌପ୍ୟ ଜୟନ୍ତୀ ପାଳନ କରିବାକୁଯାଉଛି। ୧୯୯୯ ମସିହାରେ ମିଳିତ ଜାତିସଂଘ ତରଫରୁ ମାତୃଭାଷା ଦିବସକୁ ଫେବୃଆରୀ ୨୧ରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୦୦, ଫେବୃଆରୀ ୨୧ ତାରିଖରୁ ନିୟମିତ ଭାବରେ ଏହି ଦିବସ ପାଳନ ହୋଇଆସୁଛି। ଫେବୃଆରୀ ୨୧କୁ ଆମେ କାହିଁକି ପାଳନ କରୁଛେ ପ୍ରଶ୍ନ ପଚାରିବା। ୧୯୫୨ ମସିହାରେ ଢାକାରେ ବହୁ ସଂଖ୍ୟାରେ ଛାତ୍ର ମାତୃଭାଷାର ଅଧିକାରକୁ ନେଇ ଆନ୍ଦୋଳନ କରି ମୃତ୍ୟୁବରଣ କରିଥିଲେ, ସେମାନଙ୍କର ଭାଷା ଓ ସଂସ୍କୃତିରୁ ଲଢୁଆ ମନୋଭାବକୁ ସମ୍ମାନ ଦେବାପାଇଁ ଫେବୃଆରୀ ୨୧ରେ ଏହି ଦିବସ ପାଳନ ହୋଇଆସୁଛି। ସାରା ବିଶ୍ୱ ଭାଷାକୁ ନେଇ ଯେଉଁ ବିବିଧତା ରହିଛି, ତାହାକୁ ସମ୍ମାନ ଜଣାଇବା, ପ୍ରତ୍ୟେକ ଭାଷାକୁ ଉଚିତ ସମ୍ମାନ ଦେବା ଓ ତାହାର ସାଂସ୍କୃତିକ ବିବିଧତାକୁ ବଞ୍ଚାଇ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି।

ଭାଷା ହିଁ ଜାତିର ପରିଚୟ। ନିଜ ମାତୃଭାଷାରେ ହିଁ ଯେକୌଣସି ବ୍ୟକ୍ତିର ସୃଜନଶୀଳତାର ବିକାଶ ହୋଇଥାଏ। ନିଜ ଭାଷାରେ ଯେକୌଣସି ବ୍ୟକ୍ତିବିଶେଷ ହୃଦୟରୁ କଥାବାର୍ତ୍ତା ହୋଇଥାଆନ୍ତି। ଆମେ ନିଜ ମାତୃଭାଷାରେ ହିଁ ଚିନ୍ତା କରିଥାଉ ଏବଂ ମାତୃଭାଷା ହିଁ ଚିନ୍ତା କରିବାକୁ ଖୋରାକ ଯୋଗାଇଥାଏ।

ବିଶ୍ୱରେ ୭୦୦୦ରୁ ଅଧିକ ଭାଷାଭାଷୀ ରହିଛନ୍ତି। ପାପୁଆନ୍ୟୁଗିନି ଭଳି ଛୋଟିଆ ଦେଶରେ ୮୦୦ପ୍ରକାର ଭାଷାଭାଷୀ ଅଛନ୍ତି। ଇଣ୍ଡୋନେସିଆ, ନାଇଜେରିଆ ଭଳି ଦେଶରେ ମଧ୍ୟ ୫୦୦ରୁ ଊର୍ଦ୍ଧ୍ୱ ଭାଷାଭାଷୀ ଅଛନ୍ତି। ଭାରତରେ ୭୦୦ ଭାଷାଭାଷୀ ଅଛନ୍ତି। ତେବେ ସରକାରଙ୍କ ତରଫରୁ ଅଷ୍ଟମ ଅନୁଚ୍ଛେଦରେ ୨୨ଟି ଭାଷାକୁ ଭାରତୀୟ ସମ୍ବିଧାନରେ ମାନ୍ୟତା ଦିଆଯାଇଛି।

ଓଡ଼ିଶା ପରିପ୍ରେକ୍ଷୀରେ ଯଦି ଦେଖିବା, ତେବେ ଓଡ଼ିଶାରେ ୬୨ ପ୍ରକାର ଭାଷାଭାଷୀ ରହିଛନ୍ତି ବୋଲି ପୂର୍ବରୁ ଅନେକ ଜନଗଣନା ହେଉ କିମ୍ବା ଆଦିବାସୀ ବିଭାଗ ତରଫରୁ ପ୍ରକାଶିତ ରିପୋର୍ଟ ଆଦିରେ ପ୍ରକାଶିତ ହେଉଥିଲା। କିନ୍ତୁ କିଛିବର୍ଷ ତଳେ ୩୬ ଭାଷାଭାଷୀ ନିଜର ମାତୃଭାଷାରେ କଥା ହେଉଛନ୍ତି ବୋଲି ବାହାରିଥିଲା। ବର୍ତ୍ତମାନ ଯଦି ଆମେ ଏହାକୁ ନେଇ ଏକ ଗବେଷଣା କରିବା, ତେବେ ଏହାର ସଂଖ୍ୟା ଆହୁରି କମିଯିବ ! କିନ୍ତୁ ଯଦି ଆମେ କଥିତ ଭାଷା ଓ ଲିଖିତ ଭାଷା ଦେଖିବା, ତେବେ ଜନଜାତିଙ୍କ ଭାଷା ରହିଛି, ଯାହାକି ଲୋକ ପରମ୍ପରା, ସଂସ୍କୃତି, ପରିବେଶ ଆଦିକୁ ବଞ୍ଚାଇ ରଖିଛି।

କିଛିବର୍ଷ ତଳେ ବିଶ୍ୱର କଥିତ ଭାଷାକୁ ନେଇ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା, ଯେଉଁଥିରେ ଅନେକ ଭାଷା ଦ୍ରୁତଗତିରେ ଲୋପ ପାଇଯାଉଛି ବୋଲି କୁହାଯାଇଥିଲା ! ସେଥିରେ ଓଡ଼ିଶାରେ ବହୁଳ ଭାବରେ କଥିତ କୁଇ, ସଉରା ମଧ୍ୟ ସ୍ଥାନ ପାଇଥିଲା ! ଏହି ରିପୋର୍ଟରେ ଦର୍ଶାଯାଇଥିଲା ଯେ, କୁଇ ହେଉ ଏବଂ ସଉରା ହେଉ, କଥିତ ଭାଷାଭାଷୀଙ୍କ ସଂଖ୍ୟା ଦ୍ରୁତ ଗତିରେ କମି ଯାଉଛି।

ଶିକ୍ଷାବିତ୍, ମନୋବିଜ୍ଞାନୀ ଓ ସରକାରଙ୍କ ନୀତିରେ ମଧ୍ୟ କୁହାଯାଉଛି ଯେ, ଯଦି ଶିଶୁଟି ମାତୃଭାଷାରେ ଭଲ କରୁଛି ବା ଭଲ ଭାବରେ ଶିଖୁଛି, ତେବେ ସେ ଅନ୍ୟ ଭାଷାଗୁଡ଼ିକ ଶିଖିବାରେ ସହାୟକ ହେଉଛି। ଶିଶୁଟି ଅନେକ ଭାଷା ଶିଖିଲେ ତାହାର ଭାଷାଗତ ଦକ୍ଷତା ବୃଦ୍ଧି ପାଉଛି। ବିଶ୍ୱରେ ଭାଷାକୁ ନେଇ ସଚେତନତା ଏବଂ ସାରା ବିଶ୍ୱରେ ଭାଷାର ସୁରକ୍ଷା ପାଇଁ ବିଶେଷ ଦାୟିତ୍ୱ ନେବା ଜରୁରୀ।



କିଛିବର୍ଷ ତଳେ 'ଦି ହିନ୍ଦୁ'ରେ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା, ଆଣ୍ଡାମାନ ଓ ନିକୋବର ଦ୍ୱୀପର ଗୋଟିଏ ଭାଷାର ଶେଷ ସନ୍ତକ ଭାବରେ କହୁଥିବା ମହିଳାଙ୍କ ମୃତ୍ୟୁ ଘଟିଲା ଏବଂ ସେହି ଭାଷାଟି ମରିଗଲା ! ସେହି ଲେଖାଟି ପଢ଼ି ମୋତେ ହୃଦ୍‌ବୋଧ ହେଲା ଯେ, ଭାଷା କିପରି ମରିଯାଉଛି !

ଗତ କିଛିବର୍ଷ ଧରି ଓଡ଼ିଶାର ମୂଳତଃ ଦକ୍ଷିଣ ଓଡ଼ିଶାରେ ଭାଷା ଓ ବ୍ୟବହାରକୁ ନେଇ ଲକ୍ଷ୍ୟରଖିଥିଲି। ଅନେକ ସମୟରେ ଦେଖୁଛି, କଥିତ ଭାଷା ମରି ମରି ଯାଉଛି ! ପୁରୁଖା ମହିଳାମାନେ ନିଜର ମାତୃଭାଷାରେ ଅନେକ ଦକ୍ଷତା ରହିଛି, ସଙ୍ଗୀତ, କାହାଣୀ, ନିଜ ଅଞ୍ଚଳର ଇତିହାସ, ଭାଷାକୁ ନେଇ ଅନେକ ରୋଚକତା ରହିଛି। ସେମାନଙ୍କ ମଧ୍ୟରେ ଅନେକ ପହେଳି, ଭାଷା ଭରିରହିଛି। ଯଦି ଆମେ ଏହାର ପର ପିଢ଼ିକୁ ଦେଖିବା, ଯେଉଁମାନେ କିଛି କିଛି ସ୍କୁଲ ପିଣ୍ଡା ମାଡ଼ିଛନ୍ତି, ସେମାନେ ନିଜର ମାତୃଭାଷାକୁ ଭଲପାଉଛନ୍ତି ଏବଂ ନିଜ ପିଲାମାନେ କିପରି ଅନ୍ୟ ଭାଷା ଶିଖିବେ, ଅନ୍ୟଭାଷାକୁ ଗୁରୁତ୍ୱ ଦେବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଖାଯାଉଛି ସ୍ୱାମୀ ସ୍ତ୍ରୀ ଓ ଝିଅଙ୍କ ସହିତ ମାତୃଭାଷାରେ କଥା ହେଉଛନ୍ତି, କିନ୍ତୁ ନିଜ ପୁଅଙ୍କ ସହ କଥା ହେବାବେଳେ ଓଡ଼ିଆରେ କଥା ହେବାପାଇଁ ଚେଷ୍ଟା କରିଥାଆନ୍ତି। ବିଦ୍ୟାଳୟ ସ୍ତରରେ ମାତୃଭାଷା ଆଧାରିତ ଶିକ୍ଷା କାର୍ଯ୍ୟକ୍ରମକୁ ସରକାରଙ୍କ ତରଫରୁ କୁହାଯାଉଛି, କିନ୍ତୁ ତାହା ବିଶେଷ ଭାବରେ ଫଳପ୍ରଦ ହେଉନାହିଁ !

ଏ ସମ୍ପର୍କରେ କିଛି ବିଦ୍ୟାଳୟରେ ଭାଷାକୁ ନେଇ ଶିକ୍ଷକମାନଙ୍କ ସହିତ ଆଲୋଚନା କରୁଥିଲି। ଶିକ୍ଷକଙ୍କୁ ଶିଶୁମାନଙ୍କର ମାତୃଭାଷାରେ ବିଦ୍ୟାଳୟରେ କେତେ ଅନୁକୂଳ ପରିବେଶଟିଏ ଦେଉଛନ୍ତି, ତାହାକୁ ଜାଣିବା ପାଇଁ ପ୍ରୟାସ କରୁଥିଲି। ଅନେକ ଉତ୍ତର ଆସିଥିଲା, ଶିଶୁମାନେ ଘରେ ଓଡ଼ିଆରେ କଥା ହେଉଛନ୍ତି, ଅଙ୍ଗନୱାଡିରେ ଗଲାବେଳେ ଓଡ଼ିଆ ଭାଷା ଶିଖିଯାଉଛନ୍ତି, ବିଦ୍ୟାଳୟରେ ଆସିଲେ ଭାଷାକୁ ନେଇ ବିଶେଷ ଅସୁବିଧା ହେଉନାହିଁ, ସେମାନେ ଓଡ଼ିଆରେ ବୁଝିପାରୁଛନ୍ତି ! ଆଦିବାସୀ ଅଞ୍ଚଳରେ ଅଙ୍ଗନୱାଡିରେ ମଧ୍ୟ ଶିଶୁଙ୍କ ମାତୃଭାଷାକୁ ଛାଡ଼ି ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯାଉଛି ! କେତେଜଣ ମାତୃଭାଷା ଶିକ୍ଷକଙ୍କ ସହ ଆଲୋଚନା କରୁଥିଲି, ସେମାନଙ୍କର ମତ ଥିଲା ଏବଂ ମୁଁ ଅନୁଭବ କରୁଥିଲି, ସରକାରଙ୍କ ତରଫରୁ ଶ୍ରେଣୀଗୃହରେ ମାତୃଭାଷାକୁ ଗୁରୁତ୍ୱଦେବା କିମ୍ବା ଭାଷା ବିବିଧତାକୁ ଗୁରୁତ୍ୱଦେବା ବିଶେଷ ଭାବରେ ପ୍ରୟାସ କରାଯାଉ ନାହିଁ । ମାତୃଭାଷାକୁ କିପରି ଶିଶୁଟି ଭଲ ପାଇବ, ନିଜେ ଜଣେ କୁଇ ଭାଷାଭାଷୀ କହି ଗର୍ବ କରିବ, ନିଜ ଭାଷାରେ ଚାରି କଥା କହିବ, ଏହାକୁ ନେଇ ସେ ଏକ ଅନୁକୂଳ ପରିବେଶଟିଏ ଘରେ ହେଉ, ବିଦ୍ୟାଳୟରେ ହେଉ, କିମ୍ବା ଗୋଷ୍ଠୀ ହେଉ ତାହା ଶିଶୁଟି ପାଉ ନାହିଁ।

ସରକାରଙ୍କ ତରଫରୁ ଭାଷା, ସଂସ୍କୃତି, ପରିବେଶର ସୁରକ୍ଷା ନିମନ୍ତେ ଅନେକ କାର୍ଯ୍ୟକ୍ରମ ହେଉଛି। ଗଣମାଧ୍ୟମ ମଧ୍ୟ ଏଥିପ୍ରତି ବିଶେଷ ସର୍ତ୍ତକ ରହୁଛି, କିନ୍ତୁ ଅନେକ ସମୟରେ ଏହିସବୁ ଅନୁଷ୍ଠାନ ମାତୃଭାଷାକୁ ବିକାଶ ପାଇଁ ଉତ୍ସାହିତ କରିବା ବେଳେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ନିଆଯାଉଛି, ତାହାର ଫଳାଫଳ ବିଶେଷ ଭାବରେ ଭାଷା ବଞ୍ଚିବାରେ ଫଳପ୍ରଦ ହେଉନାହିଁ! ଦେଖାଯାଉଛି ଯେଉଁଠି ତଥାକଥିତ ବିକାଶ ପହଞ୍ଚୁଛି, ସେଠାରେ ଭାଷା ମଧ୍ୟ ମରିଯାଉଛି! ଯେଉଁଠି ତଥାକଥିତ ବିକାଶ ପହଞ୍ଚିନି, ସେଠାରେ ଭାଷା ବଞ୍ଚିଛି, ସଂସ୍କୃତି ବଞ୍ଚିଛି ! ତଥାକଥିତ ବିକାଶ ସହିତ ସଂସ୍କୃତି ଓ ଭାଷା କିପରି ବଞ୍ଚିବ, ସେଥିପ୍ରତି ଗୁରୁତ୍ୱ ଦେବା ଦରକାର। ଏଥିପାଇଁ ଉପଯୁକ୍ତ ଭାବରେ ଯୋଜନା କରିବା ଆବଶ୍ୟକ। ଅନ୍ତର୍ଜାତୀୟ ଭାଷାଦିବସ ଅବସରରେ ଭାଷାର ବିବିଧତାକୁ ବଞ୍ଚାଇ ରଖିବାକୁ ନେଇ ସାରା ବିଶ୍ୱରେ ଅନେକ କାର୍ଯ୍ୟକ୍ରମ ହେଉଛି। ଯଦି ଶିକ୍ଷାରେ, ଜୀବନ ଓ ଜୀବିକାରେ, ଜ୍ଞାନକୌଶଳରେ ଓ ଦୈନନ୍ଦିନ ଜୀବନରେ ଭାଷାର ବ୍ୟବହାର ରହେ, ତେବେ ନିଶ୍ଚିତ ଭାବରେ ଭାଷା ବଞ୍ଚିବାରେ ସହାୟକ ହେବ, ନ ହେଲେ ଭାଷା ମରିଯିବ, ଭାଷା ମରିଯିବା ସହିତ ସଂସ୍କୃତି, ସାହିତ୍ୟ, ଚଳଣି, ପରିବେଶ ଆଦି ମଧ୍ୟ ମରିଯିବ।

**୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼ା**
**ମୋ: ୯୪୩୮୦୮୧୪୩୦**

## ପାଠକ ଶ୍ରେଷ୍ଠ ବିଚାରକ

### ଭାଗଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା

ମହାଶୟ,

କୃଷକ ରେଜିଷ୍ଟ୍ରି ବିତର୍କ ହେଉ ସିରୋନାମାରେ ଧରିତ୍ରୀରେ ସ୍ଥାନିତ ନିବନ୍ଧଟି ପଢ଼ିଲି। ସ୍ତମ୍ଭକାର ଭାଗଚାଷୀଙ୍କ ସ୍ୱାର୍ଥ ପାଇଁ ଓକିଲାତି କରୁଥିବା ମନେହେଉଥିଲା। ତେବେ ଭାଗଚାଷୀଙ୍କୁ ଅଧିକ ସୁବିଧା ମିଳିଲେ ଜମି ମାଲିକଙ୍କ ପ୍ରତି ଥିବା ଭବିଷ୍ୟତ ଆଶଙ୍କା ବାବଦରେ ସେ ଯାହା ଲେଖିଛନ୍ତି ତାହା ଅମୂଳକ ନ ହୋଇପାରେ। ସତ କହିବାକୁ ଗଲେ ଏବେ ଜମି ମାଲିକ ଶ୍ରମିକ ଲଗାଇ ନିଜେ ଚାଷୀ ହୋଇ ଜମି ଚାଷ କଲେ ସର୍ବସ୍ୱାନ୍ତ ହୋଇପାରେ। ଏପଟେ ବିଲ ଧରିବାକୁ ଭାଗୁଆଳି ମିଳୁଛନ୍ତି ବା କେଉଁଠି ? ଯେଉଁମାନେ ଭାଗଚାଷୀ ରୂପେ ଜମି ଚାଷ କରୁଛନ୍ତି ମାଲିକ ନିଜର ପ୍ରାପ୍ୟ ପାଇଁ ସେମାନଙ୍କ ଦ୍ୱାରସ୍ଥ ହୋଇ କାନ୍ଦୁଆ ଯାହା ପାରୁଛୁ ବାନ୍ଧୁଥାରେ ସନ୍ତୁଷ୍ଟ ହେଲା ବେଳେ ଜମି ମଧ୍ୟ ପଡ଼ିଆ ରହି ଯାଉଛି।

**– ଡି.ପି. ତ୍ରିପାଠୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧୀରେ ଧରା ଲଭଇ ଚେତନା
ବହେ କାହୁଁ ମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାଲି ଜଡ଼ ଶୀତ
କଆଜି ଆଣେ ପରାଣେ ପ୍ରଳୟ
ପଉଷର ମନ୍ଦ ମଳୟ !

–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ତଣ୍ଟିଚିପି ହତ୍ୟା


ମୃତ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀ।

■ତାଲା ପଡ଼ିଥିବା ଗ୍ୟାରେଜ୍ ଘରୁ ମିଳିଲା ମୃତଦେହ
■ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛି ତୁମୁସିଙ୍ଗା ପୋଲିସ
■ମୃତାଙ୍କ ୨ ମୋବାଇଲ, ଝିଅଙ୍କ ମୋବାଇଲ ଫୋନ ଗାଏବ


ଘଟଣାସ୍ଥଳରେ ତୁମୁସିଙ୍ଗା ପୋଲିସ ତଦନ୍ତ କରୁଛି।

**କାମାକ୍ଷାନଗର, ୨୦।୨(ସୁଧୀର ପରିଡ଼ା)**

ରାତିରେ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ ପ୍ରଧାନଶିକ୍ଷୟିତ୍ରୀ। ହେଲେ ସକାଳୁ ତାଙ୍କ ମୃତଦେହ ଘର ବାହାରେ ଥିବା ଗ୍ୟାରେଜରେ ପଡ଼ିଥିଲା। ଗ୍ୟାରେଜ ଘର ବାହାରୁ ତାଲା ପଡ଼ିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀଙ୍କ ବେକରେ କଳା ଦାଗ ରହିଛି। ତେଣୁ ରାତିରେ କେହି ତାଙ୍କୁ ବାହାରକୁ ଡାକି ତଣ୍ଟିଚିପି ହତ୍ୟା କରିଥିବା ସନ୍ଦେହ କରୁଛନ୍ତି ପରିବାର ଲୋକେ। ସମ୍ପୃକ୍ତା ପ୍ରଧାନଶିକ୍ଷୟିତ୍ରୀ ହେଉଛନ୍ତି ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମର ପ୍ରଭାତୀ ଦେହୁରୀ। ସେ ତୁମୁସିଙ୍ଗା ଗ୍ରାମ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କ ଶ୍ୱଶୁର ଧେଡ଼ିଆ ପଧାନ ଥାନାରେ ହତ୍ୟା ଅଭିଯୋଗ କରିବା ପରେ ତୁମୁସିଙ୍ଗା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମର ପ୍ରଭାତୀଙ୍କ ସ୍ୱାମୀ ୨ବର୍ଷ ତଳେ ପ୍ରାଣ ହରାଇଥିବା ବେଳେ ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ବୁଧବାର ରାତିରେ ପୁଅ, ଝିଅ, ଶ୍ୱଶୁର ଓ ଜଣେ ଦିବ୍ୟାଙ୍ଗ ଦିଅରଙ୍କ ସହ ପ୍ରଭାତୀ ଘରେ ଶୋଇଥିଲେ। ସକାଳୁ ଡ୍ରାଇଭର ଆସି ତାଙ୍କୁ ସ୍କୁଲ ନେବା ପାଇଁ ଡାକିଥିଲେ। ହେଲେ ପ୍ରଭାତୀ ଘରେ ନ ଥିବା ଶ୍ୱଶୁର କହିଥିଲେ। ତେବେ ପ୍ରଭାତୀ କୁଆଡ଼େ ଗଲେ ସେ ନେଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଘର ସମ୍ମୁଖରେ ତାଲା ପଡ଼ିଥିବା ଗ୍ୟାରେଜ ଘରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ପ୍ରଭାତୀଙ୍କ ଶ୍ୱଶୁର ତୁମୁସିଙ୍ଗା ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କ ୨ଟି ମୋବାଇଲ ଓ ତାଙ୍କ ଝିଅଙ୍କ ମୋବାଇଲ ଫୋନ ଗାଏବ ହୋଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ସେହିପରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସୁନାହାର ମଧ ନାହିଁ। ପ୍ରଭାତୀଙ୍କ ଶ୍ୱଶୁର କରିଥିବା ହତ୍ୟା ଅଭିଯୋଗ ଆଧାରରେ ପୋଲିସ ନଂ. ୩୯/୨୫ରେ ଏକ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର ପହଞ୍ଚି ତଦନ୍ତ କରିଛନ୍ତି। ତୁମୁସିଙ୍ଗା ଥାନା ଅଧିକାରୀ ମନସ୍ୱିନୀ ମହାନ୍ତି କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡ଼ିବ। ପୋଲିସ ତଦନ୍ତ ଚଳାଇଥିବାରୁ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ। ମୃତା ପ୍ରଧାନଶିକ୍ଷୟିତ୍ରୀ କାମାକ୍ଷାନଗର ବ୍ଲକ ଓଷ୍ଟାର ସଭାପତି ଥିଲେ। ତେଣୁ ତୁରନ୍ତ ଘଟଣା ଉପରୁ ପୋଲିସ ପରଦା ହଟାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓଷ୍ଟା ରାଜ୍ୟ ପରିଷଦ ସଦସ୍ୟ ଶ୍ରୀରାମ ରାଉତ ଦାବି କରିଛନ୍ତି।

# ଆଦିବାସୀ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା

**କାଳିମେଳା, ୨୦।୨(ଜୀବନ କୃଷ୍ଣ ଦାସ)**

**ଅଭିଯୁକ୍ତଙ୍କୁ ଗ୍ରାମବାସୀଙ୍କ ଅଟକ ପରେ ଉଦ୍ଧାରକଲା ପୋଲିସ**

ମାଲକାନଗିରି ଜିଲା କାଳିମେଳା ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଅଭିଯୁକ୍ତଙ୍କୁ ଗ୍ରାମବାସୀ ଅଟକ ରଖି ପରେ ପୋଲିସରେ ଜିମା ଦେଇଛନ୍ତି। ସେ ହେଲେ ମୁକା ପଡ଼ିଆମି ।

ସୂଚନା ଅନୁଯାୟୀ, ଗୁମୁକା ପଞ୍ଚାୟତ ଅଞ୍ଚଳରେ ଜଣେ ମହିଳା ଏକା ରହୁଥିଲେ। ତାଙ୍କ ସ୍ୱାମୀ ବାହାରେ ରହି କାମ କରୁଛନ୍ତି । ବୁଧବାର ଅପରାହ୍ନରେ ମହିଳା ଜଣକ ଏକୁଟିଆ ଥିବା ବେଳେ ପୁଲିମେଟଲା ଗ୍ରାମର ମୁକା ପଡ଼ିଆମି ଘରେ ପଶି ତାଙ୍କୁ ବଳାତ୍କାର ପରେ ହତ୍ୟା କରିଛନ୍ତି। ମହିଳା ଜଣକ ଘରେ ଏକୁଟିଆ ଥିବା ବେଳେ ଏହି ଘଟଣା ଘଟିଥିବା ଗ୍ରାମବାସୀ କହିଛନ୍ତି। ଘଟଣା ପରେ ଅଭିଯୁକ୍ତ ଯୁବକଙ୍କୁ ଗ୍ରାମବାସୀ କାବୁକରି ଗଛରେ ବାନ୍ଧି ନିଘୁଚ ମାଡ଼ ମାରିଥିବା ଜଣାପଡ଼ିଛି । କାଳିମେଳା ପୋଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ଯୁବକଙ୍କୁ ଉଦ୍ଧାରକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ପୋଲିସ ନିଜ ହେପାଜତରେ ରଖିଥିବା ବେଳେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଦୁର୍ଯ୍ୟୋଧନ ସୁନାନି ସୂଚନା ଦେଇଛନ୍ତି। ଘଟଣାର ୨୦ ଘଣ୍ଟା ପରେ ମଧ୍ୟ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ । କାଳିମେଳା ଥାନା ପକ୍ଷରୁ ନଂ.୪୭/୨୫ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ।

DSPL - 393

**ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୦୨୫**
**ଅବସରରେ**
**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା**



ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ବହୁତ ମହତ୍ୱପୂର୍ଣ୍ଣ । ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତମ ପ୍ରଦର୍ଶନ କରିବେ, ସେଥି ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27004/13/0064/2425

## ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ଚୋରି ଘଟଣା

# ସ୍ପାଇଡର ସତୀଶ ଦେଖାଇଲେ ଡେମୋ

**ଭୁବନେଶ୍ୱର, ୨୦।୨(ସୂର୍ଯ୍ୟକାନ୍ତ ବେହେରା)**


ଅଭିଯୁକ୍ତ ସତୀଶଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରୁଛି ।

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଝାରପଡ଼ା ଜେଲରେ ଥିବା ଆନ୍ତଃରାଜ୍ୟ ଲୁଟେରା ସତୀଶ ରେଡ୍ଡି ଓରଫ୍ ସ୍ପାଇଡର ସତୀଶଙ୍କୁ ୫ଦିନିଆ ରିମାଣ୍ଡରେ ଆଣି କମିଶନରେଟ ପୋଲିସ ମାରାଥନ ଜେରା କରୁଛି। ଗୁରୁବାର ପୋଲିସ ନିରଞ୍ଜନଙ୍କ ନୟାପଲ୍ଲୀସ୍ଥିତ ଘର ଓ ସେହି ରାସ୍ତାକୁ ସତୀଶଙ୍କୁ ନେଇ ସିନ୍ ରିକ୍ରିଏଶନ କରିଛି। ନିରଞ୍ଜନଙ୍କ ଘରେ କେମିତି ପଶିଲେ, କେଉଁ ପଟେ ଆସିଲେ, କିପରି ଚୋରି ପରେ ଚମ୍ପଟ ମାରିଲେ ତାହାର ଗୋଟି ଗୋଟି ଡେମୋ ଦେଖାଇଛନ୍ତି ଲୁଟେରା ସ୍ପାଇଡର ସତୀଶ। ଅନ୍ୟପଟେ ଚୋରି ସମୟରେ ସତୀଶ କିପରି ସିସିଟିଭି ଫୁଟେଜ, ଲୋକଙ୍କୁ ଅଣଦେଖା କରି ଯିବା ଓ ୮ ଟି ପାଚେରି ଡେଇଁ ନିରଞ୍ଜନଙ୍କ ଘରେ ପଶିବା ଏବଂ ଚୋରି ପରେ ଆଉ ଏକ ପୋଷାକ ପରିଧାନ କରି ଫେରାର ହୋଇଯାଇଥିଲେ ସେନେଇ ପୋଲିସ ଆଗରେ ବଖାଣିଥିଲେ। ଏଥିସହ ଚୋରି ଟଙ୍କା କେଉଁଠି ବିନିଯୋଗ କରିଛନ୍ତି ଓ ସତୀଶଙ୍କ ବ୍ୟାଙ୍କ ଆକାଉଣ୍ଟର ଟ୍ରାଞ୍ଜାକ୍ସନ ଉପରେ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ଅଭିଯୁକ୍ତଙ୍କ ନାମରେ ୧୦୦ରୁ ଅଧିକ ଆପରାଧିକ ମାମଲା ରହିଥିବାବେଳେ କେଉଁ କେଉଁ ବଡ଼ ବଡ଼ିଆଙ୍କ ଘରୁ ଚୋରି କରିଥିଲେ ତାହାର ତଥ୍ୟ ପୋଲିସକୁ ଦେଇଥିବା ସୂଚନା ମିଳିଛି। ସୂଚନାନୁସାରେ ଗତ ୨୫ତାରିଖ ବିଳମ୍ବିତ ରାତିରେ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ସତୀଶ ଚୋରି କରିବା ପରେ ଫେରାର ହୋଇଯାଇଥିଲେ। ୧୮ ଦିନ ପରେ କମିଶନରେଟ୍ ୪ ଟି ରାଜ୍ୟରେ ଛାନ୍‌ଭିନ ପରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରୁ ସତୀଶଙ୍କୁ ଗିରଫ କରିଥିଲା। ଗୋଟିଏ କାର୍, ବହୁ ସୁନା ଅଳଙ୍କାର, ମୋବାଇଲ ଫୋନ, ନଗଦ ୭ ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ ଆଦି ସାମଗ୍ରୀ ସତୀଶଙ୍କଠାରୁ ଜବତ କରିଥିଲା।

# ନାବାଳିକାଙ୍କୁ ଯୌନ ନିର୍ଯାତନା, ଟ୍ୟୁଶନ ଶିକ୍ଷକ ଗିରଫ

**ପାଲଲହଡ଼ା, ୨୦।୨(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ସଦରମହକୁମାଠାରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ପଢୁଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଉକ୍ତ କୋଚିଂ ସେଣ୍ଟର ମାଲିକ ତଥା ଶିକ୍ଷକ ମୁକେଶ କୁମାର ବେହେରାଙ୍କୁ ପାଲଲହଡ଼ା ପୋଲିସ ଗୁରୁବାର ଗିରଫ କରିଛି। ପୋଲିସ କହିଛି, ସମ୍ପୃକ୍ତା ଛାତ୍ରୀଙ୍କ ସହ ଶିକ୍ଷକ ମୁକେଶ କୁମାରଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫୋଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଜଣାପଡ଼ିବା ପରେ ନାବାଳିକା ଛାତ୍ରୀଙ୍କ ମା' ବୁଧବାର ସନ୍ଧ୍ୟାରେ ତାଙ୍କ ଝିଅଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିକ୍ଷକ ମୁକେଶଙ୍କୁ ଗିରଫ କରିଛି।

# ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉଙ୍କ ଅଳଙ୍କାର ଚୋରି


ପୋଲିସ ଦାନବାକ୍ସ ଯାଞ୍ଚ କରୁଛି ।

**ନୟାଗଡ଼, ୨୦।୨(ଲୋକନାଥ ମିଶ୍ର):** ନୟାଗଡ଼ ଟାଉନ ଥାନା ଅଧୀନ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଶ୍ରୀଜୀଉଙ୍କ ଅଳଙ୍କାର ସମେତ ବହୁ ସାମଗ୍ରୀ ଚୋରି ହୋଇଛି । ଚୋରମାନେ ମନ୍ଦିର ଦକ୍ଷିଣ ଦ୍ୱାର କବାଟ କଡ଼ା ଭାଙ୍ଗି ବଡଠାକୁରଙ୍କ ମସ୍ତକ ଶୋଭିତ ୨ ସପ୍ତଫେଣୀ ଚାନ୍ଦି ନାଗ ମୂର୍ତ୍ତି ଓ ସୁନାପାଣିଦିଆ ଗୋଟିଏ ଚିତା, ମା'ସୁଭଦ୍ରାଙ୍କ ସୁନାପାଣିଦିଆ ମଥା ଚିତା ଓ ଗୋଟିଏ ରୁପା କିରୀଟ , ଶ୍ରୀଜଗନ୍ନାଥଙ୍କ ମୟୂର ଚନ୍ଦ୍ରିକାର ରୁପା କିରୀଟ, ଗୋଟିଏ ଷ୍ଟୋନ ଚିତା, ଗୋଟିଏ ସୁନାପାଣିଦିଆ ପେଣ୍ଟ ଚିତା ଓ ନାକଗୁଣା ପରି ୧୩୦୦ ଗ୍ରାମର ସୁନା ପାଣିଦିଆ ରୁପା ଅଳଙ୍କାର ଚୋରି ହୋଇଛି । ସେହିପରି ମନ୍ଦିର ହୁଣ୍ଡି ଭାଙ୍ଗି ଭକ୍ତଙ୍କ ଦାନ ଅର୍ଥ ଚୋରମାନେ ନେଇଯାଇଛନ୍ତି । ପ୍ରାୟ ୧ବର୍ଷ ହେଲା ହୁଣ୍ଡିରୁ ଦାନ ଅର୍ଥ ଗଣତି କରାଯାଇ ନ ଥିଲା। ଚୋରି ନେଇ ମନ୍ଦିର ପରିଚାଳକ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୭/୨୫) ରୁଜୁ କରି ତନାଘନା ଆରମ୍ଭ କରିଛି । ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ସାମନ୍ତରାୟ, ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର, ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ଦିରରେ ରାତି ଜଗୁଆଳି ଥିଲେ । ହେଲେ ଚୋରି ସମ୍ପର୍କରେ ସେ କିଛି ଜାଣି ନ ପାରିବା ସନ୍ଦେହ ସୃଷ୍ଟି କରିଛି। ସୁଆର ସେବକ ସୁକାନ୍ତ କୁମାର ମିଶ୍ର ଗୁରୁବାର ଭୋର ୪.୪୫ରେ ରାତି ଜଗୁଆଳିଙ୍କୁ ଡାକିଥିଲେ । ହେଲେ ଦକ୍ଷିଣ ଦ୍ୱାର ଖୋଲାଥିବା ଦେଖି ଚୋରି ହୋଇଥିବା ସନ୍ଦେହ କରିଥିଲେ । ଏହା ପରେ ସେ ଦେବୋତ୍ତର ବିଭାଗର ପରିଚାଳକ ଓ ମନ୍ଦିର ସୁପରଭାଇଜରଙ୍କୁ ଖବର ଦେବା ପରେ ସମସ୍ତ ଘଟଣା ଲୋକଲୋଚନକୁ ଆସିଥିଲା ।

DSPL - 394



**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ମାସ ୨୧ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ / ରାଜ୍ୟ ମୁକ୍ତ ବିଦ୍ୟାଳୟ / ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-27004/13/0065/2425

# ଜେଲ ଗଲେ ଏନ୍‌କାଉଣ୍ଟର ଶିକାର ଲୁଟେରା ଅର୍ଜୁନ

**ଭୁବନେଶ୍ୱର, ୨୦।୨(ସୂର୍ଯ୍ୟକାନ୍ତ ବେହେରା)**


ଅର୍ଜୁନ ଅନାରେ।

ରାଜଧାନୀ ଉପକଣ୍ଠରେ ଲୁଟ୍ ଓ ଚୋରି ଉଦ୍ୟମବେଳେ କମିଶନରେଟ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇଥିବା ମଧ୍ୟପ୍ରଦେଶର ଅର୍ଜୁନ ଅନାରେ(୩୦) ଏମ୍‌ସରୁ ଡିସ୍‌ଚାର୍ଜ ହେବା ପରେ ଜେଲ ଯାଇଛନ୍ତି। ପାହାଳ ପୋଲିସ ଅର୍ଜୁନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବାଲିଅନ୍ତା ଥାନାରେ ୧୦, ଧଉଳି ଥାନାରେ ୨ ଓ ପାହାଳ ଥାନାରେ ୬ଟି ଆପରାଧିକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ଏହି ଘଟଣାରେ ଅର୍ଜୁନଙ୍କ ୫ ସହଯୋଗୀ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ଅଭିଯୁକ୍ତ ଏବଂ ତାଙ୍କର ୫ ସହଯୋଗୀ ୩ଟି ମୋଟରସାଇକେଲରେ ଖମଙ୍ଗ ବଜାର ଅଭିମୁଖେ ଯାଉଥିବା ସମୟରେ ପାଟ୍ରୋଲିଂ ଟିମ୍ ସହ ମୁହାଁମୁହିଁ ହୋଇଥିଲେ। ପୋଲିସ ସେମାନଙ୍କୁ ଅଟକିବାକୁ କହିଥିଲେ ସୁଦ୍ଧା ନ ଶୁଣି ପାଖରେ ରଖିଥିବା ବନ୍ଧୁକରୁ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଆତ୍ମରକ୍ଷା ଲାଗି ପୋଲିସ ପାଲଟା ଗୁଳି ଚାଳନା କରିଥିଲା। ଏହି ସମୟରେ ୫ଜଣ ଅଭିଯୁକ୍ତ ୨ଟି ମୋଟରସାଇକେଲ ନେଇ ଘଟଣା ସ୍ଥଳରୁ ଖସି ପଳାଇଥିବାବେଳେ, ଅଭିଯୁକ୍ତ ଅର୍ଜୁନଙ୍କ ଆଣ୍ଠୁରେ ଗୁଳି ବାଜିବାରୁ ସେ ଆହତ ହୋଇଥିଲେ। ପରେ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଥିଲା।

# ‘ଜିଲ୍ଲାର ପରିଚୟ ବହନକରୁ ମହୋତ୍ସବ’

## ଜିଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଉଦ୍‌ଘାଟିତ

■ମୁଖ୍ୟ ଆକର୍ଷଣ ସାଜିଲା ଷ୍ଟାର ନାଇଟ, ପାଇକ ଆଖଡ଼ା

ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ)


ଖୋର୍ଦ୍ଧା ଜିଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ(ଓର୍‌ମାସ) ଓଡ଼ିଶା ସରକାର ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ଜିଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳା-୨୦୨୫ ଆରମ୍ଭ ହୋଇଛି। ସ୍ଥାନୀୟ ହାବେଳି ପଡ଼ିଆରେ ଆୟୋଜିତ ଏହି ମହୋତ୍ସବ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନକରି କହିଥିଲେ, ପାଇକ ବିଦ୍ରୋହ ଦୁଇ ଶତବାର୍ଷିକୀ ଅବସରରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଦକର ଏହାକୁ ପ୍ରଥମ ସ୍ୱାଧୀନତା ଘୋଷଣା କରିଥିବା ବେଳେ ରାଜଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଇକ ବିଦ୍ରୋହ ଦାୟାଦ ଏବଂ ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବ ଖୋର୍ଦ୍ଧାର ଇତିହାସ ଓ ପରିଚୟ ବହନ କରୁ। ଆଗାମୀ ବର୍ଷ ମହୋତ୍ସବ ନାମକରଣ ପାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ ବଜେଟରେ ବହୁବିଧ ଯୋଜନା କରିଛନ୍ତି। ଆଗାମୀ ୫୦ବର୍ଷକୁ ଲକ୍ଷ୍ୟ ରଖି ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଯୋଜନା ପ୍ରଣୟନ କରାଯିବ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ସହ ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି, ଗ୍ରାମାଞ୍ଚଳ ଭିତ୍ତିଭୂମି, ଅର୍ଥନୈତିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଜନପ୍ରତିନିଧି ଏବଂ ପ୍ରଶାସନ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ଜନସାଧାରଣଙ୍କ ସହଯୋଗ ଜରୁରୀ ବୋଲି ସେ କହିଥିଲେ। ସେହିପରି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ବିକଶିତ ଖୋର୍ଦ୍ଧା ନିର୍ମାଣ, ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ସହ କ୍ରୀଡ଼ା, କଳା ସଂସ୍କୃତି, ସାମୂହିକ ବିକାଶ ପାଇଁ ଉଦ୍ୟମ ଜାରି ରହିବ।

ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ରୂପଶ୍ରୀରାଣୀ ଗୁମାନସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ଓର୍‌ମାସ ଉପନିର୍ଦ୍ଦେଶକ ରାଜକିଶୋର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ସ୍ୱାଗତ ଭାଷଣରେ ଏହି ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ଦେଇଥିଲେ। ମହୋତ୍ସବରେ ଓଡ଼ିଶାର ୩୦ଟି ଜିଲା ସମେତ ୧୦ଟି ରାଜ୍ୟ ଯଥା ଛତିଶଗଡ଼, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ରାଜସ୍ଥାନ, ଗୁଜରାଟ, ଆସାମ, ଦିଲ୍ଲୀ ପ୍ରମୁଖ ରାଜ୍ୟରୁ ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକାରୀ ଗୋଷ୍ଠୀ, ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ଅଂଶଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଆକର୍ଷଣ ରହିଛି ଖାଦ୍ୟମେଳା। ୨୦ଟି ଷ୍ଟଲକୁ ନେଇ ସ୍ୱତନ୍ତ୍ର ଫୁଡ୍‌କୋର୍ଟ, ମୋ ଖୋର୍ଦ୍ଧା ସେଲ୍ଫି ପଏଣ୍ଟ, ଜୀବିକା ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମକୁ ନେଇ ସ୍ୱତନ୍ତ୍ର ଥିମ୍ ଷ୍ଟଲ୍, ପ୍ରକାଶକ ସଂସ୍ଥା ଦ୍ୱାରା ପୁସ୍ତକ ମେଳା ଆୟୋଜନ କରାଯାଇଛି। ଉକ୍ତ ମେଳାରେ ବିଭିନ୍ନ ପ୍ରକାର ଆଦିବାସୀ ଅଳଙ୍କାର, ମାଟି ତିଆରି ସାମଗ୍ରୀ, ଘର ସାଜସଜ୍ଜା ସାମଗ୍ରୀ, ଖାଦ୍ୟ ଓ ମସଲା, ହସ୍ତତନ୍ତ ଶାଢ଼ି, ଡ୍ରେସ୍, କପଡ଼ା, ଝୋଟରୁ ତିଆରି ସାମଗ୍ରୀ, ପିତ୍ତଳ ମୂର୍ତ୍ତି, ବେତରୁ ତିଆରି ଉପକରଣ, ଡାଲି ଜାତୀୟ ସାମଗ୍ରୀ, ପାମ୍ପଡ଼, ଆଚାର ଇତ୍ୟାଦି ଉପଲବ୍ଧ ହେଉଛି। ସରକାରୀ ଯୋଜନା ଗୁଡ଼ିକର ପ୍ରଚାରପ୍ରସାର ପାଇଁ କୃଷି ଓ ଉଦ୍ୟାନ, ବିଭାଗ, ହସ୍ତତନ୍ତ୍ର, ହସ୍ତଶିଳ୍ପ, ନାବାର୍ଡ, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଆଦି ବିଭାଗ ପକ୍ଷରୁ ଷ୍ଟଲ ମଧ୍ୟ ଖୋଲାଯାଇଛି।

ଉଦ୍‌ଘାଟନୀ ଦିବସର ପ୍ରଥମ ସନ୍ଧ୍ୟା ଆରମ୍ଭ ହୋଇଥିଲା ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ବନ୍ଦେ ଉତ୍କଳଜନନୀ, ଶିବ ତାଣ୍ଡବରୁ। ପରେ ଜଟଣୀ ନୃତ୍ୟଶ୍ରୀ ଅନୁଷ୍ଠାନ କଳାକାର ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ, ସମ୍ବଲପୁରୀ, ବସନ୍ତ ରାସ ପରିବେଷଣ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଓଡ଼ିଶୀ, ସମ୍ବଲପୁରୀ ପରିବେଷଣ କରିଥିବା ବେଳେ ଶେଷରେ ଆକର୍ଷଣ ସାଜିଥିଲା ଅଳେଇଁ ପାଇକ ଆଖଡ଼ା। ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଷ୍ଟାର ନାଇଟ। ଓଡ଼ିଆ ଏବଂ ହିନ୍ଦୀ ସିନେମାର ସଙ୍ଗୀତ ପରିବେଷଣକରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଶ୍ରୀକାନ୍ତ ନାୟକ, ଗୀତାଞ୍ଜଳି ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଓର୍‌ମାସ ଏବଂ ପ୍ରଶାସନ ଅଧିକାରୀମାନେ ସହଯୋଗ କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।


ଖୋର୍ଦ୍ଧା ଜିଲା ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

## ପୁସ୍ତକ ମେଳାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଷ୍ଟଲ୍



ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ଷ୍ଟଲ୍‌ରେ ସ୍ୱତନ୍ତ୍ର ବିଶେଷାଙ୍କ ସହ ଯୁବତୀମାନେ।



ମହିଳାମାନେ ଷ୍ଟଲ୍ ବୁଲିବା ସହ ସ୍ୱତନ୍ତ୍ର ବିଶେଷାଙ୍କ ପଢୁଛନ୍ତି।

# ଆଜି ମାଟ୍ରିକ୍ ପରୀକ୍ଷା ଦେବେ ଜିଲାର ୨୭୦୦୯ ଛାତ୍ରୀଛାତ୍ର

ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଶୁକ୍ରବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଖୋର୍ଦ୍ଧା ଜିଲାର ୧୩୪ ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍‌ଓଏସ୍‌ସି) ଦୁଇଟି ମିଶାଇ ମୋଟ ୧୩୬ ପରୀକ୍ଷା କେନ୍ଦ୍ରରେ ୨୭୦୦୯ ଜଣ ରେଗୁଲାର ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଥିରୁ ଖୋର୍ଦ୍ଧା ଉପଖଣ୍ଡରେ ୬୪ ଏବଂ ଭୁବନେଶ୍ୱର ଉପଖଣ୍ଡରେ ୭୨ କେନ୍ଦ୍ର ରହିଛି। ରେଗୁଲାରରେ ୨୬୯୦୭ ଓ ଏକ୍ସ-ରେଗୁଲାରରେ ୨୯ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଏସ୍‌ଓଏସ୍‌ସିରେ ରେଗୁଲାରରେ ୧୮୦ ଓ ଏକ୍ସ -ରେଗୁଲାରରେ ୫୮ ମୋଟ ୨୩୮ଜଣ ପରୀକ୍ଷା ଦେବେ। ରେଗୁଲାରପତ୍ର ବିନିମୟରେ ୭୧ ଓ ଏକ୍ସ -ରେଗୁଲାରରେ ୩ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଜିଲାରେ ୧୨ଟି ନୋଡାଲ କେନ୍ଦ୍ର କରାଯାଇଛି। ସେଥିରୁ ଖୋର୍ଦ୍ଧା ଓ ଭୁବନେଶ୍ୱରରେ ୬ଟି ଲେଖାଏ କେନ୍ଦ୍ର ରହିଛି। ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୩ଟି ଟିମ୍ ଗଠନ କରାଯାଇଛି। ଚଳିତ ବର୍ଷ ୫୦ଟି କେନ୍ଦ୍ରକୁ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଉକ୍ତ କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଏବଂ ସ୍ୱଚ୍ଛତା ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ କହିଛନ୍ତି। କପି ରୋକିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୫୦ଟି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ସିସିଟିଭି ନଜର ରଖିବ। ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ପରୀକ୍ଷା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ମାଟ୍ରିକ୍ ପରୀକ୍ଷା ପାଇଁ ସମସ୍ତ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ପ୍ରସ୍ତୁତି

ବେଗୁନିଆ,୨୦।୨(ସନ୍ଧ୍ୟାରାଣୀ ମିଶ୍ର)

୨୦୨୫ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାକୁ ବେଗୁନିଆ ବ୍ଲକରେ ଶୃଙ୍ଖଳିତ କରିବା ପାଇଁ ନୋଡାଲ ସେଣ୍ଟର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ନୋଡାଲ ଅଫିସର ସ୍ମୃତିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଠିକ୍ ସମୟରେ ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ନେଇ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ସହକାରୀ ନୋଡାଲ ଅଫିସର ସୁରଜିତା ଦଳେଇ, ଶ୍ରୀନିବାସ ମିଶ୍ର, ଅକ୍ଷୟ କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଭାତ କୁମାର ନିଶଙ୍କ, ସୌମ୍ୟ ରଞ୍ଜନ ସାହୁ, ଇଙ୍ଗିଦା ମଲ୍ଲିକଙ୍କ ସମେତ ପୋଲିସ ଅଧିକାରୀ ଏବଂ ଡ୍ରାଇଭରମାନେ ଉପସ୍ଥିତ ଥିଲେ।

# ରାଶନ କାର୍ଡ କାଟିବା ନିଷ୍ପତ୍ତିର ପୁନର୍ବିଚାର ହେଉ

## ଭିଏଲ୍‌ଇ ବ୍ଲକ ୟୁନିୟନ ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର

ଟାଙ୍ଗୀ/ନିରାକାରପୁର,୨୦।୨
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆୟକର ରିଟର୍ନ ଦାଖଲ କରିଥିବା ଉଦ୍ୟୋଗୀ ତଥା ଭିଏଲ୍‌ଇଙ୍କ ରାଶନକାର୍ଡ କଟିବା ପାଇଁ ନିଆଯାଇଥିବା ନିଷ୍ପତ୍ତିର ପୁନର୍ବିଚାର ଦାବିରେ ଭିଏଲ୍‌ଇ ବ୍ଲକ୍ ୟୁନିୟନ ପକ୍ଷରୁ ଗୁରୁବାର ଟାଙ୍ଗୀ ବିଡିଓ ରୁମାନା ଜାଫ୍ରିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭିଏଲ୍‌ଇଙ୍କ ଅଭିଯୋଗ ମୁତାବକ, ଏମାନେ ରାଜ୍ୟର କୋଣ ଅନୁକୋଣରେ ଥିବା ଜନସାଧାରଣଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇଦେଉଛନ୍ତି। ଦୈନିକ ୧୨ରୁ ଊର୍ଦ୍ଧ୍ୱ ଘଣ୍ଟା ପରିଶ୍ରମ ଅନୁସାରେ ଉଚିତ ପାଉଣା ପାଉ ନ ଥିବା ବେଳେ ସାଧାରଣ ଲୋକଙ୍କ ପ୍ରାୟତଃ ଟଙ୍କା ନେଣଦେଣ ତଥା ବିଭିନ୍ନ ଯୋଜନା କାର୍ଯ୍ୟ କରୁଥିବା ସମୟରେ ଟିଡିଏସ୍ ଟଙ୍କା ମଧ୍ୟ କଟିଯାଉଛି। ଏହି ସ୍ୱଳ୍ପ ଟଙ୍କା ପାଇବା ନିମନ୍ତେ ସଂସ୍ଥାଗୁଡ଼ିକ ନିୟମ ଅନୁସାରେ ପ୍ରତିବର୍ଷ ଆଇଟି ରିଟର୍ନ ଫାଇଲ କରିବାକୁ ପଡୁଛି। ଏଭଳି ସ୍ଥିତିରେ ରାଶନ କାର୍ଡ ଏକମାତ୍ର ସମ୍ବଳ ପାଲଟିଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଏଭଳି ନିଷ୍ପତ୍ତି କୁଠାରାଘାତ ସଦୃଶ ବୋଲି ସଂଘ ଅଭିଯୋଗ କରିଛି। ତେଣୁ ଏଭଳି ନିଷ୍ପତ୍ତିକୁ ସରକାର ପୁନର୍ବିଚାର କରନ୍ତୁ ବୋଲି ସଂଘ ଦାବି କରିଛି। ଅକ୍ଷୟ କୁମାର ରାଉତ, କୈଳାସ ଚନ୍ଦ୍ର ସାହୁ, ରାମଚନ୍ଦ୍ର ଦଳାଇ, ପ୍ରଶାନ୍ତ କୁମାର ସାହୁ, ଅବିନାଶ ମଙ୍ଗରାଜ, ଚନ୍ଦନ ସାହୁ, ରାମଚନ୍ଦ୍ର ସାହୁ, କ୍ରିଷ୍ଣା ମଣ୍ଡଳ, ଜନ୍ମେଜୟ ମତଗଜସିଂ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ନୋଟାରି ଭାବେ ନିଯୁକ୍ତ ହେଲେ ନିରଞ୍ଜନ

ଜଟଣୀ,୨୦।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳର ଆଇନଜୀବୀ ନିରଞ୍ଜନ ପଣ୍ଡା ନୋଟାରିଭାବେ ନିଯୁକ୍ତ ହୋଇଛନ୍ତି। ଭାରତ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଏହି ନିଯୁକ୍ତି ପାଇଛନ୍ତି। ଆସନ୍ତା ୫ବର୍ଷ ପାଇଁ ନିରଞ୍ଜନ ନୋଟାରିଭାବେ କାର୍ଯ୍ୟ କରିବେ। ଆଇନଜୀବୀ ପଣ୍ଡା ଜଟଣୀ ବାର୍ ଆସୋସିଏଶନର ଦୁଇଥର ସଭାପତି ପଦବୀରେ ରହି ଆଇନର ବିଭିନ୍ନ ଦିଗକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବହୁ କାର୍ଯ୍ୟକ୍ରମ କରି ସମସ୍ତଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏହି ନୂତନ ଦାୟିତ୍ୱକୁ ସୂଚାରୁଭାବେ ନିର୍ବାହ କରିବା ସହିତ ଭାରତୀୟ ନ୍ୟାୟ ସଂହିତାରେ ଥିବା ଆଇନ ଓ ବିଧି ମୁତାବକ ସେବା ଯୋଗାଇବେ ବୋଲ ପଣ୍ଡା କହିଛନ୍ତି।

# ଆମ ଗାଁ ମହୋତ୍ସବ ପ୍ରସ୍ତୁତି

ବେଗୁନିଆ,୨୦।୨(ସନ୍ଧ୍ୟାରାଣୀ ମିଶ୍ର)

କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମରେ ହେବାକୁ ଥିବା ଆମ ଗାଁ ମହୋତ୍ସବର ପ୍ରସ୍ତୁତି ବୈଠକ ପାରିଜାତ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆମ ଗାଁ ମହୋତ୍ସବର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ପରାମର୍ଶକ୍ରମେ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ପ୍ରଶାନ୍ତ କୁମାର ବେହେରା, ସୁବାସ ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ମହାରଣା, କୁଞ୍ଜବିହାରୀ ମହାପାତ୍ର, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ସ୍ୱାଧୀନ ପଣ୍ଡା, ଯୁଗ୍ମ କୋଷାଧ୍ୟକ୍ଷ ଅମିୟ ଭୂଷଣ ପଣ୍ଡା, ସଦସ୍ୟ ରବୀନ୍ଦ୍ର ବାରିକ, ଭଗବାନ ଦାଶ, ରାମଚନ୍ଦ୍ର ବେହେରା, ତୋଫାନ ତ୍ରିପାଠୀ, ପ୍ରମୋଦ ବାରିକ, ପ୍ରଦୀପ ବାରିକ ଓ ଚକ୍ରଧର ମହାରଣାଙ୍କ ସମେତ ମହୋତ୍ସବର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଆସନ୍ତା ମାର୍ଚ୍ଚ ୫ରୁ ୯ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବର ବୃତ୍ତାନ୍ତ ରୂପରେଖ ଉପରେ ଆଲୋଚନା ହୋଇଥିଲା।

# ପପୁଲାର କ୍ଲବ ଢେଙ୍କାନାଳ ବିଜୟୀ

## କଳିଙ୍ଗ ପାଇକ କପ୍

ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ)

ପଞ୍ଚମ ରାତ୍ରକାଳୀନ କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ମର୍ଣ୍ଣିଂଷ୍ଟାର କ୍ଲବର ମୁଖ୍ୟ ଉପଦେଷ୍ଟା ଡ.ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଭେଟରାନ ଫୁଟ୍‌ବଲ ସଂଘର ସଭାପତି ନବ କିଶୋର ପଟ୍ଟନାୟକ, ଓଡ଼ିଶା ଫୁଟ୍‌ବଲ ସଂଘର ବରିଷ୍ଠ ଖେଳାଳି ମିନକେତନ ଦାସ, ଓଫାର ସମ୍ପାଦକ ସନ୍ତୋଷ କୁମାର ନାୟକ, ମର୍ଣ୍ଣିଂଷ୍ଟାର କ୍ଲବର ସଭାପତି ଶୁଭେନ୍ଦୁ ସ୍ୱାଇଁ, ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା, ରାଜେଶ ପରିଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ପପୁଲାର କ୍ଲବ ଢେଙ୍କାନାଳ ଏବଂ ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୦ ଗୋଲରେ ଢେଙ୍କାନାଳର ପପୁଲାର କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଗିରିଶ ଚନ୍ଦ୍ର ଜାନୀ ମ୍ୟାଚ ରେଫ୍‌ରି ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ରମେଶ ପାଇକରାୟ, ବିଦେଶୀ ନାୟକ ଲାଇନରେ ସହଯୋଗ କରିଥିଲେ। ଚତୁର୍ଥ ରେଫ୍‌ରି ଭାବେ ସାଗିର ଅହମ୍ମଦ ଦାୟିତ୍ୱ ତୁଲାଇଥିଲେ। ମର୍ଣ୍ଣିଂଷ୍ଟାର କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# ହାଓଡ଼ା ଫ୍ରେଣ୍ଡ୍‌ସ କ୍ଲବ୍ ସେମିରେ


ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

## କୁଶୁପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବେଗୁନିଆ,୨୦।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ କୁଶୁପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ତୃତୀୟ ଲିଗ୍ ମ୍ୟାଚ୍ ହାଓଡ଼ା ଫ୍ରେଣ୍ଡ୍‌ସ କ୍ଲବ୍ ଏବଂ ରାଞ୍ଚିର ଆକୱା ଫୁଟ୍‌ବଲ କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍ ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ୪-୩ ଗୋଲରେ ହାଓଡ଼ା ଫ୍ରେଣ୍ଡ୍‌ସ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସକାୱତ ଅଲ୍ଲୀ ଖାନ ମ୍ୟାଚ ରେଫରିଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଫୁଲ୍ଲ ବେହେରା, ସାଇ କିସ୍‌କୋ ଏବଂ ସୌକାତ ଅହମ୍ମଦ ଖାନ ଲାଇନରେ ସହଯୋଗ କରିଥିଲେ। ଫୈଜଲ ହୁସେନ ଖାନ ଓ ମିହିର ରଞ୍ଜନ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଅମଜାଦ ଖାନ ଏବଂ ଏସ୍.କେ ରମଜାନ। ସାମାଜିକ କର୍ମୀ ମନୋଜ ପ୍ରଧାନ, ସୁକାନ୍ତ ଜୟସିଂହ ଏବଂ ବେଗୁନିଆ ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ଚତୁର୍ଥ ଲିଗ୍ ମ୍ୟାଚ୍ ଛତିଶଗଡ଼ର ବିଏମ୍‌ୱାଇ ଫୁଟ୍‌ବଲ କ୍ଲବ୍ ଏବଂ ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବକ୍ସର ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବ୍ ପକ୍ଷରୁ କୁହାଯାଇଛି।

# ହାଜିପୁର ଜଗତ୍‌ସିଂହପୁର ଫାଇନାଲରେ

ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦରଠାରେ ଚାଲିଥିବା ୩ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ଗୁରୁବାର ହାଜିପୁର ଜଗତ୍‌ସିଂହପୁର ଏବଂ ସତ୍ୟପୀର ସ୍ପୋର୍ଟିଂ କାଇପଦର ମଧ୍ୟରେ ମ୍ୟାଚ୍ ହୋଇଥିଲା। ହାଜିପୁର ଜଗତ୍‌ସିଂହପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୪ଉଇକେଟ ବିନିମୟରେ ୨୩୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ବଡ଼ଜେନା ୭୭ରନ କରିଥିଲେ। ଜବାବରେ ସତ୍ୟପୀର ସ୍ପୋର୍ଟିଂ ଟିମ୍ ୨୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରିଥିଲା। ଫଳରେ ହାଜିପୁର ଜଗତ୍‌ସିଂହପୁର ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ସୂର୍ଯ୍ୟକନ୍ତ ବଡ଼ଜେନା ୭୭ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତିରୁପତି ସାମନ୍ତରାୟ ଏବଂ ଝଜ କିଶୋର ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପାଇକରାୟ ଏବଂ ସନ୍ଦିପ ଛୋଟରାୟ ସ୍କୋରର, ଆଦିତ୍ୟ ବଳିୟାରସିଂହ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଦିପ ଛୋଟରାୟ, ସନାଉଲ୍ଲା ମିଆଁ, ଶୁଭ୍ରାଂଶୁ ଚମ୍ପତିରାୟ, ସାମସୁର ଅଲ୍ଲୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଚାଇସ୍ମା କାର୍ଯ୍ୟକ୍ରମ ଏପ୍ରିଲ୍‌କୁ ଘୁଞ୍ଚିଲା

ଭୁବନେଶ୍ୱର, ୨୦।୨(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ଏମ୍‌ସ ପଡ଼ିଆରେ ଗତ ୧୯ ତାରିଖରେ ଆରମ୍ଭ ହେବାକୁ ଥିବା ୫ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ 'ଚାଇସ୍ମା' ଏପ୍ରିଲ ମାସରେ ହେବ। ଫେବୃଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଓ ପରୀକ୍ଷାରେ ବାଧାସୃଷ୍ଟି ଏଡାଇବା ଲାଗି କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦିଆଯାଇଥିବା ନେଇ ରଣସିଂହପୁର ସରପଞ୍ଚ ସୂଚନା ଦେଇଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ, ଡିସିପି, ଏମ୍‌ସ କର୍ତ୍ତୃପକ୍ଷ ଓ ଖୋର୍ଦ୍ଧା ଜିଲାପାଳଙ୍କୁ ଜଣାଇଥିବା କହିଛନ୍ତି। ସେ କହିଛନ୍ତି, ଚାଇସ୍ମାରେ ଛୋଟରାୟପୁର, ସିଜୁଆ, ଦାମଦରପୁର ଆଦି ବିଭିନ୍ନ ଗ୍ରାମର ଲୋକମାନେ ସାମିଲ ହୋଇଥାଆନ୍ତି। ସନ୍ଧ୍ୟା ୭ଟାରୁ ରାତି ୧୨ଟା ୩୦ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥାଏ। ଏବେ ଯୁକ୍ତ୨ ପରୀକ୍ଷା ଚାଲିଥିବାବେଳେ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏଥିସହ ବିଭିନ୍ନ ପରୀକ୍ଷା ମଧ୍ୟ ଚାଲିବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉଚ୍ଚଶବ୍ଦ ଯୋଗୁ ପିଲାଙ୍କ ପାଠପଢ଼ା ଓ ପରୀକ୍ଷା ପ୍ରଭାବିତ ହେବାର ସମ୍ଭାବନା ରହୁଛି। ବିଶେଷକରି ସିଜୁଆ ପିଲାଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖି ରହୁଥିବାରୁ ଗ୍ରାମବାସୀ ଏହାକୁ ଘୁଞ୍ଚାଇବାକୁ ସ୍ଥିର କରିଛନ୍ତି।

### ଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ

**ଶବ୍ଦ ଶୁଣି ପଳେଇଲେ ୪ ଦୁର୍ବୃତ୍ତ**

ତ୍ରିଶୂଳିଆ, ୨୦।୨ (ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅଧୀନ ନରାଜ ବଜାରରେ ଥିବା ଏକ ଅଳଙ୍କାର ଦୋକାନରୁ ବୁଧବାର ୪ ଦୁର୍ବୃତ୍ତ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ ୪ ଜଣ ଦୁର୍ବୃତ୍ତ ସୁନା ଦୋକାନରୁ ଚୋରି କରିବାକୁ ଯାଇ ପ୍ରଥମେ ଦୋକାନ ପାଖକୁ ଲାଗିଥିବା ୨ ଘରର କବାଟ ବାହାର ପଟୁ ବନ୍ଦ କରିଥିଲେ। ଦୋକାନର ଜାଲି ଗେଟ୍ ପରେ ଭିତର ଶଟର କାଟିଥିଲେ। ଭିତର ଲୁହା ଜାଲି ଗେଟ୍‌କୁ ଏକ ଶାବଳ ସାହାଯ୍ୟରେ ତାଡ଼ିବା ବେଳକୁ ପାଖ ୨ ଘର ଓ ସମ୍ମୁଖ ଘରର କବାଟ ବହୁ ଜୋର୍‌ରେ ବାଡ଼େଇବାର ଶବ୍ଦ ହୋଇଥିଲା। ଏହି ଶବ୍ଦ ଶୁଣି ଦୁର୍ବୃତ୍ତ ସେଠାରୁ ପଳାଇ ଯାଇଥିଲେ। ଦୋକାନ ସମ୍ମୁଖ ଘରର ମାଲିକ ନିକଟ ଘରର ମାଲିକଙ୍କୁ ଫୋନ କରି ବାହାରୁ ବନ୍ଦ ହୋଇଥିବା କବାଟ ଖୋଲିବାକୁ କହିଥିଲେ। ସେ ବାହାରକୁ ଆସି ଦେଖିବା ବେଳକୁ ସୁନା ଦୋକାନ ଜାଲି ଗେଟ୍, ଶଟର ଭଙ୍ଗା ଯାଇଥିଲା। ଖବର ପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିଲେ ମଧ୍ୟ କିଛି ଚୋରି ହୋଇ ନାହିଁ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ କହିଛି। ପରେ ସିସିଟିଭି କ୍ୟାମେରା ଯାଞ୍ଚ କରିବାରୁ ୪ ଜଣ ଦୁର୍ବୃତ୍ତ ଏହି ଚୋରି ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ଫାଣ୍ଡିରେ ସୁନା ଦୋକାନୀ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଘଣ୍ଟାଏ ପ୍ରବଳ ବର୍ଷିଲା



ଭୁବନେଶ୍ୱର, ୨୦।୨ (ଅନୁରାଧା ମହାରଣା)

ଫେବୃଆରୀ ୨୦ରୁ ୨୩ତାରିଖ ମଧ୍ୟରେ ଉତ୍ତର ଏବଂ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ହେବାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ଭୁବନେଶ୍ୱରରେ ଗୁରୁବାର ଭୋର ସମୟରେ ଘଡ଼ଘଡ଼ି ସହ କିଛି ସମୟ ବର୍ଷା ହୋଇଥିଲା। ଦିନସାରା ପାଗ ଶୁଖିଲା ରହିଥିବାବେଳେ ରାତି ପ୍ରାୟ ୧୦.୩୦ ବେଳକୁ ପୁଣି ବର୍ଷା ଆରମ୍ଭ ହୋଇଥିଲା। ପ୍ରାୟ ଘଣ୍ଟାଏ କାଳ ନିର୍ଦ୍ଧୂମ ବର୍ଷା ହୋଇଥିବାବେଳେ ବିଜୁଳି ଓ ଘଡ଼ଘଡ଼ି ରାଜଧାନୀବାସୀଙ୍କୁ ଭୟଭୀତ କରି ପକାଇଥିଲା। ଏହି ସମୟରେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିଥିଲା। ଅଦିନିଆ ବର୍ଷାରେ ରାଜଧାନୀ ରାସ୍ତାରେ ପାଣିର ସୁଅ ଛୁଟିଥିଲା। ବର୍ଷାର ତୀବ୍ରତା ଏତେ ଅଧିକ ଥିଲା ଯେ, କିଛି ସ୍ଥାନରେ ଯାନବାହନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଜାତୀୟ ରାଜପଥରେ କିଛି ସମୟ ଭାରିଯାନଗୁଡ଼ିକ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଏପରି କି ବର୍ଷା ଛାଡ଼ିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ସହରର ବିଭିନ୍ନ ଅଞ୍ଚଳରେ ଜଳାର୍ଣ୍ଣବ ସ୍ଥିତି ଉପୁଜିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଖଣ୍ଡଗିରି ସମେତ ବିଭିନ୍ନ ସ୍ଥାନରେ ଛୋଟବଡ଼ ଗଛ ଡାଳ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଥିଲା।



ଗୁରୁବାର ରାତିରେ ହୋଇଥିବା ବର୍ଷାରେ ରସୁଲଗଡ଼-ବମିଖାଲ ରାସ୍ତାରେ ବର୍ଷା ପାଣିର ସୁଅ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ମଚାରୀ ସଂଘର ବିକ୍ଷୋଭ




ବ୍ୟାଙ୍କ୍ ଅଫ୍ ଇଣ୍ଡିଆ କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱର କ୍ଷେତ୍ରୀୟ ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ଭୁବନେଶ୍ୱର, ୨୦।୨ (ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ମଚାରୀ ସଂଘ ସଦସ୍ୟମାନେ ବିଓଆଇୟୁ କ୍ଷେତ୍ରୀୟ ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ୧୨ ଦୁଇପକ୍ଷିକ ସେଟେଲମେଣ୍ଟର ଅବମାନନା, ସ୍ଥାୟୀ ନିଯୁକ୍ତି ନକରିବା ତଥା ଖାଲିଥିବା କ୍ଲର୍କ ପଦବୀ ପୂରଣ ନକରିବା ଅଭିଯୋଗରେ ସଭ୍ୟମାନେ ଆନ୍ଦୋଳନ କରିଥିବାବେଳେ ଆସନ୍ତା ୨୪ ଓ ୨୫ ତାରିଖରେ ବନ୍ଦ ଡ଼ାକରା ଦେଇଛନ୍ତି। ସଚ୍ଚିଦାନନ୍ଦ ନନ୍ଦଙ୍କ ଏହି ବିକ୍ଷୋଭ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା ମୁଦୁଲି, ହିମାଂଶୁ ଭୂଷଣ ରାଉତରାୟ, ଅବିନାଶ ମଲ୍ଲିକ, ସୁନୀଲ କୁମାର ଦାସ, ଧୀରେନ୍ଦ୍ର ପ୍ରଧାନ ଓ ବିଶ୍ୱରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।

## ବଜ୍ରପାତରେ ୬ ଛେଳି ମୃତ, ବୃଦ୍ଧା ଗୁରୁତର

ବାଘମାରୀ, ୨୦।୨ (ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମରେ ଗୁରୁବାର ବଜ୍ରପାତ ଘଟି ଜଣେ ବୃଦ୍ଧା ଗୁରୁତର ହୋଇଥିବା ବେଳେ ତାଙ୍କର ୬ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଆହତ ହୀନ ଲେଙ୍କା(୭୦)ଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ସକାଳ ୬ଟାରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ କଣ୍ଟାମଳିମ ଗ୍ରାମର ବଜ୍ରପାତ ଘଟି ହୀନ ଆହତ ହେବା ସହ ତାଙ୍କର ୬ଟି ଛେଳିଙ୍କର ମୃତ୍ୟୁ ଘଟିଥିଲା। ନିକଟ ବାଙ୍କୀ-ତୁଳସୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବରେ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ହୀନଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବେଗୁନିଆ ଭାରପ୍ରାପ୍ତ ତହସିଲଦାର ବିଜୟ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ କୁରାଡ଼ିଲୋ ରାଜସ୍ୱ ନିରୀକ୍ଷକ ମନୋଜ କୁମାର ଦାସ କଣ୍ଟାମଳିମ ଗ୍ରାମରେ ପହଞ୍ଚି ପ୍ରାଥମିକ ତଦନ୍ତକରି ଫେରିଯାଇଛନ୍ତି।

## ଦୁବାଇ 'ଗଲ୍ ଫୁଡ୍' ପ୍ରଦର୍ଶନୀରେ ଭାରତ ମସଲା



ଭୁବନେଶ୍ୱର, ୨୦।୨ (ଅନୁରାଧା ମହାରଣା)

ବିଶ୍ୱର ବ୍ୟବସାୟିକ ପେଣ୍ଠସ୍ଥଳୀ ଉପସାଗରୀୟ ଦେଶ ୟୁନାଇଟେଡ୍ ଆରବ ଏମିରେଟ୍ସର ଦୁବାଇଠାରେ ଚାଲିଥିବା 'ଗଲ୍ ଫୁଡ୍' ପ୍ରଦର୍ଶନୀର ୩୦ତମ ସଂସ୍କରଣରେ ଭାରତ ମସଲା ଅଂଶଗ୍ରହଣ କରିଛି। ଶୁକ୍ରବାର ଉଦ୍‌ଯାପିତ ହେବାକୁ ଥିବା ଏହି ୫ଦିନିଆ କ୍ରେତା ବିକ୍ରେତା ସମ୍ମିଳନୀରେ ବିଶ୍ୱର ପ୍ରାୟ ୧୨୯ଟି ଦେଶର ଶିଳ୍ପପତି ନିଜ ଉତ୍ପାଦିତ ସାମଗ୍ରୀକୁ ପ୍ରାୟ ୫,୫୦୦ ଷ୍ଟଲ୍‌ରେ ପ୍ରଦର୍ଶିତ କରିଥିଲେ। ଭାରତରୁ ଅନେକ ପ୍ରତିଷ୍ଠିତ ଶିଳ୍ପପତି ଏଥିର ଅଂଶ ଗ୍ରହଣ କରିଥିଲେ। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କମ୍ପାନୀ ଉତ୍ପାଦିତ ସାମଗ୍ରୀ କିପରି ବିଦେଶକୁ ଅଧିକରୁ ଅଧିକ ରପ୍ତାନୀ କରିହେବ ସେ ବିଷୟରେ ଅଂଶ ଗ୍ରହଣ କରିଥିବା ବ୍ୟବସାୟୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ବିଶ୍ୱର ଅନ୍ୟ ଦେଶ ସହ ବ୍ୟବସାୟକୁ ସମ୍ପ୍ରସାରିତ କରିବା କମ୍ପାନୀର ମୂଳଲକ୍ଷ୍ୟ ହୋଇଥିଲେ ମଧ୍ୟ ଭାରତକୁ ବିଦେଶୀ ମୁଦ୍ରା କିପରି ଅଧିକରୁ ଅଧିକ ଆସିବ ଏବଂ ଅର୍ଥନୀତି ସୁଦୃଢ଼ ହେବ କମ୍ପାନୀ ସେ ଦିଗ ପ୍ରତି ଧ୍ୟାନ ଦେଇଛି ବୋଲି ପଣ୍ଡା କହିଛନ୍ତି। ଭାରତ ମସଲାର ଦୁବାଇ ବ୍ୟବସାୟର ରପ୍ତାନି ମୁଖ୍ୟ ରଶ୍ମିରଞ୍ଜନ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦୁବାଇ ଷ୍ଟକିଷ୍ଟ ଉମର ସର୍ଜିନଙ୍କ କର୍ମଚାରୀ ଏହି ସମ୍ମିଳନୀରେ କମ୍ପାନୀର ପ୍ରଚାର ପ୍ରସାରରେ ସହଯୋଗ କରିଥିଲେ।

# ସୈନିକ ସ୍କୁଲ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର ହେଉ

**ମୁଖ୍ୟମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଫେରାଦ ଦେଲା ଓଡ଼ିଶା ଅଭିଭାବକ ମହାସଂଘ**

ଭୁବନେଶ୍ୱର, ୨୦।୨ (ସୁଚିସ୍ମିତା ସାହୁ)

ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲ ସ୍ଥାନାନ୍ତର ଯୋଜନାକୁ ନେଇ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ ବୋଲି ଗୁରୁବାର ଓଡ଼ିଶା ଅଭିଭାବକ ମହାସଂଘ ଚିଠି ଲେଖି ମୁଖ୍ୟମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଛି। ଏନେଇ ମହାସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଡକାଯାଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି, ଦୀର୍ଘ ୬୪ ବର୍ଷ ଧରି ସୈନିକ ସ୍କୁଲରୁ ଅନେକ ହଜାର ସେନାଧିକାରୀ ସୃଷ୍ଟି ହୋଇଛନ୍ତି। ଓଡ଼ିଶାର ପିଲାମାନେ କିପରି ଗୁଣାତ୍ମକ ଶିକ୍ଷାପ୍ରାପ୍ତିକରି ବରିଷ୍ଠ ସେନା ଅଧିକାରୀ ଭାବେ ସୈନ୍ୟବାହିନୀରେ ଯୋଗଦେଇ ଦେଶର ସୁରକ୍ଷା କରିପାରିବେ ସେଥିପାଇଁ ବିଜୁ ପଟ୍ଟନାୟକ ଏହି ସ୍କୁଲର ପ୍ରତିଷ୍ଠା କରିଥିଲେ। ରାଜଧାନୀ ଭୁବନେଶ୍ୱରର ଏକ ଗୌରବ ଓ ଗରିମାମୟ ଅନୁଷ୍ଠାନ ଭାବେ ସାରା ଦେଶରେ ପ୍ରସିଦ୍ଧି ଲାଭ କରିବା ସହ ପିଲାଙ୍କ ମନରେ ଜାତୀୟ ଭାବଧାରା ସୃଷ୍ଟି କରିପାରୁଛି। ବର୍ତ୍ତମାନ ରାସ୍ତା ଓ ଡମ୍ପିଂୟାର୍ଡ ସମ୍ପ୍ରସାରଣ ଆଳରେ ଚଞ୍ଚକତା କରାଯାଇ ସହରରୁ ୩୦ କି.ମି. ଦୂର ଚନ୍ଦକାସ୍ଥିତ ଆଇଆଇଟି ଓ ନାଇଜର ପାଖକୁ ଉଠାଇନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ପଦକ୍ଷେପ। ତୁରନ୍ତ ଏହି ସ୍ଥାନାନ୍ତରକୁ ବାତିଲ କରାଯାଉ ବୋଲି ସେ ଦାବି କରିଛନ୍ତି। ବୈଠକରେ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସତ୍ୟବ୍ରତ ପରିଜା, ସାଧାରଣ ସମ୍ପାଦକ ଅଶୋକ ପାଇକରାୟ, ଭୁବନେଶ୍ୱର ସଭାପତି ପଦ୍ମନାଭ ସାହୁ ଉପସ୍ଥିତ ରହି ଆଗାମ ଯୋଜନା ନେଇ ଆଲୋଚନା କରିଥିଲେ। ଏଥିସହ ତୁରନ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରତିରକ୍ଷା ସଚିବ, ରାଜ୍ୟ ପୂର୍ତ୍ତମନ୍ତ୍ରୀ ଓ ସଚିବଙ୍କୁ ଚିଠି ମାଧ୍ୟମରେ ସେମାନେ ଦାବି କରିଛନ୍ତି।



# ସ୍କୁଲ ପରିସରରୁ ଝୁଲନ୍ତା ମୃତଦେହ ଜବତ

**ଭୟରେ ସ୍କୁଲ ଛାଡ଼ିଲେ ଛାତ୍ରୀଛାତ୍ର**

ଗୋପ, ୨୦।୨ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ କୁଣ୍ଡିଷ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିବା ପରେ ସ୍କୁଲ ଛାତ୍ରୀଛାତ୍ର ସ୍କୁଲ ଛାଡ଼ିଥିବା ଜଣାପଡ଼ିଛି। ମୃତକ ହେଲେ କୁଣ୍ଡିଷ ଗ୍ରାମର କେଶବ ବେହେରାଙ୍କ ପୁଅ କାଳନ୍ଦୀ ବେହେରା (୨୭)। ତେବେ ତାଙ୍କ ମସ୍ତିଷ୍କ ବିକୃତି ଯୋଗୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ପୋଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ଗୋପ ପୋଲିସ ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କାଳନ୍ଦି କିଛି ଦିନ ଧରି ମସ୍ତିଷ୍କ ବିକୃତ ଯୋଗୁ ଚିକିତ୍ସିତ ହେଉଥିଲେ। କୌଣସି କାରଣରୁ ଗୁରୁବାର ସକାଳେ ସ୍କୁଲ ପରିସରସ୍ଥ ଏକ ପରିତ୍ୟକ୍ତ ଘର ଭିତରେ ସେ ଆତ୍ମହତ୍ୟା କରିଥିଲେ। ପରେ ସ୍କୁଲ ଛାତ୍ରୀଛାତ୍ର ସ୍କୁଲକୁ ଆସିଥିଲେ। ହେଲେ ସ୍କୁଲର ଜଣେ ଶିକ୍ଷକ କୌଣସି କାର୍ଯ୍ୟରେ ଏହି ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏହି ଖବର ଜଣାପଡ଼ିବା ପରେ ତାଙ୍କ ପରିବାର ସଦସ୍ୟ ସେଠାରେ ପହଞ୍ଚି ମୃତଦେହ ଜବତ କରି ଘରକୁ ନେଇଥିଲେ। ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ଏପରି ଘଟଣା ବାବଦରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆଲୋକମାଳା ସାହୁଙ୍କୁ ପଚାରିବାରେ, ସ୍କୁଲ ପରିସରରେ ଏଭଳି ଅଘଟଣକୁ ନେଇ ସ୍କୁଲ ଛୁଟି କରିଦିଆଯାଇଥିବା ସେ କହିଥିଲେ।

## ଅନ୍ତର୍ଜାତୀୟ ବଜାର ସହ ସଂଯୋଗୀକରଣ କୃଷକଙ୍କ ଆୟ ବହୁଗୁଣିତ କରିବ




ପରାମର୍ଶ ବୈଠକରେ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)

ଓଡ଼ିଶାରେ କୃଷି-ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁବାର କୃଷିଭବନଠାରେ ଏକ ପରାମର୍ଶ ବୈଠକ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରପ୍ତାନି ସମୟରେ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ଅସୁବିଧାର ସମାଧାନ କରି ବ୍ୟବସାୟୀଙ୍କ ପାଇଁ ଅନୁକୂଳ ଇକୋସିଷ୍ଟମ ସୃଷ୍ଟି କରିବା ବିଷୟରେ ଆଲୋଚନା ହୋଇଥିଲା। ରପ୍ତାନି ପ୍ରକ୍ରିୟାକୁ ସହଜ, ସୁଗମ କରିବା ସହିତ କୃଷିଜାତ ଦ୍ରବ୍ୟର ରପ୍ତାନୀ କ୍ଷେତ୍ରକୁ ଅଧିକ ସମ୍ପ୍ରସାରିତ କରିବା ପାଇଁ ଆବଶ୍ୟକ ନୀତିଗତ ସହାୟତା ପ୍ରଦାନ କରାଯିବ ବୋଲି ଡ଼. ପାଢୀ ମତବ୍ୟକ୍ତ କରିଥିଲେ। କୃଷକ ଓ କୃଷି ଉତ୍ପାଦକ ସଂଗଠନଗୁଡ଼ିକୁ ଅନ୍ତର୍ଜାତୀୟ ବଜାର ସହ ସଂଯୋଗୀକରଣ କୃଷକଙ୍କ ଆୟ ବହୁଗୁଣିତ କରିବାରେ ସହାୟକ ହେବ। ଓଡ଼ିଶାର କୃଷି କ୍ଷେତ୍ରରେ ଥିବା ଭରପୂର ସମ୍ଭାବନାକୁ ସମ୍ପ୍ରସାରଣ କରି ରାଜ୍ୟର ଅର୍ଥନୀତିରେ ଏକ ଅର୍ଥପୂର୍ଣ୍ଣ ଯୋଗଦାନ କରିବା ପାଇଁ ଡ. ପାଢୀ ରପ୍ତାନିକାରୀ ଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବାଣିଜ୍ୟ ଓ ପରିବହନ ବିଭାଗ, କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନି ବିକାଶ ପ୍ରାଧିକରଣ, ୱାର୍ଲ୍ଡ ଟ୍ରେଡ ସେଣ୍ଟର, ପାଲାଡିୟମ ବୈଷୟିକ ସହାୟତା ୟୁନିଟ୍ ପ୍ରତିନିଧିଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ।

# ହାତୀ ମୃତ୍ୟୁ ରୋକିବାକୁ ନୂଆ ପଦକ୍ଷେପ

ଭୁବନେଶ୍ୱର, ୨୦।୨ (ଅନୁରାଧା ମହାରଣା)



ସମନ୍ୱୟ ବୈଠକରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଏଚ୍‌ଏସ୍ ବାଜୱା ଓ ଅନ୍ୟ ଅଧିକାରୀମାନେ।

**ରେଳପଥ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ**

- ଚିହ୍ନିତ ସମ୍ବେଦନଶୀଳ ସ୍ଥାନରେ ଅଣ୍ଡରପାସ୍, ଓଭରବ୍ରିଜ ନିର୍ମାଣ ହେବ
- ଲୋକୋ ପାଇଲଟ, ଗାର୍ଡଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବ

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ କର୍ତ୍ତୃପକ୍ଷ ଏବଂ ବନ ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଗୁରୁବାର ରେଳ ମଣ୍ଡଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଏଚ୍‌ଏସ୍ ବାଜୱାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ହାତୀଙ୍କ ସୁଗମ ଯାତାୟାତ, ଦୁର୍ଘଟଣା ଏଡ଼ାଇବା ଏବଂ ଅତ୍ୟଧିକ ହାତୀ ଚଳାଚଳ କାରଣରୁ ଟ୍ରେନ ବିଳମ୍ବକୁ ହ୍ରାସ କରିବା ପାଇଁ ଆଲୋଚନା ହେବା ସହ ବିଭିନ୍ନ କାର୍ଯ୍ୟ ପନ୍ଥା ପ୍ରସ୍ତୁତ କରାଯାଇଥିଲା। ସମ୍ବେଦନଶୀଳ ରେଳ ସେକ୍ସନଗୁଡ଼ିକରେ ହାତୀ ଗତିବିଧି ବିଷୟରେ ଠିକ ସୂଚନା ଦେବାକୁ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନିତ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଉପମାର୍ଗ ବା ଅଣ୍ଡରପାସ୍ ଏବଂ ଓଭରବ୍ରିଜ ନିର୍ମାଣ କରାଯିବ। ରେଳ ଟ୍ରାକ ନିକଟରେ ଥିବା ସ୍ୱଚ୍ଛ ଦୃଶ୍ୟମାନତା ପାଇଁ ଗଛଗୁଡ଼ିକ ସଫା କରାଯିବ। ଲୋକୋ ପାଇଲଟମାନଙ୍କୁ ପୂର୍ବ ଚେତାବନୀ ଭାବରେ ସାଇନେଜ୍ ବୋର୍ଡ ଲଗାଯିବ। ଷ୍ଟେଶନ ମାଷ୍ଟର ଏବଂ ବନ ବିଭାଗ ମଧ୍ୟରେ ସୁଗମ ଯୋଗାଯୋଗ ପାଇଁ ୱାକି-ଟକି ମାଧ୍ୟମରେ ଏକ ସ୍ୱତନ୍ତ୍ର ଚ୍ୟାନେଲ ସୃଷ୍ଟି ହେବ, ଯାହାଫଳରେ ଷ୍ଟେଶନ ମାଷ୍ଟର ଟ୍ରେନ କର୍ମଚାରୀଙ୍କୁ ଠିକ ସମୟରେ ଲୁକଆଉଟ୍ ପରାମର୍ଶ ଦେଇପାରିବେ। ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ଉପରେ ଲୋକୋ ପାଇଲଟ ଏବଂ ଗାର୍ଡଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବ। ଆଇଆର୍‌ସିଟିସି/ ପାଣ୍ଟ୍ରିକାର କର୍ମଚାରୀଙ୍କୁ ଟ୍ରାକ୍‌ରେ ଖାଇବା ବର୍ଜ୍ୟବସ୍ତୁ ନ ଫିଙ୍ଗିବାକୁ ନିର୍ଦ୍ଦେଶ ଦିଆଯିବ। ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ହାତୀ କରିଡରଗୁଡ଼ିକ ହେଉଛି, ବୈରୀ-କପିଳାସ ରୋଡ଼, କାଇପଦର-ତାପଙ୍ଗ, ଗୁରୁଡ଼ିଝାଟିଆ-ରାଜଆଠଗଡ଼-ମାଛପୁର, ରାଧାକିଶୋରପୁର-ଘଣ୍ଟିଖାଲ, ପରଜଙ୍ଗ-କମଳଙ୍ଗା। ହାତୀ ଗତିବିଧି ସମ୍ବନ୍ଧୀୟ ସୂଚନାକୁ ସମ୍ପୃକ୍ତ ବିଭାଗକୁ ପଠାଇବା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର କଣ୍ଟ୍ରୋଲ ରୁମ୍ ଦିନରାତି କାର୍ଯ୍ୟ କରୁଛି ଏବଂ ସେଠାରେ ଟ୍ରେନ ଦୁର୍ଘଟଣା ହେତୁ ହାତୀ ମୃତ୍ୟୁ ଏଡାଇବା ପାଇଁ ଷ୍ଟେଶନ ମାଷ୍ଟର ଓ ଲୋକୋ ପାଇଲଟମାନଙ୍କୁ ସତର୍କତା ନିର୍ଦ୍ଦେଶ ଜାରି କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୨।୨୦୨୫

| | |
|---|---|
| ୪,୩୮,୫୫୯ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୧୦୩.୫୦୦ ଗ୍ରାମ୍ |

# ‘ଆମକୁ ପିଇବା ପାଣି ଦିଅ’

- ହାତ ଯୋଡ଼ି ସରକାରଙ୍କୁ ଛାତ୍ରୀଛାତ୍ରଙ୍କ ଗୁହାରି
- ମଗାଯଚା ପାଣିରେ ମଧ୍ୟାହ୍ନଭୋଜନ ରୋଷେଇ
- ଅଭିଯୋଗ ପରେ ବି ବ୍ଲକ ପ୍ରଶାସନ ନୀରବ



ଖାଲି ଗିଲାସ ଧରି ଛାତ୍ରୀଛାତ୍ରମାନେ ପିଇବା ପାଣି ପାଇଁ ସରକାରଙ୍କୁ ନିବେଦନ କରୁଛନ୍ତି।

ଗୋପ,୨୦।୨
(ଭାରତୀ ଭୂଷଣ ଉପାଧ୍ୟାୟ)

ହେ ସରକାର ଆମକୁ ଟୋପାଏ ପିଇବା ପାଣି ଦିଅ। ଆମେ ଦେଢ଼ ମାସ ହେବ ସ୍କୁଲରେ ପିଇବା ପାଣି ପିଇ ପାରୁନାହୁଁ। ସ୍କୁଲ ନଳକୂପ ଭାଙ୍ଗି ଯାଇଛି। ମଧ୍ୟାହ୍ନଭୋଜନ ରୋଷେଇ ଠିକ୍ ଭାବରେ ହୋଇ ପାରୁନାହିଁ। ୟା’ ତା’ ଘରୁ ପାଣି ଆସିଲେ ମଧ୍ୟାହ୍ନଭୋଜନ ରୋଷେଇ ହେଉଛି ବୋଲି ଗୁରୁବାର କୁନିକୁନି ପିଲା ହାତଯୋଡ଼ି ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ଏପରି ଅଭାବନୀୟ ଘଟଣା ଗୋପ ବ୍ଲକ ଅଧୀନ ମହଲପଡ଼ା ପଞ୍ଚାୟତର ବଡ଼କୁନ୍ଦୁରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରଙ୍କ ଏପରି ଗୁହାରି ପରେ ମଧ୍ୟ ବ୍ଲକ ପ୍ରଶାସନର ନୀରବତା ସମସ୍ତଙ୍କୁ ଚକିତ କରିଛି। ଦୀର୍ଘ ଦିନ ଧରି ଏପରି ସମସ୍ୟା ଉପରେ ମହଲପଡ଼ା ପଞ୍ଚାୟତର ସମିତି ସଭ୍ୟ ବିଜୟ କୁମାର ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ପଦ୍ମଲୋଚନ ନାୟକ ପ୍ରମୁଖ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରି ନ ଥିବା ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗୋପ-କୋଣାର୍କ ମୁଖ୍ୟରାସ୍ତା କୁନ୍ଦୁରା ଛକ ନିକଟରେ ଥିବା ଏହି ବିଦ୍ୟାଳୟର ୫ଟି ଶ୍ରେଣୀରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ଏହି ସ୍କୁଲରେ ଗୋଟିଏ ନଳକୂପ ଥିବାବେଳେ ତାହା ଭାଙ୍ଗିରୁଜି ପଡ଼ିଛି। ଫଳରେ କୁନି କୁନି ଛାତ୍ରୀଛାତ୍ର ପାଣି ପିଇବା ସହ ଶୌଚ ହେବାରେ ଅସୁବିଧା ଭୋଗୁଛନ୍ତି। ବ୍ଲକରେ ଖରାଦିନ ଆରମ୍ଭରୁ ଜଳ ସଙ୍କଟ ଦେଖାଦେଇଥିବାବେଳେ କେବଳ ଏହି ଗୋଟିଏ ସ୍କୁଲ ନୁହେଁ, ପଞ୍ଚାୟତର ଓରେଇ ଓ ମାଣ୍ଡୁପଦା ସହିତ ଆଉ କେତେକ ସ୍କୁଲରେ ସମାନ ଅବସ୍ଥା ଥିବା ଅଭିଯୋଗ ରହିଛି। ଏହି ସମସ୍ୟା ଉପରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଥିବାବେଳେ ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ କହିଛନ୍ତି, ଏ ସମ୍ପର୍କରେ ତାଙ୍କ ନିକଟରେ ଅଭିଯୋଗ ରହିଛି। ମାତ୍ର ନଳକୂପ ଯନ୍ତ୍ରାଂଶ ନ ଥିବାରୁ ନଳକୂପ କାର୍ଯ୍ୟ ହୋଇପାରୁ ନାହିଁ। ଏନେଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସାଧନା ରାଉତରାୟଙ୍କୁ ପଚାରିବାରେ, ପିଇବା ପାଣି ସମସ୍ୟା ଯୋଗୁ ଅସୁବିଧା ହେଉଛି। ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିବା ପରେ ସେ ପିଇବା ପାଣି ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି କହିଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

## ପରିବାରର ୬ ଜଣଙ୍କୁ ଆକ୍ରମଣ, ୩ ଅଟକ

ନିମାପଡ଼ା,୨୦।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଡିହବାରୀ ଗ୍ରାମରେ ବାଇକ୍ ସାଇଡ ମାରିବା ଘଟଣାକୁ କେନ୍ଦ୍ର କରି ବୁଧବାର ରାତିରେ ଗୋଟିଏ ପରିବାର ସଦସ୍ୟଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏଥିରେ ୩ ଜଣ ମହିଳାଙ୍କ ସମେତ ୬ ଜଣ ବ୍ୟକ୍ତି ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ବ୍ରଜବନ୍ଧୁ ବେହେରା, ସରୋଜ ବେହେରା, ରାଜକିଶୋର ବେହେରା, ସୋନାଲି ବେହେରା, ସସ୍ମିତା ବେହେରା ଓ କୁନି ବେହେରା। ଏ ସମ୍ପର୍କରେ ଆହତ ବ୍ରଜବନ୍ଧୁଙ୍କ ସ୍ତ୍ରୀ ଗୁନି ବେହେରା ଗ୍ରାମର ୧୭ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଆକ୍ରମଣକାରୀ ବବୁଲ ଭୋଇ, ଚିନୁ ଭୋଇ, ଗୁଡୁ ଭୋଇ, ପିଙ୍କୁ ଦାସ, ଟବୁଲ ଭୋଇ, ବିଦୁ ଭୋଇ, କାଲୁ ଭୋଇଙ୍କ ସମେତ ମୋଟ ୧୭ ଜଣ ଆକ୍ରମଣକାରୀଙ୍କ ବିରୋଧରେ ୪୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ବୁଧବାର ରାତିରେ ଆକ୍ରମଣକାରୀ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରି ୩ ଜଣଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଆକ୍ରମଣକାରୀ ବ୍ୟକ୍ତିଙ୍କ ପରିବାରର ଅନ୍ୟ ଆକ୍ରମଣକାରୀ ସଦସ୍ୟମାନେ ଘରଛାଡ଼ି କେଉଁଆଡ଼େ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ସମସ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଗୁନିଙ୍କ ପରିବାରବର୍ଗ ପୋଲିସ ନିକଟରେ ଦାବି କରିଛନ୍ତି। ୨୦/୨୫ ଜଣ ଗଣ୍ଡଗୋଳକାରୀ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ସଂଘବଦ୍ଧ ଭାବେ ଘରେ ପଶି ଏଭଳି କାଣ୍ଡ ଘଟାଇଥିବା ଅଭିଯୋଗକାରୀ ଗୁନି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାକୁ କେନ୍ଦ୍ର କରି ଗ୍ରାମର ୨ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

## ସଂକ୍ଷେପରେ

### ଆଜିଠୁ ମାଟ୍ରିକ ପରୀକ୍ଷା: ଜିଲାରେ ୨୦, ୭୫୭ ପରୀକ୍ଷାର୍ଥୀ

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି):

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପୁରୀ ଜିଲାରେ ମୋଟ ୧୦୮ଟି ପରୀକ୍ଷା କେନ୍ଦ୍ରରେ ୨୦ହଜାର ୭୫୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା ସୁପରିଚାଳନା ପାଇଁ ଜିଲାରେ ୧୨ଟି ନୋଡାଲ୍ ସେଣ୍ଟର୍ କରାଯାଇଛି। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ରହିଛି। ପରୀକ୍ଷା ସମୟର ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ। କପିମୁକ୍ତ ପରୀକ୍ଷା କରିବା ପାଇଁ କେନ୍ଦ୍ରଗୁଡିକରେ ସିସିଟିଭି କ୍ୟାମେରା ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

### ଆମ ସଂସ୍କୃତି ଖେଳନା କାର୍ଯ୍ୟକ୍ରମ

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

ଦାମୋଦରପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧିନସ୍ଥ ଗଙ୍ଗାନାରାୟଣପୁର ୟୁ.ଜି.ୟୁ.ପି ବିଦ୍ୟାଳୟରେ ବୁଧବାର ବିଦ୍ୟାଳୟସ୍ତରୀୟ ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ‘ଆମ ସଂସ୍କୃତି ଖେଳନା କାର୍ଯ୍ୟକ୍ରମ’ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଂଯୋଜକ ମହେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅକ୍ଷୟ କୁମାର ଦଳେଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ନାୟକ, ସଭ୍ୟ ଜଗନ୍ନାଥ ବେହେରା, ନାରାୟଣ ବାରିକ ଏବଂ ରୀନା ବେହେରା ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ମହାପାତ୍ର ଓ ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ଜେନା ପରିଚାଳନା କରିଥିଲେ।

## ବଜାର ପଞ୍ଚୁଦୋଳ ମେଳଣ ସମିତିକୁ ୩ ଭଉଣୀଙ୍କ ଜମି ଦାନ



ଜମି ଦାନ କରିଥିବା ୩ ଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପିପିଲି,୨୦।୨
(ପ୍ରଭାତ କୁମାର ମହାପାତ୍ର)

ପିପିଲି ବିଜ୍ଞାପିତ ଅଞ୍ଚଳରେ ଥିବା ପ୍ରାୟ ଦେଢ଼ ଶହ ବର୍ଷ ପୁରୁଣା ମେଳଣ ପାଇଁ ଜମିଦାର ବଂଶଜ ବଙ୍ଗାଳୀ ୩ ଭଉଣୀ ୩ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ନିଜ ପୈତୃକ ୩୫ ଡିସିମିଲ ସମ୍ପତ୍ତିକୁ ଦାନ କରି ମହାନତା ଦେଖାଇଛନ୍ତି। ଏହି ପାରମ୍ପରିକ ପଞ୍ଚୁଦୋଳ ମେଳଣ ଯାତ୍ରାର ନିଜସ୍ୱ ଜାଗା ନ ଥିବା ଏବଂ ଚତୁଃପାର୍ଶ୍ୱ ବିକ୍ରି ସହ ସଙ୍କୁଚିତ ହୋଇ ବନ୍ଦ ହେବାକୁ ବସିଥିବା ଯାତ୍ରା ପାଇଁ ପିପିଲି ବଜାର ପଞ୍ଚୁଦୋଳ ମେଳଣ କମିଟିକୁ ୩ ଭଉଣୀ ଜମି ଦାନ କରିଛନ୍ତି। ଫଳରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଥିବା ପଞ୍ଚୁଦୋଳ ମେଳଣ ଜମି ସମସ୍ୟାର ସମାଧାନ ହୋଇଛି। ୩ ଭଉଣୀଙ୍କ ଏପରି ନିଃସ୍ୱାର୍ଥପର ମନୋବୃତ୍ତି ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟୁଛି। ସେମାନେ ହେଲେ ପିପିଲି ଅଞ୍ଚଳର ପୂର୍ବତନ ଜମିଦାର ସ୍ୱର୍ଗତ ସୁଶିଲ ଆଡ୍ୟାଙ୍କ ୩ ଝିଅ ରୀନା ପାଲ, ସ୍ମିତା ଭଟ୍ଟାଚାର୍ଯ୍ୟ, ଅନିତା ଦେ। ବୁଧବାର ପିପିଲି କୋର୍ଟ ମାଧ୍ୟମରେ ଏନେଇ ଏକ ଆପୋସ ଶୁଣାଣି କରି ବଜାର ପଞ୍ଚୁଦୋଳ ମେଳଣ ସମିତିକୁ ଜମିର ନିରଙ୍କୁଶ ସ୍ୱତ୍ୱାଧିକାର ଆଇନତଃ ଦେଇଛନ୍ତି। ଏପରି ଅବସରରେ ବଜାର ପଞ୍ଚୁଦୋଳ ମେଳଣ ସମିତି ପକ୍ଷରୁ ଗୁରୁବାର ୩ ଭଉଣୀଙ୍କୁ ପିପିଲିଠାରେ ସମ୍ବର୍ଦ୍ଧିତ କରାଯାଇଛି। କମିଟି ସଭାପତି ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ୩ ଭଉଣୀଙ୍କୁ ମାନପତ୍ର, ଉତ୍ତରୀୟ, ଜଗନ୍ନାଥ ଚାନ୍ଦୁଆ ଦେଇ ସମ୍ବର୍ଦ୍ଧିତ କରି ବହୁ ପ୍ରଶଂସା କରିଥିଲେ।

ସୂଚନାଥାଉ କି, ଏହି ପଞ୍ଚୁଦୋଳ ମେଳଣର ଭବିଷ୍ୟତ କାମନା କରି ୩ ଭଉଣୀଙ୍କ ଏଭଳି ନିଆରା ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ତେବେ ଓଡ଼ିଆ କଳା ସଂସ୍କୃତିକୁ ବଜାୟ ରଖିବାରେ ଏହି ମେଳଣଟି ସହାୟକ ହେଉଛି ବୋଲି ସାମୂହିକ ପ୍ରଶଂସା କରାଯାଇଛି। ଏହି ଜମି ବିଚାର ପ୍ରକ୍ରିୟାକୁ ବିଶିଷ୍ଟ ଆଇନଜୀବୀ ନିରଞ୍ଜନ ପତି ପରିଚାଳନା କରିଥିଲେ। ସେଥିପାଇଁ ତାଙ୍କୁ ସମିତି ମଧ୍ୟ ସମ୍ବର୍ଦ୍ଧିତ କରିଛନ୍ତି। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରଭାତ କୁମାର ମହାପାତ୍ର, ଇଂ. ରମେଶ ଶତପଥୀ, ଜବାର ଖାଁ, ପୌର ଅଧ୍ୟକ୍ଷ ଶେଖ୍ ବାବୁ ଏବଂ ସମ୍ପାଦକ ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ନିମାପଡ଼ା,୨୦।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ନାଗବସ୍ତ ଗ୍ରାମ ଛକରେ ବୁଧବାର ରାତିରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ସୁକାନ୍ତି ସ୍ୱାଇଁ। ଏନେଇ ମୃତାଙ୍କ ଝିଅ ପ୍ରିୟଲତା ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ମୃତଦେହ ଜବତ କରି ଚାରିଛକ ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୁକାନ୍ତିଙ୍କ ଘର ଗ୍ରାମ ଛକ ରାସ୍ତାକଡ଼ରେ ହୋଇଥିବାବେଳେ ସେ ବୁଧବାର ବିଳମ୍ବିତ ରାତିରେ ପରିସ୍ରା କରିବାକୁ ଦାଣ୍ଡ ରାସ୍ତାକଡ଼କୁ ଯାଇଥିଲେ। ପିପିଲି ପଟୁ ନିମାପଡ଼ା ଅଭିମୁଖେ ଆସୁଥିବା ଏକ ବାଇକ୍ (ଓଡି ୦୨ ଏଆର୍ ୭୦୮୩) ଦ୍ରୁତଗତିରେ ଆସି ସୁକାନ୍ତିଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଝିଟିକି ପଡ଼ି ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ନିମାପଡ଼ା ମେଡିକାଲକୁ ନେଇ ଚିକିତ୍ସା କରାଇ ଘରକୁ ଆଣିଥିଲେ। ହେଲେ ଗୁରୁବାର ଅପରାହ୍ନ ୨ଟା ବେଳକୁ ବୃଦ୍ଧାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପୁନଶ୍ଚ ନିମାପଡ଼ା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ଚାଳକ ଜଣଙ୍କ ଗୋପ ଥାନା ଅଧୀନ ବୀରତୁଙ୍ଗ ଗ୍ରାମର ବୋଲି ପ୍ରିୟଲତା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ବାସୁଦେବ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଚାରିଛକ,୨୦।୨(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ଆଲୁଦଣ୍ଡାପାଟଣା ଗ୍ରାମରେ ବାସୁଦେବ ପୀଠରେ ୫ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସାମାଜିକ କର୍ମୀ ଭାଗିରଥି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞ ପାଇଁ ନିକଟସ୍ଥ ପ୍ରାଚୀନଦୀରୁ ସ୍ୱତନ୍ତ୍ର ନୀତିନିୟମ ଅନୁସାରେ ନାମ କୀର୍ତ୍ତନ, ଘଣ୍ଟ ପଖୋଜ, ଚାଇ ନାଗା ନୃତ୍ୟ ପ୍ରୋସେଶନରେ ୨୦୦ରୁ ଊର୍ଦ୍ଧ୍ୱ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ନବଘନ ବେହେରା ଓ କର୍ତ୍ତି ଭାବେ ମଞ୍ଜୁଲତା ବେହେରା ଯଜ୍ଞ ପୂଜାରେ ବସିଥିଲେ। ସାରା ବିଶ୍ୱର ମଙ୍ଗଳକାମନା ଏହି ବିଶଶାନ୍ତି ଯଜ୍ଞର ଉଦ୍ଦେଶ୍ୟ ବୋଲି ପଣ୍ଡିତ ଅମୂଲ୍ୟ କୁମାର ମିଶ୍ର କହିଥିଲେ। କାର୍ଯ୍ୟକ୍ରମର ତୃତୀୟ ଦିନରେ ନିରାଶ୍ରୟ ଗରିବ ମହିଳାଙ୍କୁ ଅନ୍ନ, ବସ୍ତ୍ର, ଦକ୍ଷିଆ ପ୍ରଦାନ କରାଯାଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ଦିନ ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରିତ ବ୍ରାହ୍ମଣ, ସାଧୁସନ୍ଥ, ବୈଷ୍ଣବ ଅନ୍ନ, ବସ୍ତ୍ର ଓ ଦକ୍ଷିଣା ପାଇ ଆୟୋଜକଙ୍କୁ ଆଶୀର୍ବାଦ ଦେଇଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞ ପଣ୍ଡିତ ମିଶ୍ର ଓ ତାଙ୍କ ଟିମ୍ ଯଜ୍ଞ ପୂଜା କରିଥିବାବେଳେ ମନ୍ଦିର ପୂଜକ ଅମୀୟ ପଣ୍ଡା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରତିଦିନ ସନ୍ଧ୍ୟା ସମୟରେ ପ୍ରବଚନ ସହିତ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବାସୁଦେବ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ପୂଜାର୍ଚ୍ଚନା କରାଯାଉଛି।

## ନିଜ ଅଞ୍ଚଳ ଉପରେ ନଜର ରଖିବେ ବିଡିଓ, ତହସିଲଦାର

- ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ବିଇଓଙ୍କ ସ୍ୱତନ୍ତ୍ର ବୈଠକ
- ୫ କେନ୍ଦ୍ରରେ ୯୨୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ

ଅସ୍ତରଙ୍ଗ,୨୦।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହେବ। ଏଥିନେଇ ଅସ୍ତରଙ୍ଗ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ ଓ ସୁପରିଚାଳନା ପାଇଁ ଗୁରୁବାର ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ବସିଥିଲା। ଚଳିତବର୍ଷ ବ୍ଲକର ୫ ପରୀକ୍ଷା କେନ୍ଦ୍ର ମଧ୍ୟରେ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରାରେ ୨୬୭ ପରୀକ୍ଷାର୍ଥୀ, ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୫, ପାଟଳଦା ଉଚ୍ଚ ବିଦ୍ୟାଳୟରେ ୧୬୨, ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦରରେ ୧୮୭ ଓ ଜନତା ହାଇସ୍କୁଲ ବନ୍ତିଲୋରେ ୧୧୧ ଜଣ ପରୀକ୍ଷାର୍ଥୀ ଥିବାବେଳେ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କ ପୌରୋହିତ୍ୟରେ ସମସ୍ତ ପରୀକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ତଥା ପରିଚାଳକ, ଉପନିୟନ୍ତ୍ରକ, ପର୍ଯ୍ୟବେକ୍ଷକ ଓ ପ୍ରଶ୍ନପତ୍ର ବିତରକ ଉପସ୍ଥିତ ଥିଲେ। କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ଯେଭଳି କୌଣସି ସମସ୍ୟା ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦେବା ସହ ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବା, ସମ୍ପୂର୍ଣ୍ଣ ସରକାରୀ ନୀତି ନିୟମରେ ପରୀକ୍ଷା ପରିଚାଳନା କରିବା, ପ୍ରତ୍ୟେକ କେନ୍ଦ୍ରରେ ଠିକ୍ ସମୟରେ ପ୍ରଶ୍ନପତ୍ର ପହଞ୍ଚାଇବା ଏବଂ ଉତ୍ତର ପତ୍ର ସଂଗ୍ରହ କରିବା ଆଦି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କରାଯିବା ନେଇ ଯତ୍ନବାନ୍ ହେବାକୁ ପରାମର୍ଶ ଦିଆଯାଇଛି। ଅପରପକ୍ଷେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷାରେ ଯେଭଳି କୌଣସି ତ୍ରୁଟି ନ ରୁହେ, ତା’ ଉପରେ କଡ଼ା ନଜର ରଖିବାକୁ ନିଜ ଅଞ୍ଚଳର ପରୀକ୍ଷା ପରିଚାଳନା ଦାୟିତ୍ୱ ବିଡିଓ ଓ ତହସିଲଦାର ଦେଖିବେ।

## ଝିଅକୁ ଦେହ ବ୍ୟବସାୟରେ ଲିପ୍ତ କରିଥିଲେ ଧରମ ମା’

### ୧୨ ଗିରଫ

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

ଦେହ ବ୍ୟବସାୟରେ ଲିପ୍ତ ଥିବା ଏକ ଗ୍ୟାଙ୍ଗ ଓ ଗ୍ରାହକଙ୍କୁ ଗିରଫ କରିଛି ପୁରୀ ପୋଲିସ। ଉକ୍ତ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ମୋଟ ୧୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ କିଙ୍ଗପିଙ୍ଗ ମହିଳା ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ନରଣପୁରର ରଞ୍ଜୁଲତା ଦାଶ, ପ୍ରଦୀପ୍ତ ଦାସ, ପଲଙ୍କ ଗ୍ରାମର ମାଧବ ମହାରଣା, ବେଢାସୁନ୍ଦର ଗ୍ରାମର ଚନ୍ଦ୍ରକାନ୍ତ ପୂଜାରୀ, ସୁଦାମ ପରିଡା, ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ତୋଟା ବେହେରା ସାହିର ଭଗବାନ ମହାନ୍ତି, କଣାସ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ସାନବିନ୍ଧଣ ଗ୍ରାମର ମାନସ ନାୟକ, ପୁରୀ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡଶଙ୍ଖ ଅଞ୍ଚଳର ସଞ୍ଜୟ କୁମାର ପରିଡା, ଦରଜିପୋଖରୀ ଛକ ଅଞ୍ଚଳର ବିଜୟ କୁମାର ଦାସ, ବଳିଆପଣ୍ଡା ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିର ଅରୁ ସାହୁ, ନାଳି ପଡିଆ ଅଞ୍ଚଳର ବିଶ୍ୱଜିତ୍ ପ୍ରଧାନ ଏବଂ ମୟୂରଭଞ୍ଜ ଜିଲାର ମନୋଜ ମୁଖୀ। ପୋଲିସ ଏନେଇ ତାଳବଣିଆ ଥାନାରେ ଏକ କେସ୍ (ନଂ. ୨୩/୨୫) ରୁଜୁ କରିଥିବା ଗୁରୁବାର ଖବରଦାତା ସମ୍ମିଳନୀରେ ଏସ୍‌ପି ବିନିତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଗତ ଜାନୁଆରୀ ୧୮ରେ ତାଳବଣିଆ ଥାନାରେ ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏକ ମାମଲା (ନଂ. ୧୦/୨୫) ରୁଜୁ କରି ତାଳବଣିଆ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସମ୍ପୃକ୍ତ ନାବାଳିକା ଶାରୀରିକ ଶୋଷଣ ହୋଇଥିବା ଜଣାପଡିଥିଲା। ଅତୀତ ଉକ୍ତ ନାବାଳିକା ଜଣେ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ସେହି ମହିଳା ଜଣଙ୍କ ନାବାଳିକାକୁ ଧରମ ଝିଅ ଭାବେ ଆଣି ରଖିଥିଲେ। ପରେ ସେ ନାବାଳିକାଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରାଇଥିଲେ। ପରବର୍ତ୍ତୀ ସମୟରେ ମହିଳା ଉକ୍ତ ନାବାଳିକାଙ୍କ ମା’ ଏବଂ ସାନ ଭଉଣୀଙ୍କୁ ପୁରୀ ଆଣି ନିଜ ପାଖରେ ରଖିଥିଲେ। ପରେ ସେ ଦୁଇଜଣଙ୍କୁ ବେଆଇନ କାର୍ଯ୍ୟ କରିବାକୁ ବାଧ କରିଥିଲେ। ଯେଉଁସବୁ ଲଜ୍‌ରେ ଏଭଳି କାମ ହୋଇଛି ସେଗୁଡିକୁ ତଦନ୍ତ ପରିସରଭୁକ୍ତ କରାଯାଇଛି।



ଗିରଫ ଅଭିଯୁକ୍ତମାନେ।

## ବସ୍‌ଭଡ଼ା ଛାଡ଼, ରିହାତି ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

ନିମାପଡ଼ା,୨୦।୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)




ଅନେକ ଛାତ୍ରୀଛାତ୍ର ରାସ୍ତା ଅବରୋଧ କରି ବିକ୍ଷୋଭ କରୁଛନ୍ତି।

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗୁରୁବାର ନିମାପଡ଼ା ଦୋଳବେଦୀ ଛକଠାରେ ରାସ୍ତାରୋକୋ ଆନ୍ଦୋଳନ କରିଛନ୍ତି। ଫଳରେ ପିପିଲି-କୋଣାର୍କ ମୁଖ୍ୟରାସ୍ତା ଦୀର୍ଘ ୨ ଘଣ୍ଟାରୁ ଅଧିକ ସମୟ ଧରି ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଥିଲା। ବିଭିନ୍ନ ସରକାରୀ ବେସରକାରୀ କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ‘ମୋ ବସ୍’ରେ ଯାତାୟାତ ପାଇଁ ବସ୍‌ଭଡ଼ା ସମ୍ପୂର୍ଣ୍ଣ ଛାଡ଼, ଘରୋଇ ବସ୍‌ରେ ୭୫% ଭଡ଼ା ରିହାତି, ନିମାପଡ଼ାରୁ ପୁରୀ ଭାୟା ବଳଙ୍ଗା ଓ ଭୁବନେଶ୍ୱରରୁ ଅସ୍ତରଙ୍ଗ ଭାୟା କାକଟପୁର ରୁଟ୍‌ରେ ମୋ ବସ୍ ଚଳାଚଳର ସୁବ୍ୟବସ୍ଥା କରାଯିବା ଦାବିରେ ଏହି ଆନ୍ଦୋଳନ ହୋଇଥିଲା। ଦାବି ସମ୍ପର୍କରେ କଲେଜ ଛାତ୍ରୀଛାତ୍ର ଗତ କିଛି ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ପୁରୀ ଜିଲାପାଳ, ସିଆର୍‌ୟୁଟି ଆଦି କର୍ତ୍ତୃପକ୍ଷଙ୍କୁ ଲିଖିତ ଅବଗତ କରିଥିଲେ ମଧ୍ୟ ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରଶାସନ ଛାତ୍ରୀଛାତ୍ରଙ୍କ ଦାବିକୁ ଅଣଦେଖା କରିଥିବାରୁ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ବାଧହୋଇ ନ୍ୟାଯ୍ୟ ଦାବି ହାସଲ ପାଇଁ ରାସ୍ତାକୁ ଓହ୍ଲାଇଥିବା ବହୁ ଛାତ୍ରନେତା, ଛାତ୍ରୀଛାତ୍ର ଆନ୍ଦୋଳନସ୍ଥଳରେ କହିଛନ୍ତି। ଖବର ପାଇ ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ବାମଦେବ ସ୍ୱାଇଁ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଆଲୋଚନା କରି ଦାବିପତ୍ରକୁ ବିଭିନ୍ନ ମନ୍ତ୍ରୀ, ରାଜ୍ୟ ଓ ଜିଲା ପ୍ରଶାସନ, ପରିବହନ ବିଭାଗ, ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବା ସହ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବାକୁ ଅନୁରୋଧ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ନିମାପଡ଼ା କଲେଜ ଛାତ୍ରନେତା ପପୁ ରାଉତ, ଶାଶ୍ୱତ ନନ୍ଦ, ସାଗର ପ୍ରଧାନ, ସୋନାଲି ପ୍ରଧାନ, ରେସ୍‌ମି ବେଗମ, ପୁଷ୍ପଲତା ଦଳାଇ, ପୃଥ୍ୱୀରାଜ ବେହେରା, ଅବିନାଶ ନାୟକ, ପ୍ରେମରଞ୍ଜନ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଆଗାମୀ ୧୦ ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ଛାତ୍ର ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଆନ୍ଦୋଳନରତ ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି।

# ଅଂଶୁଘାତଜନିତ ମୃତ୍ୟୁ ହାର ଶୂନ ଲକ୍ଷ୍ୟ

**କଟକ,୨୦।୨(କାର୍ତ୍ତିକ ସାହୁ)**




ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ।

## ଗ୍ରୀଷ୍ମପ୍ରବାହର ସଫଳ ମୁକାବିଲା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

କଟକ ଜିଲାରେ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରି ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନଙ୍କ ଆଦେଶନାମା ଅନୁଯାୟୀ ଅଂଶୁଘାତର ମୁକାବିଲା ପାଇଁ ସମ୍ପୃକ୍ତ ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ କହିଛନ୍ତି। ଜିଲାରେ ଅଂଶୁଘାତଜନିତ ମୃତ୍ୟୁହାରକୁ ଶୂନରେ ସୀମିତ ରଖିବା ଜିଲା ପ୍ରଶାସନର ମୂଳଲକ୍ଷ୍ୟ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

ଜିଲା କାର୍ଯ୍ୟାଳୟର ଜରୁରିକାଳୀନ ଉପବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ଅଂଶୁଘାତ ମୁକାବିଲା କାର୍ଯ୍ୟ କରିବା ସହ ସମସ୍ତ ପୌର ପରିଷଦ, ଜିଲା ମୁଖ୍ୟ ଚିକିତ୍ସାଳୟ, ବ୍ଲକ, ତହସିଲ, ଜିଲା ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଟିପିସିଓଡିଏଲ୍ ଆଦି କାର୍ଯ୍ୟାଳୟରେ ଅନୁରୂପ ଭାବେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ନଳକୂପଗୁଡ଼ିକୁ ସଚଳ କରିବା ନିମନ୍ତେ ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ତଥା ୱାଟକୋ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓମାନେ ନଳକୂପ ମରାମତି ସମ୍ପର୍କରେ ବୈଠକ ଡାକି ଆବଶ୍ୟକ ସରଞ୍ଜାମ ମହଜୁଦ ରଖିବା, ଟ୍ୟାଙ୍କର ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଇବା ଓ ଗ୍ରାମଗୁଡ଼ିକରୁ ପାନୀୟଜଳ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ସହ ତଥ୍ୟ ଜିଲା କାର୍ଯ୍ୟାଳୟକୁ ପ୍ରେରଣ କରିବାକୁ ଆଦେଶ ଦିଆଯାଇଛି।

ପଞ୍ଚାୟତ ପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ପ୍ରମୁଖ ସ୍ଥଳରେ ଜଳଛତ୍ର ବ୍ୟବସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରରେ ଥିବା ୱାଟର କୁଲରଗୁଡ଼ିକୁ ନିୟମିତ ଯାଞ୍ଚ କରାଯାଇ ସେଗୁଡିକର ଚଳକ୍ଷମ ପ୍ରତି ଧ୍ୟାନ ଦିଆଯିବ। ଗ୍ରୀଷ୍ମପ୍ରବାହ ସମୟରେ ଲୋଭୋଲ୍‌ଟେଜ୍ ଓ ବିଦ୍ୟୁତ୍ ସରବରାହ ସମସ୍ୟା ପ୍ରତି ଧ୍ୟାନଦେବାକୁ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି।

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ସମୟ ନିର୍ଘଣ୍ଟ ସ୍ଥିର କରିବା ସହ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା ସମ୍ବନ୍ଧରେ ପଦକ୍ଷେପ ନେବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକମାନେ କାର୍ଯ୍ୟ ବନ୍ଦ କରିବା, କାର୍ଯ୍ୟସ୍ଥଳୀରେ ପାନୀୟଜଳ ଓ ବିଶ୍ରାମସ୍ଥଳୀ ବ୍ୟବସ୍ଥା କରିବାକୁ ଜିଲା ଶ୍ରମ ଅଧିକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ପରାମର୍ଶ ଦିଆଯାଇଛି।

ଡାକ୍ତରଖାନାଗୁଡିକରେ ଜୀବନ ରକ୍ଷାକାରୀ ଔଷଧ, ବରଫ ପ୍ୟାକେଟ, ଓଆର୍‌ଏସ୍ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା ସହ ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ଉପସ୍ଥିତ ରହିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଅଂଶୁଘାତ ରୋଗୀଙ୍କୁ ସ୍ଥାନାନ୍ତର ନିମନ୍ତେ ଆମ୍ବୁଲାନ୍ସକୁ ସର୍ବଦା ପ୍ରସ୍ତୁତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଆଦେଶ ମୁତାବକ କୌଣସି ବ୍ୟକ୍ତିଙ୍କର ଅଂଶୁଘାତଜନିତ ମୃତ୍ୟୁ ଘଟିଲେ ତହସିଲଦାର/ଅତିରିକ୍ତ ତହସିଲଦାର/ମେଡିକାଲ ଅଫିସର/ସିଡିଏମ୍‌ଓଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀ ଓ ସମ୍ପୃକ୍ତ ଅଞ୍ଚଳ ଥାନାର ଭାରପ୍ରାପ୍ତ ଅଧିକାରୀ ଯୁଗ୍ମ ଭାବରେ ତଦନ୍ତ କରିବେ। ଏଥିସହ ଉକ୍ତ ଅନୁସନ୍ଧାନର ତଦନ୍ତ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ଜିଲା କାର୍ଯ୍ୟାଳୟକୁ ପ୍ରେରଣ କରିବେ।

ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦିବ୍ୟଲୋଚନ ମହନ୍ତ, ସଦର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ଆର୍‌ଟିଓ ବିରଞ୍ଚି ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ଜରୁରିକାଳୀନ ଅଧିକାରୀ ସୁଶ୍ରୀ ନିଷ୍ଠା ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭୂମିହୀନ ଆଦିବାସୀଙ୍କୁ ଘରଡିହ ପଟ୍ଟା ଦିଆଯାଉ

**ଚୌଦ୍ୱାର,୨୦।୨(ଆଶୁତୋଷ ଦାସ)**

ଦୀର୍ଘବର୍ଷ ଧରି ବାସ କରୁଥିବା ଭୂମିହୀନ ଅଦିବାସୀ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ, ଆବାସ ଯୋଜନାରେ ସାମିଲ କରିବା ଦାବିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଆମ୍ବିଲିଝରି ଗ୍ରାମରେ ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ତହସିଲ ଅଞ୍ଚଳରେ ଦୀର୍ଘବର୍ଷ ଧରି ବାସ କରୁଥିବା ଆଦିବାସୀଙ୍କୁ ଜମି ଯୋଗାଇ ଦିଆ ନ ଯାଇ ଚଞ୍ଚକତା କରି ଅନେକ ପଦାଧିକାରୀ, ସାମାଜିକ କର୍ମୀ ଓ ଜମି ମାଫିଆଙ୍କୁ ସରକାର ଜମି ଯୋଗାଇ ଦେବା ସହ ପଟ୍ଟା ମଧ୍ୟ ଦେଇଛନ୍ତି। ଫଳରେ ବିଭିନ୍ନ ସମୟରେ ଆଦିବାସୀ ପରିବାରକୁ ହଇରାଣ ହେବାକୁ ପଡୁଛି। ଏହି ପ୍ରଭବାଶାଳୀ ବ୍ୟକ୍ତିଙ୍କଠାରୁ ଜମିପଟ୍ଟା ଅଣାଯାଇ ଆଦିବାସୀ ଲୋକମାନଙ୍କୁ ଦେବା ପାଇଁ ଦାବି ହୋଇଛି। ଦାବିପୂରଣ ନ ହେଲେ ବହୁ ଆଦିବାସୀ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବେ ବୋଲି ସଭାରେ ଘୋଷଣା କରାଯାଇଥିଲା। କୃଷକନେତା ରମେଶ ବେହେରା, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝୀ, ସନ୍ତୋଷ କଳା, ମୁକୁନ୍ଦ କୁଇଁକେଲ ପ୍ରମୁଖ ସଭା ପରିଚାଳନା କରିଥିଲେ। ସୁନାରାମ ହେମ୍ବ୍ରମ, ନରେନ୍ଦ୍ର ହେମ୍ବ୍ରମ, ଗୋଲକ ଚନ୍ଦ୍ର ମହନ୍ତ, ପ୍ରତାପ ବାନରାଙ୍କ ସମେତ ଅନେକେ ବକ୍ତବ୍ୟ ରଖିଥିଲେ। ଏହି ଆନ୍ଦୋଳନକୁ ସମର୍ଥନ କରି ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପୁଷ୍ପା ଦାଶ, ଜୟକିଶୋର ସିଂ, ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶ, ବିଷ୍ଣୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ବହୁ ଆଦିବାସୀ ଯୋଗଦେଇଥିଲେ।

# 'ପରମାତ୍ମାଙ୍କ ସହିତ ଯୋଡ଼ି ହେଲେ ଦିବ୍ୟ ଆନନ୍ଦ ମିଳେ'




ଉଦ୍‌ଘାଟନୀ କାର୍ଯକ୍ରମରେ ଅତିଥି ଓ ଅନ୍ୟମାନେ।

**ଫୁଲନଖରା,୨୦।୨(ସତ୍ୟରଞ୍ଜନ ଦାସମହାପାତ୍ର)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଫୁଲନଖରା ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବରର ଶାନ୍ତି ସଦ୍‌ଭାବନା ସଭାଗୃହର ଉପର ମହଲାରେ ଶିବଜ୍ୟୋତି ଦର୍ଶନ ଆଧ୍ୟାତ୍ମିକ ଆର୍ଟ ଗ୍ୟାଲେରି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ବିଶ୍ୱଶାନ୍ତି ଭବନର ଭୂମି ପୂଜନ କରାଯାଇଛି। ଉକ୍ତ ସଂସ୍ଥାର ଅତିରିକ୍ତ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଜୟନ୍ତୀ ଦିଦି ଉଦ୍‌ଘାଟନ କରିଥିଲେ। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ପରମାତ୍ମାଙ୍କ ଆଶୀର୍ବାଦ ବିଷୟରେ ଆଲୋଚନା କରିଥିଲେ। ସେହିପରି ପୂର୍ବତନ ଡିଜିପି ପ୍ରକାଶ ମିଶ୍ର କହିଥିଲେ, ମନୁଷ୍ୟ ମୃଗତୃଷ୍ଣା ପଛରେ ଧାଇଁ ଧାଇଁ ଚିନ୍ତାଗ୍ରସ୍ତ ହୋଇପଡିଛି। ତେଣୁ ପରମାତ୍ମାଙ୍କ ସହିତ ଯୋଡ଼ି ହେଲେ ଚିନ୍ତାରୁ ମୁକ୍ତି ମିଳିବା ସହ ଦିବ୍ୟ ଆନନ୍ଦ ପ୍ରାପ୍ତ ହେବ। ସଂସ୍ଥାର କଟକ ଉପକ୍ଷେତ୍ରୀୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. କମଲେଶ ଆଶୀର୍ବଚନ ଦେଇଥିଲେ। ବ୍ରହ୍ମାକୁମାରୀ ସୁଲୋଚନା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଅତିଥି ଭାବେ ଜିନ୍ଦଲ ଲାଇଫ୍ ଷ୍ଟାଇଲ୍‌ର ଏମ୍‌ଡି ଦୀପିକା ଜିନ୍ଦଲ, ଅଷ୍ଟ୍ରେଲିଆ ନିବାସୀ ବ୍ରହ୍ମାକୁମାରୀ ଜସ୍ମିନୀ, ବ୍ରହ୍ମାକୁମାରୀ ବିମଳା ଦିଦି ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ଅସ୍ମିତା ମଞ୍ଚ ପରିଚାଳନା କରିଥିବାବେଳେ ବ୍ରହ୍ମାକୁମାର ନଥମଲ ଭାଇ ଧନ୍ୟବାଦ ଦେଇଥିଲେ। ବ୍ରହ୍ମାକୁମାର ପ୍ରହ୍ଲାଦ ଭାଇ, ମୋହନ ଭାଇ, ବଂଶୀଧର ଭାଇ, ଦେବବ୍ରତ ଭାଇ, ଭ୍ରାତା ଅରବିନ୍ଦ ଢାଲି, ବ୍ରହ୍ମାକୁମାର ଗୋପାଳ ଭାଇ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ସମେତ ଭାରତର ବିଭିନ୍ନ ପ୍ରଦେଶରୁ ବହୁ ବୁଦ୍ଧିଜୀବୀ, ବ୍ରହ୍ମାକୁମାରୀ, ବ୍ରହ୍ମାକୁମାରମାନେ ଯୋଗଦେଇଥିଲେ। କୁମାରୀ ଜାଗୃତି ନୃତ୍ୟ କରିଥିବାବେଳେ ବ୍ରହ୍ମାକୁମାରୀ ନିବେଦିତା, ଅନୁପମା, ସୁଧୀର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

# ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ନିଆଳି,୨୦।୨(ସୁକାନ୍ତ କୁମାର ସିଂହ)**

ନିଆଳି କୋର୍ଟଛକ ନିକଟରେ ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ମହୁଖଣ୍ଡା ଗ୍ରାମର ପ୍ରେମାନନ୍ଦ ତ୍ରିପାଠୀ। ସେ ନିଆଳି ଥାନା ନିକଟରୁ ବାଇକ୍‌ରେ ଯାଉଥିବାବେଳେ ପଛରୁ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯିବାରୁ ହାଇୱା ତାଙ୍କ ଉପରେ ମାଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିଆଳି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଚାଳକ ହାଇୱା ନେଇ ଦ୍ରୁତଗତିରେ ପଳାଇ ଯାଉଥିବାବେଳେ ଲୋକମାନେ ଗୋଡାଇ ଗୋଡାଇ ମଝିଖଣ୍ଡ ଛକଠାରେ ତାହାକୁ ଅଟକାଇଥିଲେ। ପରେ ପୋଲିସ ଉକ୍ତ ହାଇୱା ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ନିଆଳି ଅଞ୍ଚଳରେ ବାଲି ଚୋରାଚାଲାଣ ହେଉଛି। ଫଳରେ ଅଧିକାଂଶ ହାଇୱା ଦ୍ରୁତଗତିରେ ଯାତାୟତ କରିବା ଦ୍ୱାରା ଦୁର୍ଘଟଣା ଘଟୁଛି। ତୁରନ୍ତ ଏଥିପ୍ରତି ନିଆଳି ପୋଲିସ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ: ଡ୍ରିମ୍‌ସ ଚାମ୍ପିୟନ



ଚାମ୍ପିୟନ ଖେଳାଳିଙ୍କୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭିନନ୍ଦନ ଜଣାଉଛନ୍ତି।

**କଟକ,୨୦।୨(କାର୍ତ୍ତିକ ସାହୁ)**

ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଚାମ୍ପିୟନ୍ ହୋଇଛି। ଏହି ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଟ୍ରାଇଡେଣ୍ଟ ଦ୍ୱିତୀୟ ପର୍ଯ୍ୟାୟରେ କିଟ୍ ବିଶ୍ୱବିଦ୍ୟାଳୟକୁ ୨-୦ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି ଓ ରିସର୍ଚ୍ଚ (ଓୟୁଟିଆର)କୁ ୩-୧ ସେଟ୍‌ରେ ହରାଇ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଚାମ୍ପିୟନ୍ ହୋଇଛି। ଏହାପୂର୍ବରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ୍ ଟୁର୍ନାମେଣ୍ଟରେ ମଧ୍ୟ ଡ୍ରିମ୍‌ସ ଚାମ୍ପିୟନ୍ ହୋଇଥିଲା। ତେବେ ଟୁର୍ନାମେଣ୍ଟରେ କ୍ରମାଗତ ବିଜୟ ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ବିଜୟୀ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କ୍ୟାପ୍‌ଟେନ୍ ବିଶ୍ୱରଞ୍ଜନ ପ୍ରଭଞ୍ଜନ ଦାସଙ୍କ ନେତୃତ୍ୱରେ ଡ୍ରିମ୍‌ସ ଭଲିବଲ୍ ଟିମ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା।

# ୱେବ୍ ପୋର୍ଟାଲ ସମ୍ପାଦକଙ୍କ ନାଁରେ ମାମଲା

## ବାରବାଟୀ କ୍ରିକେଟ ମ୍ୟାଚ୍ ଟିକେଟ ବିକ୍ରିର ମିଥ୍ୟା ଖବର ପରିବେଷଣ ଅଭିଯୋଗ

**କଟକ,୨୦।୨(କାର୍ତ୍ତିକ ସାହୁ)**

ବାରବାଟୀ କ୍ରିକେଟ ମ୍ୟାଚ୍ ଟିକେଟ ବିକ୍ରି ପ୍ରସଙ୍ଗରେ ମିଥ୍ୟା ଖବର ପରିବେଷଣ କରିବା ଅଭିଯୋଗରେ ଚାଉଳିଆଗଞ୍ଜ ଥାନାରେ ଏକ ମାମଲା ରୁଜୁ ହୋଇଛି। ୱେବ୍‌ପୋଟାଲ ସମ୍ପାଦକ ସୁଧାଂଶୁ ଶେଖର ରାଉତ, ଅନ୍ୟ ୩ ପ୍ରତିନିଧି ରୁଦ୍ରାଶିଷ ନାଥ, ଦୀପକ ଆଚାର୍ଯ୍ୟ ଏବଂ ପ୍ରିୟବ୍ରତ ପଟ୍ଟନାୟକ ସାମିଲଙ୍କ ନାମରେ ମାମଲା ରୁଜୁ ହୋଇଛି। ବରିଷ୍ଠ ସାମ୍ବାଦିକ ଦୀପେଶ ମହାପାତ୍ର ଏନେଇ ଥାନାରେ ଏତଲା ଦେଇଛନ୍ତି। ବିନା ତଥ୍ୟ ପ୍ରମାଣ ଆଧାରରେ ମିଥ୍ୟା ଓ ଅରୁଚିକର ଖବର ପରିବେଷଣ କରି ସାମାଜିକ ଗଣମାଧ୍ୟମରେ ବାରମ୍ବାର ତାଙ୍କ ଚରିତ୍ର ସଂହାର କରି ଜୀବନ ହାରିଦେବା ପାଇଁ ବାଧ କରିଥିବା ମହାପାତ୍ର ଏତଲାରେ ଦର୍ଶାଇଛନ୍ତି। ପୋଲିସ ଏହି ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୨୯୪(୨)ଏ, ୩୫୬(୨), ୩୫୬(୩), ୩୫୬(୪), ୩୫୧ରେ(୨), ୨୯୬ରେ ଏକମାମଲା (ନଂ.୬୭/୨୫) ରୁଜୁକରିଛି।

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

**କଟକ,୨୦।୨(ଶିଳ୍ପା ପ୍ରିୟଦର୍ଶିନୀ)**

## କିଟ୍ ଛାତ୍ରୀ ମୃତ୍ୟୁ ଘଟଣା

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍) ବିଶ୍ୱବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟଣା ଓ ନେପାଳୀ ଛାତ୍ରୀଛାତ୍ରଙ୍କ ଉପରେ ହୋଇଥିବା ଅତ୍ୟାଚାର ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଟକ ନଗର ଯୁବ କଂଗ୍ରେସ ପକ୍ଷରୁ ଦାବି ହୋଇଛି। କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କ ଉଦ୍ଦେଶ୍ୟରେ ସିନ୍ଦେଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଉକ୍ତ ଦାବିପତ୍ର ଗ୍ରହଣ କରି ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ପଠାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନବେଳେ ଜିଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ଅଶୋକ ସ୍ୱାଇଁ, ସମ୍ପାଦକ ରାଜୀବ ମହାନ୍ତି, ପ୍ରଭାସ ଜେନା, ଚନ୍ଦ୍ରକାନ୍ତ ଖଟୁଆ, ସତ୍ୟଜିତ୍ ଦାସ, ଦିଲ୍ଲୀପ ପାତ୍ର, ଶିବ ଅଗ୍ରୱାଲ, ଆଶୁତୋଷ ରାଉତ, ସପନ ପାଲ୍, ମିଟୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମିଥ୍ୟା ମାମଲା ପ୍ରତ୍ୟାହାର ଦାବିରେ ସତ୍ୟାଗ୍ରହ

**କଟକ,୨୦।୨(ଶିଳ୍ପା ପ୍ରିୟଦର୍ଶିନୀ)**

ମହାତ୍ମା ଗାନ୍ଧୀଙ୍କ ବାବଦରେ ଝାରସୁଗୁଡାସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପରିସରରେ ଗତ ଡିସେମ୍ବର ୧ରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଦିଲ୍ଲୀର ବରିଷ୍ଠ ଖବରଦାତା ରାହୁଲ ଦେବ ଯୋଗଦେଇ ଗାନ୍ଧୀ ହତ୍ୟାରେ ଅଭିଯୁକ୍ତ ବ୍ୟକ୍ତିଙ୍କ ବାବଦରେ ଆଲୋଚନା କରିଥିଲେ। ଏହି ଚର୍ଚ୍ଚାର ଦୁଇମାସ ପରେ ସୋସିଆଲ ମିଡିଆ ସୂତ୍ରରୁ ଖବରପାଇ ଝାରସୁଗୁଡ଼ାର କିଛି ନ୍ୟସ୍ତସ୍ୱାର୍ଥ ସାମ୍ପ୍ରଦାୟିକ ଗୋଷ୍ଠୀ ପଶ୍ଚିମାଞ୍ଚଳ ପୋଲିସ ଆଇଜିଙ୍କୁ ରାହୁଲ ଦେବ, ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଗାନ୍ଧୀବିଚାରର ସଂସ୍ଥା ଗାନ୍ଧୀ ବିଚାର ମଞ୍ଚର କର୍ମକର୍ତ୍ତା ମେହେବୁବ ମେହତାବ ଓ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ତପନ ବାରିକଙ୍କ ବିରୋଧରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଇଜି ଏହି ଘଟଣାରେ ହସ୍ତକ୍ଷେପ ପୂର୍ବକ ଅଭିଯୋଗ ହୋଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଝାରସୁଗୁଡା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଗାନ୍ଧୀବିଚାରର ବ୍ୟକ୍ତିଙ୍କ ବିରୋଧରେ ରାଷ୍ଟ୍ର ବିରୋଧରେ ଷଡ଼ଯନ୍ତ୍ର ଭଳି ଜଘନ୍ୟ ମାମଲାମାନ ଗତ ଫେବୃଆରୀ ୭ରେ ଦାୟର କରାଯାଇଥିଲା। ଏନେଇ ଗାନ୍ଧିବାଦୀ ଗଣସଙ୍ଗଠନ ସମୂହ ପକ୍ଷରୁ କଟକ ବକ୍ସିବଜାରସ୍ଥିତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସତ୍ୟାଗ୍ରହ କରାଯାଇଥିଲା। ଏଥିସହ ସଙ୍ଗଠନର ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାରଙ୍କୁ ଭେଟି ତୁରନ୍ତ ମିଥ୍ୟା ମାମଲା ପ୍ରତ୍ୟାହାର କରିବା ସହ ପୋଲିସ ରାଜନୈତିକ ଦାଓପେଞ୍ଚରୁ ଦୂରେଇ ରହିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସଞ୍ଜୟ ଏହି ଦାବିପତ୍ର ଗ୍ରହଣ କରି ଉକ୍ତ ଘଟଣାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସତ୍ୟାଗ୍ରହ ପ୍ରତ୍ୟାହୃତ ହୋଇଥିଲା। ଏହି ସତ୍ୟାଗ୍ରହରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ଅଧ୍ୟକ୍ଷା କୃଷ୍ଣା ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ସମ୍ପାଦକ ପ୍ରଶାନ୍ତ ଦାସ, ଲୋହିଆ ଏକାଡ଼େମୀର ସମ୍ପାଦକ ଦେବ ପ୍ରସାଦ ରାୟ, ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ମାନସ ପଟ୍ଟନାୟକ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ଇପ୍‌ଟାର ସମ୍ପାଦକ ସୁଶାନ୍ତ ମହାପାତ୍ର, ସେଖ୍ ଅବଦୁଲ୍ଲା, କାଶୀନାଥ ସ୍ୱାଇଁ, ଗାନ୍ଧିବାଦୀ ଗଣ ସଂଗଠନ ସମୂହଙ୍କ ରାଜ୍ୟ ଆବାହକ ଡ. ବିଶ୍ୱଜିତ୍ ଉପସ୍ଥିତ ଥିଲେ।




କଟକ ବକ୍ସିବଜାରସ୍ଥିତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ।

## ଫଟୋ ରେ ଖବର



ବିଭିନ୍ନ ଦାବି ନେଇ କଟକ ମାଛୁଆ ବଜାରସ୍ଥିତ ଏଲ୍‌ଆଇସି ଡିଭିଜନ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି।




କଟକ ନେତାଜୀ ବସ୍ ଟର୍ମିନାଲ ସଭାଗୃହରେ ପଞ୍ଚମ କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ କଶ୍ମୀର ଯୁବତୀଯୁବକ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

# ବ୍ୟକ୍ତିର ସ୍ୱତନ୍ତ୍ର ପରିଚୟ ମାତୃଭାଷା

ମାତୃଭାଷା ମଣିଷର ଆଦ୍ୟ ପରିଚୟ, ଯାହାକୁ ଶିଖି ସେ ବଡ଼ ହୋଇଥାଏ। ପ୍ରକୃତପକ୍ଷେ ନିଜର ମାତୃଭାଷା ପାଇଁ ବ୍ୟକ୍ତିଟିଏ ସମାଜରେ ସ୍ୱତନ୍ତ୍ର ପରିଚୟ ପାଇଥାଏ। ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବାରେ ଓଡ଼ିଆ ଭାଷା ଷଷ୍ଠ ଭାଷା। ଏଥିପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବ କରନ୍ତି। ସମୟ ସହ ତାଳ ଦେଇ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଯୁଗରେ ମାତୃଭାଷା ଆଗକୁ ବଢ଼ି ଚାଲିଛି। ତେବେ ଚଳିତବର୍ଷ ହେଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ରୌପ୍ୟ ଜୟନ୍ତୀ ବର୍ଷ। ଭାଷାର ବିବିଧତା, ବହୁଭାଷିକ ଶିକ୍ଷା ଏବଂ ସ୍ୱଦେଶୀ ଭାଷାର ଶିକ୍ଷା ଓ ସଂରକ୍ଷଣକୁ ସୁଦୃଢ଼ କରିବା ଲାଗି ୟୁନେସ୍କୋ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।




### ଯେତେ ଭାଷା ଆମେ ଶିଖୁ, ମାତୃଭାଷା ହିଁ ଆମ ଅସ୍ମିତା



ମାତୃଭାଷା ପାଇଁ ଜଣେ କିପରି ପ୍ରାଣବଳି ଦେଇପାରେ- ତାହା ମନେପକେଇ ଦେବାକୁ ପ୍ରତିବର୍ଷ ୨୧ ଫେବୃଆରୀରେ ପାଳନ ହୁଏ 'ବିଶ୍ୱ ମାତୃଭାଷା ଦିବସ'। ଭାଷା ଓ ସଂସ୍କୃତିର ବିବିଧତାକୁ ବଞ୍ଚାଇ ରଖିବା ଓ ଆଗକୁ ନେବା ଏହି ଦିବସର ତାତ୍ପର୍ଯ୍ୟ। ଦାୟରେ ପଡ଼ି ଆମ ମାତୃଭାଷା ଓଡ଼ିଆ ଯେପରି ଦିନକୁ ଦିନ ଶିକ୍ଷାୟତନରେ ଓ ଗୃହାଙ୍ଗନରେ କୋଣଠେସା ହୋଇଯାଉଛି, ସେଥିପ୍ରତି ସଜାଗ ରହିବାକୁ ପ୍ରତ୍ୟେକ ଓଡ଼ିଆ ଏହି ଦିନ ଶପଥ ନେବା ଉଚିତ। ଯେତେ ଭାଷା ଆମେ ଶିଖୁ, ମାତୃ ଭାଷା ହିଁ ଆମ ଅସ୍ମିତା। ତା'ରି ସେବାରେ ଅନ୍ୟ ସବୁ ଭାଷାକୁ ନିୟୋଜିତ କରିପାରିବା ବୁଦ୍ଧିମାନ୍ ଓଡ଼ିଆଙ୍କ ଧ୍ୟେୟ ହେଉ- ଏହା ହିଁ କାମନା।

–ଡ. ହୃଷୀକେଶ ମଲ୍ଲିକ, ପ୍ରାକ୍ତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

### ପ୍ରତ୍ୟେକ ପରିବାରରେ ଗୋଟେ ଅଭିଧାନ ରହିବା ଦରକାର



ପୃଥିବୀର ପ୍ରତ୍ୟେକ ଜାତିର ଲୋକେ ସେମାନଙ୍କ ମାତୃଭାଷାକୁ ଭଲପାଆନ୍ତି ଏବଂ ମାତୃଭାଷାକୁ ନେଇ ଗର୍ବ କରନ୍ତି। କିନ୍ତୁ ପ୍ରକୃତରେ ମାତୃଭାଷାର ଶୁଦ୍ଧ ବ୍ୟବହାର ଏବଂ ମାତୃଭାଷାକୁ ବ୍ୟବହାର କରି ଗର୍ବିତ ହେବା ଦ୍ୱାରା ହିଁ ସେ ଭଲପାଇବା ପ୍ରମାଣିତ ହୋଇଥାଏ। ମୁଁ ଭାବେ ପ୍ରତ୍ୟେକ ଶିକ୍ଷିତ ପରିବାରରେ ଗୋଟେ ଅଭିଧାନ ରହିବା ଦରକାର। କାରଣ କୌଣସି ଶବ୍ଦର ବ୍ୟବହାର ନେଇ ଯଦି ସାମାନ୍ୟ ସନ୍ଦେହ ହୁଏ, ଆମେ ଅଭିଧାନର ସହାୟତା ନେଇ ସନ୍ଦେହ ଦୂର କରିପାରିବା।

–ଡ.ପ୍ରଫେସର୍ ପ୍ରସନ୍ନ କୁମାର ମହାନ୍ତି, ପୂର୍ବତନ ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନ

### ଜୀବନର ପ୍ରତିଟି ଦିନ ଆମର ମାତୃଭାଷାର ଦିନ



ଫେବୃଆରୀ ୨୧ ତାରିଖକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବରେ ପାଳନ କରାଯାଉଛି, ଓଡ଼ିଶାବାସୀଙ୍କୁ ମାତୃଭାଷା ପ୍ରତି କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ। ଆମେ ଜନ୍ମ ହେବା ଦିନରୁ ଯେଉଁ ଭାଷା ଶୁଣିଛୁ, ଯେଉଁ ଭାଷାରେ ମା'ବାପାଙ୍କର ସ୍ନେହର, ଶାସନର, ଯତ୍ନର, ଅଭିବ୍ୟକ୍ତି ଶୁଣିଛୁ, ଯେଉଁ ଭାଷାରେ ପ୍ରଥମ ଶବ୍ଦ ଉଚ୍ଚାରଣ କରିଛୁ, ସେଇ ଭାଷାକୁ ଭଲପାଇବାର ଅନୁଭୂତି ମହାର୍ଘ। ଭଲପାଇଲେ ହିଁ ଆମେମାନେ ଏହାର ସମୃଦ୍ଧି ପାଇଁ ଚେଷ୍ଟା କରିପାରିବା। ଅନ୍ୟମାନଙ୍କୁ, ଆମର ଆଖପାଖ ଲୋକଙ୍କୁ, ପରିବାରର ସଦସ୍ୟଙ୍କୁ ମନେପକାଇଦେବା ଯେ ମାତୃଭାଷାକୁ ଅସ୍ୱୀକାର କରିବାର ଅର୍ଥ ନିଜର ସାରତତ୍ତ୍ୱକୁ ଅସ୍ୱୀକାର କରିବା। ଅନ୍ୟାନ୍ୟ ଅନେକ ଭାଷାକୁ ଘୃଣା କରିବା ବା ମୂଲ୍ୟ ନ ଦେବା ଦ୍ୱାରା ମାତୃଭାଷାର ଗୌରବ ବଢ଼ିପାରିବ ନାହିଁ। ଆମେ ସବୁ ଭାଷା ଶିଖିବା, କିନ୍ତୁ ଆମର ଭାଷାକୁ ସର୍ବୋତ୍ତମ ମୂଲ୍ୟ ଦେବା, ବ୍ୟକ୍ତିଗତ, ସାମୂହିକ ଓ ସରକାରୀ ଶିକ୍ଷା ବ୍ୟବସ୍ଥାରେ ଏହାର ପ୍ରଚଳନ କିଭଳି ଭାବରେ କରିବା, ତାହା ବୁଝିବା ଓ ବୁଝାଇବା ହିଁ ଆମର କର୍ତ୍ତବ୍ୟ। ତେଣୁ ଏହି ମାତୃଭାଷା ଦିବସର ବିଶେଷ ମୂଲ୍ୟ ରହିଛି, ଯଦିଓ ଜୀବନର ପ୍ରତିଟି ଦିନ ଆମର ମାତୃଭାଷାର ଦିନ।

– ମମତା ଦାଶ, କବୟିତ୍ରୀ

### ମାତୃଭାଷା ମାଉସୀ ନୁହେଁ, ଆମ ମାଆ



ନିଜ ଭାଷାକୁ ନିଃସର୍ତ୍ତ ଭଲପାଇବା ହିଁ ବିଶ୍ୱ ମାତୃଭାଷା ଦିବସର ମୂଳଦୁଆ ହେଉ। ବର୍ତ୍ତମାନର ଯୁବପିଢ଼ିଙ୍କ ସୃଜନ ସିଲଟ ମାଟି ପିଣ୍ଡୁଳା ସଦୃଶ ମନେହୁଏ। ତାଙ୍କୁ ଯଦି ଆମେ ଏବେଠାରୁ ଆମ ସାହିତ୍ୟର ଭଣ୍ଡାରଘରକୁ ଠିକ୍ ଭାବରେ ଦେଖେଇଦେବା ହୁଏତ ସେମାନେ ନିଜ ଭାଷାକୁ ନିଜ ପ୍ରେମିକାଠାରୁ ଅଧିକ ଭଲପାଇ ବସିବେ। ହାତ ଧରି ଆଗକୁ ନେଇଯିବା ହିଁ ତ ଆମ ଦାୟିତ୍ୱ। ଆଉ ଥରେ ମନେପକେଇ ଦେବାକୁ ଚାହେଁ, ମାତୃଭାଷା ଆମ ମାଉସୀ ନୁହେଁ, ଆମ ମାଆ।

–ସୁଜିତ କୁମାର ଶତପଥୀ, ଯୁବ କବି

ରିପୋର୍ଟ–ସୌମ୍ୟରଞ୍ଜନ ରାଉତ

# ଓଡ଼ିଶାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ୪୮%

**ବିଧାନସଭା ଖବର**



ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)

ବିଶ୍ୱରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଭାରତରେ ସର୍ବାଧିକ। ଦେଶରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ୩୬% ଥିବାବେଳେ ଓଡ଼ିଶାରେ ଏହି ହାର ୪୮% ରହିଛି। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ୨୦୨୨ରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ସଡ଼କ ଦୁର୍ଘଟଣାରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ୧୩ତମ ସ୍ଥାନରେ ରହିଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ବିଜେଡିର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଲିଖିତ ପ୍ରଶ୍ନର ଉତ୍ତର ଦେଇ ପରିବହନ ମନ୍ତ୍ରୀ ଏହି ଉତ୍ତର ରଖି କହିଛନ୍ତି, ସଡ଼କ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ସେହିପରି ଭାରିଯାନ ଚାଳକମାନଙ୍କୁ ସୁବାହକ ଯୋଜନାରେ ରିଫ୍ରେସର୍ ଟ୍ରେନିଂ ଦିଆଯାଉଛି। ସଡ଼କ ଦୁର୍ଘଟଣାର ପ୍ରଥମ ପ୍ରତିକ୍ରିୟାକାରୀ ବ୍ୟକ୍ତିମାନଙ୍କୁ ସଡ଼କ ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସାର ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବା ପାଇଁ ରାଜ୍ୟରେ 'ରକ୍ଷକ' ଯୋଜନାର ପ୍ରଣୟନ କରାଯାଇଛି। ଏପର୍ଯ୍ୟନ୍ତ ୧୩ହଜାର ଜଣ ପ୍ରଥମ ପ୍ରତିକ୍ରିୟାକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜୁନିୟର ରକ୍ଷକ କାର୍ଯ୍ୟକ୍ରମ ମାଧ୍ୟମରେ ୧୧ହଜାର ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ସଡ଼କ ସୁରକ୍ଷା ଓ ପ୍ରାଥମିକ ଚିକିତ୍ସା ତାଲିମ ଦିଆଯାଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ୩୭ଟି ଇଣ୍ଟରସେପ୍ଟର ଓ ୩୮ଟି ହାଇୱେ ପେଟ୍ରୋଲ ଯାନ ମୁତୟନ କରଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୧୧ ଜିଲା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ୧୫୦,୮୪,୬୪,୦୪୮ ଟଙ୍କା ଖର୍ଚ୍ଚ କରିଛି

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ୨୦୨୪-୨୫ରେ ମୋଟ ୧୫୦ କୋଟି ୮୪ ଲକ୍ଷ ୬୪ ହଜାର ୦୪୮ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ପଶ୍ଚିମ ଓଡ଼ିଶାର ୧୧ଟି ଜିଲାରେ ଖର୍ଚ୍ଚ ହୋଇଥିବା ମୋଟ ଅର୍ଥ ମଧ୍ୟରୁ ଅନୁଗୋଳର ୨୫ ପ୍ରକଳ୍ପରେ ୨,୮୦,୦୫,୨୫୮ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ବରଗଡ଼ ଜିଲାର ୩୫୩ଟି ପ୍ରକଳ୍ପରେ ୨୯,୧୪,୪୫,୦୯୪ ଟଙ୍କା, ବଲାଙ୍ଗୀର ଜିଲାର ୧୧୨ଟି ପ୍ରକଳ୍ପରେ ୭,୯୬,୭୭,୦୪୧ ଟଙ୍କା, ବୌଦ୍ଧର ୭୫ଟି ପ୍ରକଳ୍ପରେ ୩,୩୭,୪୮,୭୨୭ ଟଙ୍କା, ଦେପଗଡ଼ର ୧୦୨ଟି ପ୍ରକଳ୍ପରେ ୬,୫୬୪୩,୧୨୧ ଟଙ୍କା, ଝାରସୁଗୁଡ଼ାର ୧୬୧ ପ୍ରକଳ୍ପରେ ୯,୩୦,୮୮,୯୨୦ଟଙ୍କା ଓ କଳାହାଣ୍ଡିର ୨୪୫ଟି ପ୍ରକଳ୍ପରେ ୧୪,୬୨,୨୩,୪୫୧ଟଙ୍କା ଖର୍ଚ୍ଚହୋଇଛି। ସେହିପରି ନୂଆପଡା ଜିଲାର ୧୭୯ଟିପ୍ରକଳ୍ପରେ ୮,୯୮,୩୭,୦୫୦ ଟଙ୍କା, ସମ୍ବଲପୁରର ୧୬୬ଟି ପ୍ରକଳ୍ପରେ ୨୮,୧୫,୦୦,୬୫୫ ଟଙ୍କା, ସୁବର୍ଣ୍ଣପୁରର ୧୮୯ ପ୍ରକଳ୍ପରେ ୧୪,୩୨,୩୧,୧୨୬ଟଙ୍କା ଏବଂ ସୁନ୍ଦରଗଡ଼ର ୫୫୯ଟି ପ୍ରକଳ୍ପରେ ୨୫,୬୦,୬୪,୫୯୮ଟଙ୍କା ଖର୍ଚ୍ଚ ହୋଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ୮ ସରକାରୀ ପ୍ରେସ୍‌ର ୫ବର୍ଷର ଆୟ ତଥ୍ୟ ରଖିଲେ ମନ୍ତ୍ରୀ

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ): ଗୋପନୀୟତା ଓ ଆର୍ଥିକ ଦୃଷ୍ଟିରୁ ବିଚାର କରି ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ରକୁ ସରକାରୀ ପ୍ରେସ୍‌ରେ ଛପାଇବା ଲାଗି ଆପାତତଃ ସରକାରଙ୍କର କୌଣସି ପ୍ରସ୍ତାବ ନାହିଁ। ବିଧାନସଭାରେ ବିଧାୟକ ଅମର ନାୟକଙ୍କ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା କଟକସ୍ଥିତ ସରକାରୀ ମୁଦ୍ରଣାଳୟ ସହିତ ୮ଟି ସରକାରୀ ଶାଖା ମୁଦ୍ରଣାଳୟ ସମସ୍ତ ସରକାରୀ କାର୍ଯ୍ୟାଳୟର ମୁଦ୍ରଣ ଆବଶ୍ୟକତା ପୂରଣ କରିଥାଏ। ଏହିସବୁ ମୁଦ୍ରଣାଳୟରୁ ଗେଜେଟ ପବ୍ଲିକେଶନ, ଡାଏରି, କ୍ୟାଲେଣ୍ଡର, ଷ୍ଟାଣ୍ଡାର୍ଡ ଫର୍ମ, ୱେଷ୍ଟ ପେପର, ସ୍କ୍ରାପ୍ ମ୍ୟାଟେରିଆଲ ଇତ୍ୟାଦି ବିକ୍ରି ବାବଦରେ ୨୦୧୯-୨୦ରେ ୬,୦୮୨୯,୦୦୦ ଟଙ୍କା ଆୟ ହୋଇଛି। ସେହିପରି ୨୦୨୦-୨୧ରେ ୪,୪୪,୬୯,୦୦୦ ଟଙ୍କା, ୨୦୨୧-୨୨ରେ ୨,୬୨,୩୭,୦୦୦ ଟଙ୍କା, ୨୦୨୨-୨୩ରେ ୬,୭୬,୦୪,୦୦୦ ଟଙ୍କା ଏବଂ ୨୦୨୩-୨୪ରେ ୨,୬୧,୪୩,୦୦୦ ଟଙ୍କା ଆୟ ହୋଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଆବଶ୍ୟକତା ଅନୁଯାୟୀ ଏହି ପ୍ରେସ୍‌ଗୁଡ଼ିକରେ ମୁଦ୍ରଣ କରାଯାଇ ବିନା ଦେୟରେ ସମସ୍ତ ଅନୁସୂଚିତ ଫର୍ମ, ରେଜିଷ୍ଟର, ରସିଦ ବହି ଇତ୍ୟାଦି ଯୋଗାଯାଇଥାଏ। କେବଳ କଟକ, ଭୁବନେଶ୍ୱର ଓ କେନ୍ଦୁଝର ମୁଦ୍ରଣାଳୟରୁ କିଛି ମୁଦ୍ରଣ କାର୍ଯ୍ୟ ବାବଦକୁ ଅର୍ଥ ସଂଗ୍ରହ କରାଯାଏ। ଅନ୍ୟାନ୍ୟ ଶାଖା ମୁଦ୍ରଣାଳୟଗୁଡ଼ିକରେ କେବଳ ଲଫାପା ଓ ଫାଇଲ ବୋର୍ଡ ବନ୍ଧେଇ କାର୍ଯ୍ୟ ସମ୍ପାଦିତ ହୋଇଥାଏ ବୋଲି ମନ୍ତ୍ରୀ କହିଛନ୍ତି।

## ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସରକାର ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ

ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା ପାଇଁ କେନ୍ଦ୍ର ସରକାରଙ୍କର କେତେକ ନିର୍ଦ୍ଦିଷ୍ଟ ମାନଦଣ୍ଡ ରହିଛି। ସେସବୁ ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଯୋଜନା ପାଇଁ ଅର୍ଥ ଆବଣ୍ଟନ ହୋଇଥାଏ। ଆଗାମୀ ଦିନରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢି ତୋଳିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି। ଗୁରୁବାର ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ଶ୍ରେଣୀ ମାନ୍ୟତା ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ମତ କ'ଣ ରହିଛି। ଏହି ମାନ୍ୟତା ପାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ପ୍ରସ୍ତାବ ରଖିବେ କି, ଯଦି ହଁ କେବେ ସୁଦ୍ଧା, ଯଦି ନା କେଉଁ କାରଣ ପାଇଁ ବୋଲି ପ୍ରସନ୍ନ ପ୍ରଶ୍ନ କରିଥିଲେ।


**ପୂର୍ବ ତଟ ରେଳପଥ**

**ସମ୍ବଲପୁର - ଅନୁଗୁଳ ଷ୍ଟେସନ ମଧ୍ୟରେ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗରେ ଲିମିଟେଡ ହାଇଟ୍ ସବ୍‌ୱେ (LHS)ର ନିର୍ମାଣ ହୋଇ ସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ନିମ୍ନଲିଖିତ 'C' ଶ୍ରେଣୀ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗକୁ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ।
ସଡ଼କ ବ୍ୟବହାରକାରୀ ଦୟାକରି ଏହି ସୂଚନାଟିକୁ ତା.28.02.2025ରିଖ ଠାରୁ ପ୍ରଭାବଯୁକ୍ତ ଭାବେ ଗ୍ରହଣ କରିବେ।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ ସଂଖ୍ୟା | LCର ରେଳବାଇ କିଲୋମିଟର | ପ୍ରହରୀଯୁକ୍ତ / ପ୍ରହରୀବିହୀନ |
|---|---|---|---|---|
| ସମ୍ବଲପୁର - ଅନୁଗୁଳ | ରେଢ଼ାଖୋଲ - ବାମୁର | ST - 45 | 77/3-4 | ପ୍ରହରୀଯୁକ୍ତ |

ସନ୍ଦର୍ଭ : କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, ରାୟଗଡ଼ାଙ୍କ ପତ୍ର ସଂଖ୍ୟା : 1149/Judl, ତା.20.06.2012ରିଖ ଅନୁଯାୟୀ।

PR-1003/P/24-25 ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ)/ସମ୍ବଲପୁର


# କଟକ, ଭୁବନେଶ୍ୱରରେ ବୈଧ କାଗଜପତ୍ର ବିନା ଚାଲୁଥିବା ୪,୫୩୪ ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି: ମନ୍ତ୍ରୀ

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ଓ କଟକ ମଧ୍ୟରେ ବୀମା ଏବଂ ଆନୁଷଙ୍ଗିକ କାଗଜପତ୍ର ନ ଥାଇ ବହୁ ଗାଡ଼ି ଚଳାଚଳ କରୁଛି। ତେବେ ଗତ ୨ବର୍ଷ ମଧ୍ୟରେ ଏଭଳି ୪୫୩୪ ଗାଡ଼ି ବିରୋଧରେ ଏମ୍.ଭି. ଆକ୍ଟର ୧୯୬ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇ ୮ଲକ୍ଷ ୬୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ସୂଚନା ଦେଇଛନ୍ତି। ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଗାଡ଼ିର ବୀମା ନ ଥିଲେ ଇ-ଡିଟେକ୍ସନ୍ ପ୍ରକ୍ରିୟାରେ ଗାଡ଼ି ମାଲିକଙ୍କ ନାମରେ ଟୋଲ୍ ଗେଟ୍‌ରେ ଇ-ଚାଲାଣ କଟାଯିବା ସହ ଆର୍‌ଟିଓ ଏବଂ ଓଏମ୍‌ଭିଡି ଅଫିସ୍‌ରଙ୍କ ଦ୍ୱାରା ଏହା ରୀତିମତ ଏନ୍‌ଫୋର୍ସମେଣ୍ଟ କରାଯାଇ ଗାଡ଼ିର ବୀମା ଚେକିଂ କରାଯାଉଛି। ବିନା ଇନ୍ସ୍ୟୁରାନ୍ସରେ ଚାଲୁଥିବା ଗାଡ଼ି ବିରୋଧରେ ଏମ୍.ଭି. ଆକ୍ଟ ଅନୁଯାୟୀ ୨ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଉଛି। ସେହିପରି ବୀମା ନ ଥିବା କାରଣରୁ ଉକ୍ତ ଗାଡ଼ି ଦୁର୍ଘଟଣାରେ ମୃତ ବା ଆହତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ରାଶି ସମ୍ପୃକ୍ତ ଗାଡ଼ି ମାଲିକଙ୍କଠାରୁ ଆଦାୟ କରିବାର ବ୍ୟବସ୍ଥା ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଅରୁଣାଚଳ ସୀମାରେ...

(ଶିଆଓକାଙ୍ଗ୍) ଅନୁଯାୟୀ ଅରୁଣାଚଳ ପ୍ରଦେଶର ଅପରପାର୍ଶ୍ୱ ଏଲ୍‌ଏସି ସଂଲଗ୍ନ ଅଞ୍ଚଳରେ ୯୦ ନୂଆ ବସତି ସ୍ଥାପନ କରୁଛି। ଏହି ଗ୍ରାମଗୁଡ଼ିକ ଚାଇନାର କ୍ଷେତ୍ରୀୟ ଦାବିକୁ ମଜଭୁତ କରିବା ସହ ଅନିର୍ଦ୍ଧାରିତ ସୀମାରେ ସାମରିକ ପ୍ରସ୍ତୁତିକୁ ମଧ୍ୟ ମଜଭୁତ କରିବ ବୋଲି କୁହାଯାଉଛି।

ଅଦ୍ୟାବଧି ଚାଇନା ଏଭଳି ୬୨୮ଟି ଗ୍ରାମ ପ୍ରତିଷ୍ଠା କରିସାରିଥିବାବେଳେ ଆହୁରି ୯୦ ବସତି ସ୍ଥାପନ ହେଉଛି ଏହାର ସବୁଠୁ ବଡ଼ ବିସ୍ତାର। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ, ବର୍ଡର ଡିଫେନ୍ସ କୋ-ଅପରେଶନ୍ ଏଗ୍ରିମେଣ୍ଟ (୨୦୦୫) ଅଧୀନରେ ଚାଇନା ଭାରତଠାରୁ ଏକ ଆଇନଗତ ପ୍ରତିରକ୍ଷା ନିର୍ମାଣ ଚାହୁଁଛି, ଯଦ୍ୱାରା ସୀମା ବିବାଦ ଓ ସୀମାନ୍ତରେ ବସବାସ କରୁଥିବା ସ୍ଥାନୀୟ ଲୋକଙ୍କ ବିବାଦର ସମାଧାନ ହୋଇପାରିବ। ଏହି ଚୁକ୍ତିର ଆର୍ଟିକିଲ ୮ ଅନୁସାରେ ଉଭୟ ପକ୍ଷ ସୀମାରେ ବସବାସ କରୁଥିବା ନିଜ ନିଜ ଲୋକଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବେ। ଏଲ୍‌ଏସି ପରିମାପ ନେଇ ଯେତେବେଳେ ପ୍ରଶ୍ନ ଉଠିବ, ଏହି ପ୍ରକ୍ରିୟା ଦ୍ୱାରା ଉକ୍ତ ଗ୍ରାମଗୁଡ଼ିକୁ ନେଇ କେହି ହସ୍ତକ୍ଷେପ କରିବେ ନାହିଁ।

ସୀମାରେ ଭାରତ ପକ୍ଷରୁ ମଧ୍ୟ ନିଜସ୍ୱ ଗ୍ରାମ ନିର୍ମାଣ ଯୋଜନା ରହିଛି। ଭାଇବ୍ରାଣ୍ଟ ଭିଲେଜେସ୍ ପ୍ରୋଗ୍ରାମ ଅଧୀନରେ ଅରୁଣାଚଳ ପ୍ରଦେଶରେ ଭାରତ ପୂର୍ବରୁ ରହିଥିବା ଗ୍ରାମଗୁଡ଼ିକର ଉନ୍ନତୀକରଣ କରୁଛି। ପରବର୍ତ୍ତୀ ୧୦ ବର୍ଷ ମଧ୍ୟରେ ୨,୯୬୩ଟି ଗ୍ରାମକୁ ବିକଶିତ କରିବା ଲକ୍ଷ୍ୟରେ ୨୦୨୩ ଏପ୍ରିଲ ୧୩ରେ କିବିଥୁଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଦ୍ୱିତୀୟ ଚିନ୍ତାଜନକ ଘଟଣାକ୍ରମ ହେଲା, ତିବ୍ବତ ଓ ନେପାଳର ମୁସ୍ତାଙ୍ଗ ସୀମାନ୍ତ କୋରାଲା କ୍ରସିଂ ପଏଣ୍ଟରେ ଚାଇନା ବଡ଼ ଧରଣର ପରିବର୍ତ୍ତନ କରୁଛି। ତିବ୍ବତୀୟ ଶରଣାର୍ଥୀମାନେ ବହୁ ସମୟ ଧରି ଏହି ସୀମା ଦେଇ ଅତିକ୍ରମ କରିଥାନ୍ତି। ଏଠାରେ ଚାଇନା ପକ୍ଷରୁ ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ କରାଯିବା ଭାରତ ପାଇଁ ଏକ ଆହ୍ୱାନ ବୋଲି କୁହାଯାଉଛି। ନେପାଳସ୍ଥିତ ମୁସ୍ତାଙ୍ଗ୍ ହେଉଛି ବୌଦ୍ଧ ଧର୍ମାବଲମ୍ବୀ ବହୁଳ ଅଞ୍ଚଳ। ୧୯୫୯ରେ ଚାଇନା ଶାସନ ବିରୋଧରେ ତିବ୍ବତୀୟଙ୍କ ବିଦ୍ରୋହ ବେଳେ ଏହି ଅଞ୍ଚଳ ଚର୍ଚ୍ଚାକୁ ଆସିଥିଲା। ଚାଇନାର ଦମନମୂଳକ କାର୍ଯ୍ୟାନୁଷ୍ଠାନରୁ ତିବ୍ବତୀୟ ଶରଣାର୍ଥୀମାନେ ବର୍ତ୍ତିବା ପାଇଁ ୧୫,୨୫୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ କୋଲାରା ବର୍ଡର କ୍ରସିଂକୁ ବ୍ୟବହାର କରିଆସିଛନ୍ତି।

### ପିଏଲ୍‌ଏର ମନୋବଳ...

ବାୟୁସେନା ଓ ନୌସେନାର ୨୦ ଲକ୍ଷ ସୈନ୍ୟ ଜିନ୍‌ପିଙ୍ଗଙ୍କ ଭାଷଣ ଏବଂ ଶାସକ କମ୍ୟୁନିଷ୍ଟ ପାର୍ଟିର ନିୟମକୁ ଅଧ୍ୟୟନ କରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଜୀବନରେ ବୈପ୍ଳବିକ ମନୋଭାବ ସୃଷ୍ଟି ହେବ ବୋଲି କୁହାଯାଉଛି। ଗତ ଜୁନ୍‌ରେ ଜିନ୍‌ପିଙ୍ଗ୍ ବରିଷ୍ଠ କମାଣ୍ଡରମାନଙ୍କ ଏକ ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ସେନାରେ ଆମେ ଦଳୀୟ ନିରଙ୍କୁଶ ନେତୃତ୍ୱକୁ ବଜାୟ ରଖିବା ଜରୁରୀ। କମ୍ୟୁନିଷ୍ଟ ପାର୍ଟି ପ୍ରତି ବିଶ୍ୱସ୍ତ ଓ ଅନୁଗତ ବ୍ୟକ୍ତିମାନେ ବନ୍ଧୁକ ଧରିବା ଆବଶ୍ୟକ ବୋଲି ସେ କହିଥିଲେ। ଜିନ୍‌ପିଙ୍ଗଙ୍କ ଏହି ଭାଷଣ ତାଙ୍କ ସୈନ୍ୟଙ୍କ ମଧ୍ୟରେ ଦେଶାତ୍ମବୋଧ ଓ ଶୃଙ୍ଖଳା ଭରିଦେବ ବୋଲି ମନେକରାଯାଉଛି।

### ମୋଦି ସରକାର...

'ନାଲିଆଖି' ଦେଖାଇବା ପରିବର୍ତ୍ତେ 'ଲାଲସଲାମ' କରୁଛନ୍ତି। ଏଥିଯୋଗୁ ଭାରତର ଜାତୀୟ ସୁରକ୍ଷା, କ୍ଷେତ୍ରୀୟ ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ଖାର୍ଗେ ସମାଲୋଚନା କରିଛନ୍ତି। ମୋଦି ସରକାର ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଉଥିବା ନେଇ ଆପଣ ସଂସଦରେ ଅତିରଞ୍ଜିତ କରି କହୁଛନ୍ତି। କିନ୍ତୁ ସତ ହେଉଛି ଯେ, ଗତ ୨ ବର୍ଷ ଭିତରେ ଏହାର ୯୦% ପାଣ୍ଠିକୁ ଖର୍ଚ୍ଚ କରାଯାଇପାରି ନାହିଁ। ୨୦୨୩ ଫେବୃଆରୀରେ ଏହି ଯୋଜନା ଆରମ୍ଭ ହୋଇଥିଲା। ଆବଣ୍ଟିତ ୪,୮୦୦ କୋଟିଟଙ୍କାରୁ ମାତ୍ର ୫୦୯ କୋଟିଟଙ୍କା ଖର୍ଚ୍ଚ କରାଯାଇଥିବା ଖାର୍ଗେ ନିଜ ପୋଷ୍ଟରେ ଲେଖିଛନ୍ତି।


**ପୂର୍ବ ତଟ ରେଳପଥ**

ନିଲାମ କ୍ୟାଟଲଗ୍ ନଂ.: SBP-CATG-T-R-25 ତା.11.02.2025ରିଖ

**କ୍ରମ ସଂ. 1 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ସର୍ଗିଡ଼ଲା ଷ୍ଟେସନ "E" ବର୍ଗ (SFC) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍)।

**କ୍ରମ ସଂ. 2 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ମହାସମୁନ୍ଦ ଷ୍ଟେସନ "D" ବର୍ଗ (MSMD) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍)।

**କ୍ରମ ସଂ. 3 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ନୂଆପଡ଼ା ରୋଡ୍ ଷ୍ଟେସନ "D" ବର୍ଗ (NPD) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍)।

**କ୍ରମ ସଂ. 4 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ଝାରସୁଗୁଡ଼ା ରୋଡ୍ "E" ବର୍ଗ (JSGR) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍)।

**କ୍ରମ ସଂ. 5 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ବଡ଼ମାଲ ଷ୍ଟେସନ "D" ବର୍ଗ (BUDM)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍)।

**କ୍ରମ ସଂ. 6 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ-2/3 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍-ମହିଳା)।

**କ୍ରମ ସଂ. 7 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ଅଟାବିରା ଷ୍ଟେସନ "E" ବର୍ଗ (ATS) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍)।

**କ୍ରମ ସଂ. 8 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ଝାରସୁଗୁଡ଼ା ରୋଡ୍ "E" ବର୍ଗ (JSGR)/ପ୍ଲାଟଫର୍ମ-02 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍)।

**କ୍ରମ ସଂ. 9 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ବିଷମ କଟକ ଷ୍ଟେସନ "E" ବର୍ଗ (BMCK) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି)।

**କ୍ରମ ସଂ. 10 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ଜୁନାଗଡ଼ ରୋଡ୍ ଷ୍ଟେସନ "D" ବର୍ଗ (JNRD) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ସଂଖ୍ୟାଲଘୁ)।

**କ୍ରମ ସଂ. 11 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ହରିଶଙ୍କର ରୋଡ୍ "D" ବର୍ଗ (HSK) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି-ମହିଳା)।

**କ୍ରମ ସଂ. 12 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ରିଫ୍ରେସମେଣ୍ଟ ରୁମ୍ (Refreshment Room) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଅନ୍ୟାନ୍ୟ ପଛୁଆ ବର୍ଗ)।

**କ୍ରମ ସଂ. 13 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ-02/03 ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଅନ୍ୟାନ୍ୟ ପଛୁଆ ବର୍ଗ)।

**କ୍ରମ ସଂ. 14 - ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ** ବଲାଙ୍ଗୀର ଷ୍ଟେସନ "B" ବର୍ଗ (BLGR) / ପ୍ଲାଟଫର୍ମ-02/03 (ବରଗଡ଼ ଏଣ୍ଡ) ରେଳ ଷ୍ଟେସନ ଠାରେ ଛ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଶାରିରୀକ ଭିନ୍ନକ୍ଷମ)।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 27.02.2025,** 1000 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ)।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ : 27.02.2025,** 1240 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ)।

ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

PR-1004/P/24-25 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (୧୮୩୯୮)
ସା: ମହାନଦୀ ଭବନ, କଚେରୀ ରୋଡ଼, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ, ପ୍ରଥମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୦୩.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ
ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୦୭.୦୩.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ କନ୍ଧମାଳ ସ୍ପାଇସେସ୍ ଆଣ୍ଡ ଆଗ୍ରୋ ଫୁଡ୍ସ ପ୍ରଡକ୍ଟ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ସନ୍ତୋଷ ପ୍ରସାଦ ମିଶ୍ର, ସା: ଏମ୍‌ଆଇଜି II-୧୪/୨୪, ବିଡ଼ିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୨୩ / ଜାମିନ୍‌ଦାର: ରାଜେନ୍ଦ୍ର ପ୍ରସାଦ ଚୌଧୁରୀ, ସା: ଗୋଇବନ୍ଧ, ମହାସିଙ୍ଘି, ଭାୟା: କେ. ନୂଆଗାଁ, ବାଲିଗୁଡ଼ା, କନ୍ଧମାଳ-୭୬୨୧୦୩ | ମେସର୍ସ କନ୍ଧମାଳ ସ୍ପାଇସେସ୍ ଆଣ୍ଡ ଆଗ୍ରୋ ଫୁଡ୍ସ ପ୍ରଡକ୍ଟ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ସନ୍ତୋଷ ପ୍ରସାଦ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୋଇବନ୍ଧ, ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ, ଖାତା ନଂ.: ୨୦/୨୫, ପ୍ଲଟ୍ ନଂ.: ୧୬୩/୧୮୧, କ୍ଷେତ୍ର: ୦.୨୦୦ ହେକ୍ଟର (ଏକର୦.୪୯ ଡିସିମିଲି), କିସମ: ଘରବାରି | ୧୬.୦୧.୨୦୨୫ ପର୍ଯ୍ୟନ୍ତ ସୁଧ ସହିତ ଟ.୯୭,୦୪,୮୫୨.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୩.୧୧.୨୦୧୭ | ଟ.୩୩,୪୮,୦୦୦/- <br> ଟ.୩,୩୪,୮୦୦/- <br> ଟ.୫୦,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ଼ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **(https://www.baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡ଼ି ସ୍ଥିତି ପାଇଁ **support.BAANKNET@psballiance.com** କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://www.baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd.**, ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://www.baanknet.com** ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

**ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com**
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮ ଏବଂ ସିସିଓ: ଶ୍ରୀ ଦିଲେଶ୍ୱର ମେହେର, ମୋ: ୮୯୧୭୩୮୮୪୦୮

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡ଼ିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡ଼ିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୦୭.୦୩.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ**
ଗାଡ଼ି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୩.୦୩.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡ଼ିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଦଧିଚି ରିଏଲ୍ ଇଷ୍ଟେଟ୍ ଆଣ୍ଡ ଡେଭେଲପର ପ୍ରା. ଲିଃ., ନିର୍ଦ୍ଦେଶକମାନେ: ଶ୍ରୀମତୀ ଲକ୍ଷ୍ମୀ ଦଧିଚି ଏବଂ ଶ୍ରୀମତୀ କବିତା ଦଧିଚି, ଶିତଳା ମନ୍ଦିର ଗଳି, ରାଜଗାଙ୍ଗପୁର, ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୭୦୦୧୭ / ଆକାଉଣ୍ଟ ନଂ.: ୪୦୦୮୦୨୨୨୭୩୭, ୪୧୦୩୭୩୩୫୩୦୫ | 1) Ashok Leyland Truck UM4220-6600MM, Regd No.: OD-14Y-3132, Chassis No.: MB1NGKHD0MPJM8319, Engine No.: MJPZ105697, MFG. 2021 | ୧୫.୦୧.୨୦୨୫ ସୁଦ୍ଧା ଟ.୨୨,୧୫,୫୭୫/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ୧)ଟ.୧୮,୧୩,୦୫୦/- <br> ଟ.୧,୮୧,୩୦୫/- <br> ଟ.୧୦,୦୦୦/- |
| | | 2) Maruti Suzuki Swift Dezire, Regd. No.: OD-14A-A0238, Chassis No.: MA3EJKD1S00C96847, Engine No.: K12MN2434009, MFG. 2022 | | ୨)ଟ.୩,୬୭,୯୭୦/- <br> ଟ.୩୬,୭୯୭/- <br> ଟ.୧୦,୦୦୦/- |
| | | 3) Maruti Suzuki Swift Dezire, Regd. No.: OD-14A-A0281, Chassis No.: MA3EJKD1S00C97222, Engine No.: K12MN2434367, MFG. 2022 | | ୩)ଟ.୩,୬୭,୯୭୦/- <br> ଟ.୩୬,୭୯୭/- <br> ଟ.୧୦,୦୦୦/- |
| | | 4) Maruti Suzuki Swift Dezire, Regd. No.: OD-14Z-8617, Chassis No.: MA3EJKD1S00C96024, Engine No.: K12MN2433184, MFG. 2022 | | ୪)ଟ.୩,୬୭,୯୭୦/- <br> ଟ.୩୬,୭୯୭/- <br> ଟ.୧୦,୦୦୦/- |
| | | 5) Maruti Suzuki Swift Dezire, Regd. No.: OD-14A-A0455, Chassis No.: MA3EJKD1S00C97866, Engine No.: K12MN2434897, MFG.2022 | | ୫)ଟ.୩,୬୭,୯୭୦/- <br> ଟ.୩୬,୭୯୭/- <br> ଟ.୧୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ବିକାଶ ଦଧିଚି, ଶିତଳା ମନ୍ଦିର ଗଳି, ରାଜଗାଙ୍ଗପୁର, ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୭୦୦୧୭ / ଆକାଉଣ୍ଟ ନଂ.: ୩୯୦୧୯୩୮୨୧୫୧ | 1) Ashok Leyland Truck ALU3718-6600MM (260") WB (BS IV), Regd No.: OD-14U-0965, Chassis No.: MB1NAKHD0KPDK2553, Engine No.: KDPZ124615, MFG.2019 | ୧୩.୦୧.୨୦୨୫ ସୁଦ୍ଧା ଟ.୨୪,୩୧,୨୬୨/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ୧)ଟ.୧୧,୬୨,୮୦୦/- <br> ଟ.୧,୧୬,୨୮୦/- <br> ଟ.୧୦,୦୦୦/- |
| | | 2) Ashok Leyland Truck UM3718-6600MM, Regd No.: OD-14U-0966, Chassis No.: MB1NAKHD1KPDK2562, Engine No.: KDPZ124617, MFG. 2019 | | ୨)ଟ.୧୧,୩୯,୮୫୦/- <br> ଟ.୧,୧୩,୯୮୫/- <br> ଟ.୧୦,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **(https://www.baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡ଼ି ସ୍ଥିତି ପାଇଁ **support.BAANKNET@psballiance.com** କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://www.baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd.**, ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://www.baanknet.com** ୱେବସାଇଟ୍‌ରେ ଗାଡ଼ି ଖୋଜିବାବେଳେ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି। ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡ଼ିର କ୍ରେତା ବହନ କରବେ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍: https://sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com

ଗାଡିଗୁଡ଼ିକର ପାର୍କିଂ ୟାର୍ଡ ବିବରଣୀ: ଏମ୍ ବି ଷ୍ଟକ୍ ୟାର୍ଡ, ଜଲଦା, ରାଉରକେଲା

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦ ଏବଂ ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮

ତାରିଖ: ୨୦.୦୨.୨୦୨୫ ସ୍ଥାନ: ସମ୍ବଲପୁର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର

# ଆଜିଠୁ ମାଟ୍ରିକ୍ ପରୀକ୍ଷା

- ସକାଳ ସାଢ଼େ ୭ଟାରେ ପ୍ରବେଶ
- ୬୦୦ କେନ୍ଦ୍ରରୁ ପରୀକ୍ଷା ଲାଇଭ୍
- ୨୯୭୯ କେନ୍ଦ୍ରରେ ପରୀକ୍ଷା ଦେବେ ୫,୧୦,୭୭୮ ପରୀକ୍ଷାର୍ଥୀ

କଟକ,୨୦।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫେବୃଆରୀ ୨୧ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହେବ। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପରୀକ୍ଷାର୍ଥୀମାନେ ସକାଳ ସାଢେ ୭ଟାରୁ ସାଢେ ୮ଟା ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହୋଇ ସାଢେ ୧୧ଟାରେ ଶେଷ ହେବ। ପରୀକ୍ଷା ସୁପରିଚାଳନା ପାଇଁ କଟକ ବକ୍ସିବଜାର ରୋଡ଼ସ୍ଥିତ ବୋର୍ଡ ମୁଖ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏଥିସହ ରାଜ୍ୟର ୬୦୦ ପରୀକ୍ଷା କେନ୍ଦ୍ରରୁ ଲାଇଭ୍ ଯୋଗେ ବୋର୍ଡ ମୁଖ୍ୟାଳୟ ସହ ସଂଯୋଗ ରହିବ। ଏହାଦ୍ୱାରା ବୋର୍ଡ କାର୍ଯ୍ୟାଳୟରୁ ସିଧାସଳଖ ସେହି ପରୀକ୍ଷା କେନ୍ଦ୍ରଗୁଡ଼ିକର ପରୀକ୍ଷା ପରିଚାଳନାକୁ ନିୟନ୍ତ୍ରଣ କରାଯାଇପାରିବ। ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ବୋର୍ଡ ମୁଖ୍ୟାଳୟକୁ ସିଧାସଳଖ ପରୀକ୍ଷାକେନ୍ଦ୍ର ଓ ନୋଡାଲ କେନ୍ଦ୍ରଗୁଡ଼ିକରୁ ଆସିବା ନିମନ୍ତେ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଛି। ଏଥିସହ ମାର୍ଚ୍ଚ ୧୯ ତାରିଖରୁ ଖାତାଦେଖା ଆରମ୍ଭ ହେବ ବୋଲି ବୋର୍ଡ ମୁଖ୍ୟାଳୟ ପକ୍ଷରୁ ଜଣାପଡିଛି।

ସୂଚନାନୁସାରେ, ରାଜ୍ୟର ମୋଟ୍ ୨୯୭୯ କେନ୍ଦ୍ରରେ ୫,୧୦,୭୭୮ ଜଣ ମାଟ୍ରିକ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୧୦୨ଟି କେନ୍ଦ୍ରରେ ୭୭୬୬ ଜଣ ଓ ମଧ୍ୟମା ପରୀକ୍ଷା ୫୨ଟି କେନ୍ଦ୍ରରେ ୩୭୯୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ତେବେ ତିନୋଟିଯାକ ପରୀକ୍ଷାର ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ପାଇଁ ୩୦ଟି ଜିଲାରେ ୩୧୪ ନୋଡାଲ କେନ୍ଦ୍ର କରାଯାଇଛି। ସେଥିମଧ୍ୟରେ ପୋଲିସ ଥାନାରେ ୨୧ଟି ନୋଡାଲ କେନ୍ଦ୍ର ଓ ବିଟ୍ ହାଉସ୍‌ରେ ଗୋଟିଏ କେନ୍ଦ୍ର କରାଯାଇଛି।



ପରୀକ୍ଷା ସୁପରିଚାଳନା ପାଇଁ କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ କମାଣ୍ଡ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

## ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା

ଶୃଙ୍ଖଳିତ ପରୀକ୍ଷା ପରିଚାଳନା ତଦାରଖ ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ୭୦ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ବୋର୍ଡ ମୁଖ୍ୟାଳୟ ପକ୍ଷରୁ ୪୨ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ଯାଞ୍ଚ କରିବ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଏବଂ ପ୍ରତି ଜିଲାରେ ବିଡିଓ, ତହସିଲଦାର ଓ ଜିଲା ପ୍ରଶାସନର ଅଧିକାରୀଙ୍କୁ ନେଇ ଗଠିତ ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ତଦାରଖ ନିମନ୍ତେ ପ୍ରସ୍ତୁତ ହୋଇରହିଛନ୍ତି।


ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ଗୁରୁବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଆସ୍ଥା' ର ଏକ ଦୃଶ୍ୟ।

# 'ରଙ୍ଗ ସଙ୍ଗମ'ର ଶେଷ ସନ୍ଧ୍ୟାରେ ପରିବେଷିତ ହେଲା 'ଆସ୍ଥା'

ଭୁବନେଶ୍ୱର,୨୦।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ନାଟକ 'ଆସ୍ଥା' ମଞ୍ଚସ୍ଥ ହୋଇଥିଲା। ଡ. ସୁଧାଂଶୁ ନାୟକଙ୍କ ରଚିତ ଏହି ନାଟକକୁ ଦେଖିବା ପାଇଁ ଭଞ୍ଜକଳା ମଣ୍ଡପରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମନୋଜ ପଟ୍ଟନାୟକ ନାଟକର ନିର୍ଦ୍ଦେଶନା ଦେଇଥିବାବେଳେ ମନନ ନାଟ୍ୟ ସଂସ୍ଥାର କଳାକାରଙ୍କ ଅଭିନୟ ବେଶ୍ ଜୀବନ୍ତ ଥିଲା। ଫେବୃଆରୀ ୧୬ରୁ ଏହି ନାଟକ ଉତ୍ସବ ଆରମ୍ଭ ହୋଇଥିଲା। ବିଭିନ୍ନ ଦିବସରେ ନାଟକ ନିଃସଙ୍ଗ ନାୟକ, ଦାନାପାଣି, ଚିତ୍ରପ୍ରତିମା, ମାଗୁଣିର ଶଗଡ଼ ଆଦି ପରିବେଷଣ କରାଯାଇଥିଲା। ଓଡ଼ିଶାର କାଳଜୟୀ ସାହିତ୍ୟ, ସଂସ୍କୃତି ଓ ଓଡ଼ିଆ ଅସ୍ମିତା ଉପରେ ଆଧାରିତ ଏହି ନାଟକ ସମୂହ ଦର୍ଶକଙ୍କ ମନ ଜିଣିବାରେ ବେଶ ସଫଳ ହୋଇପାରିଥିବା ଏକାଡେମୀ ପକ୍ଷରୁ କୁହାଯାଇଛି।

# ମହାପ୍ରଭୁଙ୍କୁ ଲାଗିହେଲା ଜୈବିକ ଚାଉଳ ମହାପ୍ରସାଦ

## ଜୈବିକ ଚାଉଳ ପ୍ରସ୍ତୁତକାରୀଙ୍କୁ ସରକାରୀ ପ୍ରୋତ୍ସାହନ ମିଳିବ

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଗୁରୁବାର ମଧ୍ୟାହ୍ନ ଧୂପରେ ମହାପ୍ରଭୁଙ୍କ ପାଖରେ ଜୈବିକ ଚାଉଳରେ ପ୍ରସ୍ତୁତ ଅମୃତ ଅନ୍ନ ଲାଗି କରାଯାଇଛି। ପାଞ୍ଚ ପ୍ରକାର ଜୈବିକ ଚାଉଳରେ ପ୍ରସ୍ତୁତ ଅମୃତ ଅନ୍ନ ଭୋଗ ଲାଗି ହୋଇଛି। ଏହି ମହାପ୍ରସାଦକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ପ୍ରଶାସନିକ ଅଧିକାରୀମାନଙ୍କ ସମେତ ସୁଆର ମହାସୁଆର ନିଯୋଗର କର୍ମକର୍ତ୍ତାମାନେ ସେବନ କରିଥିଲେ। ଗୋବିନ୍ଦ ଭୋଗ ଚାଉଳ ଓ ଝିଲ୍ଲୀ ଚାଉଳକୁ କୋଠଭୋଗରେ ବ୍ୟବହୃତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ମୋହର ମାରିଛି। ଆଗାମୀ ଦିନରେ ଏହିସବୁ ଚାଉଳକୁ ଅଧିକ ମହଜୁଦ କରିବା ପାଇଁ ବିଭିନ୍ନ ସଂଗଠନକୁ ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଜୈବିକ ପଦ୍ଧତିରେ ଅନ୍ନକୁ ମହାପ୍ରସାଦ କରି ମହାପ୍ରଭୁଙ୍କ ନିକଟରେ ଅର୍ପଣ କରିବା ନେଇ ବିଗତ ସପ୍ତାହରେ ଏକ ବୈଠକ କରାଯାଇଥିଲା। ବୈଠକରେ କୃଷି ବିଭାଗର ବିଭିନ୍ନ ଅଧିକାରୀ, ଜୈବିକ ଚାଉଳ ପ୍ରସ୍ତୁତ କରୁଥିବା ସ୍ୱେଚ୍ଛାସେବୀ, ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଜୈବିକ ଚାଉଳ ପ୍ରସ୍ତୁତ କରୁଥିବା ଯେଉଁ ଅନୁଷ୍ଠାନଗୁଡ଼ିକ ସମ୍ପୃକ୍ତ ଚାଉଳର ନମୁନା ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରିଥିଲେ। ସେଥିରେ ଜୈବିକ ପଦ୍ଧତିରେ ପ୍ରସ୍ତୁତ ହୋଇଥିବା ଅନ୍ନ ଗୁରୁବାର ମହାପ୍ରସାଦ ଭାବେ ମହାପ୍ରଭୁଙ୍କ ନିକଟରେ ସମର୍ପଣ ବା ଲାଗି କରାଯାଇଛି। ପାଞ୍ଚଟି ପ୍ରଜାତିର ଚାଉଳ ପ୍ରଦାନ କରାଯାଇଥିଲା। ସେଗୁଡ଼ିକ ହେଉଛି ଝିଲ୍ଲୀ, ଗୋବିନ୍ଦ ଭୋଗ, କଳା ଜିରା, ପଦ୍ମକେଶରୀ ଏବଂ ହଜାରେ ଚଉଦ। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ଏହି ପାଞ୍ଚଟି ପ୍ରଜାତିର ଚାଉଳକୁ ଲାଗି କରାଯାଇଥିଲା। ସୁଆର ମହାସୁଆର ନିଯୋଗ ପକ୍ଷରୁ ତାହା ପ୍ରସ୍ତୁତ କରାଯାଇଥିଲା। ତେଣୁ ନିଯୋଗକୁ ଧନ୍ୟବାଦ ଜଣାଉଛି। ପ୍ରସାଦ ସେବନ ପରେ ପାଞ୍ଚଟି ପ୍ରଜାତିର ଚାଉଳ ମଧ୍ୟରୁ କେଉଁ ପ୍ରଜାତି ଚାଉଳ ମହାପ୍ରଭୁଙ୍କ କୋଠଭୋଗରେ ଲାଗି କରାଯିବ ଓ କେଉଁ ଚାଉଳ ମହାପ୍ରସାଦ ଭାବେ ଆନନ୍ଦ ବଜାରରେ ବିକ୍ରୟ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ନିଷ୍ପତ୍ତି ନିଆଯାଇଛି ଯେ, ଝିଲ୍ଲୀ ଓ ଗୋବିନ୍ଦ ଭୋଗକୁ ମହାପ୍ରଭୁଙ୍କ କୋଠ ଭୋଗରେ ବ୍ୟବହାର କରାଯିବ। ସେହିପରି ଅନ୍ୟ ତିନି ପ୍ରଜାତିର ଜୈବିକ ଚାଉଳକୁ (ଭୋଗମଣ୍ଡପ) ମହାପ୍ରସାଦ ଭାବେ ଆନନ୍ଦବଜାରରେ ବିକ୍ରି କରାଯିବ। ତେବେ ଓଡ଼ିଶାରେ ଯେତେ ବି ଜୈବିକ ପଦ୍ଧତିରେ ଚାଉଳ ପ୍ରସ୍ତୁତ କରାଯାଉଛି ସେ ସବୁକୁ ମହାପ୍ରସାଦ ଭାବେ ବ୍ୟବହାର କରାଯିବା ପାଇଁ ଅନୁରୋଧ ତଥା ପ୍ରସ୍ତାବ ଆସିଛି। କୃଷି ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅମୃତ ଅନ୍ନ ପ୍ରକଳ୍ପ ଯୋଜନା ହାତକୁ ନିଆଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ଅନୁମୋଦନ ମଧ୍ୟ ମିଳିଛି। ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ। ତେବେ ମହାପ୍ରସାଦ ନିମନ୍ତେ ଯେଉଁ ପରିମାଣର ଜୈବିକ ଚାଉଳ ଆବଶ୍ୟକ, ସେହି ପରିମାଣର ମହଜୁଦ୍ ନାହିଁ। ସେଥିପାଇଁ ପ୍ରଥମ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟ ପ୍ରଜାତିର ଜୈବିକ ଚାଉଳକୁ କୋଠ ଭୋଗରେ ଲାଗି କରାଯିବ। ପରବର୍ତ୍ତୀ ସମୟରେ ଯେତେବେଳେ ଜୈବିକ ପଦ୍ଧତିରେ ଅମୃତ ଅନ୍ନ ଉତ୍ପାଦନ ବୃଦ୍ଧି ପାଇବ, ସେତେବେଳେ ଆନନ୍ଦବଜାରରେ ମହାପ୍ରସାଦ ଭୋଗ କରି ଆନନ୍ଦ ବଜାରରେ ବିକ୍ରୟ କରାଯିବ। ତେବେ ଯେଉଁ ଅନୁଷ୍ଠାନଗୁଡ଼ିକ କୃଷକମାନଙ୍କ ଦ୍ୱାରା ଏହି ଚାଉଳ ପ୍ରସ୍ତୁତ କରୁଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯିବ। ଉକ୍ତ ଅମୃତ ଚାଉଳରେ କୌଣସି ପ୍ରକାର ରାସାୟନିକ ସାର କିମ୍ବା ରାସାୟନିକ ଔଷଧ ବ୍ୟବହାର କରାଯିବ ନାହିଁ। ସମ୍ପୂର୍ଣ୍ଣ ଭାବେ ଜୈବିକ ପଦ୍ଧତିରେ ଚାଷ କରାଯିବ। ଶ୍ରୀମନ୍ଦିରରେ ବ୍ୟବହାର ହେଉଥିବା ପନିପରିବା ମଧ୍ୟ ଜୈବିକ ପଦ୍ଧତିରେ ଚାଷ କରିବା ନେଇ ଉଦ୍ୟମ କରାଯିବ ବୋଲି ପାଢ଼ୀ କହିଛନ୍ତି।



## ବିବାହ ଶୋଭାଯାତ୍ରାରେ ଫାଙ୍କା ଗୁଳି ଚାଳନା କରି ଯୁବକ ଗିରଫ

ଅସ୍ତରଙ୍ଗ,୨୦।୨
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଏକ ବିବାହ ଶୋଭାଯାତ୍ରାରେ ଫାଙ୍କା ଗୁଳି ଚାଳନା କରିବା ଅଭିଯୋଗରେ ଅସ୍ତରଙ୍ଗ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୁଶାନ୍ତ କୁମାର ଦାଶ (୫୩)। ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ନଗର ଗ୍ରାମପଞ୍ଚାୟତ ଦକ୍ଷିଣପନ୍ତାଳ ଗ୍ରାମରେ ରବିବାର ଅକ୍ଷୟ ପ୍ରଧାନଙ୍କ ଝିଅଙ୍କ ବିବାହ ହେଉଥିଲା। ବିଳମ୍ବିତ ରାତି ୧ଟାରେ ସୁଶାନ୍ତ ୨ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। କିନ୍ତୁ କାହିଁକି ଫାଙ୍କା ଗୁଳି ଚାଳନା କରିଥିଲେ, ତାହା ସ୍ପଷ୍ଟ ଜଣାପଡ଼ି ନଥିବାବେଳେ ଅସ୍ତରଙ୍ଗ ସବ୍ ଇନ୍ସପେକ୍ଟର ଦୀପକ ସାମନ୍ତସିଂହାରଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଅଭଯୁକ୍ତଙ୍କୁ ଗିରଫ କରିଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅରୁନ୍ଧତୀ


@ ଗୌରାଙ୍ଗ


@ ରାଜେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ଧରିତ୍ରୀ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି'

## ଖୋର୍ଦ୍ଧା ଜିଲା ମହୋତ୍ସବରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଷ୍ଟଲ୍ ଉଦ୍‌ଘାଟିତ

ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଓର୍‌ମାସ ଆନୁକୂଲ୍ୟରେ ଗୁରୁବାରଠାରୁ ଜିଲା ମହୋତ୍ସବ, ପୁସ୍ତକ ମେଳା ଓ ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି। ଏହି ମେଳାରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସ୍ୱତନ୍ତ୍ର ବିଶେଷାଙ୍କ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଷ୍ଟଲ ଉଦ୍‌ଘାଟନ କରି କହିଥିଲେ, ଧରିତ୍ରୀ ୫୦ବର୍ଷ ଅତିକ୍ରାନ୍ତ କରି ୫୧ ବର୍ଷରେ ପହଞ୍ଚିବାବେଳେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ବାର୍ଷିକ ବିଶେଷାଙ୍କ ନବକଳେବର, ସୂତାଖିଅରେ ବିଶ୍ୱ, ଅକଳରେ ଅର୍ଥନୀତି ଆଦି ବେଶ୍ ଉଚ୍ଚକୋଟୀର ହୋଇଛି ବୋଲି ବେଉରା କହିଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ବାର୍ ସଂଘ ସଭାପତି ଜୀବନ ଜ୍ୟୋତି ମିଶ୍ର ଯୋଗଦେଇ ଯୁବପିଢ଼ି ସାହିତ୍ୟାନୁରାଗୀ ହେବାକୁ ପରାମର୍ଶ ଦେଇଥିଲେ। ଯୁବ ସମାଜ ପୁସ୍ତକ ପଠନ ଅଭ୍ୟାସ କରନ୍ତୁ। ସେହିପରି ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ କହିଥିଲେ, ଆଜିର ଯୁବପିଢ଼ି ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ। ଯୁବକମାନେ ଅସୀମ ଶକ୍ତିର ଉତ୍ସ। ଅନ୍ତର୍ନିହିତ ପ୍ରତିଭା, ଜ୍ଞାନ ପରିସୀମା ବୃଦ୍ଧି କରନ୍ତୁ। ଓୟୁଜେ ଜିଲା ସଭାପତି ତପନ ନାୟକ କହିଥିଲେ, ଧରିତ୍ରୀ ସମ୍ପାଦକଙ୍କ ବଳିଷ୍ଠ ସମ୍ପାଦକୀୟ, ନିର୍ଭୀକତା, ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣ ଦିଗରେ ସ୍ୱତନ୍ତ୍ରତା ରହିଛି। ଧରିତ୍ରୀର ଉତ୍ତୋରତ୍ତର କାମନା ସହ ଯୁବ ସାମ୍ବାଦିକମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହେଉ ବୋଲି କହିଥିଲେ। ଜିଲା ପ୍ରେସ୍ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ କହିଥିଲେ, ଭବିଷ୍ୟତ ଭାରତର କର୍ଣ୍ଣଧାର ହେଉଛନ୍ତି ଯୁବପିଢ଼ି। ସେବା ଓ ସମର୍ପଣ ଭାବେ ସମାଜର ପ୍ରଗତିପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ କହିଥିଲେ, ପୁସ୍ତକକୁ ବନ୍ଧୁ ଭାବେ ଗ୍ରହଣ କଲେ ଉଜ୍ଜ୍ୱଳ ଭବିଷ୍ୟତ ହେବ। ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ପ୍ରକାଶ ହାତୀ ଧରିତ୍ରୀକୁ ଶୁଭେଚ୍ଛା ଜଣାଇବା ସହ ସାମ୍ବାଦିକତା କ୍ଷେତ୍ରରେ ମାଇଲଖୁଣ୍ଟ ହେଉ। ଗଠନମୂଳକ ଖବର ପରିବେଷଣ ଦିଗରେ ଖବରଦାତାମାନେ ବ୍ରତୀ ହୁଅନ୍ତୁ ବୋଲି କହିଥିଲେ। କଳିଙ୍ଗ ପାଇକ ସଙ୍ଗଠନର କୃଷ୍ଣଚନ୍ଦ୍ର ହରିଚନ୍ଦନ କହିଥିଲେ, ସକାଳ ଆରମ୍ଭ ଧରିତ୍ରୀ ଖବରକାଗଜରୁ ହୋଇଥାଏ। ଯେତେ ଖବରକାଗଜ ପଢିଲେ ମଧ୍ୟ ଧରିତ୍ରୀ ନ ପଢ଼ିଲେ ଭଲ ଲାଗେନି। ଧରିତ୍ରୀ ଅନେକଙ୍କ ମଧ୍ୟରେ ଏକତା ବଜାୟ ରଖିଛି। ନାଇଜର କୁଳସଚିବ ଅଭୟ ନାୟକ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସାମାଜିକର୍ମୀ ଶୋଭନ ଘୋଷ, ବିଶିଷ୍ଟ କବି ତଥା ଲେଖକ ଶଙ୍କର ସାହୁ, ଓୟୁଜେ ଜିଲା ସଭାପତି ତପନ ନାୟକ, ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନିଲ ରଥ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଧରିତ୍ରୀ ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ।



ଖୋର୍ଦ୍ଧା ଜିଲା ମହୋତ୍ସବରେ 'ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ' ପକ୍ଷରୁ ଖୋଲାଯାଇଥିବା ସ୍ୱତନ୍ତ୍ର ବିଶେଷାଙ୍କ ଷ୍ଟଲ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ମଧୁବାବୁଙ୍କ ଜନ୍ମଦିନକୁ ଶିଳ୍ପୋଦ୍ୟୋଗୀ ଦିବସ ଭାବେ ପାଳନ କରାଯାଉ

## ଓଡ଼ିଶା ଶିଳ୍ପ ସଂଘର ବାର୍ଷିକ ଉତ୍ସବ

କଟକ,୨୦।୨(କାର୍ତ୍ତିକ ସାହୁ)

ଓଡ଼ିଶା ଶିଳ୍ପ ସଂଘର ଆସନ୍ତା ୨ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଭାବେ ଅବନୀ କାନୁନ୍‌ଗୋ ପୁନଃ ନିର୍ବାଚିତ ହୋଇଛନ୍ତି। ଏଥିସହ ସଭାପତି ରାଜେଶ କାନୁନ୍‌ଗୋ, ଉପସଭାପତି ବିନୋଦ ଭୂତ ଓ ଦେବେନ୍ ରାୟ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଶର୍ମା, କାର୍ଯ୍ୟକାରୀ ସମ୍ପାଦକ ସିଦ୍ଧାର୍ଥ କାନୁନ୍‌ଗୋ, ବିତ୍ତ ସମ୍ପାଦକ ଶୁଭ୍ରକାନ୍ତ ପଣ୍ଡା, ସଙ୍ଗଠନ ସମ୍ପାଦକ ରୁଦ୍ରନାରାୟଣ ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅଜୟ କୁମାର ପଣ୍ଡା, ଅନିରୁଦ୍ଧ ପୁହାଣ, ଅରୁଣ ବାଗାରିଆ, ଅଶୋକ କୁମାର ସାହୁ, ବିପିନ୍ ଦଣ୍ଡପାଟ, ବିଭୁଦତ୍ତ ସାମନ୍ତରାୟ, ବିକାଶ ମହାପାତ୍ର, ବିନିତା ଦାସ, ଦୀପକ ଅଗ୍ରୱାଲ, କୌଶିକ ଗରାବଡ୍ଡୁ, ମାନସ ଦାଶ, ପ୍ରଶାନ୍ତ କୁମାର ମହାପାତ୍ର, ରମାବଲ୍ଲଭ ନାୟକ ଓ ସୁଧାକର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। କଟକ ଜଗତପୁରସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଗୁରୁବାର ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଭବାନୀ ପଣ୍ଡିତ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ଓଡ଼ିଶାର ପ୍ରଥମ ଶିଳ୍ପୋଦ୍ୟୋଗୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିନକୁ ଶିଳ୍ପୋଦ୍ୟୋଗୀ ଦିବସ ଭାବେ ପାଳନ କରିବାକୁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଥିଲା। ଏହି ଅବସରରେ ସଂଘର ବାର୍ଷିକ ରିପୋର୍ଟ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିନୋଦ ଭୂତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରିୟନାଥ ମହାନ୍ତି, ମୁସାରତ ସରିଫ, ନୀହାର ସ୍ୱାଇଁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ସଂଘର ବାର୍ଷିକ ରିପୋର୍ଟ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ନିଆଳି,୨୦।୨(ସୁକାନ୍ତ କୁମାର ସିଂହ)

ନିଆଳି କୋର୍ଟଛକ ନିକଟରେ ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ମହୁଖଣ୍ଡା ଗ୍ରାମର ପ୍ରେମାନନ୍ଦ ତ୍ରିପାଠୀ। ସେ ନିଆଳି ଥାନା ନିକଟରୁ ବାଇକ୍‌ରେ ଯାଉଥିବାବେଳେ ପଛରୁ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯିବାରୁ ହାଇୱା ତାଙ୍କ ଉପରେ ମାଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିଆଳି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଚାଳକ ହାଇୱା ନେଇ ଦ୍ରୁତଗତିରେ ପଳାଇ ଯାଉଥିବାବେଳେ ଲୋକମାନେ ଗୋଡାଇ ଗୋଡାଇ ମଝିଖଣ୍ଡ ଛକଠାରେ ତାହାକୁ ଅଟକାଇଥିଲେ। ପରେ ପୋଲିସ ଉକ୍ତ ହାଇୱା ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ନିଆଳି ଅଞ୍ଚଳରେ ବାଲି ଚୋରାଚାଲାଣ ହେଉଛି। ଫଳରେ ଅଧିକାଂଶ ହାଇୱା ଦ୍ରୁତଗତିରେ ଯାତାୟତ କରିବା ଦ୍ୱାରା ଦୁର୍ଘଟଣା ଘଟୁଛି। ତୁରନ୍ତ ଏଥିପ୍ରତି ନିଆଳି ପୋଲିସ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)



ଜାତୀୟ କର୍ମଶାଳାରେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟ ଅତିଥିମାନେ।

ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି) ହାସଲ ସମ୍ପର୍କିତ ଦ୍ରୁତ ସୂଚନା ପ୍ରାପ୍ତି, ଅନୁଧ୍ୟାନ (ଟ୍ରାକିଂ) ଏବଂ ବିବରଣୀ ପ୍ରଦାନ (ରିପୋର୍ଟିଂ) ଉପରେ ଏକ ଜାତୀୟ କର୍ମଶାଳା ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହାୟତା ମିଶନ ଓ ୟୁଏନ୍‌ଡିପି ଅଧୀନରେ ନୀତି ଆୟୋଗ ସହଯୋଗରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ଯୋଗଦେଇ, ବିକାଶ ବ୍ୟବଧାନକୁ ଦୂରକରିବା, ପ୍ରଶାସନିକ ଢାଞ୍ଚାରେ ଉନ୍ନତି ଆଣିବା ଏବଂ ନିରନ୍ତର ଅର୍ଥ ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରମାଣଭିତ୍ତିକ ଏବଂ ବହୁ–ଅଂଶୀଦାର ଆଭିମୁଖ୍ୟର ଜରୁରୀ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପଠାରୁ ଆରମ୍ଭକରି ପ୍ରଭାବଶାଳୀ ସ୍ଥାନୀୟ ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ଡିଜି କାର୍ଯ୍ୟକାରୀ କରିବାରେ ଭାରତର ଉଲ୍ଲେଖନୀୟ ସଫଳତା ଉପରେ ଆଲୋଚନା କରିବା ସହ ଅଧିକ ସାମୂହିକ ପ୍ରଭାବ ପାଇଁ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସେ ଅନୁରୋଧ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନକରି ଓଡ଼ିଶାର ପ୍ରମୁଖ ଏସ୍‌ଡିଜି ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲରେ ଏସ୍‌ଡିଜିର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ବିଭିନ୍ନ ଅଞ୍ଚଳରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭିତ୍ତିକ ନିରନ୍ତର ବିକାଶରେ ତଥ୍ୟର ଭୂମିକା ଏବଂ ଶାସନ ପ୍ରକ୍ରିୟାରେ ବିକେନ୍ଦ୍ରୀକରଣର ଗୁରୁତ୍ୱ ରହିଥିବା ସମ୍ପର୍କରେ ପ୍ରକାଶ କରିଥିଲେ। ଉନ୍ନୟନ କମିଶନର ତଥା ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶା ସରକାରଙ୍କ ଦ୍ୱାରା ଏସ୍‌ଡିଜି କାର୍ଯ୍ୟକାରିତା ଓ ତଦାରଖ ପାଇଁ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ନୀତି ଆୟୋଗର ବରିଷ୍ଠ ପରାମର୍ଶଦାତା ରାଜୀବ କୁମାର ସେନ୍ କର୍ମଶାଳାର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ୟୁଏନ୍‌ଡିପି ଭାରତର ଆବାସିକ ପ୍ରତିନିଧି ଆଞ୍ଜେଲା ଲୁସିଗି ଆନୁଷ୍ଠାନିକ ଢାଞ୍ଚାର ବିକାଶ, ନିରନ୍ତର ବିକାଶ ଲକ୍ଷ୍ୟ ହାସଲକୁ ତ୍ୱରାନ୍ୱିତ କରିବା ପାଇଁ ତଦାରଖ ଓ ପରିଚାଳନା ଢାଞ୍ଚାରେ ଅଧିକ ବିକଶିତ କରିବାର ଆବଶ୍ୟକତା ରହିଥିବା କହିଥିଲେ। ସମନ୍ୱିତ ଯୋଜନା, ଅର୍ଥ ଯୋଗାଣ ଏବଂ ତଦାରଖ ପଦ୍ଧତି ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ରଣନୀତି ଆପଣାଇବାକୁ ସେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରମୁଖ ନୀତି ନିର୍ଦ୍ଧାରକ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ବିଶେଷଜ୍ଞମାନେ ଯୋଗଦେଇଥିଲେ।

## ମିଶନ ଶକ୍ତି ମହିଳାଙ୍କ ଗଣଧାରଣା ୨ମାସ ସ୍ଥଗିତ

ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)

ମିଶନ ଶକ୍ତିର ଇସି ପୁନର୍ଗଠନ ବନ୍ଦ ଦାବିରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସିସ୍ ସଂଘ ପକ୍ଷରୁ ଗାନ୍ଧୀ ମାର୍ଗରେ ୮ଦିନ ଧରି ଦିବାରାତ୍ରି ଆନ୍ଦୋଳନ ଚାଲିଥିଲା। ଗୁରୁବାର ଦ୍ୱିପ୍ରହରେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତଙ୍କୁ ସଂଘ ପ୍ରତିନିଧିମାନେ ସାକ୍ଷାତକରି ମିଶନ ଶକ୍ତି ମହିଳାଙ୍କ ସମସ୍ୟା ସମ୍ବନ୍ଧରେ ଜଣାଇଥିଲେ। ମଧ୍ୟାହ୍ନଭୋଜନ ଯୋଜନାର ପାଚିକା ଓ ସହାୟିକା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଆଶାକର୍ମୀଙ୍କ ଭଳି ଏମାନେ ୨୫ବର୍ଷ ହେବ କାର୍ଯ୍ୟ କରିଆସୁଛନ୍ତି। ତେଣୁ ଏମାନଙ୍କୁ କାର୍ଯ୍ୟରୁ ବାହାର ନ କରିବାକୁ ନିବେଦନ କରିଥିଲେ। ଏହାପରେ ବିଭାଗୀୟ ସଚିବ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ସଂଘର କର୍ମକର୍ତ୍ତାଙ୍କୁ ଏହି ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନ ସ୍ଥଗିତ ରଖିବାକୁ ପରାମର୍ଶ ଦେଇଥିଲେ। ଏହାପରେ ସଂଘ ପକ୍ଷରୁ ଚାଲିଥିବା ଦିବାରାତ୍ର ଗଣଧାରଣାକୁ ୨ମାସ ପାଇଁ ସ୍ଥଗିତ ରଖାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ନେତ୍ରୀ ବିଷ୍ଣୁପ୍ରିୟା ଦାସ, ପୁଷ୍ପାଞ୍ଜଳୀ ଜେନା, ଶୈଳବାଳା ରଥ, ମୀରା ମହାନ୍ତି, କାମିନୀ ନାୟକ, ସ୍ମାରକୀ ସ୍ୱାଇଁ ଓ କୁନ୍ତି ପ୍ରଧାନ ପ୍ରମୁଖ ସାମିଲ ରହି ସଚିବଙ୍କ ସହ ଆଲୋଚନା କରିଥିଲେ।

## କୃଷିରେ ମହିଳାଙ୍କୁ ଅଧିକ ପ୍ରାଥମିକତା ଦିଆଯାଉ



ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)

ଫ୍ରେଣ୍ଡସ ଅଫ୍ ଓମେନ୍ସ ୱାର୍ଲଡ ବ୍ୟାଙ୍କିଂ (ଏଫ୍‌ଡବ୍ଲୁଡବ୍ଲୁବି) ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାର ବିଷୟବସ୍ତୁ ଥିଲା 'ରୋଲ ଅଫ୍ ଜେଣ୍ଡର ଇନ୍ ଏଗ୍ରିକଲଚର ଫୁଡ୍ ସିଷ୍ଟମ୍ସ ଆଣ୍ଡ କ୍ଲାଇମେଟ୍ ଚେଞ୍ଜ'। ଏଥିରେ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ୍ସ(ଏଫପିଓ), ଲିଙ୍ଗ ଏବଂ ଜଳବାୟୁ ସମ୍ପର୍କିତ ପରିବର୍ତ୍ତନ ବିଷୟରେ ଆଲୋଚନା ହୋଇଥିଲା। ଅତିଥି ଭାବେ ଆଇସିଏଆର–ସିଆଇଡବ୍ଲ୍ୟୁଏର ନିର୍ଦ୍ଦେଶକ ଡ. ମିର୍ଦୁଲା ଦେବୀ ଯୋଗଦେଇ ଲିଙ୍ଗଗତ ସମ୍ବେଦନଶୀଳତାକୁ ପ୍ରୋତ୍ସାହିତ କରିଥିଲେ। କୃଷିରେ ମହିଳା ସଶକ୍ତୀକରଣକୁ ଅଧିକ ପ୍ରାଥମିକତା ଦେବାକୁ ସମସ୍ତ ଅନୁଷ୍ଠାନଗୁଡିକୁ କହିଥିଲେ। ଏହି ଅବସରରେ ଓଡିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା କୁମାରୀ ପଟ୍ଟନାୟକ ଏବଂ ଏଫ୍‌ଡବ୍ଲୁଡବ୍ଲୁବିର ସିଇଓ ଏସ୍. ଏସ୍. ଭଟ୍ଟ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଉନ୍ନୟନ ସଂଗଠନ, ଲାଇନ ବିଭାଗ, ଗବେଷଣା ଅନୁଷ୍ଠାନ, ମାର୍କେଟିଂ ଏଜେନ୍ସି, ଆର୍ଥିକ ଅନୁଷ୍ଠାନଗୁଡିକର ପ୍ରତିନିଧି ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ଏବଂ ଉଦୀୟମାନ ସୁଯୋଗ ଉପରେ ବିଚାରବିମର୍ଶ କରିବା ପାଇଁ ଆଲୋଚନା କରିଥିଲେ।

## ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘ ସମ୍ମିଳନୀ

### ୨୧ ପ୍ରଫେସର ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)

ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟରେ ସଭାପତି ଡ. ମିହିର ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ସମାଜସେବୀ ପଦ୍ମ ଚରଣ ନାୟକ ଯୋଗଦେଇ ଅବସରପ୍ରାପ୍ତ କଲେଜ ଶିକ୍ଷକମାନେ ସମାଜକୁ ଦିଗ୍‌ଦର୍ଶନ ଦେବାରେ ବ୍ରତୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରଫେସର ଧନେଶ୍ୱର ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ସଂଘ ତରଫରୁ ୨୧ଜଣ ପ୍ରଫେସରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପ୍ରଫେସର ଅଖିଳକୃଷ୍ଣ ପାଣିଗ୍ରାହୀ, ଅଯୋଧ୍ୟା ପ୍ରସାଦ ନାୟକ, ଅଲେଖ ଚନ୍ଦ୍ର ନାୟକ, କୁମର ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ପଟ୍ଟନାୟକ, କେ. ଗୋପାଳ ରାଜୁ, ଗିରିଜା ପ୍ରସାଦ ଆଚାର୍ଯ୍ୟ, ଜଗନ୍ନାଥ ସା, ଦେବେନ୍ଦ୍ରନାଥ ରାଉତ, ନିତ୍ୟାନନ୍ଦ ସାହୁ, ପ୍ରଭାତୀ ଦାଶ, ବିଜୟା ମିଶ୍ର, ବୃନ୍ଦାବନ ବିହାରୀ ମିଶ୍ର, ବ୍ରହ୍ମାନନ୍ଦ ମହାନ୍ତି, ଭିକାରି ଚରଣ ରଥ, ରତ୍ନାକର ପାଢ଼ୀ, ଶୈଳେନ୍ଦ୍ର କୁମାର ମହାପାତ୍ର, ସୁବାସିନୀ ଲେଙ୍କା, ସୁନ୍ଦର ନାରାୟଣ ପାତ୍ର, ହରିକୃଷ୍ଣ ଦାଶ ଓ ହରିଶ୍ଚନ୍ଦ୍ର ପଣ୍ଡା। ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଡ. ଅମିୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. କୈଳାସ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ବିଦ୍ୟୁତପ୍ରଭା ଗନ୍ତାୟତ ଓ ଡ. ଆହ୍ଲାଦିନୀ ଧୀର ସମ୍ମିଳନୀ ପରିଚାଳନା କରିଥିବାବେଳେ ଉପସଭାପତି ଡ. ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୪୫ ଦିନରେ ଦାବି ପୂରଣ ନ କଲେ ଆନ୍ଦୋଳନ ତୀବ୍ର ହେବ




ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)

### ବେସରକାରୀ ଅନୁଦାନ ଓ ଅଣ ଅନୁଦାନ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘର ବିକ୍ଷୋଭ

ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ନୀତି ପ୍ରଣୟନ କରାଯାଉ। ଯୋଗ୍ୟ ବିବେଚିତ ହେବା ଦିନଠାରୁ ଦରମା ପ୍ରଦାନ ଆଦି ବିଭିନ୍ନ ଦାବି ନେଇ ବେସରକାରୀ ଅନୁଦାନ ଓ ଅଣଅନୁଦାନ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ (+୨ ଓ +୩) କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବା ସହ ବିକ୍ଷୋଭ କରାଯାଇଥିଲା। ଏହି ଆନ୍ଦୋଳନରେ ୮ଶହରୁ ଅଧିକ କର୍ମଚାରୀ ଯୋଗଦେଇଥିଲେ। ରାଜ୍ୟ ସରକାର ୪୫ ଦିନ ଭିତରେ ଦାବିଗୁଡ଼ିକ ପୂରଣ ନ କଲେ, ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ପୂର୍ଣ୍ଣମାତ୍ରାରେ ଦାୟୀ ରହିବେ। ଏଥିସହ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଘ ସଭାପତି ଡ. ଦେବ ବିଜୟ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଶିକ୍ଷକମାନେ ଦୀର୍ଘ ୧୮ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଶିକ୍ଷା ପ୍ରଦାନ କରିଆସୁଛନ୍ତି। ତଥାପି ସେମାନେ ରାଜ୍ୟ ସରକାରଙ୍କ ଅନୁଦାନରୁ ବଞ୍ଚିତ ରହିଛନ୍ତି। ପୂର୍ବ ସରକାର ନୂତନ ଅନୁଦାନ ସମ୍ପର୍କରେ ଚିଠି କରିଥିଲେ ମଧ୍ୟ ପରେ ତାହାକୁ ପ୍ରତ୍ୟାହାର କରିନେଇଥିଲେ। ନୂତନ ସରକାରଙ୍କ ନିକଟରେ ଦାବି ପାଇଁ ବାରମ୍ବାର ନିବେଦନ କରାଯାଇଥିଲା। ହେଲେ ସରକାରଙ୍କ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଯଦି ସରକାର ଏଥିରେ ବିଚ୍ୟୁତ ହୁଅନ୍ତି, ତେବେ ପ୍ରତି ବ୍ଲକସ୍ତରରେ ଏହି ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## କାର୍ କାଚ ଭାଙ୍ଗି ଚୋରି, ୨ ଗିରଫ

ଭୁବନେଶ୍ୱର,୨୦।୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖାରବେଳନଗର ଥାନା ଅଞ୍ଚଳରେ ପାର୍କିଂ ସ୍ଥାନରେ ଥୁଆ ହୋଇଥିବା ଏକ କାରର କାଚ ଭାଙ୍ଗି ଚୋରି କରିଥିବା ୨ ଲୁଟେରାଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ–୩ ଅଞ୍ଚଳରେ ରହୁଥିବା ସେକ୍. ଜିଆବୁର ଓ ସୋନୁ ମାଝି । ଉଭୟଙ୍କଠାରୁ ୪ଟି ମୋବାଇଲ, ଗୋଟିଏ ସ୍ମାର୍ଟ ଘଣ୍ଟା, ଗୋଟିଏ ମ୍ୟୁଜିକ ସିଷ୍ଟମ୍, ଖଣ୍ଡା ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜିଆବୁର ଚୋରି ଟଙ୍କାରେ ଏକ ମୋବାଇଲ ଫୋନ ଏବଂ ଏକ ମ୍ୟୁଜିକ୍ ସିଷ୍ଟମ କିଣିଥିବା ବେଳେ, ବାକି ଟଙ୍କାକୁ ଉଭୟ ମିଶି ନିଜ ବ୍ୟକ୍ତିଗତ କାର୍ଯ୍ୟ ଲାଗି ଖର୍ଚ୍ଚ କରିଦେଇଥିବା ଦର୍ଶାଇଥିଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲା ଏବିଭିପି ପ୍ରତିନିଧି ମଣ୍ଡଳୀ

### କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା



ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ଏହା ପରବର୍ତ୍ତୀ ଘଟଣାକୁ ନେଇ ଗୁରୁବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଏକ ପ୍ରତିନିଧି ମଣ୍ଡଳୀ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଆଲୋଚନା କରିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନେପାଳୀ ବିଦ୍ୟାର୍ଥୀଙ୍କ ସୁରକ୍ଷା ସମେତ ୧୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ମଧ୍ୟ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଛନ୍ତି। ଖୁବ୍‌ଶୀଘ୍ର ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ କିଟ୍ ପରିସରରେ ଶାନ୍ତି ଫେରାଇ ଆଣିବା ଏବଂ ନେପାଳୀ ବିଦ୍ୟାର୍ଥୀଙ୍କ ସହ କୌଣସି ଅନ୍ୟାୟ ହେବ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ପ୍ରତିନିଧି ଦଳରେ ଏବିଭିପିର ଓଡ଼ିଶା ପୂର୍ବର ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ, ପ୍ରାନ୍ତ ସଂଗଠନ ସମ୍ପାଦକ ବୁଦ୍ଧଦେବ ବାଘ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦର ସଦସ୍ୟ ବିଶ୍ୱଜିତ ପାତ୍ର, ପୂର୍ବତନ ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ, ଭୁବନେଶ୍ୱର ମହାନଗର ସମ୍ପାଦକ ପଙ୍କଜ ମହାନ୍ତି, ମହାନଗର ସହସମ୍ପାଦକ ଗଙ୍ଗାଧର ପାଢ଼ୀ ଉପସ୍ଥିତ ଥିଲେ। ଏମାନଙ୍କ ସହ ୫ ଜଣ ନେପାଳୀ ଛାତ୍ର ମଧ୍ୟ ଉପସ୍ଥିତ ରହି ପୂରା ଘଟଣା ସମ୍ପର୍କରେ କହିବା ସହ ଦାବି ଉପସ୍ଥାପନ କରିଥିଲେ।

## ଆରମ୍ଭ ହେଲା 'ଓଡ଼ିଶୀ ସଙ୍ଗୀତ ମହୋତ୍ସବ'

### ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର,୨୦।୨ (ସୌମ୍ୟରଞ୍ଜନ ରାଉତ)


ଓଡ଼ିଶୀ ସଙ୍ଗୀତ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠାନର ରୌପ୍ୟଜୟନ୍ତୀ ପାଳନ ଅବସରରେ ଗୁରୁବାର ରବୀନ୍ଦ୍ର ମଣ୍ଡପରେ 'ଓଡ଼ିଶୀ ସଙ୍ଗୀତ ମହୋତ୍ସବ' ଆରମ୍ଭ ହୋଇଛି। ଅତିଥି ଭାବରେ ପଦ୍ମଶ୍ରୀ ଡ଼. ଦେବୀ ପ୍ରସନ୍ନ ପଟ୍ଟନାୟକ, ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶୁଭେନ୍ଦ୍ର କୁମାର ନାୟକ, ଓଡ଼ିଶା ମିଷ୍ଟାନ୍ନ ମହାସଂଘର ସଭାପତି ବିଦ୍ୟାଧର ବେହେରା, ଅନୁଷ୍ଠାନର ସଭାପତି ମନୋଜ ପାଣିଗ୍ରାହୀ, ଉପ ସଭାପତି କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବର ପ୍ରଥମ ପ୍ରସ୍ତୁତିରେ ପୁରୀର 'ପୁରାତନୀ କଳାମନ୍ଦିର' ଶିଳ୍ପୀଗଣ ଜଗା ଆଖଡ଼ା ସଙ୍ଗୀତ ପରିବେଷଣ କରିଥିବା ବେଳେ ଏକକ ଗାୟନରେ ରୂପକ କୁମାର ପରିଡ଼ା, ବିଜୟ ଲକ୍ଷ୍ମୀ ରାଉତରାୟ, ମାତୃପ୍ରସାଦ ଦାସ ଓ ସାଥୀମାନେ ରାଗାଙ୍ଗ ଓ ଭବାଙ୍ଗ ସହ ନାଟ୍ୟାଙ୍ଗ ପରିବେଶଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଡ଼ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୁରୁଣା ପେନଶନ ଓ ଚାକିରୀ ସର୍ତ୍ତାବଳୀ ଆଦି ଦାବିରେ ୪୮ ବର୍ଗ ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଗୁରୁବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।


ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବ ଉଚ୍ଛେଦ ସମେତ ବିଭିନ୍ନ ଦାବିରେ ରାଜ୍ୟ ସରପଞ୍ଚ ମହାସଂଘ ପକ୍ଷରୁ ଗୁରୁବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

## ସଂକ୍ଷେପରେ

### ଓମ୍‌ଜ୍ୟୋତି ଭବନ ଉଦ୍‌ଘାଟିତ

କଟକ ସଦର,୨୦।୨(ସୁଶାନ୍ତ କୁମାର ଜେନା): ୪୨ ମୌଜା ଥାନା ଅନ୍ତର୍ଗତ ବେଷ୍ଟକାରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଓମ୍‌ଜ୍ୟୋତି ଭବନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ଭାବେ ମାଉଣ୍ଟଆବୁର ଅତିରିକ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ଜୟନ୍ତୀ ଦିଦି ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ସବ୍‌ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ଡ. ବ୍ରହ୍ମାକୁମାରୀ କମଲେଶ ଦିଦି, ବ୍ରହ୍ମାକୁମାରୀ ସୁଲୋଚନା ଦିଦି, ଅଷ୍ଟ୍ରେଲିଆରୁ ଆସିଥିବା ବ୍ରହ୍ମାକୁମାରୀ ଜସ୍‌ମିନ ଯୋଗଦେଇଥିଲେ। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ଝିଙ୍କିରିଆରୁ ବାହାରି ଓମ୍‌ଜ୍ୟୋତି ଭବନରେ ପହଞ୍ଚିଥିଲା। ଏଥିରେ ମଧ୍ୟପ୍ରଦେଶ ଉଜ୍ଜୟିନୀର ମହାକାଳ ନଗରୀରୁ ଆସିଥିବା ଜୟଶିବ ମହାକାଳ ଡମ୍ବରୁ ମଣ୍ଡଳ, ଦିଲ୍ଲୀ ମହାନଗରୀରୁ ଆସିଥିବା ମହାବଳି ହନୁମାନ ବେଶଧାରୀ, ପୁରୀର ଲୋକନୃତ୍ୟ ମଣ୍ଡଳୀ, ଗଞ୍ଜାମ ପୋଲସରା ଯୋଡ଼ିଶଙ୍ଖ ସାମିଲ ହୋଇଥିଲା। ବିଶେଷକରି ସୁଶୋଭିତ ରଥ ଉପରେ ଶିବଲିଙ୍ଗ ସହ ଚୈତନ୍ୟ ଦେବଙ୍କ ଝାଙ୍କି ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ ଥିଲା। ଏହି କାର୍ଯ୍ୟକ୍ରମକୁ ୪୨ମୌଜା ଶାଖା ମୁଖ୍ୟ ବି. କେ. ରିନା ପରିଚାଳନା କରିଥିବାବେଳେ ଅସ୍ମିତା ଭଉଣୀ ଓ ବି.କେ. ଗୀତାଞ୍ଜଳି ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗରରୁ ନଥମଲ ଭାଇ ଓ ଲକ୍ଷ୍ମଣ ଭାଇ ଉପସ୍ଥିତ ଥିଲେ।

### ଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ

#### ଶବ୍ଦ ଶୁଣି ପଳେଇଲେ ୪ ଦୁର୍ବୃତ୍ତ

ତ୍ରିଶୂଳିଆ,୨୦।୨(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅଧୀନ ନରାଜ ବଜାରରେ ଥିବା ଏକ ଅଳଙ୍କାର ଦୋକାନରୁ ବୁଧବାର ୪ ଦୁର୍ବୃତ୍ତ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ ୪ ଜଣ ଦୁର୍ବୃତ୍ତ ସୁନା ଦୋକାନରୁ ଚୋରି କରିବାକୁ ଯାଇ ପ୍ରଥମେ ଦୋକାନ ପାଖକୁ ଲାଗିଥିବା ୨ ଘରର କବାଟ ବାହାର ପଟୁ ବନ୍ଦ କରିଥିଲେ। ଦୋକାନର ଜାଲି ଗେଟ୍ ପରେ ଭିତର ଶଟର କାଟିଥିଲେ। ଭିତର ଲୁହା ଜାଲି ଗେଟ୍‌କୁ ଏକ ଶାବଳ ସାହାଯ୍ୟରେ ତାଡ଼ିବା ବେଳକୁ ପାଖ ୨ ଘର ଓ ସମ୍ମୁଖ ଘରର କବାଟ ବହୁ ଜୋର୍‌ରେ ବାଡ଼େଇବାର ଶବ୍ଦ ହୋଇଥିଲା। ଏହି ଶବ୍ଦ ଶୁଣି ଦୁର୍ବୃତ୍ତ ସେଠାରୁ ପଳାଇ ଯାଇଥିଲେ। ଦୋକାନ ସମ୍ମୁଖ ଘରର ମାଲିକ ନିକଟ ଘରର ମାଲିକଙ୍କୁ ଫୋନ କରି ବାହାରୁ ବନ୍ଦ ହୋଇଥିବା କବାଟ ଖୋଲିବାକୁ କହିଥିଲେ। ସେ ବାହାରକୁ ଆସି ଦେଖିବା ବେଳକୁ ସୁନା ଦୋକାନ ଜାଲି ଗେଟ୍, ଶଟର ଭଙ୍ଗା ଯାଇଥିଲା। ଖବର ପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିଲେ ମଧ୍ୟ କିଛି ଚୋରି ହୋଇ ନାହିଁ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ କହିଛି। ପରେ ସିସିଟିଭି କ୍ୟାମେରା ଯାଞ୍ଚ କରିବାରୁ ୪ ଜଣ ଦୁର୍ବୃତ୍ତ ଏହି ଚୋରି ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ଫାଣ୍ଡିରେ ସୁନା ଦୋକାନୀ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ହାତୀ ମୃତ୍ୟୁ ରୋକିବାକୁ ନୂଆ ପଦକ୍ଷେପ

**ରେଳପଥ ଓ ବନବିଭାଗ ମଧ୍ୟରେ ସମନ୍ୱୟ ବୈଠକ**

- ଚିହ୍ନିତ ସମ୍ବେଦନଶୀଳ ସ୍ଥାନରେ ଅଣ୍ଡରପାସ୍, ଓଭରବ୍ରିଜ ନିର୍ମାଣ ହେବ
- ଲୋକୋ ପାଇଲଟ, ଗାର୍ଡଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବ



ସମନ୍ୱୟ ବୈଠକରେ ଯୋଗଦେଇଥିବା ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ କର୍ତ୍ତୃପକ୍ଷ ଏବଂ ବନ ଅଧିକାରୀ।

ଭୁବନେଶ୍ୱର,୨୦।୨(ଅନୁରାଧାମହାରଣା)

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ କର୍ତ୍ତୃପକ୍ଷ ଏବଂ ବନ ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଗୁରୁବାର ରେଳ ମଣ୍ଡଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଏଚ୍‌ଏସ୍ ବାଜୱାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ହାତୀଙ୍କ ସୁଗମ ଯାତାୟାତ, ଦୁର୍ଘଟଣା ଏଡ଼ାଇବା ଏବଂ ଅତ୍ୟଧିକ ହାତୀ ଚଳାଚଳ କାରଣରୁ ଟ୍ରେନ ବିଳମ୍ବକୁ ହ୍ରାସ କରିବା ପାଇଁ ଆଲୋଚନା ହେବା ସହ ବିଭିନ୍ନ କାର୍ଯ୍ୟ ପନ୍ଥା ପ୍ରସ୍ତୁତ କରାଯାଇଥିଲା। ସମ୍ବେଦନଶୀଳ ରେଳ ସେକ୍ସନଗୁଡିକରେ ହାତୀ ଗତିବିଧି ବିଷୟରେ ଠିକ ସୂଚନା ଦେବାକୁ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନିତ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଉପମାର୍ଗ ବା ଅଣ୍ଡରପାସ୍ ଏବଂ ଓଭରବ୍ରିଜ ନିର୍ମାଣ କରାଯିବ । ରେଳ ଟ୍ରାକ ନିକଟରେ ଥିବା ସ୍ୱଚ୍ଛ ଦୃଶ୍ୟମାନତା ପାଇଁ ଗଛଗୁଡିକ ସଫା କରାଯିବ। ଲୋକୋ ପାଇଲଟମାନଙ୍କୁ ପୂର୍ବ ଚେତାବନୀ ଭାବରେ ସାଇନେଜ୍ ବୋର୍ଡ ଲଗାଯିବ। ଷ୍ଟେଶନ ମାଷ୍ଟର ଏବଂ ବନ ବିଭାଗ ମଧ୍ୟରେ ସୁଗମ ଯୋଗାଯୋଗ ପାଇଁ ୱାକି-ଟକି ମାଧ୍ୟମରେ ଏକ ସ୍ୱତନ୍ତ୍ର ଚ୍ୟାନେଲ ସୃଷ୍ଟି ହେବ, ଯାହାଫଳରେ ଷ୍ଟେଶନ ମାଷ୍ଟର ଟ୍ରେନ କର୍ମଚାରୀଙ୍କୁ ଠିକ ସମୟରେ ଲୁକଆଉଟ୍ ପରାମର୍ଶ ଦେଇପାରିବେ। ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ଉପରେ ଲୋକୋ ପାଇଲଟ ଏବଂ ଗାର୍ଡଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବ। ଆଇଆର୍‌ସିଟିସି/ ପାଣ୍ଟ୍ରି କାର କର୍ମଚାରୀଙ୍କୁ ଟ୍ରାକ୍‌ରେ ଖାଇବା ବର୍ଜ୍ୟବସ୍ତୁ ନ ଫିଙ୍ଗିବାକୁ ନିର୍ଦ୍ଦେଶ ଦିଆଯିବ। ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ହାତୀ କରିଡରଗୁଡ଼ିକ ହେଉଛି, ବୈରୀ-କପିଳାସ ରୋଡ଼, କାଇପଦର-ତାପଙ୍ଗ, ଗୁରୁଡ଼ିଝାଟିଆ-ରାଜଆଠଗଡ଼-ମାଛପୁର, ରାଧାକିଶୋରପୁର-ଘଣ୍ଟିଖାଲ, ପରଜଙ୍ଗ-କମଳଙ୍ଗା ଆଦି ରହିଛି। ହାତୀ ଗତିବିଧି ସମ୍ବନ୍ଧୀୟ ସୂଚନାକୁ ସମ୍ପୃକ୍ତ ବିଭାଗକୁ ପଠାଇବା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର କଣ୍ଟ୍ରୋଲ ରୁମ୍ ଦିନରାତି କାର୍ଯ୍ୟ କରୁଛି ଏବଂ ସେଠାରେ ଟ୍ରେନ ଦୁର୍ଘଟଣା ହେତୁ ହାତୀ ମୃତ୍ୟୁ ଏଡାଇବା ପାଇଁ ଷ୍ଟେଶନ ମାଷ୍ଟର ଓ ଲୋକୋ ପାଇଲଟମାନଙ୍କୁ ସତର୍କତା ନିର୍ଦ୍ଦେଶ ଜାରି କରାଯାଇଛି।

## ମୁସଲେ ମଉଦ ଐଶ୍ୱରିକ ବାଣୀ ଅନୁଯାୟୀ ଜନ୍ମ ହୋଇଥିଲେ

**ହଜରତ ମୁସଲେ ମଉଦ ଦିବସ ପାଳିତ**

ତିଗିରିଆ, ୨୦।୨(ଜାଫର ଖାଁ)




ହଜରତ ମୁସଲେ ମଉଦ ଦିବସ ଅବସରରେ ଯୋଗଦେଇଥିବା ଅତିଥିମାନେ।

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦଠାରେ ଗୁରୁବାର ସନ୍ଧ୍ୟାରେ ଅହମ୍ମଦିୟା ସମ୍ପ୍ରଦାୟ ତରଫରୁ ହଜରତ ମୁସଲେ ମଉଦ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ଜଲସାରେ ଗ୍ରାମ୍ୟ କମିଟି ସଭାପତି ରୋଶନ ଖାଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମୌଲାନା ଏହେସନ ଖାଁ ପବିତ୍ର କୋରାନ ଶ୍ଲୋକ ଆବୃତ୍ତି କରିଥିଲେ । ଏହି ଅବସରରେ ହଜରତ ମୁସଲେ ମଉଦଙ୍କ ଉର୍ଦ୍ଦୁ କବିତା ଅମଜାଦ ଖାଁ ଏବଂ ଓଡ଼ିଆ କବିତା ଇସ୍ରାଇଲ ଖାଁ ପାଠ କରିଥିଲେ। ହଜରତ ମୁସଲେ ମଉଦ ଐଶ୍ୱରିକ ବାଣୀ ଅନୁଯାୟୀ ଜନ୍ମ ହୋଇଥିଲେ ବୋଲି ମୌଲାନା ସେକ୍ ସମସୁଲ ପ୍ରକାଶ କରିଥିଲେ। ସାରା ବିଶ୍ୱରେ ଆଜି ଏହି ଦିବସ ପାଳନ କରାଯାଉଛି ବୋଲି ସେ କହିଥିଲେ। ମୌଲାନା ମହମ୍ମଦ ଏକ୍ରାମ, ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ସୁବାନ, ସାବାଜ ଖାଁ, ଗ୍ରାମ ଉପସଭାପତି ମହମ୍ମଦ ଜାଫର ଅଲ୍ଲୀ, ମୌଲାନା ତୟବ ଅହମ୍ମଦ ଓ କଟକ ଜିଲା ଦାୟିତ୍ୱରେ ଥିବା ମୌଲାନା ସେକ୍ ନାସିରୁଦ୍ଦିନ ପ୍ରମୁଖ ହଜରତ ମୁସଲେ ମଉଦଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅବଦୁଲ ଇସ୍‌ମାଇଲ ଖାଁଙ୍କ ଦ୍ୱାରା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଜାମା ମସ୍‌ଜିଦରେ ମହିଳାମାନେ ମଧ୍ୟ ଏହି ଦିବସ ପାଳନ କରିଥିଲେ। ଭୋର ସମୟରେ ସମବେତ ମହିଳା ଓ ପୁରୁଷ ସ୍ୱତନ୍ତ୍ର ନମାଜ ତହିଜ୍ଜୁଦ ପାଠ କରିଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା।



ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ କଟକର ୮୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବି ଗ୍ରୁପ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଶେଷ ଇଚ୍ଛା'ର ଏକ ଦୃଶ୍ୟ।

### ଡିଭାଇଡର ଉପରେ ଚଢ଼ିଲା ହାଇୱା

ବାଙ୍କୀ ,୨୦।୨ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଥାନା ଅନ୍ତର୍ଗତ ଜାତ ମୁଣ୍ଡିଆ-ସୁବର୍ଣ୍ଣପୁର ସେତୁ ଦେଇ ଏକ ହାଇୱା ଆଠଗଡ଼ ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡର ଉପରେ ଚଢ଼ିଯାଇଥିଲା। ଏହି ଦୁର୍ଘଟଣାରେ ଗାଡି ଚାଳକ ସୁରକ୍ଷିତ ଥିବାବେଳେ ବାଟରେ ଯାଉଥିବା ବାଟୋଇ ବର୍ତ୍ତି ଯାଇଛନ୍ତି। ବେପରୁଆ ଗାଡ଼ି ଚାଳନା ପାଇଁ ଏହି ଦୁର୍ଘଟଣା ହୋଇଥିବା ଚର୍ଚ୍ଚା ହେଉଛି। ଖବରପାଇ ସୁବର୍ଣ୍ଣପୁର ବିଟ୍‌ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳି ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିବା ସହ ଗାଡି ଚଳାଚଳ ସ୍ୱାଭାବିକ କରିବା ପାଇଁ ମେଶିନ ଦ୍ୱାରା ମଝିରାସ୍ତାରୁ ହାଇୱା ହଟାଇଛନ୍ତି।

### ଏସ୍‌ସିବି ଅର୍ଥୋପେଡିକ ବିଭାଗରେ ଖୋଲିବ ଅତ୍ୟାଧୁନିକ ଆଇସିୟୁ

#### ମାର୍ଚ୍ଚରେ ହେବ ଉଦ୍‌ଘାଟନ

କଟକ,୨୦।୨(ଶିଳ୍ପା ପ୍ରିୟଦର୍ଶିନୀ):

କଟକ ଏସ୍‌ସିବି ମେଡିକାଲର ଅର୍ଥୋପେଡିକ୍ ବିଭାଗରେ ଅତ୍ୟାଧୁନିକ ଆଇସିୟୁ ଖୋଲିବ। ୬ ଶଯ୍ୟା ବିଶିଷ୍ଟ ଆଇସିୟୁରେ ଅତ୍ୟାଧୁନିକ ଯନ୍ତ୍ରାଂଶ ରହିବ। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ସୂଚନାଥାଉ କି, ଏସ୍‌ସିବି ମେଡିକାଲର ଅର୍ଥୋପେଡିକ ବିଭାଗକୁ ପ୍ରତିଦିନ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ବିଭାଗରେ ଗୋଟିଏ ଦିନରେ ୫ରୁ ଅଧିକ ଅସ୍ତ୍ରୋପଚାର କରାଯାଉଛି। ଅସ୍ତ୍ରୋପଚାର ପରେ ଆଇସିୟୁ ଆବଶ୍ୟକ କରୁଥିବା ରୋଗୀଙ୍କୁ ମେଡିକାଲର ସେଣ୍ଟ୍ରାଲ ଆଇସିୟୁ ପଠାଯାଉଛି। ହେଲେ ଏହି ଅତ୍ୟାଧୁନିକ ଆଇସିୟୁ ଖୋଲିଲେ ରୋଗୀ ଭିଡ଼ ନିୟନ୍ତ୍ରଣ କରି ହେବ। ଏବେ ଏହାର ୭୦ ପ୍ରତିଶତ କାମ ଶେଷ ହୋଇଛି। ବାକି କାମ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ମେଡିକାଲ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

**ଶିବଶଙ୍କର ସ୍ମାରକୀ କ୍ରିକେଟ**

## ଫାଇନାଲରେ ଷ୍ଟାର କ୍ଲବ

ଆଠଗଡ,୨୦।୨(ସତ୍ୟ ପ୍ରସାଦ ରଥ):

ଆଠଗଡ ଷ୍ଟାଡିୟମରେ ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ମ୍ବାର ବେଲିଆପାଳ କ୍ରିକେଟ ଦଳକୁ ୧ ଉଇକେଟରେ ପରାସ୍ତ କରି ଷ୍ଟାର କ୍ଲବ ଆଠଗଡ଼ ଫାଇନାଲରେ ପ୍ରବେଶ କରିଛି। ବେଲିଆପାଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ରନ ସଂଗ୍ରହ କରିଥିଲା। ଜବାବରେ ଷ୍ଟାର କ୍ଲବ ୯ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ତରଫରୁ ସୌମ୍ୟରଞ୍ଜନ ନାୟକ ୨୩ ବଲରୁ ୫୪ରନ ସଂଗ୍ରହ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚକୁ ସନ୍ତୋଷ କୁମାର ମହାପାତ୍ର, ସୌମ୍ୟରଞ୍ଜନ ଲେଙ୍କା ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ମ୍ୟାଚ ଶେଷରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ ଓ ବିଶିଷ୍ଟ ସଙ୍ଗୀତଜ୍ଞ ସଞ୍ଜୟ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ବିଜୟୀ ଦଳ ସୌମ୍ୟଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ସେମିଫାଇନାଲରେ ମା'ଚର୍ଚ୍ଚିକା ଦଳ ବିଜୟୀ

**ରାଣୀ ଶୁକଦେଈ କ୍ରିକେଟ**

ବାଙ୍କୀ,୨୦।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ରାଣୀ ଶୁକଦେଈ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ମା'ଚର୍ଚ୍ଚିକା କ୍ରିକେଟ ଟିମ୍ ଓ ଜାତମୁଣ୍ଡିଆ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୪ ରନ୍‌ରେ ଜାତ୍‌ମୁଣ୍ଡିଆ କ୍ରିକେଟ୍ ଟିମ୍‌କୁ ହରାଇ ମା' ଚର୍ଚ୍ଚିକା ଟିମ୍ ବିଜୟୀ ହୋଇଛି। ବାଙ୍କୀ କଲେଜ ଖେଳପଡ଼ିଆରେ ଆୟୋଜିତ ଏହି ମ୍ୟାଚରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶ୍ୟାମଲାଲ ଭୋଏ , ଅଧ୍ୟାପକ କେ.ଏମ. ଶୁଭାଶିଷ ଜେନା ଓ ଅଧ୍ୟାପକ ଅଂଶୁମାନ ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ ଓ ଜିତେନ୍ଦ୍ର ଦେଓ ମ୍ୟାଚ ପରିଚାଳନା କରିଥିବା ବେଳେ ଅମ୍ପାୟର ଭାବେ ଦୀପକ ପ୍ରଧାନ, ହିମାଂଶୁ ଜେନା ଓ ସୀତାରାମ ମହାପାତ୍ର ସହଯୋଗ କରିଥିଲେ।

## ଦୁବାଇର 'ଗଲ୍ ଫୁଡ୍' ପ୍ରଦର୍ଶନୀରେ ଭାରତ ମସଲା




ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା):

ବିଶ୍ୱର ବ୍ୟବସାୟିକ ପେଣ୍ଠସ୍ଥଳୀ ଉପସାଗରୀୟ ଦେଶ ୟୁନାଇଟେଡ୍ ଆରବ ଏମିରଟ୍‌ର ଦୁବାଇଠାରେ ଚାଲିଥିବା 'ଗଲ୍ ଫୁଡ୍' ପ୍ରଦର୍ଶନୀର ୩୦ତମ ସଂସ୍କରଣରେ ଭାରତ ମସଲା ଅଂଶଗ୍ରହଣ କରିଛି। ଶୁକ୍ରବାର ଉଦ୍‌ଯାପିତ ହେବାକୁ ଥିବା ଏହି ୫ଦିନିଆ କ୍ରେତା ବିକ୍ରେତା ସମ୍ମିଳନୀରେ ବିଶ୍ୱର ପ୍ରାୟ ୧୨୯ଟି ଦେଶର ଶିଳ୍ପପତି ନିଜ ଉତ୍ପାଦିତ ସାମଗ୍ରୀକୁ ପ୍ରାୟ ୫ ହଜାର ୫୦୦ ଷ୍ଟଲ୍‌ରେ ପ୍ରଦର୍ଶିତ କରିଥିଲେ। ଭାରତରୁ ଅନେକ ପ୍ରତିଷ୍ଠିତ ଶିଳ୍ପପତି ଏଥିର ଅଂଶ ଗ୍ରହଣ କରିଥିଲେ। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କମ୍ପାନୀ ଉତ୍ପାଦିତ ସାମଗ୍ରୀ କିପରି ବିଦେଶକୁ ଅଧିକରୁ ଅଧିକ ରପ୍ତାନୀ କରିହେବ ସେ ବିଷୟରେ ଅଂଶ ଗ୍ରହଣ କରିଥିବା ବ୍ୟବସାୟୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ବିଶ୍ୱର ଅନ୍ୟ ଦେଶ ସହ ବ୍ୟବସାୟକୁ ସମ୍ପ୍ରସାରିତ କରିବା କମ୍ପାନୀର ମୂଳଲକ୍ଷ୍ୟ ହୋଇଥିଲେ ମଧ୍ୟ ଭାରତକୁ ବିଦେଶୀ ମୁଦ୍ରା କିପରି ଅଧିକରୁ ଅଧିକ ଆସିବ ଏବଂ ଅର୍ଥନୀତି ସୁଦୃଢ଼ ହେବ କମ୍ପାନୀ ସେ ଦିଗ ପ୍ରତି ଧ୍ୟାନ ଦେଇଛି ବୋଲି ପଣ୍ଡା କହିଛନ୍ତି। ଭାରତ ମସଲାର ଦୁବାଇ ବ୍ୟବସାୟର ରପ୍ତାନୀ ମୁଖ୍ୟ ରଶ୍ମିରଞ୍ଜନ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦୁବାଇ ଷ୍ଟକିଷ୍ଟ ଉମର ସର୍ଜ୍ଜନଙ୍କ କର୍ମଚାରୀ ଏହି ସମ୍ମିଳନୀରେ କମ୍ପାନୀର ପ୍ରଚାର ପ୍ରସାରରେ ସହଯୋଗ କରିଥିଲେ।

## ଶାଶୁଘରୁ ମହିଳାଙ୍କ ମୃତଦେହ ଜବତ

- ମା' ଆଣିଲେ ହତ୍ୟା ଅଭିଯୋଗ
- ସ୍ୱାମୀ ଅଟକ, ଅନ୍ୟ ସଦସ୍ୟ ଫେରାର

ମଙ୍ଗୁଳି-ଜଗତପୁର,୨୦।୨(ମାନସ ସାମଲ):

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ଏକ ଘରୁ ସିତୁ ପ୍ରଧାନ ନାମ୍ନୀ ଜଣେ ମହିଳାଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ସିତୁଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ମା' ମିନତି ପ୍ରଧାନ ଟାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ଟାଙ୍ଗୀ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର, ଟାଙ୍ଗୀ-ଚୌଦ୍ୱାର ଅତିରିକ୍ତ ତହସିଲଦାର ରଞ୍ଜନ ନାୟକ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଗୁରୁବାର ତଦନ୍ତ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଛି। ମିନତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୪୬/୨୫) ରୁଜୁ କରିଛି। ପାରିବାରିକ କଳହକୁ କେନ୍ଦ୍ରକରି ସିତୁଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି। ଏହି ଘଟଣାରେ ସିତୁଙ୍କ ସ୍ୱାମୀ ରାଜେନ୍ଦ୍ର ସ୍ୱାଇଁଙ୍କୁ ପୋଲିସ ଅଟକ ରଖିଛି। ଅପରପକ୍ଷରେ ସିତୁଙ୍କ ୪ ମାସର ଶିଶୁପୁତ୍ରକୁ ନେଇ ପରିବାରର ଅନ୍ୟ ସଦସ୍ୟ ଫେରାର ଅଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୩ ଡିସେମ୍ବର ୧୦ରେ ଛତିଆ ରଙ୍ଗଦାସପୁର ଗ୍ରାମର ସିତୁଙ୍କୁ ଟାଙ୍ଗୀ ଥାନା ସାମନ୍ତରାପୁର ଗ୍ରାମର ରାଜେନ୍ଦ୍ର ସ୍ୱାଇଁ ବୈଦିକ ରୀତିରେ ବିବାହ କରିଥିଲେ। ବାହାଘରର ଛଅ ମାସ ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଚାଲିଥିଲା। ଏହାପରେ ଅଧିକ ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ସିତୁଙ୍କ ସହିତ ବାରମ୍ବାର ଝଗଡ଼ା କରୁଥିଲେ। ଫଳରେ ସିତୁ ତାଙ୍କ ବାପଘରକୁ ଚାଲିଯାଇଥିଲେ। ଭଦ୍ରଲୋକଙ୍କ ସହାୟତାରେ ଉଭୟ ପକ୍ଷ ମଧ୍ୟରେ ବୁଝାଶୁଝା ହେବା ଏବଂ ଏଭଳି ଘଟଣା ଆଉ ଘଟିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ସିତୁ ଶାଶୁଘରକୁ ଆସିଥିଲେ। ବୁଧବାର ରାତି ୭ଟାରେ ସିତୁ ବାପଘର ଲୋକଙ୍କ ସହିତ ଫୋନ୍‌ରେ କଥା ହୋଇଥିଲେ। ଏହାର ୧ଘଣ୍ଟା ପରେ ସେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇଥିଲେ। ତୁରନ୍ତ ଶାଶୁଘରେ ପହଞ୍ଚିବା ପରେ ସିତୁଙ୍କ ମୃତଦେହ ଶୋଇବା ଘରର ଖଟ ଉପରେ ପଡିଥିବା ସେମାନେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ଟାଙ୍ଗୀ ଥାନାକୁ ଖବର ଦେଇଥିଲେ।

## 'ମହାପର୍ବତର ପ୍ରାକୃତିକ ସମ୍ପଦ ଅନନ୍ୟ'

**ପ୍ରାକୃତିକ ସମ୍ପଦ, ବନ୍ୟଜନ୍ତୁ ସମ୍ପର୍କିତ ଆଲୋଚନାଚକ୍ର**

ବାଙ୍କୀ,୨୦।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଛାତ୍ରୀଛାତ୍ରମାନେ ମହାପର୍ବତ ଓ ଏହାର ଆଖପାଖ ଅଞ୍ଚଳ ବୁଲି ଦେଖିଥିଲେ। ଏହି ଅବସରରେ ପ୍ରାକୃତିକ ସମ୍ପଦ ଓ ବନ୍ୟଜନ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଶ୍ୟାମଲାଲ ଭୋଏଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ମହାପର୍ବତର ପ୍ରାକୃତିକ ସମ୍ପଦ ଅନନ୍ୟ ବୋଲି କହିଥିଲେ। ଏହି ମହାପର୍ବତ ପ୍ରାୟ ୫୦୦ ଏକର ବିଶିଷ୍ଟ ସ୍ଥାନରେ ରହିଛି ଓ ଏଠାରେ ୩ ପର୍ବତ ପାଖାପାଖି ହୋଇ ରହିଛି। ଏଠାରେ ବହୁ ମୂଲ୍ୟବାନ ବୃକ୍ଷଲତା, ହେଟାବାଘ, ବାରାହା, ମୟୂର, ଗାଡଭାଲୁ, ବିଲୁଆ, ବିଭିନ୍ନ ପ୍ରକାର ସରୀସୃପ ଓ ପକ୍ଷୀମାନେ ବାସ କରୁଛନ୍ତି ବୋଲି ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାପର୍ବତକୁ ଏକ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିବା ପାଇଁ ରାଜ୍ୟ ସରକାର ଓ ଜଙ୍ଗଲ ବିଭାଗକୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ରାଜଲକ୍ଷ୍ମୀ ନାୟକ, ସ୍ମୃତି ସାଗରିକା ପରିଜା, ଚିନ୍ମୟୀ ସାହୁ, ରାଜଲକ୍ଷ୍ମୀ ରାଉତ, ଅରବିନ୍ଦ ଦାସ, ପ୍ରତ୍ୟୁଷ ବେହେରା, କରୁଣାମୟୀ ବେହେରା, ରାକେଶ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଅମିତ୍ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ସାମିଲ ହୋଇଥିବା ଶିକ୍ଷକ ଓ ଛାତ୍ରୀଛାତ୍ର।

# ପ୍ରାଚୀନଦୀ, ତଟରେ ଥିବା କୀର୍ତ୍ତିରାଜିର ପୁନରୁଦ୍ଧାର ପାଇଁ ପଦଯାତ୍ରା

କାକଟପୁର/ଅସ୍ତରଙ୍ଗ,୨୦।୨ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପୁଣ୍ୟତୋୟା ପ୍ରାଚୀନଦୀର ପୁନରୁଦ୍ଧାର ପାଇଁ ଜନଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗତ ୧୮ ତାରିଖରୁ ସାଧୁସନ୍ଥ ଶ୍ରୀ ଅନ୍ଧକପିଳେଶ୍ୱର ମନ୍ଦିରରୁ ପଦଯାତ୍ରା ଆରମ୍ଭ କରିଥିଲେ। ୨୦୧୨ ମସିହାରୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଦିଗ୍‌ଦର୍ଶନ ଓ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ପୌରୋହିତ୍ୟ ତଥା ପ୍ରାଚୀ ପରିକ୍ରମା ପଦଯାତ୍ରା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ବିଶ୍ୱର କୋଣ ଅନୁକୋଣରୁ ସାଧୁସନ୍ଥ, ଯୋଗୀ, ଐତିହାସିକ, ଗବେଷକ, ଶ୍ରଦ୍ଧାଳୁ, ପରିବେଶପ୍ରେମୀ ଓ ପ୍ରାଚୀ ଉପତ୍ୟକାର ବିଭିନ୍ନ ମଠ ମନ୍ଦିରର ସାଧୁ ଖାଲିପାଦରେ ଚାଲିଚାଲି ପବିତ୍ର ପ୍ରାଚୀନଦୀ ପରିକ୍ରମା କରୁଛନ୍ତି। ପୁରାଣ ଅନୁଯାୟୀ, ଭକ୍ତଶ୍ରେଷ୍ଠ ଜୟଦେବ ଓ ଶ୍ରୀଚୈତନ୍ୟ ଦେବ ଭକ୍ତଙ୍କ ସହ ମିଶି ଏହି ପୁଣ୍ୟତୋୟା ନଦୀ ପରିକ୍ରମା କରୁଥିଲେ। ଜୟଦେବ ଓ ଶ୍ରୀଚୈତନ୍ୟଙ୍କ ସେହି ପଦାଙ୍କ ଅନୁସରଣ କରି ସାଧୁସନ୍ଥ ଅନ୍ଧ କପିଳେଶ୍ୱର ମନ୍ଦିରଠାରୁ ପ୍ରାଚୀନଦୀର ଉତ୍ତର ଦିଗରେ ଯାତ୍ରା ଆରମ୍ଭ କର ବାଟରେ ବିଭିନ୍ନ ପୀଠ ଓ ତୀର୍ଥରେ ପ୍ରାଚୀ ଆଳତି, ଗୋ ପୂଜନ, ବୃକ୍ଷପୂଜନ, ମାତୃପୂଜନ, ପ୍ରବଚନ, କଥା ଆଦି କରି ଗୁରୁବାର ମଧ୍ୟାହ୍ନରେ କାକଟପୁରସ୍ଥିତ ଦେଉଳି


ପ୍ରାଚୀନଦୀର ପୁନରୁଦ୍ଧାର ପାଇଁ ଆୟୋଜିତ ସମାବେଶରେ ସାଧୁସନ୍ଥ ।

### ସାମିଲ ହେଲେ ବହୁ ସାଧୁସନ୍ଥ, ଗବେଷକ

ମଠ ନିକଟରେ ପହଞ୍ଚିଥିଲେ। ସନ୍ଧ୍ୟାରେ ଦେଉଳି ମଠଠାରେ ପ୍ରାଚୀ ଆଳତି ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ଶୁଦ୍ଧାନନ୍ଦ ଗିରି, ପୂଜ୍ୟ ମହନ୍ତ ଚିନ୍ତାମଣି ପର୍ବତ ମହାରାଜ, ପୂଜ୍ୟ ବାବା ଦାମୋଦର ଦାଶ, ପୂଜ୍ୟ ବାବା ସତ୍ୟାନନ୍ଦ ଦାଶ ଏବଂ ଅନେକ ସାଧୁସନ୍ଥ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ପ୍ରତ୍ୟୁଷରୁ ପ୍ରାତଃ ପ୍ରାଚୀ ଆଳତି ସମ୍ପନ୍ନ ପରେ ସାଧୁସନ୍ଥ ଅମ୍ବରା କ୍ଷେତ୍ର ସରିପୁର ଦେଇ କେଉଟଜଙ୍ଘାସ୍ଥିତ କେଲୁଣୀ ମୁହାଣ ନିକଟରେ ପହଞ୍ଚିବେ।

# ସ୍କୁଲ ପରିସରରୁ ଝୁଲନ୍ତା ମୃତଦେହ ଜବତ

ଗୋପ,୨୦।୨(ଭାରତୀ ଭୂଷଣ ଉପାଧ୍ୟାୟ)

### ଭୟରେ ସ୍କୁଲ ଛାଡ଼ିଲେ ଛାତ୍ରୀଛାତ୍ର

ଗୋପ ବ୍ଲକ ଅଧୀନ କୁଣ୍ଡେଷ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିବା ପରେ ସ୍କୁଲ ଛାତ୍ରୀଛାତ୍ର ସ୍କୁଲ ଛାଡ଼ିଥିବା ଜଣାପଡ଼ିଛି। ମୃତକ ହେଲେ କୁଣ୍ଡେଷ ଗ୍ରାମର କେଶବ ବେହେରାଙ୍କ ପୁଅ କାଳନ୍ଦୀ ବେହେରା (୨୭)। ତେବେ ତାଙ୍କ ମସ୍ତିଷ୍କ ବିକୃତ ଯୋଗୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ପୋଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ଗୋପ ପୋଲିସ ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେଶବ କିଛି ଦିନ ଧରି ମସ୍ତିଷ୍କ ବିକୃତ ଯୋଗୁ ଚିକିତ୍ସିତ ହେଉଥିଲେ। କୌଣସି କାରଣରୁ ଗୁରୁବାର ସକାଳେ ସ୍କୁଲ ପରିସରସ୍ଥ ଏକ ପରିତ୍ୟକ୍ତ ଘର ଭିତରେ ସେ ଆତ୍ମହତ୍ୟା କରିଥିଲେ। ପରେ ସ୍କୁଲ ଛାତ୍ରୀଛାତ୍ର ସ୍କୁଲକୁ ଆସିଥିଲେ। ହେଲେ ସ୍କୁଲ ଜଣେ ଶିକ୍ଷକ କୌଣସି କାର୍ଯ୍ୟରେ ଏହି ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏହି ଖବର ଜଣାପଡ଼ିବା ପରେ ପରିବାର ସଦସ୍ୟ ସେଠାରେ ପହଞ୍ଚି ମୃତଦେହ ଜବତ କରି ଘରକୁ ନେଇଥିଲେ। ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ଏପରି ଘଟଣା ବାବଦରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆଲୋକମାଳା ସାହୁଙ୍କୁ ପଚାରିବାରେ, ସ୍କୁଲ ପରିସରରେ ଏକ ଅଘଟଣକୁ ନେଇ ସ୍କୁଲ ଛୁଟି କରିଦିଆଯାଇଥିବା ସେ କହିଥିଲେ।

# ଜମା ଟଙ୍କା ଫେରିପାଉନାହାନ୍ତି ଲୋକେ

ନୟାହାଟ,୨୦।୨(ରଶ୍ମିରଞ୍ଜନ ସାହୁ)

### ଫାଣ୍ଡିରେ ଅଭିଯୋଗ

ନୟାହାଟ ଫାଣ୍ଡି ଅନ୍ତର୍ଗତ ପଲ୍ଲୀ ଛକ ।ରେ ୨୦୧୯ ମସିହାରେ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଖୋଲାଯାଇଥିଲା। ଉକ୍ତ ସଂସ୍ଥା ଲୋକଙ୍କ ଠାରୁ ଟଙ୍କା ଆଣି ସେମାନଙ୍କୁ ପରବର୍ତ୍ତୀ ସମୟରେ ନ ଫେରେଇବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କେତେଜଣ ଜମାକାରୀ ଉକ୍ତ ସଂସ୍ଥାର କର୍ମଚାରୀ ଅନିଲ କୁମାର ନାୟକଙ୍କୁ ଟଙ୍କା ମାଗି ନିରାଶ ହେବାରୁ ତାଙ୍କ ଗାଡ଼ି ଛଡ଼ାଇ ପୋଲିସ ଜିମା ଦେଇଥିଲେ। ଗୁରୁବାର ରାତି ପ୍ରାୟ ୮ଟାରେ ୩୦ରୁ ଊର୍ଦ୍ଧ୍ୱ ଜମାକାରୀ ନୟାହାଟ ଫାଣ୍ଡିରେ ପହଞ୍ଚି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଅଶୋକ ବେହେରା ଉକ୍ତ ସଂସ୍ଥାକୁ ଯାଇ ସମସ୍ତ କାଗଜପତ୍ର ତନଖି କରିବାରୁ ଜାଣିବାକୁ ପାଇଥିଲେ ଯେ, ତାହା ଏକ ବେସରକାରୀ ସଂସ୍ଥା। ନିମାପଡ଼ା ଗ୍ରାମର ସସ୍ମିତା ସେନ ତିନୋଟି ଜମାଖାତାରେ ୧ ଲକ୍ଷ ୮ ହଜାର, ୧ ଲକ୍ଷ ୪୦ ହଜାର ଓ ୧୩ ହଜାର ଟଙ୍କା ଜମା କରିଥିବା ବେଳେ ଦେଶୁଣ୍ଡିର ଝୁନି ଲତା ସ୍ୱାଇଁ ୧ ଲକ୍ଷ ୩୮ ହଜାର ଓ ଭିମାପଡା ଗ୍ରାମର ବଳରାମ ସାହୁ ୯୩ ହଜାର ଟଙ୍କା ଜମା ରଖିଥିଲେ। ଶତାଧିକ ଜମାକାରୀଙ୍କ ଟଙ୍କା ଦେବାର ସମୟ ସୀମା ପୂରିଯାଇଥିବା ବେଳେ ଉକ୍ତ ସଂସ୍ଥା ୬ ମାସ ହେଲା ସେମାନଙ୍କୁ ବାରମ୍ବାର ଦଉଡ଼ାଇବା ସହ ଟଙ୍କା ନ ଦେଇ ହଇରାଣ କରୁଥିବା ନେଇ ଜମାକାରୀମାନେ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ବେହେରା ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଜମାକାରୀଙ୍କୁ ଟଙ୍କା ଫେରାଇବା ପାଇଁ ତାଗିଦା କରିଛନ୍ତି, ନଚେତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ କର୍ମୀ ସନ୍ତୋଷ ରାଉତ ଦାବି କରିଛନ୍ତି।

## ସଂକ୍ଷେପରେ

### ପାଗଳା କୁକୁର କାମୁଡ଼ାରେ ୧୦ ଆହତ

ଗୋପ,୨୦।୨(ଭାରତୀ ଭୂଷଣ ଉପାଧ୍ୟାୟ)

କିଛି ଦିନ ଧରି ଗୋପ ଥାନା ଅଧୀନ କୁସୁପୁର ପାଟଣାସାହି ଗ୍ରାମରେ ପାଗଳା କୁକୁର ଆତଙ୍କ ଲାଗି ରହିଛି। ଏହି କୁକୁରଟି ଗୋଡ଼ାଇ ଗୋଡ଼ାଇ ଲୋକଙ୍କୁ କାମୁଡ଼ିବାରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଥିରେ ଦିଘାଲୋ ଗ୍ରାମର ଜମୁନି ବିବି(୬୫), କୁସୁପୁର ପାଟଣାସାହିର ସଞ୍ଜୁବାଳା ସାହୁ(୪୨), ଲୁଲୁ ସାହୁ (୩୮)ଙ୍କ ସମେତ ଆଉ କେତେଜଣ ଆହତ ହୋଇଥିବା ଜଣାପଡ଼ିଛି। ଜଙ୍ଗଲ ବିଭାଗ ତୁରନ୍ତ ଏହି କୁକୁରକୁ ଧରିବାକୁ ଗ୍ରାମର ମାନସ କୁମାର ସାହୁ ଓ ଅନ୍ୟମାନେ ଦାବି କରିଛନ୍ତି।

### ଘରବାଡ଼ିରୁ ଉଦ୍ଧାର ହେଲେ ନାଗ-ନାଗୁଣୀ

ସାକ୍ଷୀଗୋପାଳ,୨୦।୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୟରାମପୁର ଗ୍ରାମର ବିଜୟ ନାୟକଙ୍କ ଖଳାବାଡ଼ିରୁ ନାଗ ଓ ନାଗୁଣୀକୁ ଉଦ୍ଧାର କରାଯାଇଛି। ବାଡ଼ିରେ ଗୋରୁ ନ ପଶିବା ପାଇଁ ବିଜୟ ଏକ ପ୍ଲାଷ୍ଟିକ ଜାଲ ଘେରାଇଥିଲେ। ବୁଧବାର ସକାଳେ ସେଇ ଜାଲରେ ପ୍ରାୟ ୪ ଫୁଟ ଲମ୍ବର ଏକ ନାଗ ସାପ ଫସିଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ଆଉ ଗୋଟିଏ ବଡ଼ ନାଗ ସାପ ଆସି ସେଇ ଜାଲ-ବନ୍ଦୀ ନାଗ ସାପ ପାଖରେ ବୁଲିବାକୁ ଲାଗିଲା। ଫଳରେ ବିଜୟଙ୍କ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ଗୁରୁବାର ସକାଳୁ ମଧ ସମାନ ଦୃଶ୍ୟ ଦେଖି ବିଜୟ ବାଧ ହୋଇ ସ୍ନେକ ହେଲ୍ପ ଲାଇନକୁ ଫୋନ କରିଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସୁଶାନ୍ତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଉଭୟ ସାପଙ୍କୁ ଧରି ଗ୍ରାମ ଠାରୁ ଅନତି ଦୂରରେ ଥିବା ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ିଛନ୍ତି। ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, 'ନାଗସାପମାନଙ୍କର ଏବେ ମେଟିଂ ସିଜନ ଚାଲିଛି। ତେଣୁ ଏଇ ସମୟରେ ଗୋଟିଏ ସ୍ଥାନରେ ଦୁଇଟି ବା ତତୋଧିକ ନାଗସାପ ଦେଖା ଯିବା ଏକ ସାଧାରଣ ଘଟଣା। ମାର୍ଚ୍ଚରୁ ଏପ୍ରିଲ ଭିତରେ ନାଗୁଣୀ ଅଣ୍ଡା ଦେଇଥାଏ। ଅଣ୍ଡା ଦେବାର ପ୍ରାୟ ୬୦ ଦିନ ଭିତରେ ଅଣ୍ଡାଗୁଡ଼ିକ ଛୁଆ ଫୁଟିଥାଏ।'

# ୨୩,୫୨୭ ଚାଷୀଙ୍କୁ ମିଳିଲାଣି ଇନ୍‌ପୁଟ୍ ସବ୍‌ସିଡି

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ୨୩,୫୨୭ ଚାଷୀଙ୍କୁ ୭୬,୮୬, ୧୦, ୫୬୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ମିଳିସାରିଛି। କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ସହ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ହିସାବର ଏହି ଅର୍ଥ ଇନ୍‌ପୁଟ୍ ସବ୍‌ସିଡି ହିସାବରେ କୃଷକମାନେ ପାଇଲେଣି ବୋଲି ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା କହିଛନ୍ତି। ଜିଲାର ସମସ୍ତ ୧୧ଟି ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନସଂଗ୍ରହ କାର୍ଯ୍ୟ ତଦାରଖ କରୁଛନ୍ତି। ଯୋଗାଣ ଅଧିକାରୀ,ସମବାୟ ସମିତିର କର୍ମକର୍ତ୍ତା ଏବଂ ଆର୍‌ଏମ୍‌ସି ପକ୍ଷରୁ କୃଷକମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର କୃଷକମାନେ ଧାନ ବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲାପାଳ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୪୮,୯୬୪ ଜଣ କୃଷକଙ୍କଠାରୁ ୨୦,୪୨,୬୦୦ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୧,୬୮,୬୦୦ କୁଇଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୭,୪୦,୦୦ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଛି। ଚଳିତ ମାସ ୧୯ ତାରିଖ ସୁଦ୍ଧା ଖୋଲାଯାଇଥିବା ସମସ୍ତ ୧୮୭ଟି ମଣ୍ଡିରେ ୨୬,୫୦୯ ଜଣ କୃଷକଙ୍କଠାରୁ ୧୦,୭୫,୦୩୧ କୁଇଣ୍ଟାଲ ୨୫ କିଗ୍ରା ଧାନ ସଂଗ୍ରହ ହୋଇଛି। ମୋଟ ୨୩ ଜଣ ମିଲର ଏହି ଧାନ ସଂଗ୍ରହ କାର୍ଯ୍ୟରେ ସାମିଲ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୨୬,୫୦୯ ଚାଷୀ ଧାନ ବିକ୍ରୟ କରିଥିବା ବେଳେ ୨୨,୪୫୫ ଜଣ ଧାନ ବିକ୍ରୟ ପାଇଁ ଅପେକ୍ଷାରେ ରହିଛନ୍ତି। ୨୪,୮୭୦ ଜଣ କୃଷକଙ୍କୁ ୨୩,୨୬,୫୮,୭୧୦୩ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୨୩,୫୨୭ କୃଷକ ୨୨,୦୯,୭୫,୫୩୬୦ ଟଙ୍କା ପାଇଛନ୍ତି। ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଜିଲା ଯୋଗାଣ ଅଧିକାରୀ ହୋତା କହିଛନ୍ତି।

### ସାକ୍ଷୀଗୋପାଳଙ୍କୁ ଦର୍ଶନ କଲେ ପିସିସି ସଭାପତି ଭକ୍ତ ଦାସ

ସାକ୍ଷୀଗୋପାଳ,୨୦।୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ପୁରୀ ଶ୍ରୀକ୍ଷେତ୍ରରେ ସଂକଳ୍ପ ଯାତ୍ରା ଉଦ୍‌ଯାପନ ପରେ ଗୁରୁବାର ରାତିରେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିଛନ୍ତି। ଠାକୁର ଶ୍ରୀଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀ ରାଧାରାଣୀଙ୍କ ଦର୍ଶନ, ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଛନ୍ତି। ପରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟ କଂଗ୍ରେସ କମିଟିର ଏହି ସଂକଳ୍ପ ଯାତ୍ରା ରାଜ୍ୟରେ ଏକ ନୂତନ ସନ୍ଦେଶ ଦେଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ପରିବର୍ତ୍ତନ ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ପିସିସି ସଭାପତି ଦାସ ପ୍ରକାଶ କରିଥିଲେ।


ପୁରୀରେ ଗୁରୁବାର କଂଗ୍ରେସର ସଂକଳ୍ପ ଯାତ୍ରାକୁ ସ୍ୱାଗତ ଅବସରରେ ମହିଳାମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି ।

### ବାଇକ୍ ଚୋର ଗିରଫ

ନିମାପଡ଼ା,୨୦।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଜୟଶ୍ରୀ ଛକସ୍ଥିତ ଏକ ଗ୍ରୋସରୀ ଦୋକାନ ନିକଟରୁ ବାଇକ୍ ଚୋରି କରିବାବେଳେ ଧରାପଡ଼ିଛି। ନିମାପଡ଼ା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୋପ ଥାନା ଅଧୀନ ଷୋଳପୁର ଗ୍ରାମର ସତ୍ୟନାରାୟଣ ମଲ୍ଲିକ। ଏନେଇ ପୋଲିସ ଏକ ମାମଲା (୪୬/୨୫) ରୁଜୁ କରି ତଦନ୍ତ ଚଳାଇଛି। ଦୋକାନୀ ସରୋଜ ପ୍ରଧାନ ବୁଧବାର ଦୋକାନ ଖୋଲି ପାଖକୁ ଫୁଲ ତୋଳିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ସତ୍ୟନାରାୟଣ ବାଇକ୍‌କୁ ଚୋରି କରି ଖସି ପଳାଇବାକୁ ଉଦ୍ୟମ କରୁଥିଲେ। ସରୋଜ ଏହା ଦେଖିପାରି ତାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି।

# ୧୩ କେନ୍ଦ୍ରରେ ପରୀକ୍ଷା ଦେବେ ୨୪୨୪

କଣାସ,୨୦।୨(ବିଭୂତି ଭୂଷଣ ତ୍ରିପାଠୀ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାରଠାରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ ହେବ । କଣାସ ବ୍ଲକର ୧୩ କେନ୍ଦ୍ରରେ ୨୪୨୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିବା ଜଣାପଡ଼ିଛି। ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨୨୧୪ ହୋଇଥିବାବେଳେ ମୁକ୍ତ ବିଦ୍ୟାଳୟ ୧୬୯ ଜଣ ଓ ମଧ୍ୟମା ୧୦ ଜଣ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ହୋଇଥିବାବେଳେ ସେଥିରେ ୧୮୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ବ୍ୟବସ୍ଥା ହୋଇଛି। ସେହିପରି ଗୋପୀନାଥ ହାଇସ୍କୁଲ ଗଡ଼ିଶାଗୋଦାରେ ୨୨୬, ଆଞ୍ଚଳିକ ଗୌରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ନୂଆପୋଖରୀରେ ୨୪୭, ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନରେ ୧୭୫, ଭିକାରୀ ଚରଣ ନୋଡାଲ ବିଦ୍ୟାନିକେତନ ବକୁରେ ୧୬୨, ଜି.ପି. ନୋଡାଲ ହାଇସ୍କୁଲରେ ୧୬୧, କୁଳମଣି ନୋଡାଲ ବିଦ୍ୟାପୀଠ ଅଡାଳ ବଡାଳରେ ୨୭୩, ଗଡ଼ସାନପୁଟ ହାଇସ୍କୁଲରେ ୧୬୪, ଦୁର୍ଗାଦେବୀ ହାଇସ୍କୁଲ ବେଣାଗାଁରେ ୧୫୬, ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ, କଣାସରେ ୨୦୦, ତ୍ରିଲୋଚନପୁର ହାଇସ୍କୁଲରେ ୧୬୦, ଟିପୁରୀ ନୋଡାଲ ହାଇସ୍କୁଲରେ ୧୩୨, ଶ୍ରୀ ଅଭିରାମ ନୋଡାଲ ବିଦ୍ୟାପୀଠ କରମଳାରେ ୧୬୯ ଜଣ ପରୀକ୍ଷା ଦେବାକୁ ବ୍ୟବସ୍ଥା ହୋଇଥିବା ନୋଡାଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁଲୋଚନା ମହାପାତ୍ର କହିଛନ୍ତି।

# ଠାକୁରଙ୍କ ଅର୍ଥ ଆତ୍ମସାତ୍, ଭୂସମ୍ପତ୍ତି ହଡ଼ପର ତଦନ୍ତ ଦାବି

ସାକ୍ଷୀଗୋପାଳ,୨୦।୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୁରୀ ଜିଲା ସାକ୍ଷୀଗୋପାଳ ଠାକୁରଙ୍କ ପ୍ରଶାସନିକ ଅଧିକାରୀଙ୍କ ଅର୍ଥ ଆତ୍ମସାତ୍ ଓ ଭୂସମ୍ପତ୍ତି ହଡ଼ପ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଶ୍ରୀଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ସମ୍ପତ୍ତି ସୁରକ୍ଷା କମିଟି ଦାବି କରିଛି। ଏହି ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ଖବରଦାତା ସମ୍ମିଳନୀ ବସିଥିଲା। ବର୍ଷ ବର୍ଷ ଧରି ଠାକୁରଙ୍କ ପ୍ରତି ପ୍ରଶାସନଠାରୁ ରାଜନେତା ଅବହେଳା କରୁଥିବା ଅଭିଯୋଗ ଉଠାଇଛନ୍ତି। ବିଭିନ୍ନ ସମୟରେ ପ୍ରଶାସକ ଠାକୁରଙ୍କ ଅର୍ଥ ଆତ୍ମସାତ୍ କରିଥିବା ଅଡିଟ୍ ରିପୋର୍ଟ ରହିଥିଲେ ମଧ ଦେବୋତ୍ତର ବିଭାଗ ଓ ମନ୍ଦିର ପରିଚାଳନା ପରିଷଦ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଫଳରେ ଠାକୁରଙ୍କ ଅର୍ଥ ବାଟମାରଣା ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଦୁର୍ନୀତିରେ ଉବୁଟୁବୁ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ସେହିପରି ସଂକୀର୍ଣ୍ଣ ବଜାର ଦେଇ ମନ୍ଦିରକୁ ଆସୁଥିବା ତୀର୍ଥଯାତ୍ରୀ ବସ୍‌ଗୁଡ଼ିକ ଚଳାଚଳ କରିବା କଷ୍ଟକର ହେଉଛି। ରାଜପଥରୁ ବଜାର ଦେଇ ବସ୍‌ଗୁଡ଼ିକ ଛଡ଼ା ଯାଉ ନ ଥିବାରୁ ଯାତ୍ରୀ ହଟହଟା ହେଉଛନ୍ତି। ସେପଟେ ପ୍ରସ୍ତାବିତ ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ ନିର୍ମାଣ ଓ ରାସ୍ତା ସମ୍ପ୍ରସାରଣକୁ ଅଟକାଇବାକୁ ଚକ୍ରାନ୍ତ ଚାଲିଛି। ଏହି ଅଭିଯୋଗ ନେଇ ସୁରକ୍ଷା ମଞ୍ଚ ବାରମ୍ବାର ଅଭିଯୋଗ କରିବା, ଆଇନର ଦ୍ୱାରସ୍ଥ ହେଲେ ମଧ ଦେବୋତ୍ତର ବିଭାଗ, ଜିଲା ପ୍ରଶାସନ ଓ ରାଜନୈତିକ ନେତାଙ୍କ ଅଣଦେଖା ଫଳରେ ଏହି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଖବରଦାତା ସମ୍ମିଳନୀ ଜରିଆରେ ସେମାନେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କମିଟି ସଭାପତି ଆଇନଜୀବୀ ବିନାୟକ ମହାନ୍ତି, ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ତ୍ରିନାଥ ପ୍ରଧାନଙ୍କ ସମେତ ସେବାୟତ ପୀତାମ୍ବର ମହାପାତ୍ର, ରବୀନ୍ଦ୍ରନାଥ ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମାଟ୍ରିକ ପରୀକ୍ଷା ଦେବେ ୨,୪୦୭

ପିପିଲି,୨୦।୨(ପ୍ରଭାତ କୁମାର ମହାପାତ୍ର)

ଚଳିତବର୍ଷ ମାଟ୍ରିକ୍ ବୋର୍ଡ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇ ଆସନ୍ତା ମାର୍ଚ୍ଚ ୬ରେ ଶେଷ ହେବ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପିପିଲି ପୌରାଞ୍ଚଳ ସମେତ ବ୍ଲକରେ ୧୧ ପରୀକ୍ଷା କେନ୍ଦ୍ରରେ ୨,୪୦୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପିପିଲି ଜବାହର ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୩୧୧, ପିପିଲି ନୋଡାଲ ହାଇସ୍କୁଲରେ ୩୧୫, କଣ୍ଟି ଜି ପି ହାଇସ୍କୁଲରେ ୧୬୩, ହରିରାଜପୁରର ସୋମନାଥ ଦେବ ବିଦ୍ୟାପୀଠରେ ୧୮୧, ଲକ୍ଷ୍ମୀନାରାୟଣପୁରର ସପ୍ତେଶ୍ୱର ହାଇସ୍କୁଲରେ ୧୫୮, ଜିଏମ୍ ହାଇସ୍କୁଲ ଦାଣ୍ଡମୁକୁନ୍ଦପୁରରେ ୨୯୩, ହାଟସାହିର ବାଜପେୟୀ ନୋଡାଲ ହାଇସ୍କୁଲରେ ୨୦୫, ମଙ୍ଗଳପୁରର ପଦ୍ମାବତୀ ଉଚ୍ଚ ବିଦ୍ୟାପୀଠରେ ୧୮୭, ଗୃପଦେଈପୁରର ଭଗବତୀ ହାଇସ୍କୁଲରେ ୨୦୪, ସାତଶଙ୍ଖର ଉତ୍ତରାୟଣୀ ବିଦ୍ୟାପୀଠରେ ୨୨୬ ଏବଂ ଦକ୍ଷିଣରାଢ଼ଶ ଏସ୍‌ଏସ୍‌ପି ନୋଡାଲ ହାଇସ୍କୁଲରେ ୧୬୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ପିପିଲି ନୋଡାଲ ସେଣ୍ଟର ଅଧିକାରୀ ପୀତବାସ ସେଠୀ ସୂଚନା ଦେଇଛନ୍ତି। ଏଥର ପିପିଲି ନୋଡାଲ ହାଇସ୍କୁଲ ପରିବର୍ତ୍ତେ ପିପିଲି ଜବାହର ବିଦ୍ୟାପୀଠକୁ ନୋଡାଲ ସେଣ୍ଟର କରାଯାଇଛି।

# ଭୋର ୪ରୁ ରାତ୍ରି ୧୦ ସର୍ବସାଧାରଣ ଦର୍ଶନ

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

### ଶ୍ରୀଲୋକନାଥଙ୍କ ଜାଗରଯାତ୍ରା

ଚଳିତ ମାସ ୨୬ ତାରିଖରେ ମହାଶିବରାତ୍ରି ତଥା ଜାଗର। ପୁରୀର ଶ୍ରୀଲୋକନାଥଙ୍କ ପୀଠରେ ଜାଗରଯାତ୍ରା ସୁଚାରୁରୂପେ ପରିଚାଳନା କରିବା ପାଇଁ ଏକ ବୈଠକ ଗୁରୁବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ କହିଥିଲେ, ପ୍ରଭୁ ଶ୍ରୀଲେକନାଥଙ୍କ ଜାଗରଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ଶ୍ରଦ୍ଧାଳୁଙ୍କର ଯେପରି କୌଣସି ଅସୁବିଧା ନ ହେବ ଓ ସେମାନେ ସୁଖଦ ଅନୁଭୂତି ନେଇ ଘରକୁ ଫେରିବେ ସେଥିପ୍ରତି ସମସ୍ତେ ଯତ୍ନବାନ୍ ହେବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ମାସ ୨୪ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧାର ଏକାଦଶୀ ଓ ୨୬ ତାରିଖରେ ହେବାକୁ ଥିବା ଜାଗର ଯାତ୍ରାର ନୀତିକାନ୍ତି, ସମୟ ନିର୍ଘଣ୍ଟର ସୂଚନା ଦିଆଯିବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଇନଶୃଙ୍ଖଳା ରକ୍ଷା, ପାର୍କିଂ, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ, ଅଗ୍ନିନିର୍ବାପକ, ଆମ୍ବୁଲାନ୍ସ, ସୂଚନା କେନ୍ଦ୍ର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ୟାରିକେଡ୍ ବ୍ୟବସ୍ଥା ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ଠିକ୍ ଭାବେ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉପଜିଲାପାଳ ରାଜକିଶୋର ଜେନା ନିର୍ଦ୍ଧାରିତ ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ପଙ୍କୋଦ୍ଧାର ପାଇଁ ୨୪ ତାରିଖ ରାତ୍ର ୧୨ଟା ୩୦ରେ ପହୁଡ଼ ଦ୍ୱାର ଖୋଲା, ୧ଟା ୧୫ରୁ ମଙ୍ଗଳ ଆରତି, ଅବକାଶ ଇତ୍ୟାଦି, ୧ଟା ୪୫ରୁ ୩ଟା ମଧ୍ୟରେ ସକାଳ ଧୂପ, ୩ଟାରୁ ୪ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ମଧ୍ୟାହ୍ନ ୧୨ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଓ ୧୦ଟାରୁ ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡ଼ସିଂହାର ବେଶ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ୨୬ ତାରିଖରେ ରାତ୍ର ୧୨ଟା ୩୦ରୁ ପହୁଡ଼ ଓ ଦ୍ୱାରଖୋଲା, ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆରତି, ଅବକାଶ, ସୂର୍ଯ୍ୟପୂଜା, ଭୋର ୪ଟାରୁ ରାତ୍ରି ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ରି ୧୦ରୁ ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତ୍ର ୨ଟାରୁ ୩ଟା ପର୍ଯ୍ୟନ୍ତ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ଼ସିଂହାର ବେଶ ଓ ମହାଦୀପ ପ୍ରଜ୍ଜ୍ୱଳନର ହେବା ନେଇ ନୀତି ନିର୍ଘଣ୍ଟ କରାଯାଇଛି। ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବିଭିନ୍ନ ବିଭାଗର ଅଧିକାରୀ, ଆରକ୍ଷୀ ଅଧିକାରୀ, ବିଭିନ୍ନ ସେବାୟତ ନିଯୋଗର ସଭାପତି, ସମ୍ପାଦକ ଓ ପ୍ରତିନିଧି, ପଙ୍କୋଦ୍ଧାର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗଦେଇ ଆଲୋଚନାରେ ସାମିଲ ହୋଇଥିଲେ।

# ବାଲିକପିଳେଶ୍ୱର ପୀଠରେ ରାତି ୨ଟାରେ ଉଠିବ ମହାଦୀପ

କୋଣାର୍କ,୨୦।୨(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ଥାନା ଅଧୀନ ପ୍ରସିଦ୍ଧ ଶୈବପୀଠ ବାବା ବାଲିକପିଳେଶ୍ୱର ପୀଠରେ ଜାଗର ଯାତ୍ରା ନିମନ୍ତେ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଲିକପିଳେଶ୍ୱର ଉନ୍ନୟନ କମିଟି ସଭାପତି ଗୋପାଳ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ୨୬ ତାରିଖ ଜାଗର ଯାତ୍ରା ବାବା ବାଲିକପିଳେଶ୍ୱର ପୀଠରେ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହେବ। ବୈଠକରେ ମହାପ୍ରଭୁ ବାବା ବାଲିକପିଳେଶ୍ୱରଙ୍କ ଜାଗର ଯାତ୍ରା ନିମନ୍ତେ ନୀତି ନିର୍ଘଣ୍ଟ, ଶୃଙ୍ଖଳିତ ଦେବ ଦର୍ଶନ, ବ୍ୟାରିକେଡ୍ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ହଜିଲା ଖୋଜିଲା ମଞ୍ଚ, ସ୍ୱେଚ୍ଛାସେବୀ ମୁତୟନ ସମେତ ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କ ମହାଦୀପ ଉଠାଯିବା ସମୟ ରାତ୍ରି ୪ଟା ବଦଳରେ ୨ଟାରେ ହେବାକୁ ନିଷ୍ପତ୍ତି ହୋଇଛି। ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, ବରିଷ୍ଠ ଶିକ୍ଷାବିତ୍ ରାମକୃଷ୍ଣ ମହାନ୍ତି, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାତ୍ରୀ, ସୁତନ ସମିତି ସଭ୍ୟ କାଶୀନାଥ ନାୟକ, ସାମାଜିକ କର୍ମୀ ନିରଞ୍ଜନ ବେହେରା, ବିଷ୍ଣୁପ୍ରସାଦ ବେହେରା, ଯୁବନେତା ପ୍ରଶାନ୍ତ ସାହୁ, ତରକୋର ସଭାପତି ଦୁର୍ଯ୍ୟୋଧନ ଖଟୋଇ, ମଣ୍ଡଳ ସଭାପତି ଦିଲୀପ ପ୍ରଧାନ, ଯୁବନେତା ଶ୍ରୀଧର ସ୍ୱାଇଁ, ଶିବନାରାୟଣ ମୁରୁଡ଼ି, ସତ୍ୟ ବରାଳ, ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁ, ସେବାୟତ ନିଯୋଗ ସଭାପତି ମଦନ ମହାପାତ୍ର ଓ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ବାଲିକପିଳେଶ୍ୱର ପୀଠରେ ଜାଗର ଯାତ୍ରା ନିମନ୍ତେ ବସିଥିବା ବୈଠକରେ ପୋଲିସ ଓ ଅନ୍ୟମାନେ ।

# ପଥର ଖନନ ବନ୍ଦ, ଭୂମିହୀନଙ୍କୁ ପଟ୍ଟା ଦାବି

ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଆଦିବାସୀମାନେ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏପରିକି ଶୋଷଣର ଶିକାର ହେଉଛନ୍ତି। ଏହାର ପ୍ରତିବାଦରେ ମୂଳନିବାସୀ ୟୁନାଇଟେଡ୍ ଫୋରମ ପକ୍ଷରୁ ଗୁରୁବାର ଶତାଧିକ ଆଦିବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି ଯେ, ନିଜିଗଡ଼ ତାପଙ୍ଗ 'ବାଘଟାଙ୍ଗୀ' ଗ୍ରାମର ଭୂମିହୀନ, ଆଦିବାସୀମାନେ କାହିଁ କେଉଁକାଳରୁ କାଜୁ ଜଙ୍ଗଲ ସୃଷ୍ଟି କରିବା ସହ ସେଥିରୁ ସେମାନେ ଜୀବନଜୀବିକା ନିର୍ବାହ କରିଆସୁଥିଲେ। ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶକ୍ରମେ ଆଦିବାସୀମାନେ କାଜୁ ଜଙ୍ଗଲ ଜମିର ରାଜଭାଗ ପାଉତି କାଟିବା ସହ ଖଜଣା ମଧ୍ୟ ପଇଠ କରିଆସୁଛନ୍ତି। ଏପରି ସ୍ଥିତିରେ ପ୍ରଶାସନ ପକ୍ଷରୁ ଭୂମିହୀନ ଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରା ନ ଯାଇ ପଥର ଖଣି ଖନନ ନିମନ୍ତେ ଅନୁମତି ପ୍ରଦାନ କରାଯିବା ଦୁର୍ଭାଗ୍ୟଜନକ।


ମୂଳନିବାସୀ ୟୁନାଇଟେଡ୍ ଫୋରମ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଏଥିସହ ପଲ୍ଲୀଗ୍ରାମ ସମେତ ଜିଲାର ବହୁ ଆଦିବାସୀ ଗ୍ରାମର ପ୍ରଜାମାନେ ଦୀର୍ଘ ବର୍ଷ ହେବ କେ-ଫର୍ମ ପାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ଜମି ଚିହ୍ନଟ କରାଯାଇ ପଟ୍ଟା ପ୍ରଦାନ କରାଯାଇ ନାହିଁ। ସେହିପରି ଦଧିମାଛଗାଡିଆ ଗ୍ରାମରେ ପୁରୁଷାନୁକ୍ରମେ ବସବାସ କରିଆସୁଥିବା ୨ଶହ ଆଦିବାସୀ ପରିବାର ତଥା ସମଗ୍ର ଗ୍ରାମରେ ୨୫୦୦ ପ୍ରଜା ବସବାସ କରୁଥିବା ସ୍ଥଳେ ଏହି ଗ୍ରାମଠାରୁ ୫୦୦ ମିଟର ବ୍ୟବଧାନରେ କାଇପଦର

**ମୂଳନିବାସୀ ୟୁନାଇଟେଡ୍ ଫୋରମ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା**

ମୌଜା ପ୍ଲଟ ନଂ.୨୮୨୫, ୨୮୪୬, ୨୮୪୭ରେ ମୁଣ୍ଡିଆ ପାହାଡ଼ ରହିଛି। ଖଣି ମାଫିଆମାନେ ଦୈନନ୍ଦିନ ଡିନାମାଇଟ ବିସ୍ଫୋରଣ କରି ପଥର ଖନନ କରିବାରୁ ସମଗ୍ର ଅଞ୍ଚଳର ଧୂଳିମୟ ହୋଇ ପରିବେଶ ଦୂଷିତ ହେବା ଫଳରେ ଗ୍ରାମବାସୀମାନେ ରୋଗାଗ୍ରସ୍ତ ହେଉଛନ୍ତି। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ ଘରକାନ୍ଥ ଫାଟି କନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ବହୁ ଗୃହପାଳିତ ପ୍ରାଣୀ ମୃତ୍ୟୁବରଣ କରୁଛନ୍ତି।

ନିଜିଗଡ଼ ତାପଙ୍ଗ 'ବାଘଟାଙ୍ଗୀ ଗ୍ରାମର ଭୂମିହୀନ ନିରୀହ ଆଦିବାସୀଙ୍କ ଜୀବିକା, କାଜୁ ଜଙ୍ଗଲର ସୁରକ୍ଷା ସହିତ ବେଆଇନ ଖଣି ଖନନକୁ ତୁରନ୍ତ ବନ୍ଦ କରାଯାଉ। ଭୂମିହୀନ ଆଦିବାସୀ ପ୍ରଜାମାନଙ୍କୁ ପ୍ରଦାନ କରାଯାଇଥିବା କେ ଫର୍ମ ଅନୁଯାୟୀ ଜମି ଚିହ୍ନଟ କରି ସେମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉ। ବିପିଏଲ୍ ତାଲିକା ଅନୁଯାୟୀ ସମସ୍ତ ସରକାରୀ ସହାୟତା ଯୋଗାଇଦିଆଯାଉ। ଦଧିମାଛ ଗାଡ଼ିଆ ସଂଲଗ୍ନ କାଇପଦର ମୌଜାର ମୁଣ୍ଡିଆ ପାହାଡ଼ରୁ ଡିନାମାଇଟ ବିସ୍ଫୋରଣ କରି ପଥର ଖନନ କାର୍ଯ୍ୟକୁ ତୁରନ୍ତ ବନ୍ଦ ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ସୁନିଶ୍ଚିତ ନିରାପଦ, ପ୍ରାଣୀମାନଙ୍କ ସୁରକ୍ଷା ତଥା କ୍ଷୟକ୍ଷତିର ଅନୁଧ୍ୟାନ କରାଯାଇ ପୀଡ଼ିତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି। ଏହି ପ୍ରତିବାଦ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ଫୋରମର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ଦେହୁରି, କାର୍ଯ୍ୟକାରୀ ଅଧ୍ୟକ୍ଷ ଗୌତମ ଗୋପଳ, ଦେବରାଜ ନାୟକ, ଗୋଲେଖ ନାୟକ, ସାଧାରଣ ସମ୍ପାଦକ ଅଶୋକ କୁମାର ନାୟକ, ଖୋର୍ଦ୍ଧା ଜିଲା ସଭାପତି ଟୁକୁ ମାଝୀ, ଅଞ୍ଜଳି ସ୍ୱାଇଁ, ସୁଜାତା ନାୟକ, ମନୋରମା ନାୟକ, ଉପେନ୍ଦ୍ର ନାୟକ, ମଥୁରି ସ୍ୱାଇଁ, ରାଉତ ନାୟକ, ଇନ୍ଦର କୁମାର ବଡ଼ିକା, ଇକବାଲ ହୁସେନ, ଅମର ନାୟକ, ରଶ୍ମୀପ୍ରଭା ନାୟକ, ଗୌରାଙ୍ଗ ଭୋଇ, ଅଜିତ ପ୍ରଧାନ, କମଳିନୀ ପାଟ୍ଟଶାଣୀ, ଜୟନ୍ତୀ ନାୟକଙ୍କ ସମେତ ରାଜ୍ୟର ଶତାଧିକ କର୍ମୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ୬ ଛେଳି ମୃତ, ବୃଦ୍ଧା ଗୁରୁତର

ବାଘମାରୀ,୨୦।୨(ମିହିର ରଞ୍ଜନ ମହାପାତ୍ର): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମରେ ଗୁରୁବାର ବଜ୍ରପାତ ଘଟି ଜଣେ ବୃଦ୍ଧା ଗୁରୁତର ହୋଇଥିବା ବେଳେ ତାଙ୍କର ୬ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଆହତ ହୀନ ଲେଙ୍କା(୭୦)ଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳ ୬ଟାରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ କଣ୍ଟାମଳିମ ଗ୍ରାମର ବଜ୍ରପାତ ଘଟି ହୀନ ଆହତ ହେବା ସହ ତାଙ୍କର ୬ଟି ଛେଳିଙ୍କ ମୃତ୍ୟୁ ଘଟିଥିଲା। ନିକଟ ବାଙ୍କୀ-ତୁଳସୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବରେ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ହୀନଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବେଗୁନିଆ ଭାରପ୍ରାପ୍ତ ତହସିଲଦାର ବିଜୟ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ କୁରାଡ଼ିଲୋ ରାଜସ୍ୱ ନିରୀକ୍ଷକ ମନୋଜ କୁମାର ଦାସ କଣ୍ଟାମଳିମ ଗ୍ରାମରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଯାଇଛନ୍ତି। ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଗ୍ରାମର ସନ୍ତୋଷ ବଳିୟାରସିଂହ ପ୍ରମୁଖ ହୀନଙ୍କ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ନାବାଳିକାଙ୍କୁ ଦୁର୍ବ୍ୟବହାର ଘଟଣାରେ ଜଣେ ଗିରଫ

ଜଟଣୀ,୨୦।୨(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ପ୍ରଫୁଲ୍ଲ ବେହେରା ଓରଫ ନନ୍ଦେଇ(୩୯)। ସୂଚନା ମୁତାବକ, ଗତ ୧୯ତାରିଖରେ ସମ୍ପୃକ୍ତ ନାବାଳିକା ସାଙ୍ଗ ଘରୁ ସାଇକେଲରେ ଫେରୁଥିବା ବେଳେ ବୁଲିବଜାର ମାର୍କେଟ ନିକଟରେ ପ୍ରଫୁଲ ତାଙ୍କୁ ଅଟକାଇ ଦୁର୍ବ୍ୟବହାର କରିଥିଲେ। ଏହା ପରେ ନାବାଳିକା ଜଣଙ୍କ ଚିତ୍କାର କରିବାରୁ ପ୍ରଫୁଲ ସେଠାରୁ ପଳାଇଥିଲେ। ପରେ ଏନେଇ ନାବାଳିକାଙ୍କ ପରିବାରଲୋକ ଘଟଣା ସମ୍ପର୍କରେ ପ୍ରଫୁଲଙ୍କୁ ପଚାରିବାରୁ ଉତ୍ତକ୍ଷିପ୍ତ ହୋଇ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୭୭/୨୫) ରୁଜୁ କରି ତଦନ୍ତ ଚଳାଇବା ସହ ପ୍ରଫୁଲଙ୍କୁ ଗିରଫ କରିଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଟାଙ୍ଗୀ,୨୦।୨(ରଘୁନାଥ ସାହୁ): ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣ ଚନ୍ଦ୍ର ସ୍ୱାଇଁଙ୍କ ବୁଧବାର କାଲୁପଡ଼ାଘାଟ ନିକଟ ହନୁମନ୍ତ ଗ୍ରାମ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୨ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ପୁରାତନ ଛାତ୍ରୀଛାତ୍ର ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ରମେଶ ମୁଖାଗ୍ନି ଦେଇଥିଲେ।

## ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ୍, ଜେସିବି ଜବତ: ଚାଳକ ଗିରଫ

ନିରାକାରପୁର,୨୦।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଞ୍ଚଳରେ ମାଙ୍କଡ଼ା ପଥର ଏବଂ ମୋରମ ଚୋରାଚାଲାଣ ବଢ଼ିଚାଲିଛି। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ନିରାକାରପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୋଟିଏ ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ, ଜେସିବି ଏବଂ ଜଣେ ଚାଳକଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଜଙ୍କିଆ ଥାନା ଗୋଳବାଇ ବାଉଁଶ ଖଣି ଅଞ୍ଚଳରୁ ଏକ ମିନିଟ୍ରକ(ଓଆର ୧୩ସି ୨୨୯୭)ରେ ବେଆଇନଭାବେ ମାଙ୍କଡା ପଥର ଆସୁଥିଲା। ଖବରପାଇ ନିରାକାରପୁର ଥାନାର ଏକ ଟିମ୍ ଭଗବତୀପଡ଼ା ବ୍ରିଜ ଉପରେ ଚଢ଼ାଉ କରି ପଥର ବୋଝେଇ ମିନିଟ୍ରକକୁ ଜବତ କରିଥିଲା। ଏଥିସହ ପୋଲିସ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅଧୀନ ଗଡ଼ବରପଦା ଗ୍ରାମର ବୀରଞ୍ଚି ମହାପାତ୍ରଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୪୩/୨୫)ରୁଜୁ ହୋଇଛି। ସେହିପରି ଗୁରୁବାର ସନ୍ଧ୍ୟାରେ ବଡ଼ପୋଖରିଆ ଅଞ୍ଚଳର ଏକ ଖଣିରେ ଚଢ଼ାଉ କରାଯାଇ ଏକ ଜେସିବି ଜବତ କରାଯାଇଛି।


ଜଟଣୀ ପୌର ପରିଷଦ କାର୍ଯ୍ୟାଳୟ ମୁଖ୍ୟ ରାସ୍ତାରେ ଗୁରୁବାର ବର୍ଷାପାଣି ଜମି ରହିଛି। **(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)**

## ସାମାଜିକ ନ୍ୟାୟ ଏକ ମୂଲ୍ୟବୋଧ, ବିଚାରଧାରା

ଟାଙ୍ଗୀ,୨୦।୨(ରଘୁନାଥ ସାହୁ)

**ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ**

ସାମାଜିକ ନ୍ୟାୟ ଏକ ବିଚାରଧାରା ଓ ଏକ ମୂଲ୍ୟବୋଧ। ସମସ୍ତ ମଣିଷକୁ ସମାନଭାବେ ଦେଖିବା ତଥା ସାମାଜିକ, ସାଂସ୍କୃତିକ, ଧାର୍ମିକ ଆଧାରରେ ଭେଦଭାବ ନ ରଖିବା ମୂଲ୍ୟବୋଧ ଉପରେ ଆଧାରିତ ବୋଲି ଗୁରୁବାର ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବଳରାମ ଦେବ ମନ୍ଦିର ପରିସରରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ଭରତ ଚରଣ ବେହେରା, ପୂର୍ବତନ ସମିତି ସଭ୍ୟ ଗୋଦାବରୀଶ ସାହୁ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ରାଉତ, କବି ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ ସାମାଜିକ ନ୍ୟାୟ ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ଡ. ଚନ୍ଦ୍ର ଶେଖର ଦାଶ, ସୁରେନ୍ଦ୍ର କୁମାର ରାଉତ, ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ, କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ, କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଭାକର ବିଶ୍ୱାଳ, ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ, ରଘୁନାଥ ସାହୁ, ବଡ଼ପାରୀ ପଞ୍ଚାୟତ କମିଟି ସଭାପତି ବିଚ୍ଛେଦ ଜୟସିଂ, ଘନଶ୍ୟାମ ମହାନ୍ତି, ଦିଲୀପ କୁମାର ନାଥ, କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ କହିଥିଲେ, ପୂର୍ବରୁ ନ୍ୟାୟ ନିଷ୍ପତ୍ତି ତଥା ପାରିବାରିକ, ବ୍ୟକ୍ତିଗତ, ସାମାଜିକ କଳହ ଆପୋଷ ବୁଝାମଣା ଭିତ୍ତିରେ ସମାଧାନ ହେଉଥିଲା। ତେଣୁ ପରସ୍ପର ମଧ୍ୟରେ ଥିବା ସ୍ନେହ ଶ୍ରଦ୍ଧାର ଅବକ୍ଷୟ ହେଉ ନ ଥିଲା। ବର୍ତ୍ତମାନ ସାମାଜିକ ମୂଲ୍ୟବୋଧ ଅବକ୍ଷୟ ହୋଇଛି ବୋଲି ମନ୍ତବ୍ୟ ରଖିଥିଲେ। ପଠାଣି ସୁନ୍ଦରାୟ, ଗଙ୍ଗାଧର ସୁନ୍ଦରାୟ, ହାଡୁବନ୍ଧୁ ପୃଷ୍ଟି, ଦୀପ୍ତି କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ସାରଙ୍ଗଧର ପାଲଟାସିଂ, ସୁବାସ ପଟ୍ଟନାୟକ, ଲୋକନାଥ ବେହେରା, ଅଖିଳ ହରିଚନ୍ଦନ, ତାରା ପ୍ରସାଦ ପଟ୍ଟନାୟକ, ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ରାଜ କିଶୋର ବିଶ୍ୱାଳ, ଦେବରାଜ ମହାରଣା, ସୁକାନ୍ତ ପଟ୍ଟନାୟକ, ତ୍ରିନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ମିଶନ ଶକ୍ତି ମହିଳାଙ୍କ ଗଣଧାରଣା ୨ମାସ ସ୍ଥଗିତ

ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)

ମିଶନ ଶକ୍ତିର ଇସି ପୁନର୍ଗଠନ ବନ୍ଦ ଦାବିରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସିସ୍ ସଂଘ ପକ୍ଷରୁ ଗାନ୍ଧୀ ମାର୍ଗରେ ୮ଦିନ ଧରି ଦିବାରାତ୍ରି ଆନ୍ଦୋଳନ ଚାଲିଥିଲା। ଗୁରୁବାର ଦ୍ୱିପ୍ରହରେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତଙ୍କୁ ସଂଘ ପ୍ରତିନିଧିମାନେ ସାକ୍ଷାତକରି ମିଶନ ଶକ୍ତି ମହିଳାଙ୍କ ସମସ୍ୟା ସମ୍ବନ୍ଧରେ ଜଣାଇଥିଲେ। ମଧ୍ୟାହ୍ନଭୋଜନ ଯୋଜନାର ପାଚିକା ଓ ସହାୟିକା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଆଶାକର୍ମୀଙ୍କ ଭଳି ଏମାନେ ୨୫ବର୍ଷ ହେବ କାର୍ଯ୍ୟ କରିଆସୁଛନ୍ତି। ତେଣୁ ଏମାନଙ୍କୁ କାର୍ଯ୍ୟରୁ ବାହାର ନ କରିବାକୁ ନିବେଦନ କରିଥିଲେ। ଏହାପରେ ବିଭାଗୀୟ ସଚିବ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ସଂଘର କର୍ମକର୍ତ୍ତାଙ୍କୁ ଏହି ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନ ସ୍ଥଗିତ ରଖିବାକୁ ପରାମର୍ଶ ଦେଇଥିଲେ। ଏହାପରେ ସଂଘ ପକ୍ଷରୁ ଚାଲିଥିବା ଦିବାରାତ୍ର ଗଣଧାରଣାକୁ ୨ମାସ ପାଇଁ ସ୍ଥଗିତ ରଖାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ନେତ୍ରୀ ବିଷ୍ଣୁପ୍ରିୟା ଦାସ, ପୁଷ୍ପାଞ୍ଜଳୀ ଜେନା, ଶୈଳବାଳା ରଥ, ମୀରା ମହାନ୍ତି, କାମିନୀ ନାୟକ, ସ୍ମାରକୀ ସ୍ୱାଇଁ ଓ କୁନ୍ତି ପ୍ରଧାନ ପ୍ରମୁଖ ସାମିଲ ରହି ସଚିବଙ୍କ ସହ ଆଲୋଚନା କରିଥିଲେ।

## ଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ

ତ୍ରିଶୂଳିଆ,୨୦।୨(ତୁଷାରକାନ୍ତ ବେହେରା)

ଗୋଡ଼ିସାହି ଫାଣ୍ଡି ଅଧୀନ ନରାଜ ବଜାରରେ ଥିବା ଏକ ଅଳଙ୍କାର ଦୋକାନରୁ ବୁଧବାର ୪ ଦୁର୍ବୃତ୍ତ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ବୁଧବାର ରାତିରେ ଦୁର୍ବୃତ୍ତମାନେ ସୁନା ଦୋକାନରୁ ଚୋରି କରିବାକୁ ଯାଇ ପ୍ରଥମେ ଦୋକାନ ପାଖକୁ ଲାଗିଥିବା ୨ ଘରର କବାଟ ବାହାର ପଟୁ ବନ୍ଦ କରିଥିଲେ। ଦୋକାନର ଜାଲି ଗେଟ୍ ପରେ ଭିତର ଶଟର କାଟିଥିଲେ। ଭିତର ଲୁହା ଜାଲି ଗେଟ୍‌କୁ ଏକ ଶାବଳ ସାହାଯ୍ୟରେ ତାଡ଼ିବା ବେଳକୁ ପାଖ ୨ ଘର ଓ ସମ୍ମୁଖ ଘରର କବାଟ ବହୁ ଜୋର୍‌ରେ ବାଡ଼େଇବାର ଶବ୍ଦ ହୋଇଥିଲା। ଏହି ଶବ୍ଦ ଶୁଣି ଦୁର୍ବୃତ୍ତ ସେଠାରୁ ପଳାଇଥିଲେ। ଦୋକାନ ସମ୍ମୁଖ ଘରର ମାଲିକ ନିକଟ ଘର ମାଲିକଙ୍କୁ ଫୋନ କରି ବାହାରୁ ବନ୍ଦ ହୋଇଥିବା କବାଟ ଖୋଲିବାକୁ କହିଥିଲେ। ସେ ବାହାରକୁ ଆସି ଦେଖିବା ବେଳକୁ ସୁନା ଦୋକାନ ଶଟର ଭଙ୍ଗା ଯାଇଥିଲା। ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରିଥିଲେ ମଧ୍ୟ କିଛି ଚୋରି ହୋଇ ନ ଥିବା ଜଣାପଡ଼ିଛି।

## ହାତୀ ମୃତ୍ୟୁ ରୋକିବାକୁ ନୂଆ ପଦକ୍ଷେପ

**ରେଳପଥ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ**

- ଚିହ୍ନିତ ସମ୍ବେଦନଶୀଳ ସ୍ଥାନରେ ଅଣ୍ଡରପାସ୍, ଓଭରବ୍ରିଜ ନିର୍ମାଣ ହେବ
- ଲୋକୋ ପାଇଲଟ, ଗାର୍ଡଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବ



ବୈଠକରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଏଚ୍.ଏସ୍ ବାଜୱା ଏବଂ ଅନ୍ୟମାନେ।

ଭୁବନେଶ୍ୱର/ଜଟଣୀ,୨୦।୨ (ଅନୁରାଧା ମହାରଣା/ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ କର୍ତ୍ତୃପକ୍ଷ ଏବଂ ବନ ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଗୁରୁବାର ରେଳ ମଣ୍ଡଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଏଚ୍.ଏସ୍ ବାଜୱାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ହାତୀଙ୍କ ସୁଗମ ଯାତାୟାତ, ଦୁର୍ଘଟଣା ଏଡ଼ାଇବା ଏବଂ ଅତ୍ୟଧିକ ହାତୀ ଚଳାଚଳ କାରଣରୁ ଟ୍ରେନ ବିଳମ୍ବକୁ ହ୍ରାସ କରିବା ପାଇଁ ଆଲୋଚନା ହେବା ସହ ବିଭିନ୍ନ କାର୍ଯ୍ୟ ପନ୍ଥା ପ୍ରସ୍ତୁତ କରାଯାଇଥିଲା। ସମ୍ବେଦନଶୀଳ ରେଳ ସେକ୍ସନଗୁଡିକରେ ହାତୀ ଗତିବିଧି ବିଷୟରେ ଠିକ ସୂଚନା ଦେବାକୁ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନିତ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଉପମାର୍ଗ ବା ଅଣ୍ଡରପାସ୍ ଏବଂ ଓଭରବ୍ରିଜ ନିର୍ମାଣ କରାଯିବ। ରେଳ ଟ୍ରାକ ନିକଟରେ ଥିବା ସ୍ୱଚ୍ଛ ଦୃଶ୍ୟମାନତା ପାଇଁ ଗଛଗୁଡିକ ସଫା କରାଯିବ। ଲୋକୋ ପାଇଲଟମାନଙ୍କୁ ପୂର୍ବ ଚେତାବନୀ ଭାବରେ ସାଇନେଜ୍ ବୋର୍ଡ ଲଗାଯିବ। ଷ୍ଟେଶନ ମାଷ୍ଟର ଏବଂ ବନ ବିଭାଗ ମଧ୍ୟରେ ସୁଗମ ଯୋଗାଯୋଗ ପାଇଁ ୱାକି-ଟକି ମାଧ୍ୟମରେ ଏକ ସ୍ୱତନ୍ତ୍ର ଚ୍ୟାନେଲ ସୃଷ୍ଟି ହେବ, ଯାହାଫଳରେ ଷ୍ଟେଶନ ମାଷ୍ଟର ଟ୍ରେନ କର୍ମଚାରୀଙ୍କୁ ଠିକ ସମୟରେ ଲୁକଆଉଟ୍ ପରାମର୍ଶ ଦେଇପାରିବେ। ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ଉପରେ ଲୋକୋ ପାଇଲଟ ଏବଂ ଗାର୍ଡଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବ। ଆଇଆର୍‌ସିଟିସି/ ପାଣ୍ଟ୍ରି କାର କର୍ମଚାରୀଙ୍କୁ ଟ୍ରାକ୍‌ରେ ଖାଇବା ବର୍ଜ୍ୟବସ୍ତୁ ନ ଫିଙ୍ଗିବାକୁ ନିର୍ଦ୍ଦେଶ ଦିଆଯିବ। ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ହାତୀ କରିଡରଗୁଡ଼ିକ ହେଉଛି, ବୈରୀ-କପିଳାସ ରୋଡ଼, କାଇପଦର-ତାପଙ୍ଗ, ଗୁରୁଡ଼ିଝାଟିଆ-ରାଜଆଠଗଡ଼-ମାଛପୁର, ରାଧାକିଶୋରପୁର-ଘଣ୍ଟିଖାଲ, ପରଜଙ୍ଗ-କମଳଙ୍ଗା ଆଦି ରହିଛି। ହାତୀ ଗତିବିଧି ସମ୍ବନ୍ଧୀୟ ସୂଚନାକୁ ସମ୍ପୃକ୍ତ ବିଭାଗକୁ ପଠାଇବା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ଟ୍ରେନ ଦୁର୍ଘଟଣା ହେତୁ ହାତୀ ମୃତ୍ୟୁ ଏଡାଇବା ପାଇଁ ଷ୍ଟେଶନ ମାଷ୍ଟର ଓ ଲୋକୋ ପାଇଲଟଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି।

## ଭାଷାର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ):

**ମାତୃଭାଷା ହେଉଛି ଗୋଟିଏ ଜାତିର ପରିଚୟ। ଭାଷାର ବିକାଶରେ ସମାଜ ବିକାଶ ନିହିତ ରହିଛି। ଗୋଟିଏ ଜାତି ତାର ମାତୃଭାଷାକୁ ନେଇ ଗର୍ବ ଅନୁଭବ କରେ। କୁହାଯାଏ ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ମହାନ। ମାତୃଭାଷାରେ ମମତା, ପରସ୍ପର ପ୍ରତି ସ୍ନେହ, ସଦ୍‌ଭାବ ଜଡ଼ିତ ରହିଛି। ଭାଷା ଓ ସଂସ୍କୃତି ଦୁଇ ଦେଶ ମଧ୍ୟରେ ସମ୍ପର୍କର ସେତୁବନ୍ଧ ଭାବେ କାର୍ଯ୍ୟ କରିଥାଏ। ଭାଷାର ବିକାଶରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ବିଶ୍ୱ ମାତୃଭାଷା ଦିବସରେ ଏକ ସ୍ୱତନ୍ତ୍ର ଆଲେଖ୍ୟ...**

ଓଡ଼ିଆ ଆମ ମାତୃଭାଷା। ଏହାକୁ ଭିତ୍ତିକରି ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଛି। ଓଡ଼ିଆ ଭାଷାକୁ ସରକାରୀ ଭାଷାଭାବେ ୧୯୫୪ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଆଇନ ପ୍ରଣୟନ କରିଥିଲେ। ଆଜି ସୁଦ୍ଧା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଅନ୍ୟ ରାଜ୍ୟରେ ମାତୃଭାଷାର ଗୁରୁତ୍ୱ ରହିଥିବା ବେଳେ ଓଡ଼ିଶାରେ ଏହାର ପ୍ରଭାବ ଶୂନ।

**-ସତ୍ୟବାଦୀ ବଳିୟାରସିଂ, ଗବେଷକ**

ଶିକ୍ଷିତ ବ୍ୟକ୍ତିମାନେ ଇଂଲିଶର ବହୁଳ ବ୍ୟବହାର କରୁଛନ୍ତି। ସହରୀ ଇଂଲିଶ ଏବଂ ହିନ୍ଦୀ ଭାଷା ପ୍ରଭାବ ବିସ୍ତାର କରିଚାଲିଛି। ଏହା ସତ୍ତ୍ୱେ ଆମେ ମାତୃଭାଷା ଗୁରୁତ୍ୱ ଦେବା ଉଚିତ। ଓଡ଼ିଆ ଭାଷା ହେଉଛି ଓଡ଼ିଆଙ୍କ ଅସ୍ମିତା। ୨୦୦୦ବର୍ଷର ପ୍ରାଚୀନ ଭାଷା ମାନ୍ୟତା ପାଇଥିବା ସତ୍ତ୍ୱେ ଆମେ ଏହାକୁ ଅନାଦାର କରୁଛି। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାଷାର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ନିଜ ଭାଷାର ସୁରକ୍ଷା ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି।

**-ଗୋପାଳ କୃଷ୍ଣ ଦାସ, ସାହିତ୍ୟ ସଂସଦ ସଭାପତି**

୨୦୦୦ବର୍ଷ ତଳ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଜାତୀୟସ୍ତରରେ ଏହାର ଗୌରବ ବୃଦ୍ଧି ପାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ସରକାରୀ ସ୍ତରରେ ବ୍ୟବହାର କରାଯାଇପାରିଲା ନାହିଁ। ଆଜି ମଧ୍ୟ ସରକାରୀ ନଥିପତ୍ର ଓଡ଼ିଆ ପରିବର୍ତ୍ତ ଇଂଲିଶରେ ଲେଖାଯାଉଛି। ପ୍ରତିବର୍ଷ ବିଶ୍ୱ ମାତୃଭାଷା ଦିବସରେ ବହୁ ଉଚ୍ଚକୋଟୀର ଭାଷଣ ଦେଉ। ଏହା ପରେ ତାହା ଭୁଲିଯାଉ। ଏହି ବର୍ଷ ଫେବୃଆରୀ ୨୧ ପରଠାରୁ ଓଡ଼ିଆ ଭାଷାକୁ କଡ଼ାକଡ଼ି ଭାବେ ପାଳନ କରାଯାଉ।

**-ଶଙ୍କର ସାହୁ, ବରିଷ୍ଠ ସାହିତ୍ୟିକ**

ମାତୃଭାଷା ହେଉଛି ଗୋଟିଏ ଜାତିର ଅସ୍ମିତା। ତେଣୁ ମାତୃଭାଷା ହଜିଗଲେ, ସେହି ଜାତିର ସଂସ୍କୃତି ଓ ପରମ୍ପରା ମଧ୍ୟ ବିଲୁପ୍ତ ହୋଇଯିବ। ପ୍ରତ୍ୟେକ ବ୍ୟକ୍ତି ନିଜ ଭାଷାକୁ ନେଇ ଗର୍ବ କରେ। ଏହା ଦ୍ୱାରା ତାର ହୃଦୟରେ ରହିଥିବା ମାତୃପ୍ରୀତିର ଭାବ ଜାଗ୍ରତ ହୋଇଥାଏ। ଭାଷାର ବିକାଶ ଘଟିଲେ, ସେହି ଅଞ୍ଚଳର ଭୌଗଳିକ ବିକାଶ ଘଟିବ।

**-ନିରଞ୍ଜନ ମହାନ୍ତି, ଶିକ୍ଷାବିତ୍**

ଭାରତ ବର୍ଷରେ ବହୁ ଭାଷାଭାଷୀ ରହୁଛନ୍ତି। ଏମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଭାଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା, ସଂସ୍କୃତି, ପରମ୍ପରା, ବିକାଶ ତଥା ରାଜନୈତିକ ଦିଗରୁ ପର୍ଯ୍ୟାଲୋଚନା କଲେ, ଭାଷା ଏକ ମୁଖ୍ୟ ଦାୟିତ୍ୱ ବହନ କରିଥାଏ। ଓଡ଼ିଶାର ବିଭିନ୍ନ ଜିଲାରେ ଆଞ୍ଚଳିକ ଭାଷା ରହିଛି। ଏହାର ବିକାଶ ହେବା ଜରୁରୀ। ଭାଷା ବଞ୍ଚିଲେ, ସମାଜ ବଞ୍ଚିବ।

**-ଜିତେନ୍ଦ୍ର ସାହୁ, ସାମାଜିକ କର୍ମୀ**

ଶିଶୁଟିଏ ଭୂମିଷ୍ଠ ହେବା ପରେ ପ୍ରଥମେ ମା' ଶବ୍ଦ ବାହାରିଥାଏ। ଏହାରି ପଛରେ ଏକ ବାତ୍ସଲ୍ୟତା, ମମତା, କରୁଣାର ଭାବ ରହିଛି। ସେହିପରି ମାତୃଭାଷା ବ୍ୟକ୍ତି ମଧ୍ୟରେ ଏପରି ଏକ ଅନନ୍ୟ ଭାବ ପରିପ୍ରକାଶ କରିଥାଏ। ବିଦେଶରେ ରହୁଥିବା ଦୁଇ ଜଣ ବ୍ୟକ୍ତି ପରସ୍ପର ପରିଚୟ ପାଇଲେ, ଉଭୟଙ୍କ ମଧ୍ୟରେ ଭାଇଚାରା ଓ ଭାତୃତ୍ୱ ତଥା ମାତୃପ୍ରୀତିର ଭାବ ଜାଗ୍ରତ ହୋଇଥାଏ। ତେଣୁ ମାତୃଭାଷା ମନୁଷ୍ୟକୁ ଏକ ଭାବର ଡୋରି ବାନ୍ଧି ରଖିଥାଏ।

**-ମମତାଞ୍ଜଳି ପଟ୍ଟନାୟକ, ଅଧ୍ୟକ୍ଷା**

ପିଲାଟିଏ ପ୍ରଥମ ବିଦ୍ୟାରମ୍ଭ ମାତୃଭାଷାରେ କରିଥାଏ। ଏହା ତାହାକୁ ବୁଝିବାରେ ସହଜ ହୋଇଥାଏ। ଶିଶୁ ଧୀରେଧୀରେ ବଡ଼ ହେବା ସହ ତାର ମାତୃଭାଷା ସମୃଦ୍ଧ ହୋଇଥାଏ। ପ୍ରାଥମିକସ୍ତରରେ ପିଲାଙ୍କୁ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଚିତ। ଫଳରେ ଆଗକୁ ସେମାନଙ୍କ ହୃଦୟରେ ଭାଷା ପ୍ରତି ସମ୍ମାନ ରହିବ। ଭାଷା ହିଁ ଜଣେ ବ୍ୟକ୍ତିର ପରିଚୟ ବହନ କରିଥାଏ। ନିଜ ଭାଷାକୁ ସମ୍ମାନ ଦେବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେବା ଉଚିତ।

**-ମୀନକେତନ ସୁବୁଦ୍ଧି, ଯୁବ ଖବରଦାତା**

# ପଞ୍ଚାୟତ ସମିତି ପ୍ରତିନିଧି-ବିଧାୟକଙ୍କ ସମର୍ଥକ ହାତାହାତି




ପଞ୍ଚାୟତ ସମିତି ସଭ୍ୟ ଓ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମର୍ଥକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଏବଂ ପୋଲିସ ଲାଠିଚାର୍ଜ କରି ଆନ୍ଦୋଳନକାରୀଙ୍କୁ ଘଉଡ଼ାଉଛି।

ନିଶ୍ଚିନ୍ତକୋଇଲି,୨୦।୨
(ଅଶୋକ କୁମାର ମହାପାତ୍ର)

- ରଣକ୍ଷେତ୍ର ପାଲଟିଲା ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ
- ପୋଲିସର ଲାଠିଚାଳନା, ଏସ୍‌ଡିପିଓ ଆହତ

କଟକ ଜିଲା ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର ଗୁରୁବାର ରଣକ୍ଷେତ୍ର ପାଲଟିଛି। ପଞ୍ଚାୟତ ସମିତି ସଭ୍ୟ ଓ ବିଧାୟକଙ୍କ ସମର୍ଥକ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ହାତାହାତି ଭଳି ସ୍ଥିତି ଉପୁଜିଛି। ପରିସ୍ଥିତିକୁ ପ୍ରଶମନ କରିବାକୁ ଯାଇ ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଆହତ ହୋଇଥିବା ବେଳେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଛି।

ମାହାଙ୍ଗାରେ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ବନ୍ଦ ହେବା ସହ ଅନ୍ୟାନ୍ୟ ସମସ୍ୟା ନେଇ ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକଙ୍କ ସମେତ ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚମାନେ ବୁଧବାରଠାରୁ ପାଲଟାଣି ଧାରଣାରତ ଥିଲେ। ତେବେ ପୂର୍ବରୁ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବା ସହ ଅନ୍ୟାନ୍ୟ ଦାବିରେ ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମର୍ଥିତ ଗୋଷ୍ଠୀ ଗୁରୁବାର ସେଠାରେ ଚେୟାର ପକାଇ ଧାରଣା ଦେଇଥିଲେ। ଏନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମେ ଆରୋପ ଓ ପ୍ରତ୍ୟାରୋପ ପରେ ସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଏପରିକି ବ୍ଲକ କାର୍ଯ୍ୟାଳୟ ଭିତରେ ହାତାହାତି ହୋଇ ପରସ୍ପରକୁ ଚେୟାର ଫୋପାଡ଼ି ଥିଲେ। ଖବରପାଇ ସାଲେପୁର ଏସ୍‌ଡିପିଓ ବିରଞ୍ଚି ପତିଙ୍କ ସମେତ ବହୁ ପୋଲିସ ଅଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘଟଣାକୁ ପ୍ରଶମିତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହା ଥମି ନ ଥିଲା। ଏପରିକି ସାଲେପୁର ଏସ୍‌ଡିପିଓ ବିରଞ୍ଚିଙ୍କ ମୁହଁରେ ଆଘାତ ଲାଗି ରକ୍ତ ବାହାରିଥିଲା। ଏହାପରେ ପୋଲିସ ମୃଦୁ ଲାଠିଚାଳନା କରି ସ୍ୱାଧୀନ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀଙ୍କୁ କାର୍ଯ୍ୟାଳୟ ବାହାରକୁ ଘଉଡ଼ାଇ ଦେଇଥିଲା। ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟାଳୟ ଭିତରେ ବସିବାର ଅଧିକାର ଥିବାରୁ ସେମାନେ ସେଠାରେ ପୂର୍ବପରି ଧାରଣା ଦେଇଥିଲେ। ମାହାଙ୍ଗାର ପ୍ରାକ୍ତନ ବିଧାୟକ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ସଞ୍ଜୟଦାସ ବର୍ମା, ନୟାଗଡ଼ ବିଧାୟକ ଅରୁଣ ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସମେତ ୬ ଜଣିଆ ଫାକ୍ଟ ଫାଇଣ୍ଡି ଟିମ୍ ଧାରଣାରତ ଲୋକ ପ୍ରତିନିଧିଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝିଥିଲେ। ଏହି ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅପରପକ୍ଷେ ଗେଟ୍ ବାହାରକୁ ଆସିବା ପରେ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀ ଧାରଣାରେ ବସିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା। ଖବରପାଇ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛନ୍ତି।

ଦୀର୍ଘ ୮ମାସ ହେବ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଉନ୍ନୟନମୂଳକ କାର୍ଯ୍ୟ କଚ୍ଛପଗତିରେ ଚାଲଛି। ଶେଷ ହୋଇଥିବା କାମର ବିଲ୍ ଉପରେ ରୋକେ ଲଗାଯାଇଛି। ମାହାଙ୍ଗା ପଞ୍ଚାୟତ ସମିତିର ଲୋକପ୍ରତିନିଧିମାନେ ଏହାର ପ୍ରତିବାଦ କରି ୫ଦଫା ଦାବି ନେଇ ବ୍ଲକ ପରିସରରେ ବୁଧବାରଠାରୁ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ସମିତି ଅଧୀନରେ ଦୀର୍ଘ ୮ମାସ ହେବ କୌଣସି ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ମାହାଙ୍ଗା ବ୍ଲକର ୩୭ ଗ୍ରାମପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଏକରକମ ବନ୍ଦ ହୋଇଯାଇଛି। ପୂର୍ବରୁ ସମ୍ପାଦିତ ହୋଇଥିବା ବିଭିନ୍ନ ଯୋଜନାଗୁଡ଼ିକର ବିଲ୍ ସହକାରୀ ଯନ୍ତ୍ରୀଙ୍କ ପାଖକୁ ପଠାଯାଇଥିଲେ ମଧ୍ୟ କୌଣସି କାରଣ ନ ଥାଇ ସମ୍ପୃକ୍ତ ଅଧିକାରୀ ସେହି ବିଲ୍‌ଗୁଡ଼ିକୁ ପାସ୍ କରୁନାହାନ୍ତି। ପ୍ରଶାସନ ତରଫରୁ ନିର୍ବାଚିତ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା ଓ ଅଣଦେଖା କରାଯାଉଛି।

ଏହାକୁ ବିରୋଧ କରି ସ୍ୱାଧୀନ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀ ପୂର୍ବରୁ ହୋଇଥିବା ଦୁର୍ନୀତିର ତଦନ୍ତ, ଅଧ୍ୟକ୍ଷ ସରକାରୀ ଦସ୍ତାବିଜ ବ୍ଲକରୁ ନେଇଯାଇଥିବା ଭଳି ଅଭିଯୋଗ ଆଣିବା ସହ ପଞ୍ଚାୟତ ପ୍ରତିନିଧିମାନେ ଧାରଣାରୁ ନ ଉଠିବା ପର୍ଯ୍ୟନ୍ତ ସେମାନେ ଧାରଣା ଦେବେ ବୋଲି କହିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସନ୍ଧ୍ୟାରେ ଧାରଣା ସ୍ଥଳରେ ପହଞ୍ଚି ଲୋକପ୍ରତିନିଧିମାନେ ଦେଇଥିବା ଅଭିଯୋଗର ୧୦ ଦିନ ମଧ୍ୟରେ ବିଚାର କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏହି ସମୟରେ ଭାରପ୍ରାପ୍ତ ବିଡିଓ ବିବେନ୍ଦୁ ଦାସଙ୍କ ସମେତ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ବିଧାୟକଙ୍କ ସମର୍ଥକ ଗୋଷ୍ଠୀ ୪ ଦାବି ସମ୍ପର୍କିତ ଏକ ଦାବିପତ୍ର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରି ଧାରଣାରୁ ହଟିଯାଇଛନ୍ତି। ଏ ସମ୍ପର୍କରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଆଇଏଏସ୍, ଆଇପିଏସ୍ ଅଫିସରଙ୍କ ସ୍ତ୍ରୀ କିଟ୍‌ରେ କାମ କରୁଥିବାରୁ ଚାପ ପଡୁଛି: ତାରା

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)

କିଟ୍‌ରେ ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସାଲ୍‌ଙ୍କ ଆତ୍ମହତ୍ୟା ଓ ପରବର୍ତ୍ତୀ ବିଭିନ୍ନ ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଗୁରୁବାର କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଗଣମାଧ୍ୟମ ଆଗରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏଥିପାଇଁ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହେଉଥିବାବେଳେ ରାଜ୍ୟ ସରକାରଙ୍କ ସ୍ଥାଣୁତାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ତାରା କହିଛନ୍ତି, ରାଜ୍ୟ ସରକାରଙ୍କ କେତେକ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ସ୍ତ୍ରୀ କିଟ୍‌ରେ କାମ କରୁଛନ୍ତି। ତେଣୁ ସରକାରଙ୍କ ଉପରେ ଚାପ ରହିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର କାହିଁକି ଆଜି ପର୍ଯ୍ୟନ୍ତ କିଟ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରିନାହାନ୍ତି ବୋଲି ସେ କହିଛନ୍ତି। ତାଙ୍କ ସହିତ ଅଚ୍ୟୁତ ସାମନ୍ତଙ୍କର ଭଲ ସମ୍ପର୍କ ରହିଛି, ମାତ୍ର ମାଆ ଓ ମାଟିକୁ ପ୍ରଥମେ ସୁରକ୍ଷା ଦରକାର। ଓଡ଼ିଶାର ସ୍ୱାଭିମାନ ସବୁଠୁ ଆଗ। ସମଗ୍ର ବିଶ୍ୱ ଆଜି କିଟ୍ ଘଟଣାକୁ ନିନ୍ଦା କରୁଛି। ଓଡ଼ିଶା ଲୋକଙ୍କ ଅନ୍ତରାତ୍ମା କାନ୍ଦୁଛି। ତେବେ ସରକାର କାହିଁକି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ଚିନ୍ତାଜନକ ବିଷୟ ବୋଲି ତାରା କହିଛନ୍ତି।

# 'ଓଡ଼ିଶାରେ ପରିବର୍ତ୍ତନ ପାଇଁ ବିପ୍ଳବ ଆବଶ୍ୟକ'

ପୁରୀ, ୨୦।୨(ଅଜିତ୍ କୁମାର ମହାନ୍ତି)

## ଶ୍ରୀକ୍ଷେତ୍ରରେ ସରିଲା କଂଗ୍ରେସର ସଂକଳ୍ପ ଯାତ୍ରା

ଓଡ଼ିଶାରେ କଂଗ୍ରେସ ଲୋକଙ୍କ ଆସ୍ଥାଭାଜନ ହେବାକୁ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ନୂତନ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ସଂକଳ୍ପ ଯାତ୍ରା ଗୁରୁବାର ଶ୍ରୀକ୍ଷେତ୍ରରେ ସମାପନ ହୋଇଛି।

ଭକ୍ତ ଦଳୀୟ କର୍ମୀ ଓ ନେତୃବୃନ୍ଦଙ୍କ ସହ ପଦଯାତ୍ରାରେ ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନକରିବା ପରେ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସଂକଳ୍ପ ଯାତ୍ରା ସଫଳତାର ସହ ସରିଛି। ରାଜ୍ୟରେ ନ୍ୟାୟ, ଅହିଂସା ପ୍ରତିଷ୍ଠା ପାଇଁ କଂଗ୍ରେସ କାର୍ଯ୍ୟ କରିବ। ଏପର୍ଯ୍ୟନ୍ତ ରାଜ୍ୟବାସୀ ମହାପ୍ରଭୁଙ୍କ ସମ୍ପତ୍ତିର ହିସାବ ପାଇଲେ ନାହିଁ। ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ମହାପ୍ରଭୁଙ୍କ ସମ୍ପତ୍ତି ଓ ରତ୍ନଭଣ୍ଡାରର ହିସାବ ଦିଆଯିବ। ଓଡ଼ିଶାରେ ପରିବର୍ତ୍ତନ ଆଣିବାକୁ ହେଲେ ବିପ୍ଳବ ଆବଶ୍ୟକ ବୋଲି ଭକ୍ତ କହିଛନ୍ତି। ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ପରିବର୍ତ୍ତନ ଆଣିବା ସହ ଭ୍ରଷ୍ଟ ସରକାର ବିରୋଧରେ କଂଗ୍ରେସ କାର୍ଯ୍ୟ କରିବ।

ଗତ ୧୮ ତାରିଖରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ କଂଗ୍ରେସର ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଏହା ଲିଙ୍ଗିପୁର ଦେଇ ପିପିଲିରେ ପହଞ୍ଚିଥିଲା। ସେହିପରି ଦ୍ୱିତୀୟ ଦିନ ବୁଧବାର ସଂକଳ୍ପ ଯାତ୍ରା ପିପିଲିଠାରୁ ବାହାରି ଚନ୍ଦନପୁର ପର୍ଯ୍ୟନ୍ତ ଆସିଥିଲା। ଶେଷ ଦିନରେ ଏହି ଯାତ୍ରା ଚନ୍ଦନପୁରରୁ ବାହାରି ବାଟମଙ୍ଗଳା, ଅଠରନଳା ଓ ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲା। ପିସିସିର ନୂଆ ସଭାପତିଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବାଟମଙ୍ଗଳା ମନ୍ଦିରରେ ପିସିସି ସଭାପତି ପୂଜାର୍ଚ୍ଚନା କରିଥିଲେ। କଂଗ୍ରେସ କର୍ମୀମାନେ ଦଳୀୟ ପତାକା ଧରି ପଦଯାତ୍ରାରେ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ। ପାରମ୍ପରିକ ନୃତ୍ୟ ଓ ଗୀତରେ କମ୍ପିଥିଲା ବଡ଼ଦାଣ୍ଡ। ଏହି ଅବସରରେ ଭକ୍ତ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା କେତେଜଣ ଉଠାଦୋକାନୀଙ୍କୁ ମାର୍କେଟ ଛକ ନିକଟରେ ଭେଟିଆଲୋଚନା କରିଥିଲେ। ପରେ ସଂକଳ୍ପ ଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲା। ଏହି ଅବସରରେ ବରିଷ୍ଠ ନେତା ଉମାବଲ୍ଲଭ ରଥ, ପ୍ରସାଦ ହରିଚନ୍ଦନ, ସୁରେଶ ରାଉତରାୟ, ତାରାପ୍ରସାଦ ବାହିନୀପତି ଏବଂ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହ ଅନେକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳୀୟ କର୍ମୀମାନେ ସଂକଳ୍ପ ପଦଯାତ୍ରାରେ ପୁରୀ ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ଅଭିମୁଖେ ଯାଉଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## Business

# ୨୬,୦୦୦ କୋଟିର ଟି-ବିଲ୍ ବିକ୍ରି ବାତିଲକଲା ଭାରତ

ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୁରୁବାର ୯୧ ଏବଂ ୧୮୨ ଦିନିଆ ଟ୍ରେଜେରି ବିଲ୍ (ଟି-ବିଲ୍) ନିଲାମରେ କୌଣସି ବିଡ୍ ଗ୍ରହଣ କରିନାହିଁ। ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ନଗଦ ସଙ୍କଟ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଆର୍‌ବିଆଇ ଏକ ବିବୃତିରେ କହିଛି, ଏହା ୨୬,୦୦୦ କୋଟି ଟଙ୍କା, ପ୍ରାୟ ୩ ବିଲିୟନ ଡଲାରର ବିକ୍ରୟ ପାଇଁ ବିଡ୍‌କୁ ବାତିଲ କରିଛି। ତେବେ ଏହା ୬.୫୬୩୮% ହାରରେ ୭,୦୦୦ କୋଟି ଟଙ୍କା ମୂଲ୍ୟର ୩୬୪ ଦିନିଆ ଟ୍ରେଜେରି ବିଲ୍ ବିକ୍ରି କରିଛି। ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଲିକ୍ୟୁଡିଟି ସ୍ଥିତି ଗୁରୁତର ଅଭାବରେ ରହିଛି। ବ୍ଲୁମ୍‌ବର୍ଗ ଇକୋନୋମିକ୍ସର ଏକ ସୂଚକାଙ୍କ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ବୁଧବାର ପର୍ଯ୍ୟନ୍ତ କେନ୍ଦ୍ରୀୟ ବ୍ୟାଙ୍କରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଋଣ ନେଇଛନ୍ତି। ଗତ ମାସ ଶେଷରୁ ଆର୍‌ବିଆଇ ତିନୋଟି ଖୋଲା ବଜାର ଅପରେଶନ (ଓଏମ୍‌ଓ) ମାଧ୍ୟମରେ ସିଷ୍ଟମରେ ୧ ଲକ୍ଷ କୋଟି ଟଙ୍କା ଯୋଡ଼ିଛି। ଏହା ସହ ଏହା ଫରେକ୍ସ ସ୍ୱାପ୍ ମାଧ୍ୟମରେ ୫ ବିଲିୟନ ଡଲାରର ଲିକ୍ୟୁଡିଟିକୁ ଇଞ୍ଜେକ୍ଟ କରିଛି। ଦୀର୍ଘକାଳୀନ ଟି-ବିଲ୍‌ଗୁଡ଼ିକର ପରିବର୍ତ୍ତନଶୀଳ ରେପୋ ନିଲାମ ମଧ୍ୟ କରୁଛି। ଏଥିସହ ଗୁରୁବାର ଟି-ବିଲ୍ ବିକ୍ରିର ଫଳାଫଳ ପରେ ୫ ବର୍ଷର ବଣ୍ଡ ୬.୬୫%ରେ ସ୍ଥିର ରହିଛି। ମେ ମାସରେ, ଆର୍‌ବିଆଇ ଟ୍ରେଜେରି ବିଲ୍ ମାଧ୍ୟମରେ ସରକାରଙ୍କ ପାଇଁ ଋଣ ହ୍ରାସ କରିବାକୁ ଘୋଷଣା କରିଥିଲା। ସରକାରଙ୍କୁ ଏକ ବିରାଟ ଡିଭିଡେଣ୍ଡ ଟ୍ରାନ୍ସଫରର କିଛି ଦିନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଥିଲା। ଆର୍‌ବିଆଇର ସଦ୍ୟତମ ମାସିକ ବୁଲେଟିନ ଅନୁଯାୟୀ, ୨୦୨୫-୨୬ ସୁଦ୍ଧା ଭାରତର ଅର୍ଥନୀତି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ହୋଇ ରହିବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ବିଶ୍ୱବ୍ୟାଙ୍କର ଆକଳନକୁ ଦର୍ଶାଇ ଆର୍‌ବିଆଇ କହିଛି, ୨୦୨୫-୨୬ ମସିହାରେ ଭାରତର ଜିଡିପି ଅଭିବୃଦ୍ଧି ୬.୫%ରୁ ୬.୭% ମଧ୍ୟରେ ରହିବ। ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ହାଇ-ଫ୍ରିକ୍ୱେନ୍ସି ସୂଚକଗୁଡ଼ିକ ଦର୍ଶାଏ ଯେ ୨୦୨୪-୨୫ର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କାର୍ଯ୍ୟକଳାପରେ ଉନ୍ନତି ଆଗକୁ ମଧ୍ୟ ଜାରି ରହିବ।

# ଦେବଗଡ଼ରେ ସୁନାଖଣି ସନ୍ଧାନ

ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)

ଦେବଗଡ ଜିଲାର ଆଡାସ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା (ଜିଏସଆଇ) ଦ୍ୱାରା ଜି-୨ସ୍ତରରେ ଅନୁସନ୍ଧାନ କରାଯାଇ ସୁନା, ନିକେଲ, ରୁପା, ତମ୍ବାପଥର, ଓ ଗ୍ରାଫାଇଟ ଖଣିଜ ପଦାର୍ଥ ଥିବା ଜଣାପଡ଼ିଛି। ସେଥିମଧ୍ୟରୁ ନିକେଲ ଓ ଗ୍ରାଫାଇଟ କ୍ରିଟିକାଲ ମିନେରାଲ ଅନ୍ତର୍ଭୁକ୍ତ ହୋଇଥିବାରୁ ଉକ୍ତ ବ୍ଲକର ନିଲାମ ପ୍ରକ୍ରିୟା ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ଦ୍ୱାରା ହେବାର ଯୋଜନା ରହିଛି। ସେହିପରି କେନ୍ଦୁଝର ଜିଲାର ଗୋପୁର ଅଞ୍ଚଳରେ ଜି-୩ ସ୍ତରରେ ସୁନାର ଅନୁସନ୍ଧାନ କାର୍ଯ୍ୟ ସରିଛି। ୨୦୨୪-୨୫ ବର୍ଷରେ ଉକ୍ତ ବ୍ଲକର ଜଳଡ଼ିହି ଅଞ୍ଚଳରେ ଜି-୨ରେ ଅନୁସନ୍ଧାନ କାର୍ଯ୍ୟ ଚାଲୁରହିଛି। ଅନୁସନ୍ଧାନକାରୀ ସଂସ୍ଥାମାନେ ଚୂଡାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଭି.ଅନନ୍ତ ନାଗେଶ୍ୱରନ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର,୨୦।୨



ଡ. ଭି. ଅନନ୍ତ ନାଗେଶ୍ୱରନ୍

କେନ୍ଦ୍ର ସରକାର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡ. ଭି. ଅନନ୍ତ ନାଗେଶ୍ୱରନ୍‌ଙ୍କ କାର୍ଯ୍ୟକାଳକୁ ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ୨୦୨୨ ଜାନୁଆରୀ ୨୮ରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡ. ନାଗେଶ୍ୱରନ୍ ଅର୍ଥନୈତିକ ନୀତି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୩%-୬.୮% ରହିବ ବୋଲି ଆକଳନ କରାଯିବାର କିଛି ସପ୍ତାହ ପରେ ଅର୍ଥନୀତିରେ ସୁଧାର ଆସିବାର ସଙ୍କେତ ଦେଖିବାକୁ ମିଳିଛି। ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୪% ରହିବ ବୋଲି ଆକଳନ କରାଯାଇଛି। ସେ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପାର୍ଟ ଟାଇମ ସଦସ୍ୟ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି ଏବଂ ଭାରତ ଓ ସିଙ୍ଗାପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିଛନ୍ତି। ଡ. ନାଗେଶ୍ୱରନ୍ ଆଇଆଇଏମ୍ ଅହମ୍ମଦାବାଦରୁ ଏମ୍‌ବିଏ ଏବଂ ମାସାଚୁସେଟ୍ସ ବିଶ୍ୱବିଦ୍ୟାଳୟରୁ ଫାଇନାନ୍ସରେ ପିଏଚ୍.ଡି. କରିଛନ୍ତି। କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସୂଚନା ଅନୁଯାୟୀ, ୧୭ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍‌ର ନିଯୁକ୍ତି କମିଟି ବୈଠକରେ ଡ. ନାଗେଶ୍ୱରନ୍‌ଙ୍କ ଚୁକ୍ତିଭିତ୍ତିକ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ କାର୍ଯ୍ୟକାଳ ୨ବର୍ଷ ବୃଦ୍ଧି କରାଯାଇଛି।

# ଅନ୍‌ଲାଇନ ଠକେଇରୁ ସୁରକ୍ଷାଦେବ ଟୋକେନାଇଜେଶନ

ଭୁବନେଶ୍ୱର,୨୦।୨

ଡିଜିଟାଲାଇଜେଶନ କ୍ଷେତ୍ରରେ ଭାରତ କ୍ରମାଗତ ଭାବରେ ଅଗ୍ରଗତି କରୁଛି। ଦେଶରେ ଡିଜିଟାଲ ପେମେଣ୍ଟରେ ମଧ୍ୟ ବହୁତ ବୃଦ୍ଧି ଘଟିଛି। ବର୍ତ୍ତମାନ ଡିଜିଟାଲ ପେମେଣ୍ଟର ଏକ ପ୍ରମୁଖ ପରିବର୍ତ୍ତନରେ, ଫୋନ ପେ କ୍ରେଡିଟ ଏବଂ ଡେବିଟ କାର୍ଡ ପାଇଁ ଏକ ଡିଭାଇସ୍ ଟୋକେନାଇଜେଶନ ସମାଧାନ ଆରମ୍ଭ କରିଛି। ଏହା ସାହାଯ୍ୟରେ ଫୋନ ପେ ମାଧ୍ୟମରେ ଉପଭୋକ୍ତାମାନେ ବିଲ୍ ପେମେଣ୍ଟ, ରିଚାର୍ଜ, ଟିକେଟ ବୁକିଂ, ବୀମା ପଲିସି କ୍ରୟ କରିପାରିବେ ଏବଂ ଅଧିକ ସୁରକ୍ଷିତ ଶପିଂ ସମୟରେ ଅନ୍‌ଲାଇନ ପେମେଣ୍ଟ କରିପାରିବେ। ଏହା ଅନ୍‌ଲାଇନ ଠକେଇକୁ ହ୍ରାସକରିବ ଏବଂ ଦେୟ ଦେବା ମଧ୍ୟ ସହଜ ହେବ।
ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନୁଯାୟୀ, ଟୋକେନାଇଜେଶନ ଅର୍ଥ ହେଉଛି ଉପଭୋକ୍ତାଙ୍କ କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବିବରଣୀକୁ ଟୋକେନରେ ପରିଣତ କରିବା। ଡିଭାଇସ୍ ଟୋକେନାଇଜେଶନ ହେଉଛି ଏକ ସୁରକ୍ଷିତ ପଦ୍ଧତି ଯାହା ସାହାଯ୍ୟରେ ଆପଣଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡର ବିବରଣୀ ଏକ ସ୍ୱତନ୍ତ୍ର ଟୋକେନରେ ରୂପାନ୍ତରିତ ହୋଇଥାଏ। ଯେଉଁ ଡିଭାଇସ୍‌ରେ ଏହା ଜେନେରେଟ କରାଯାଇଥାଏ ଏହି ଟୋକନ କେବଳ ସେହି ଡିଭାଇସ୍‌ରେ ଉପଲବ୍ଧ ହେବ। ଏହା ଠକେଇର ବିପଦକୁ ହ୍ରାସ କରିଥାଏ ଏବଂ ଡାଟା ଲିକେଜ ଏବଂ ଦେୟ ମଧ୍ୟ ସୁରକ୍ଷିତ ରହିଥାଏ। ଫୋନ୍ ପେର ଟୋକେନାଇଜେଶନ କାରବାରକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଏହା ଚେକ୍‌ଆଉଟ୍ ଡ୍ରପ୍ ଅଫ୍ ହ୍ରାସ କରିବ। ଏହା ବ୍ୟତୀତ ଉପଭୋକ୍ତାମାନଙ୍କୁ ପ୍ରତ୍ୟେକ ଥର ସେମାନଙ୍କ କାର୍ଡ ବିବରଣୀ ପ୍ରବେଶ କରିବାକୁ ପଡିବ ନାହିଁ। ଓଟିପି ଏବଂ ସିଭିଭି ପ୍ରବେଶ ନ କରି ଦେୟ ହାର ବୃଦ୍ଧିପାଇବ। ଏହା ବ୍ୟବସାୟୀମାନଙ୍କୁ ଟୋକେନାଇଜଡ କାର୍ଡର ବଢୁଥିବା ନେଟ୍‌ୱର୍କର ଲାଭ ଉଠାଇବାରେ ସାହାଯ୍ୟ କରିବ। ପ୍ରଥମ ପର୍ଯ୍ୟାୟରେ, ଫୋନ୍ ପେ ଭିସା କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ପାଇଁ ଟୋକେନାଇଜେଶନ ସୁବିଧା ଆରମ୍ଭ କରିଥିଲା। ପରେ ମାଷ୍ଟରକାର୍ଡ, ରୂପାୟ ଏବଂ ଆମେରିକୀୟ ଏକ୍ସପ୍ରେସ୍ ପରି ଅନ୍ୟ କାର୍ଡ ନେଟ୍‌ୱର୍କଗୁଡ଼ିକ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହେବ।

# ରାଜ୍ୟରେ ୯୫ ଲୁହାପଥର ଖଣି, ୩୪ରେ କାର୍ଯ୍ୟ ବନ୍ଦ

ଭୁବନେଶ୍ୱର,୨୦।୨



ଓଡ଼ିଶାରେ ବର୍ତ୍ତମାନ ୯୫ଟି ଲୁହାପଥର ଖଣି ବଳବତ୍ତର ରହିଥିବା ବେଳେ ୬୧ଟି ଖଣି କାର୍ଯ୍ୟକ୍ଷମ ରହିଛି। ୩୪ ଖଣିରେ କାର୍ଯ୍ୟ ବନ୍ଦ ରହିଛି। ସେହିଭଳି ରାଜ୍ୟରେ ୯ଟି ବକ୍ସାଇଟ ଖଣି ବଳବତ୍ତର ରହିଥିବା ବେଳେ ୪ଟି ଖଣି କାର୍ଯ୍ୟକ୍ଷମ ରହିଛି ଓ ୫ଟି ଖଣିରେ କାର୍ଯ୍ୟ ବନ୍ଦ ରହିଛି। ରାଜ୍ୟରେ କେତେ ସଂଖ୍ୟକ ଲୁହାପଥର ଓ ବକ୍ସାଇଟ୍ ଖଣି ଅଛି ବୋଲି ଗୃହରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦେଇଥିବା ଲିଖିତ ଉତ୍ତରରେ ଏହି ତଥ୍ୟ ରହିଛି। ସେହିପରି ଖଣିରୁ ପ୍ରଚୁର ପରିମାଣରେ ବର୍ଜ୍ୟ ବାହାରୁଥିବାବେଳେ ସେହି ବର୍ଜ୍ୟର ପୁନଃ ବିନିଯୋଗ ପାଇଁ କେଉଁ ବ୍ୟବସ୍ଥା କରାଯାଇଛି ବୋଲି ବାହିନୀପତି ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ ଜେନା କହିଛନ୍ତି, ଉପରୋକ୍ତ କାର୍ଯ୍ୟକ୍ଷମ ଥିବା ଲୁହାପଥର ଓ ବକ୍ସାଇଟ ଖଣିରୁ ବିପୁଳ ପରିମାଣର ବର୍ଜ୍ୟବସ୍ତୁ ବାହାରୁଥିବା ସମ୍ବନ୍ଧୀୟ ତଥ୍ୟ ଏହି ବିଭାଗର ଦୃଷ୍ଟିଗୋଚର ହୋଇନାହିଁ। ତେବେ ଲୁହାପଥର ଓ ବକ୍ସାଇଟ ଖଣିରୁ ଉତ୍ପାଦିତ ହେଉଥିବା ବର୍ଜ୍ୟକୁ ଖଣି ପଟ୍ଟାଧାରୀମାନେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଅନୁମୋଦିତ ମାଇନିଂ ପ୍ଲାନ୍ ଅନୁଯାୟୀ ଡମ୍ପ୍ ପ୍ରସ୍ତୁତକରି ଖଣି ଅଞ୍ଚଳର ନନ୍ ମିନେରାଲାଇଜଡ୍ ଜୋନ୍‌ରେ ଗଚ୍ଛିତ ରଖୁଛନ୍ତି। ଏ ସମ୍ପର୍କିତ ତଥ୍ୟ ଖଣି ପଟ୍ଟାଧରୀ ଆନୁଆଲ ରିଟର୍ନ ଫର୍ମ ଜେ୧(ଏଚ୍୧)ରେ ଦର୍ଶାଉଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଡମ୍ପ୍ ପଲିସି ଅନୁମୋଦନ ହେଲା ପରେ ରାଜ୍ୟ ସରକାର ସମ୍ପୃକ୍ତ ଗଚ୍ଛିତ ଥିବା ଡମ୍ପ୍‌କୁ ପୁନଃ ବିନିଯୋଗ କରିବା ପାଇଁ ପଦକ୍ଷେପ ନେବେ।

# ଜିଓ ଆରମ୍ଭକଲା ଜିଓଟେଲି ଓଏସ୍

ଭୁବନେଶ୍ୱର,୨୦।୨




ଜିଓ ପକ୍ଷରୁ ଭାରତରେ ସ୍ମାର୍ଟ ଟିଭି ଉପଭୋକ୍ତାଙ୍କ ପାଇଁ 'ଜିଓଟେଲି ଓଏସ୍' ଆରମ୍ଭ କରାଯାଇଛି। ଏହି ନୂତନ ଅପରେଟିଂ ସିଷ୍ଟମ ଦ୍ରୁତ, ସ୍ମାର୍ଟ ଏବଂ ବ୍ୟବହାର କରିବାକୁ ସହଜ, ଯାହା ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିକଶିତ ହୋଇଛି। ଭାରତରେ ପ୍ରାୟ ୩୫ ନିୟୁତ କନେକ୍‌ଟେଡ୍ ଟିଭି ଘର ଅଛି, ମାତ୍ର ଅନେକ ଗ୍ରାହକ ସୀମିତ କଷ୍ଟମାଇଜେଶନ, ଉଚ୍ଚ-ଗୁଣାତ୍ମକ ଆଞ୍ଚଳିକ ବିଷୟବସ୍ତୁର ଅଭାବ ଏବଂ ସୁଚାରୁ ଅନୁଭବର ଅଭାବଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଓଟେଲି ଓଏସ୍ ଏହି ସମସ୍ତ ଆହ୍ୱାନର ସମାଧାନ ନେଇଆସିଛି। ଏହି ଓଏସ୍‌ରେ ଏଆଇ(କୃତ୍ରିମ ବୁଦ୍ଧିମତା) ଆଧାରିତ ସୁପାରିସଗୁଡ଼ିକ ଉପଲବ୍ଧ ହେବ, ଯାହାଦ୍ୱାରା ଗ୍ରାହକମାନେ ସେମାନଙ୍କର ନିଜ ପସନ୍ଦର ବିଷୟବସ୍ତୁ ଶୀଘ୍ର ଏବଂ ସହଜରେ ଖୋଜି ପାଇପାରିବେ। ଗ୍ରାହକମାନେ ଗୋଟିଏ ସ୍ଥାନରେ ଟିଭି ଚ୍ୟାନେଲ, କ୍ଲାଉଡ୍ ଗେମ୍ ଏବଂ ଓଟିଟି ଆପ୍ ଉପଭୋଗ କରିବାକୁ ସମର୍ଥ ହେବେ। ଏଥିସହ ସମୟ ସମୟରେ ନୂତନ ଅପ୍‌ଡେଟ୍ ମିଳିବା ଫଳରେ ଏହା ସର୍ବଦା ନୂତନ ଆପ୍ ଏବଂ ଟେକ୍ନୋଲୋଜି ସହିତ ଅପ୍‌ଡେଟ୍ ରହିବ। ଶୁକ୍ରବାରଠାରୁ ଏହି ଓଏସ୍ ଥମ୍‌ସନ, କୋଡାକ, ବିପିଏଲ୍ ଏବଂ ଜେବିସି ବ୍ରାଣ୍ଡର ସ୍ମାର୍ଟ ଟିଭିରେ ଉପଲବ୍ଧ ହେବ। ଆଗାମୀ ଦିନରେ ଅଧିକ ବ୍ରାଣ୍ଡ ଏହାସହ ଯୋଡ଼ିହେବେ।

# ଦୂର ନୁହେଁ ୩ୟ ବିଶ୍ୱଯୁଦ୍ଧ: ଟ୍ରମ୍ପ୍

**ୱାଶିଂଟନ୍, ୨୦।୨**

ତୃତୀୟ ବିଶ୍ୱଯୁଦ୍ଧ ଆଉ ବେଶି ଦୂର ନୁହେଁ। ତେବେ ଏହାକୁ ଏଡ଼ାଇବା ପାଇଁ ତାଙ୍କ ପାଖରେ ଯୋଜନା ରହିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦାବି କରିଛନ୍ତି। ମଧ୍ୟପ୍ରାଚ୍ୟ ଓ ୟୁକ୍ରେନ୍‌ରେ ଚାଲିଥିବା ସଂଘର୍ଷ ଉପରେ ସେ ନିଜ ପ୍ରତିକ୍ରିୟାରେ ଏଭଳି ମନ୍ତବ୍ୟ ଦେଇଛନ୍ତି।

ଫ୍ୟୁଚର ଇନ୍‌ଭେଷ୍ଟମେଣ୍ଟ ଇନିସିଏଟିଭ୍ ପ୍ରିଓରିଟି ସମିଟ୍‌କୁ ବୁଧବାର ସମ୍ବୋଧିତ କରି ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ତୃତୀୟ ବିଶ୍ୱଯୁଦ୍ଧକୁ ଏଡ଼ାଇବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସେ ପୃଥିବୀ ସାରା ଭ୍ରମଣ କରୁଛନ୍ତି। କାରଣ ସେ ବିଶ୍ୱରେ ରକ୍ତପାତ ଓ ଲୋକଙ୍କ ହତ୍ୟା ଦେଖିବାକୁ ଚାହୁଁନାହାନ୍ତି। ଟ୍ରମ୍ପ୍ ଆହୁରି କହିଛନ୍ତି, ମଧ୍ୟପ୍ରାଚ୍ୟରେ ଘଟୁଥିବା ଲୋକଙ୍କ ମୃତ୍ୟୁ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପ୍ରାଣହାନିକୁ ଦେଖ।

### 'ଏଡ଼ାଇବା ପାଇଁ ଉପାୟ ରହିଛି'

ଆମେ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଯାଉଛୁ। ତୃତୀୟ ବିଶ୍ୱଯୁଦ୍ଧ ହେଲେ କାହାରି କିଛି ଲାଭ ହେବ ନାହିଁ। ଏହି ଯୁଦ୍ଧ ବେଶି ଦୂର ନାହିଁ। ବର୍ତ୍ତମାନ ପୂର୍ବର ବାଇଡେନ୍ ପ୍ରଶାସନ ଥିଲେ, ଯୁଦ୍ଧ ଆହୁରି ବର୍ଷେ ପର୍ଯ୍ୟନ୍ତ ଲମ୍ବିଥାଆନ୍ତା। ଆପଣମାନେ ତୃତୀୟ ବିଶ୍ୱଯୁଦ୍ଧକୁ ଦେଖୁଥାଆନ୍ତେ। କିନ୍ତୁ ଆମ ପ୍ରଶାସନ ଏହାକୁ ହେବାକୁ ଦେବ ନାହିଁ। ଏହି ଅବସରରେ ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଆଲୋଚନାକୁ ସମର୍ଥନ କରିଥିବାରୁ ସାଉଦି ଆରବକୁ ଆମେରିକା ରାଷ୍ଟ୍ରପତି ଧନ୍ୟବାଦ ଦେଇଛନ୍ତି। ଏହାକୁ ସେ ଏକ 'ବଡ଼ ପଦକ୍ଷେପ' ବୋଲି ଅଭିହିତ କରିଛନ୍ତି। କେବଳ ଏତିକି ନୁହେଁ, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

ଟ୍ରମ୍ପ୍ ସମାଲୋଚନା କରିବାକୁ ପଛାଇନାହାନ୍ତି। ସେ ଜେଲେନ୍‌ସ୍କିଙ୍କୁ 'ବିନା ନିର୍ବାଚନରେ ଜଣେ ଏକଚ୍ଛତ୍ରବାଦୀ' ବୋଲି ଅଭିହିତ କରିଛନ୍ତି। ଜଣେ ସଫଳ କମେଡିଆନ୍ (ହାସ୍ୟାଭିନେତା) ଯୁଦ୍ଧ ପାଇଁ ଆମେରିକାର ୩୫୦ ବିଲିୟନ୍ ଡଲାର ଖର୍ଚ୍ଚ କରାଇଦେଲେ। ତାହା ପୁଣି ଏଭଳି ଯୁଦ୍ଧ, ଯେଉଁଠି ବିଜୟ ଅସମ୍ଭବ ବୋଲି ଟ୍ରମ୍ପ୍ ତାଚ୍ଛଲ୍ୟ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଅମେରିକାର ପରିବର୍ତ୍ତନଶୀଳ ଆଭିମୁଖ୍ୟ ଟ୍ରମ୍ପଙ୍କ ଏହି ମନ୍ତବ୍ୟରୁ ପ୍ରତିଫଳିତ ହୋଇଛି।

ଇତିମଧ୍ୟରେ ଟ୍ରମ୍ପଙ୍କ ମାଲିକାନାରେ ଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ୍ ସୋସିଆଲ'କୁ ୟୁକ୍ରେନ୍ ସାରା ବ୍ଲକ୍ କରିବାକୁ ରାଷ୍ଟ୍ରପତି ଜେଲେନ୍‌ସ୍କି ନିଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ସେପଟେ ୟୁକ୍ରେନ୍‌ର ସାମରିକ ଗୋଇନ୍ଦା ଏଜେନ୍ସି 'ଜିୟୁଆର୍' ମୁଖ୍ୟ କିରିଲୋ ବୁଡାନୋଭ୍ କହିଛନ୍ତି, ପ୍ରାୟ ୩ ବର୍ଷ ଧରି ରୁଷିଆ ସହ ଚାଲିଥିବା ଯୁଦ୍ଧ ୨୦୨୫ରେ ଶେଷ ହୋଇପାରେ। ଯୁଦ୍ଧାବସାନର ଯଥେଷ୍ଟ ସମ୍ଭାବନା ରହିଥିବା ସେ ଦେଖିବାକୁ ପାଉଛନ୍ତି ବୋଲି ଏକ ସାକ୍ଷାତ୍କାରରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଠକେଇ ମାମଲାରେ ମହାରାଷ୍ଟ୍ର ମନ୍ତ୍ରୀଙ୍କୁ ୨ ବର୍ଷ ଜେଲ



ମାଣିକରାଓ କୋକାଟେ

**ନାସିକ, ୨୦।୨**

ମହାରାଷ୍ଟ୍ର କୃଷିମନ୍ତ୍ରୀ ତଥା ଏନ୍‌ସିପି ନେତା ମାଣିକରାଓ କୋକାଟେଙ୍କୁ ୩୦ ବର୍ଷ ପୁରୁଣା ଠକେଇ ମାମଲାରେ ନାସିକ ଜିଲା ଅଦାଲତ ଗୁରୁବାର ୨ ବର୍ଷ ଜେଲଦଣ୍ଡ ଓ ୫୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ଭାଇ ସୁନୀଲଙ୍କୁ ମଧ୍ୟ ଅନୁରୂପ ଦଣ୍ଡବିଧାନ କରାଯାଇଛି। ୧୯୯୫ରେ ମାଣିକରାଓ ଓ ସୁନୀଲ ଆୟ କମ୍ ଥିବା ଏବଂ ଦ୍ୱିତୀୟ ଘର ନ ଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ଠାରୁ ଫ୍ଲାଟ୍ ନେଇଥିଲେ। ମାଣିକରାଓ ଆୟ ସମ୍ବନ୍ଧୀୟ ତଥ୍ୟ ଲୁଚାଇଥିବା ଅଭିଯୋଗ କରିଥିଲେ। ତେବେ ଏହି ରାୟକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ମାଣିକରାଓ କହିଛନ୍ତି।

### ୪ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କଲା ହମାସ୍

**ତେଲ୍ ଆଭିଭ୍, ୨୦।୨**

ଗାଜାର ଶାସକ ହମାସ୍ ଗୁରୁବାର ୪ ଜଣ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କରିଛି। ୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅଚାନକ ଆକ୍ରମଣ କରି ସେମାନଙ୍କ ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ। ହସ୍ତାନ୍ତର ହୋଇଥିବା ମୃତ ପଣବନ୍ଦୀମାନେ ହେଲେ ଶିରି ବିବାସ୍, ତାଙ୍କ ୨ ପିଲା ଏରିଏଲ୍, କଫିର ଏବଂ ଓଡେଡ୍ ଲିଫ୍‌ଶିଜ୍। ଅପହରଣ ବେଳେ ଓଡେଡ୍‌ଙ୍କୁ ୮୩ ବର୍ଷ ହୋଇଥିଲା। କଫିର ସବୁଠୁ କମ୍ ବୟସ୍କ ପଣବନ୍ଦୀ ଥିଲେ। ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ବେଳେ ସେମାନଙ୍କ ମୃତ୍ୟୁ ଘଟିଥିବା ହମାସ୍ କହିଛି। ଗତମାସ ୧୯ରୁ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଯୁଦ୍ଧବିରତି ରାଜିନାମା କାର୍ଯ୍ୟକାରୀ ହେବା ସହ ବନ୍ଦୀ ଅଦଳବଦଳ ଜାରି ରହିଛି।

### ଦିଲ୍ଲୀରେ ଲାଗୁହେବ ଆୟୁଷ୍ମାନ୍ ଭାରତ

**ନୂଆଦିଲ୍ଲୀ, ୨୦।୨**

ଦିଲ୍ଲୀର ନୂଆ ଭାଜପା ସରକାର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ କରିବ। ପ୍ରଥମ କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହା ଘୋଷଣା କରିଛନ୍ତି। ଏଥିସହିତ ପୂର୍ବର ଆପ୍ ସରକାର ବିଳମ୍ବିତ କରିଥିବା ୧୪ଟି ସିଏଜି ରିପୋର୍ଟକୁ ବିଧାନସଭାର ପ୍ରଥମ ଅଧିବେଶନରେ ଉପସ୍ଥାପନ କରିବା ଲାଗି କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ଆପ୍ ସରକାର ଦିଲ୍ଲୀରେ ଲାଗୁ କରାଇଦେଉ ନ ଥିଲେ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ସୁବିଧା ମିଳିପାରିବ। ନିର୍ବାଚନ ବେଳେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ନୂଆ ସରକାର ନିଶ୍ଚୟ ପୂରଣ କରିବେ ବୋଲି ରେଖା କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରୁ ଦିଲ୍ଲୀର ମହିଳାମାନଙ୍କୁ ମାସିକ ୨,୫୦୦ ଟଙ୍କା ସହାୟତା ଯୋଗାଇଦିଆଯିବ ବୋଲି ସେ ଗଣମାଧ୍ୟମକୁ ଜଣାଇଛନ୍ତି।

### ଅସ୍ତ୍ର ସମର୍ପଣ ପାଇଁ ୭ ଦିନିଆ ମହଲତ ଦେଲେ ମଣିପୁର ରାଜ୍ୟପାଳ

**ଇମ୍ଫାଲ, ୨୦।୨**

ମଣିପୁରର ସବୁ ସମ୍ପ୍ରଦାୟର ଲୋକମାନେ ଲୁଟ୍ କରିନେଇଥିବା ଏବଂ ବେଆଇନ ଭାବେ ରଖିଥିବା ଅସ୍ତ୍ରଶସ୍ତ୍ରକୁ ୭ ଦିନ ମଧ୍ୟରେ ସମର୍ପଣ କରିଦେବା ପାଇଁ ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ଗୁରୁବାର ନିବେଦନ କରିଛନ୍ତି।



ଅଜୟ କୁମାର ଭାଲ୍ଲା

ଏହି ସମୟସୀମା ମଧ୍ୟରେ ଅସ୍ତ୍ର ଫେରାଇଲେ କୌଣସି ଦଣ୍ଡ ଦିଆଯିବ ନାହିଁ। ମଣିପୁରର ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକାରେ ରହୁଥିବା ଲୋକମାନେ ୨୦ ମାସରୁ ଊର୍ଦ୍ଧ୍ୱ ସମୟ ହେଲା କଠିନ ସମସ୍ୟାର ସମ୍ମୁଖୀନ ହୋଇଆସିଛନ୍ତି। ଅନେକ ଦୁର୍ଭାଗ୍ୟଜନକ ଘଟଣା ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ପ୍ରଭାବିତ କରିଛି। ଲୁଟିଥିବା ଓ ବେଆଇନ ଭାବେ ରଖିଥିବା ଅସ୍ତ୍ର ଓ ଗୁଳିଗୋଳାଗୁଡ଼ିକୁ ୭ ଦିନ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ସମର୍ପଣ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାଲ୍ଲା ଚେତାବନୀ ଦେଇଛନ୍ତି।

# ଦିଲ୍ଲୀରେ ରେଖା ଗୁପ୍ତା ସରକାର



ଦିଲ୍ଲୀର ରାମଲୀଳା ମଇଦାନରେ ଗୁରୁବାର ଅନୁଷ୍ଠିତ ନୂଆ ସରକାରଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ନୂଆ ମନ୍ତ୍ରୀମାନେ।

**ନୂଆଦିଲ୍ଲୀ, ୨୦।୨**

ଭାଜପା ବିଧାୟିକା ରେଖା ଗୁପ୍ତା ଦିଲ୍ଲୀର ୯ମ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିବା ସହ ସଚିବାଳୟ ଯାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଦିଲ୍ଲୀରେ ରେଖା ସରକାର ଆରମ୍ଭ ହୋଇଛି। ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟବଧାନ ପରେ ଗତ ୫ ତାରିଖରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା।

ରାମଲୀଳା ମଇଦାନରେ ଅନୁଷ୍ଠିତ ଶପଥ ଉତ୍ସବରେ ରେଖାଙ୍କ ସହ ଅନ୍ୟ ୬ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି। ଉପରାଜ୍ୟପାଳ ଭି.କେ. ସାକ୍ସେନା ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀ, ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ, ଭାଜପାର ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ସୁଷମା ସ୍ୱରାଜ, ଶୀଲା ଦୀକ୍ଷିତ ଏବଂ ଆତିଶୀଙ୍କ ପରେ ରେଖା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ। ରେଖା ନିଜ ପାଖରେ ଅର୍ଥ, ଭିଜିଲାନ୍ସ, ରାଜସ୍ୱ, ମହିଳା ଓ ଶିଶୁ ବିକାଶ ବିଭାଗ ରଖିଥିବାବେଳେ ପର୍‌ବେଶ ବର୍ମାଙ୍କୁ ପୂର୍ତ୍ତ, ଜଳ, ବ୍ୟାବସ୍ଥାପିକା ବ୍ୟାପାର, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ଆଶିଷ ସୁଦ୍‌ଙ୍କୁ ଗୃହ, ଶକ୍ତି, ସହରାଞ୍ଚଳ ବିକାଶ ଓ ଶିକ୍ଷା ବିଭାଗ ମିଳିଛି। କପିଲ ମିଶ୍ରାଙ୍କୁ ଆଇନ ଓ ନ୍ୟାୟ, ଶ୍ରମ ଓ ନିୟୋଜନ ଏବଂ ପର୍ଯ୍ୟଟନ ବିଭାଗ ଦିଆଯାଇଥିବାବେଳେ ମଞ୍ଜିନ୍ଦର ସିଂ ସିର୍ସାଙ୍କୁ ଶିଳ୍ପ, ଜଙ୍ଗଲ ଓ ପରିବେଶ, ଖାଦ୍ୟ ଓ ଯୋଗାଣ ବିଭାଗ ମିଳିଛି। ପଙ୍କଜ ସିଂ ସ୍ୱାସ୍ଥ୍ୟ, ପରିବହନ ଓ ସୂଚନା ପ୍ରଯୁକ୍ତି ବିଭାଗ, ରବିନ୍ଦର ଇନ୍ଦ୍ରଜ ସାମାଜିକ କଲ୍ୟାଣ, ଏସ୍‌ସି ଏବଂ ଏସ୍‌ଟି କଲ୍ୟାଣ ବିଭାଗ ସମ୍ଭାଳିବେ।

### ବିଜେନ୍ଦର ଗୁପ୍ତା ବାଚସ୍ପତି

ଦିଲ୍ଲୀ ବିଧାନସଭାରେ ୧୦ ବର୍ଷ ତଳେ ବଜେଟ ଅଧିବେଶନ ବେଳେ ହଟ୍ଟଗୋଳକୁ ନେଇ ଭାଜପା ନେତା ବିଜେନ୍ଦର ଗୁପ୍ତାଙ୍କୁ ମାର୍ଶାଲମାନେ ଗୃହରୁ ଘୋଷାରି ବାହାର କରିଦେଇଥିଲେ। ୨୦୨୫ ନିର୍ବାଚନରେ ଭାଜପା ବିଜୟୀ ହେବା ପରେ ବିଜେନ୍ଦରଙ୍କୁ



ବାଚସ୍ପତି ନିର୍ବାଚିତ କରାଯାଇଛି। ଏବେ ସେ ଗୃହରେ ଅଧ୍ୟକ୍ଷତା କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ, ୨୦୧୫ରେ ବଜେଟ ଆଲୋଚନା ବେଳେ ଚତୁର୍ଥ ଦିଲ୍ଲୀ ଅର୍ଥ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା ଦାବିରେ ବିଜେନ୍ଦରଙ୍କ ସମେତ ଭାଜପା ବିଧାୟକ ଓ.ପି. ଶର୍ମା ଏବଂ ଜଗଦୀଶ ପ୍ରଧାନ ହଟ୍ଟଗୋଳ କରିବା ସହ ଗୃହ ମଧ୍ୟଭାଗରେ ସ୍ଲୋଗାନ ଦେବାରୁ ତତ୍କାଳୀନ ବାଚସ୍ପତି ରାମନିୱାସ ଗୋୟଲ ସେମାନଙ୍କୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଲୋକପାଳ ରାୟ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ନୂଆଦିଲ୍ଲୀ, ୨୦।୨ (ପି.ଟି.)**

ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଦାଏର ପାଇଁ ଲୋକପାଳ ଦେଇଥିବା ଅନୁମତି ଉପରେ ସୁପ୍ରିମକୋର୍ଟ ଗୁରୁବାର ସ୍ଥଗିତାଦେଶ ଲଗାଇଛନ୍ତି। ଏଭଳି ଅନୁମତି ଅତ୍ୟନ୍ତ ଚିନ୍ତାଜନକ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଅଭୟ ଏସ୍. ଓକାଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିବା ସହ ନ୍ୟାୟିକ ସ୍ୱାଧୀନତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖଣ୍ଡପୀଠ ଏନେଇ କେନ୍ଦ୍ର ସରକାର, ଲୋକପାଳ ରେଜିଷ୍ଟ୍ରାର ଏବଂ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିବା ବ୍ୟକ୍ତିଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି।

ହାଇକୋର୍ଟ ବିଚାରପତି ଲୋକପାଳ ଏବଂ ଲୋକାୟୁକ୍ତ ଆଇନ, ୨୦୧୩ ପରିସରଭୁକ୍ତ ନୁହନ୍ତି ବୋଲି

### ହାଇକୋର୍ଟ ବିଚାରପତିଙ୍କ ବିରୋଧରେ ଅଭିଯୋଗକୁ ଅନୁମତି ଦେଇଥିଲେ ଲୋକପାଳ

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ବିଚାରପତିଙ୍କ ନାଁ ପ୍ରକାଶ ନ କରିବାକୁ ଖଣ୍ଡପୀଠ ଅଭିଯୋଗକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଅଭିଯୋଗକୁ ଗୋପନ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକପାଳ ଜାନୁଆରୀ ୨୭ରେ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ। ସେହିପରି ଲୋକପାଳଙ୍କ ରେଜିଷ୍ଟ୍ରାରଙ୍କୁ ମଧ୍ୟ ଅଭିଯୋଗକାରୀଙ୍କ ନାଁ ଗୋପନ ରଖିବାକୁ କୁହାଯାଇଛି।

# ପାନାମାରେ ପହଞ୍ଚିଲେ ଆମେରିକାରୁ ବିତାଡ଼ିତ ପ୍ରବାସୀ ଭାରତୀୟ

**ପାନାମା ସିଟି, ୨୦।୨ (ପି.ଟି.)**

ଆମେରିକାରୁ ବିତାଡ଼ିତ ହୋଇଥିବା ବେଆଇନ ପ୍ରବାସୀ ଭାରତୀୟମାନଙ୍କର ଆଉ ଏକ ଗ୍ରୁପ୍ ପାନାମାରେ ନିରାପଦର ସହ ପହଞ୍ଚିଥିବା ସେଠାକାର ସରକାର ନୂଆଦିଲ୍ଲୀକୁ ଜଣାଇଛି। ସେଠାରେ ଥିବା ଭାରତୀୟ ମିଶନ କନ୍‌ସୁଲାର ଆକ୍ସେସ୍ ପାଇବା ପରେ ସେମାନଙ୍କ ସୁବିଧା ପାଇଁ କାର୍ଯ୍ୟ ଆରମ୍ଭ କରିଛି। ଆମେରିକା ୩ଟି ବିମାନରେ ୨୯୯ ଜଣ ବେଆଇନ ପ୍ରବାସୀଙ୍କୁ ପାନାମା ପଠାଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ସେଠାରେ ପହଞ୍ଚିଛନ୍ତି, ତାହା ସ୍ପଷ୍ଟ କରାଯାଇନାହିଁ। ଆମେରିକାରୁ ବିଦା ହୋଇଥିବା ବିଭିନ୍ନ ଦେଶର ଲୋକେ ପାନାମା ରାଜଧାନୀରେ ପହଞ୍ଚିଥିବାବେଳେ ସେଠାରେ ନୈରାଶ୍ୟଜନକ ସ୍ଥିତି ଦେଖିବାକୁ ମିଳିଛି। ସେମାନେ ହାତଲେଖା ବାର୍ତ୍ତା ଧରି ହୋଟେଲ ଝରକା ପାଖରୁ ସହାୟତା ପାଇଁ ନିବେଦନ କରୁଥିବା ଦେଖାଯାଇଛି। ସେମାନେ ନିଜ ଦେଶରେ ସୁରକ୍ଷିତ ନୁହନ୍ତି ବୋଲି କହିଛନ୍ତି। ହୋଟେଲରେ ସେମାନଙ୍କୁ ପୋଲିସ ପ୍ରହରା ମଧ୍ୟରେ ରଖାଯାଇଛି ଏବଂ ବାହାରକୁ ଯିବାକୁ ଦିଆଯାଉ ନାହିଁ। ପ୍ରାୟ ୩୦୦ ବହିଷ୍କୃତ ନିଜ ଦେଶକୁ ଫେରିବା ପାଇଁ ଅପେକ୍ଷାରେ ରହିଛନ୍ତି।

# ଏଭରେଷ୍ଟ: ଶୀତରେ ତରଳିଛି ୧୫୦ ମିଟର ବରଫ

**ୱାଶିଂଟନ୍, ୨୦।୨**

ଚଳିତ ଶୀତ ଋତୁରେ ମାଉଣ୍ଟ ଏଭରେଷ୍ଟ ପର୍ବତର ଉପର ଭାଗରେ ଥିବା ବରଫ ଆସ୍ତରଣରେ ୧୫୦ ମିଟର ପର୍ଯ୍ୟନ୍ତ ହ୍ରାସ ଘଟିଛି। ଏନେଇ ଆମେରିକାସ୍ଥିତ ନିକୋଲ୍ସ କଲେଜର ପରିବେଶ ବିଜ୍ଞାନର ପ୍ରଫେସର ତଥା ଗ୍ଲାସିଓଲୋଜିଷ୍ଟ ମୌରୀ ପେଲ୍ଟୋ ବିଶ୍ଳେଷଣ କରି ଗୁରୁବାର ତାଙ୍କ ବ୍ଲଗ୍‌ରେ ଏକ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ସେ ଲେଖିଛନ୍ତି, ୨୦୨୩ ଅକ୍ଟୋବରରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ, ଆମେରିକାର ମହାକାଶ ସଂସ୍ଥା ନାସା ପକ୍ଷରୁ ଜାରି ସାଟେଲାଇଟ ଫଟୋକୁ ବିଶ୍ଳେଷଣକରି ମାଉଣ୍ଟ ଏଭରେଷ୍ଟ ପର୍ବତର ଉପର ଭାଗରେ ଥିବା ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟୁଥିବା ନେଇ ସେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି।



ପେଲ୍ଟୋ କହିଛନ୍ତି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ତାପମାତ୍ରା ଉଷ୍ମ ହେବା ସହ ବରଫ ତରଳିବାରେ ଲାଗିଛି। ସମ୍ପ୍ରତି ଶୀତ ଋତୁରେ ମଧ୍ୟ ମାଉଣ୍ଟ ଏଭରେଷ୍ଟ ଥିବା ଅଞ୍ଚଳରେ ଉଷ୍ମ ଏବଂ ଶୁଷ୍କ ଅବସ୍ଥା ଲାଗି ରହିଥିଲା। ୨୦୨୧ରୁ ୨୦୨୫ର ଶୀତ ଋତୁରେ ଏହି ଅଞ୍ଚଳରେ ଶୁଷ୍କାବସ୍ଥା ଲାଗି ରହିଥିବାରୁ ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟିବାରେ ଲାଗିଛି। ପେଲ୍ଟୋ କହିଛନ୍ତି, ଉକ୍ତ ଅଞ୍ଚଳରେ ଶୀତ ଋତୁର ଆରମ୍ଭରେ ସାମାନ୍ୟ ତୁଷାରପାତ ହୋଇଥାଏ। ଏହା ସତ୍ତ୍ୱେ ମଧ୍ୟ ବରଫ ଆସ୍ତରଣ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠିପାରି ନ ଥାଏ। ମାଉଣ୍ଟ ଏଭରେଷ୍ଟ ପର୍ବତର ୬ ହଜାର ମିଟର ଉଚ୍ଚରୁ ମଧ୍ୟ ଗ୍ଲେସିଅର ତରଳିବା ଜାରି ରହିଛି ବୋଲି ତାଙ୍କ ବିଶ୍ଳେଷଣ ଦର୍ଶାଉଥିବା ପେଲ୍ଟୋ କହିଛନ୍ତି। ଶୀତ ଋତୁରେ ଏତେ ଉଚ୍ଚତାରେ ଥିବା ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟିବା ମୁଖ୍ୟତଃ ଊର୍ଦ୍ଧ୍ୱପାତନ ପ୍ରକ୍ରିୟାର ଫଳାଫଳ ବୋଲି ସେ କହିଛନ୍ତି। ଏହି ପ୍ରକ୍ରିୟା ଦ୍ୱାରା ବରଫ ସିଧାସଳଖ ବାଷ୍ପରେ ପରିଣତ ହୋଇଥାଏ, ଯାହାଫଳରେ ପ୍ରତିଦିନ ୨.୫ ମିଲିମିଟର ବରଫ ଆସ୍ତରଣ ନଷ୍ଟ ହୋଇଥାଏ। ପ୍ରକାଶ ଯେ, ମାଉଣ୍ଟ ଏଭରେଷ୍ଟ ବିଶ୍ୱର ସର୍ବୋଚ୍ଚ ପର୍ବତ ଶିଖର ହୋଇଥିବାବେଳେ ଏହା ସମୁଦ୍ର ପତ୍ତନଠାରୁ ୮,୮୪୮ ମିଟର ଉଚ୍ଚରେ ରହିଛି। ନେପାଳ ଏବଂ ତିବ୍ବତ ମଧ୍ୟରେ ହିମାଳୟର ଶିଖର ଅବସ୍ଥିତ।

## ଫୁର୍‌ସତ

# ଅଣ୍ଡା, ପାଉଁରୁଟି ଖାଇ ୮୩ ଲକ୍ଷ ସଞ୍ଚୟ

### ସୋସିଆଲ ମିଡିଆରେ ଲୋକଙ୍କୁ ଦେଉଛନ୍ତି ସେଭିଂ ଟିପ୍ସ

**ଲଣ୍ଡନ:** ଲଣ୍ଡନରେ ରହୁଥିବା ମିଆ ମ୍ୟାକ୍‌ଗ୍ରାଥ୍ ନାମ୍ନୀ ଜଣେ ୨୪ ବର୍ଷୀୟା ଯୁବତୀ ତାଙ୍କ ଆକାଉଣ୍ଟରେ ବର୍ତ୍ତମାନ ସୁଦ୍ଧା ୮୩ ଲକ୍ଷ ଟଙ୍କା ସଞ୍ଚୟ କରି ରଖିଛନ୍ତି। ମିଆ ଫ୍ୟାଶନ୍ ଇଣ୍ଡଷ୍ଟ୍ରିରେ ଜଣେ ଆକାଉଣ୍ଟ୍ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଏକ ଗ୍ଲାମର ପରିବେଶରେ ରହିବା ସତ୍ତ୍ୱେ ମଧ୍ୟ ସେ ସରଳ ଜୀବନଯାପନ ଅତିବାହିତ କରିବାକୁ ପସନ୍ଦ କରନ୍ତି ଏବଂ ଅନାବଶ୍ୟକ ଖର୍ଚ୍ଚ କରନ୍ତି ନାହିଁ। ମିଆଙ୍କ ଅନୁଯାୟୀ, ସେ ଦୀର୍ଘ ବର୍ଷ ଧରି ଜଳଖିଆରେ କେବଳ ଏକ ନିର୍ଦ୍ଦିଷ୍ଟ ଖାଦ୍ୟ ଅଣ୍ଡା ଏବଂ ପାଉଁରୁଟି ଖାଉଛନ୍ତି। ଏହି ଜଳଖିଆ ଖାଇବା ତାଙ୍କୁ ବେଶ୍ ଶସ୍ତା ପଡୁଥିବାରୁ ଅନ୍ୟ ଜଳଖିଆ ଖାଇବା ନେଇ ତାଙ୍କ ମନକୁ କେବେ ମଧ୍ୟ ଆସିନାହିଁ ବୋଲି ମିଆ କହିଛନ୍ତି। ସେହିପରି ସେ ଅଫିସ୍‌ରେ ଲଞ୍ଚ କରି ଖର୍ଚ୍ଚାନ୍ତ ହୁଅନ୍ତି ନାହିଁ। ଲଞ୍ଚ୍ ପାଇଁ ସେ ଘରୁ ଖାଦ୍ୟ ନେଇ ଅଫିସ୍‌ରେ ଖାଇଥାନ୍ତି। କେବେ ମଧ୍ୟ ବାହାରୁ କିଛି ଖାଇ ସେ ଅର୍ଥ





ଅପଚୟ କରନ୍ତି ନାହିଁ ବୋଲି ସେ କହିଛନ୍ତି। ସେହିପରି ମିଆ ଅଫିସରେ ଥିବା ସମୟରେ ଦୋକାନକୁ ଯାଇ କଫି ପିଇବା ବଦଳରେ ନିଜେ ପ୍ରସ୍ତୁତ କରି କଫି ପିଇଥାଆନ୍ତି। ଖୁବ୍ କମ ବୟସର ଏବଂ ଯୁବାବସ୍ଥାରେ ଥିଲେ ମଧ୍ୟ ମେକ୍‌ଅପ୍ ଏବଂ ସ୍କିନ୍ କେୟାର ଉତ୍ପାଦରେ ଟଙ୍କା ଖର୍ଚ୍ଚ କରିବାକୁ ସେ ଅର୍ଥର ଅପଚୟ ବୋଲି ଭାବନ୍ତି। ସେ ନିଜ ପାଇଁ ଶସ୍ତା କ୍ରିମ୍, ପାଉଡର୍ ଏବଂ ମେକ୍‌ଅପ୍ ସାମଗ୍ରୀ କିଣନ୍ତି। ଏହାସହ ସେ ମହଙ୍ଗା ପୋଷାକ ବଦଳରେ ସେକେଣ୍ଡ୍ ହ୍ୟାଣ୍ଡ ପୋଷାକ ପିନ୍ଧି କାମ ଚଳାଇଥାନ୍ତି।

ମିଆ କହିଛନ୍ତି, ସେ ପୂର୍ବରୁ ତାଙ୍କ ଅଫିସ୍ ନିକଟବର୍ତ୍ତୀ ଏକ ଘରେ ଭଡ଼ାରେ ରହୁଥିଲେ। ତେବେ ଭଡ଼ା ଖର୍ଚ୍ଚ ବଞ୍ଚାଇବା ପାଇଁ ସେ ଉକ୍ତ ଘର ଛାଡ଼ି ଅଫିସଠାରୁ ଦୂରରେ ନିଜ ମା'ବାପାଙ୍କ ସହ ରହିବାକୁ ଲାଗିଥିଲେ। ଫଳରେ ତାଙ୍କର ଘର ଭଡ଼ା ଖର୍ଚ୍ଚ ସଞ୍ଚୟ ହେବାକୁ ଲାଗିଲା। ଏହାସହ ସେ ଅଫିସ୍ ଯିବା ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟବହାର କରନ୍ତି, ଯାହା ତାଙ୍କୁ ଶସ୍ତା ପଡ଼ିଥାଏ ବୋଲି ମିଆ କହିଛନ୍ତି। ସେ ତାଙ୍କ ମାସିକ ଦରମାର ପ୍ରାୟ ୫୦ରୁ ୭୦% ଅଂଶ ଖର୍ଚ୍ଚ ନ କରି ସଞ୍ଚୟ କରି ରଖିବା ପାଇଁ ପ୍ରୟାସ କରିଥାନ୍ତି। ୪୦ ବର୍ଷ ବୟସର ହେବା ବେଳକୁ ପ୍ରାୟ ୧୧ କୋଟି ଟଙ୍କା ସଞ୍ଚୟ କରି ନିଜ ପାଇଁ ଘର କିଣିବାକୁ ସେ ଟାର୍ଗେଟ ରଖିଛନ୍ତି। ଏହା ସହ ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍ ଏବଂ ୟୁଟ୍ୟୁବ୍‌ରେ ମଧ୍ୟ ଆକ୍ଟିଭ୍ ଅଛନ୍ତି। ସେ ଏହି ପ୍ଲାଟ୍‌ଫର୍ମଗୁଡ଼ିକୁ ବ୍ୟବହାର ଲୋକଙ୍କୁ ସେଭିଂର ବିଭିନ୍ନ କୌଶଳ ସମ୍ପର୍କରେ ପରାମର୍ଶ ଦେଉଛନ୍ତି।

# ଇନ୍‌ଷ୍ଟାଗ୍ରାମରେ ସମସ୍ତଙ୍କୁ ଅନ୍‌ଫଲୋ କଲେ ଅପୂର୍ବା



ଅପୂର୍ବା ମୁଖିଜା

**ମୁମ୍ବାଇ:** ୟୁଟ୍ୟୁବ୍ ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ରେ ବିଭିନ୍ନ ଅଶ୍ଳୀଳ ମନ୍ତବ୍ୟ ଦେଇ ପୋଲିସର ସ୍କାନରରେ ଥିବା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ଗୁରୁବାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ସମସ୍ତଙ୍କୁ ଅନ୍‌ଫଲୋ କରିଦେଇଛନ୍ତି। ଅପୂର୍ବା ସୋସିଆଲ ମିଡିଆରେ 'ଦି ରେବଲ କିଡ୍' ନାମରେ ପରିଚିତ। ତାଙ୍କର ଇନ୍‌ଷ୍ଟାଗ୍ରାମରେ ୨.୯ ମିଲିୟନ ଫଲୋଅର୍ସ ରହିଛନ୍ତି। ଅପୂର୍ବା ପୋଷ୍ଟ କରୁଥିବା ପ୍ରତି ଭିଡିଓକୁ ଲକ୍ଷାଧିକ ଲୋକ ଦେଖିଥାନ୍ତି। ତେବେ ସମସ୍ତଙ୍କୁ ଅନ୍‌ଫଲୋ କରିବା ପୂର୍ବରୁ ସେ ୧୫୦୦ ଜଣଙ୍କୁ ଫୋଲୋ କରିଥିବା ନେଇ ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ଦାବି କରିଛନ୍ତି। ସେହିପରି ଆସନ୍ତା ମାସ ୮ ଏବଂ ୯ ତାରିଖରେ ରାଜସ୍ଥାନର ରାଜଧାନୀ ଜୟପୁରରେ ହେବାକୁ ଥିବା ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ୍ସ (ଆଇଆଇଏଫ୍ଏ) ୨୦୨୫ର ପ୍ରମୋଟରମାନଙ୍କ ତାଲିକାରୁ ମଧ୍ୟ ଅପୂର୍ବାଙ୍କ ନାମକୁ ହଟାଇ ଦିଆଯାଇଛି।

ପ୍ରକାଶ ଯେ, ଷ୍ଟାଣ୍ଡଅପ୍ କମେଡିଆନ୍ ସମୟ ରୈନାଙ୍କ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ ଶୋ'ରେ ବିଅର ବାଇସେପ୍ସ ଭାବେ ପରିଚିତ ଲୋକପ୍ରିୟ ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କ ମା'ବାପାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ ପରେ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଘଟଣାକୁ ନେଇ ରଣବୀର, ସମୟଙ୍କ ସହ ଅପୂର୍ବାଙ୍କ ବିରୋଧରେ ବିଭିନ୍ନ ସହରରେ ମାମଲା ରୁଜୁ ହୋଇଥିଲା।






କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଗୁରୁବାର ୭୧ତମ ଜାତୀୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ। (ଫଟୋ: ରାଜକିଶୋର ମହାନ୍ତି)

# ସଚିବାଳୟ କ୍ରିକେଟ: ଜ୍ୟୋତି ଗ୍ରୁପ୍ ବିଜୟୀ

ଭୁବନେଶ୍ୱର,୨୦।୨(ଅନାଦି କର)

ଓଡ଼ିଶା ସଚିବାଳୟ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହାଇଟେକ ମେଡିକାଲ କଲେଜ ପଡ଼ିଆରେ ପାଞ୍ଚ ବର୍ଷର ବ୍ୟବଧାନ ପରେ ୨୦ତମ ସଚିବାଳୟ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ହାଇଟେକ ଗ୍ରୁପର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପ୍ରଥମ ଓଡ଼ିଆ ମାଉଣ୍ଟ ଏଭରେଷ୍ଟ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନା ଓ ବିଶିଷ୍ଟ କ୍ରିକେଟ ପ୍ରଶିକ୍ଷକ ଲଳିତ ମହାନ୍ତି ଯୋଗ ଦେଇଥିଲେ। ଓଡ଼ିଶା ସଚିବାଳୟ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ଶଶାଙ୍କ ଶେଖର ମହାପାତ୍ର (କାର୍ଯ୍ୟକାରୀ ସଭାପତି), ସଞ୍ଜୀବ କୁମାର ମିଶ୍ର (ସାଧାରଣ ସମ୍ପାଦକ), ରାମଚନ୍ଦ୍ର ପାଣିଗ୍ରାହୀ (ଉପ-ସଭାପତି), ଅବିନାଶ ଖଣ୍ଡୁଆଳ (କ୍ରୀଡ଼ା ସମ୍ପାଦକ), ଗିରିଶ କୁମାର ଦିଗଲ (କୋଷାଧ୍ୟକ୍ଷ), ସ୍ୱର୍ଣ୍ଣେନ୍ଦୁ ମିଶ୍ର (କାର୍ଯ୍ୟନିର୍ବାହୀ ସଦସ୍ୟ), ବ୍ରହ୍ମାନନ୍ଦ ସାହୁ (ସଦସ୍ୟ) ଓ ପଦ୍ମ ଚରଣ ରାଉତ (ପୂର୍ବତନ ସଦସ୍ୟ) ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ମ୍ୟାଚରେ ଜ୍ୟୋତି ଗ୍ରୁପ କୃଷି ନିର୍ଦ୍ଦେଶାଳୟକୁ ଭେଟିଥିଲା। ଟସ ଜିତି ବ୍ୟାଟିଂ କରିଥିବା ଜ୍ୟୋତି ଗ୍ରୁପ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ ବେହେରା ୬୧ ଓ ରଣଜିତ ପାଇକରାୟ ୩୦ ରନ କରିଥିଲେ। କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଶଶିକାନ୍ତ ପାତ୍ର ଓ ନିର୍ମଳ ବିଶ୍ୱାଳ ୨ ଲେଖାଏ ଉଇକେଟ ନେଇଥିଲେ। ବିଜୟ ପାଇଁ ୧୪୭ ରନ ଆବଶ୍ୟକ କରୁଥିବା କୃଷି ନିର୍ଦ୍ଦେଶାଳୟ ୧୯.୧ ଓଭରରେ ମାତ୍ର ୧୧୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସନ୍ଦୀପ ଭଞ୍ଜଦେଓ ୨୪ ଓ ଶଶିକାନ୍ତ ପାତ୍ର ୧୮ ରନ ସଂଗ୍ରହ କରିଥିଲେ। ଜ୍ୟୋତି ଗ୍ରୁପର ରଞ୍ଜିତ ପାଇକରାୟ ୪ ଓ ସାଗର ବେଉରା ୩ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ରଞ୍ଜିତ ପାଇକରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି।

# ଉଦ୍‌ଘାଟନୀରେ ଓଡ଼ିଶା ବିଜୟୀ

କଟକ,୨୦।୨(କାର୍ତ୍ତିକ ସାହୁ)

**ଜାତୀୟ ସିନିୟର କବାଡ଼ି ଚାମ୍ପିୟନଶିପ**

ଓଡ଼ିଶା କବାଡ଼ି ସଂଘ ଦ୍ୱାରା ଓଡ଼ିଶା ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ସହଯୋଗରେ ସ୍ଥାନୀୟ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ୭୧ତମ ଜାତୀୟ ସିନିୟର କବାଡ଼ି ଚାମ୍ପିୟନଶିପ୍ ଗୁରୁବାର ଆରମ୍ଭ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଆୟୋଜକ ଓଡ଼ିଶା ଓ ବିଦର୍ଭ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚକୁ ଓଡ଼ିଶା ୨୯ ପଏଣ୍ଟରେ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚରେ ହରିୟାଣା ଦଳ ୩୦ ପଏଣ୍ଟରେ ତେଲେଙ୍ଗାନାକୁ ପରାସ୍ତ କରିଥିଲା।



ଜାତୀୟ ସିନିୟର କବାଡ଼ି ପ୍ରତିଯୋଗିତାର ଟ୍ରଫି ସହ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକର ଅଧିନାୟକ, ଅତିଥି ଓ କର୍ମକର୍ତ୍ତାଗଣ।

କଟକ ସାଂସଦ ଭର୍ତ୍ତୃହରି ମହତାବ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେଇଥିଲେ। ଓଡ଼ିଶା କବାଡ଼ି ସଂଘର ସଭାପତି ଡ. ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଅଲମ୍ପିକ ସଂଘର ସଂପାଦକ ଅଭିଜିତ ପଲ, ସଂପାଦକ ଅଜୟ କୁମାର ବେହେରା, ଚଳଚିତ୍ର ଅଭିନେତା ଶ୍ରୀତମ ଦାସ, ଭାରତୀୟ ଆମେଚର କବାଡି ସଂଘର ସଂପାଦକ ଜିତେନ୍ଦ୍ର ପ୍ରାନ୍‌ସିଂ ଠାକୁର, ପ୍ରୋ କବାଡ଼ି ଲିଗର କମିଶନର ଅନୁପମ ଗୋସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ସ୍ୱତନ୍ତ୍ର ଓ ଆକର୍ଷଣୀୟ ଟ୍ରଫିକୁ ସାଂସଦ ମହତାବ ଓ ୩୩ଟି ଅଂଶଗ୍ରହଣକାରୀ ଦଳର ଅଧିନାୟକମାନେ ଉନ୍ମୋଚନ କରିଥିଲେ। ଓଡ଼ିଶା କବାଡ଼ି ସଂଘର ସଂପାଦକ ଅଜୟ ବେହେରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ପୃଷ୍ଠପୋଷକ ତଥା ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଫେଟ୍ ଫାଇଟର୍ସ ଗ୍ରୁପ୍‌ର ୮୦ଜଣ କଳାକାରଙ୍କ ଆମ ଅସ୍ମିତା ଆମ ଗର୍ବ ଉପରେ ପର୍ଯ୍ୟବେସିତ ନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ଅନ୍ୟତମ ଆକର୍ଷଣ ଥିଲେ ଜୁନିୟର ବିଗ୍‌ବି ଶଶିକାନ୍ତ ପେଡୱାଲ।

# ଓଡ଼ିଶା ମଡର୍ନ ପେଣ୍ଟାଥଲନ ଟିମ୍‌କୁ ସ୍ୱାଗତ



ଭୁବନେଶ୍ୱର, ୨୦।୨ (ବିଜୟ ରଣା)

ଉତ୍ତରାଖଣ୍ଡରେ ଅନୁଷ୍ଠିତ ୩୮ତମ ଜାତୀୟ କ୍ରୀଡ଼ାରେ ସଫଳତା ହାସଲ କରି ଫେରିଥିବା ମଡର୍ନ ପେଣ୍ଟାଥଲନ ଦଳକୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜାତୀୟ କ୍ରୀଡ଼ାର ବାଇଥେଲ ଇଣ୍ଡିଭିଜୁଆଲ ଇଭେଣ୍ଟରେ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ରଙ୍କୁ ସ୍ୱର୍ଣ୍ଣ ଏବଂ ପ୍ରଣବ ଦାସ ରୌପ୍ୟ ଜିତିଛନ୍ତି। ଟିମ୍ ଇଭେଣ୍ଟରେ ଓଡ଼ିଶା ରୌପ୍ୟ ପଦକ ଲାଭ କରିଛି। ଓଡ଼ିଶା ଟିମ୍‌ରେ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ହେଲେ ପ୍ରଣବ ଦାସ, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ଓ ପ୍ରତୀକ ଦାସ ପ୍ରମୁଖ ସଦସ୍ୟ ରହିଥିଲେ। ଓଡ଼ିଶା ଦଳରେ ସାମିଲ ଥିବା ଅନ୍ୟମାନେ ହେଲେ ସୁବ୍ରତ ଦଳ ବେହେରା, ମହମ୍ମଦ ଅମନ, ପୁଣ୍ୟତୋୟ ବେହେରା, ନମ୍ରତା କର୍ନାଲ, ସାବିତ୍ରୀ ଭୋକ୍ତା, କୋଚ୍ ବାସୁଦେବ ଓଝା ଓ ରଶ୍ମିରଞ୍ଜନ ନାୟକ ଓ ମ୍ୟାନେଜର ରୀନା ରଶ୍ମି ତିର୍କୀ। ପେଣ୍ଟାଥଲନ ଦଳ ବିମାନବନ୍ଦରରେ ଅବତରଣ କରିବା ପରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସାଇଁ, ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ ଓ ବିଜୟ କୁମାର ରାଉତ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ରାମ ଗୋବିନ୍ଦ ପରିଡ଼ା ଓ ଆସୋସିଏଶନର ସାଧାରଣ ସମ୍ପାଦକ ଏମ୍‌ଡି ଆଜମ ପ୍ରମୁଖ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଦୃଷ୍ଟିହୀନ କ୍ରିକେଟ: ଓଡ଼ିଶାରୁ ୩ ଖେଳାଳି

ଭୁବନେଶ୍ୱର,୨୦।୨(ଅନାଦି କର)

ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରେ ଭାରତ ଓ ବାଂଲାଦେଶ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଦୃଷ୍ଟିହୀନ କ୍ରିକେଟ ସିରିଜ ଖେଳାଯିବ। ଏଥିଲାଗି କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ ଇଣ୍ଡିଆ (କାଭି) ପକ୍ଷରୁ ଗୁରୁବାର ଏକ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦେବରାଜ ବେହେରା, ନକୁଳ ବଡ଼ନାୟକ ଓ ଲାଲପ୍ରସାଦ ସୋରେନ।



୩ ଓଡ଼ିଆ ଖେଳାଳି ଦେବରାଜ ବେହେରା, ନକୁଳ ବଡ଼ ନାୟକ ଓ ଲାଲ୍ ପ୍ରସାଦ ସୋରେନ।

ଭାରତ ପାଇଁ ଇଣ୍ଟରନ୍ୟାଶନାଲ ସ୍ତରରେ ଖେଳିବାରେ ଲାଲପ୍ରସାଦ ସୋରେନ ଓଡ଼ିଶାର ୧୨ତମ ଦୃଷ୍ଟିହୀନ କ୍ରିକେଟର। ତାଙ୍କ ପୂର୍ବରୁ ସୁଖରାମ ମାଝୀ, ପଙ୍କଜ ଭୁଇ, ମହମ୍ମଦ ଜାଫର ଇକବାଲ, ନକୁଳ ବଡନାୟକ, ଲିଙ୍ଗରାଜ ରାଉତରା, କାଳିଆ ପ୍ରଧାନ, ଦେବରାଜ ବେହେରା, ଫୁଲ ସୋରେନ, ବାସନ୍ତୀ ହାଂସଦା, ପଦ୍ମିନୀ ଟୁଡ ଓ ଝିଲି ବିରୁଆ ବିଭିନ୍ନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି।

ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ପାଟବେଦା ଗ୍ରାମର ବାସିନ୍ଦା ବୁଧୁରେ ସୋରେନ ଓ ସର୍ଫା ସୋରେନଙ୍କ ପୁଅ ହେଉଛନ୍ତି ଲାଲପ୍ରସାଦ। ସେ ୨୦୧୧ଠାରୁ ଓଡ଼ିଶା ପାଇଁ ଖେଳୁଛନ୍ତି। ସେ ଜଣେ ଅଲରାଉଣ୍ଡର।

# ପଙ୍କଜ ଆଡ୍‌ଭାନୀଙ୍କୁ ୧୪ତମ ଟାଇଟଲ

**ଦୋହା, ୨୦।୨ (ପି.ଟି.):** ଭାରତୀୟ କ୍ୟୁ ସ୍ପୋର୍ଟ୍ସ ମାଷ୍ଟର ପଙ୍କଜ ଆଡ୍‌ଭାନୀ ଏସିଆନ ସ୍ନୁକର ଚାମ୍ପିୟନଶିପ୍‌ରେ ୧୪ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଏହା ତାଙ୍କର ଆଉ ଏକ ଉଲ୍ଲେଖନୀୟ ସଫଳତା। କିଛିଦିନ ପୂର୍ବେ ସେ ଇନ୍ଦୋରଠାରେ ନ୍ୟାଶନାଲ ସ୍ନୁକର ଚାମ୍ପିୟନଶିପ୍ ଜିତିଥିଲେ। ଦୋହାରେ ଆଡ୍‌ଭାନୀଙ୍କ ପ୍ରଦର୍ଶନ ପ୍ରାୟ ସବୁବେଳେ ଭଲ ରହିଆସିଛି। ତାଙ୍କ କବ୍‌ଜାରେ ବର୍ତ୍ତମାନ ୫ଏସିଆନ ସ୍ନୁକର ଟାଇଟଲ (୧୫-ରେଡ୍, ୬-ରେଡ୍ ଓ ଟିମ୍ ଫର୍ମାଟ) ସହିତ ୯ଏସିଆନ ବିଲିୟାର୍ଡସ ଟାଇଟଲ ରହିଥିବା ବେଳେ ସେ ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ (୨୦୦୬, ୨୦୧୦) ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସଦ୍ୟତମ ବିଜୟ ଦ୍ୱାରା ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଜାତୀୟ, ଏସୀୟ ଏବଂ ୱାର୍ଲ୍ଡ ସ୍ନୁକର ଚାମ୍ପିୟନଶିପ୍ ଜିତି ଅଭୂତପୂର୍ବ ସଫଳତା ଦିଗରେ ଅଗ୍ରସର ହୋଇଛନ୍ତି।

# ଓଡ଼ିଶାରୁ ଭାଗନେବେ ୧୬ ପ୍ରତିଯୋଗୀ



ଜାତୀୟ ସିନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଖେଳାଳିମାନେ।

ଭୁବନେଶ୍ୱର, ୨୦।୨ (ବିଜୟ ରଣା)

ପଞ୍ଜାବର ଜଳନ୍ଧରସ୍ଥିତ ଲଭଲି ପ୍ରଫେସନାଲ ୟୁନିଭର୍ସିଟିଠାରେ ଜାତୀୟ ସିନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁ:ଷ୍ଠିତ ହେବ। ପାୱାରଲିଫ୍ଟିଂ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ଜାତୀୟ ପ୍ରତିଯୋଗି ତାରେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଦ୍ୱାରା ମନୋନୀତ ୧୬ ଜଣିଆ ଦଳ (୮ ପୁରୁଷ ଓ ୮ ମହିଳା) ବିଭିନ୍ନ ଶ୍ରେଣୀରେ ଭାଗ ନେବ। ପୁରୁଷ ବିଭାଗରେ ଅଂଶଗ୍ରହଣ କରିବାକୁଥିବା ପ୍ରତିଯୋଗୀମାନେ ହେଲେ ପଦଲା ଶ୍ରୀନିବାସ, ସୋମେନ ସେନାପତି, କେଶବ ହରିଚନ୍ଦନ, ଯଜ୍ଞଦତ୍ତ ଭୁକ୍ତା, ସମୀର କୁମାର ବିଶ୍ୱାଳ, ଜ୍ୟୋତିରଞ୍ଜନ ବିଶ୍ୱାଳ, ଅଭିଷେକ ସ୍ୱାଇଁ ଓ କପିଳେନ୍ଦ୍ର ସାମଲ। ସେହିପରି ମହିଳା ବିଭାଗରେ ଅନୁପମା ସ୍ୱାଇଁ, ଧରିତ୍ରୀ ମହନ୍ତ, ରଶ୍ମିତା ମହାରଣା, ପ୍ରଜନା ପ୍ରଭା ସାହୁ, ସ୍ମୃତିମୟୀ ସାହୁ, ଦିବ୍ୟଲେଖା ମିଶ୍ରା, ରାଜସ୍ମିତା ସାହୁ ଓ ଅନିତା ବେହେରା। ନିରଞ୍ଜନ ବେବର୍ତ୍ତା ଦଳର ମ୍ୟାନେଜର ରହିଥିବା ବେଳେ ରାକେଶ ଶତପଥୀ ଦଳର କୋଚ୍ ରହିଛନ୍ତି।

# ହାଇକୋର୍ଟ, ଭୁବନେଶ୍ୱର ବାର୍ ସେମିଫାଇନାଲରେ

ଭୁବନେଶ୍ୱର, ୨୦।୨(ତପନ ସ୍ୱାଇଁ)

**ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟର ୨ଟି କ୍ୱାର୍ଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟ ଓ ଭୁବନେଶ୍ୱର ବାର୍ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ହାଇକୋର୍ଟ ଦଳ ୭ ଉଇକେଟରେ ଗଞ୍ଜାମ ବାର୍ ଆସୋସିଏଶନକୁ ପରାସ୍ତ କରିଛି। ଗଞ୍ଜାମ ବାର୍ ୧୬ ଓଭରରେ ୯୨ ରନକରି ଅଲ୍‌ଆଉଟ ହୋଇ ଯାଇଥିବାବେଳେ ଓଡ଼ିଶା ହାଇକୋର୍ଟ ଦଳ ୧୧.୨ ଓଭରରେ ୩ ଉଇକେଟ ହରାଇ ୯୬ ରନ ସଂଗ୍ରହ କରି ନେଇଥିଲା। ୪ ଓଭରରେ ୧୮ ରନ ଦେଇ ୩ ଉଇକେଟ ନେଇଥିବା ଅଧିନାୟକ ଏସ୍.ଏସ୍. ରାୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ସୁଦାମ ଦାସ, ଅରୂପଚାନ୍ଦ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ବାର୍ ୪୬ ରନରେ ସମ୍ବଲପୁର ବାର୍ ଆସୋସିଏଶନକୁ ହରାଇଛି। ଭୁବନେଶ୍ୱର ବାର୍ ୧୭ ଓଭରରେ ୪ ଉଇକେଟ ହରାଇ ୧୪୬ ରନ କରିଥିଲା। ସମ୍ବଲପୁର ବାର୍ ୧୭ ଓଭରରେ ୧୦୦ ରନକରି ସମସ୍ତ ଉଇକେଟ ହରାଇଥିଲା। ୩ ଓଭରରେ ୯ ରନ ଦେଇ ୪ ଉଇକେଟ ନେଇଥିବା ବିଜୟୀ ଦଳର ଶରତ କୁମାର ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ଏସ୍.ଏନ୍. ଦାସଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।




ଶରତ କୁମାର ଜେନାଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଓଡ଼ିଶା ଏଚ୍‌ପିସି ଜିମ୍ନାଷ୍ଟଙ୍କୁ ୬ ସ୍ୱର୍ଣ୍ଣ ସମେତ ୧୧ ପଦକ

ଭୁବନେଶ୍ୱର,୨୦।୨(ଅନାଦି କର)

ଉତ୍ତରାଖଣ୍ଡର ଡେରାଡୁନରେ ଗତ ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୩୮ତମ ନ୍ୟାଶନାଲ ଗେମ୍ସରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ହାଇ-ପର୍ଫରମାନ୍ସ ସେଣ୍ଟର (ଜିଏଚ୍‌ପିସି)ର ଜିମ୍ନାଷ୍ଟଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ପ୍ରତିଯୋଗିତାରେ ଜିଏଚ୍‌ପିସିର ୧୨ ଜିମ୍ନାଷ୍ଟ ବିଭିନ୍ନ କ୍ୟାଟେଗୋରିରେ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭ ଜଣ ୧୧ ପଦକ ଜିତିଛନ୍ତି। ଏହି ପଦକ ତାଲିକାରେ ୬ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ରହିଛି।




ପଦକ ସହ ଓଡ଼ିଶା ଏଚ୍‌ପିସି ଜିମ୍ନାଷ୍ଟିକ ଦଳ।

ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓମେନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) କ୍ୟାଟେଗୋରିରେ ପ୍ରଣତୀ ନାୟକ ବ୍ୟକ୍ତିଗତ ଅଲ-ଆରାଉଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିସହିତ ସେ ଭଲ୍ଟରେ ରୌପ୍ୟ ଓ ବାଲାନ୍ସ ବିମରେ ବ୍ରୋଞ୍ଜ ପଦକ ହାତେଇଥିଲେ। ଦଳଗତ ଇଭେଣ୍ଟରେ ପ୍ରଣତୀ ନାୟକ, କରିସ୍ମା, ଆଦିତୀ ତୋଡି ଓ ରିତିକା ଦାସଙ୍କୁ ନେଇ ଗଠିତ ଓଡ଼ିଶା ଓମେନ୍ସ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ଦଳ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଛି। ସିନିୟର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍ଏଜି) କ୍ୟାଟେଗୋରିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରାକେଶ କୁମାର ପାତ୍ର ଷ୍ଟିଲ ରିଙ୍ଗ୍ସ ଓ ପାରାଲାଲ ବାର୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତପେଶ୍ୱର ନାଥ ଦାସ ଭଲ୍ଟରେ ରୌପ୍ୟ ପଦକ ଅର୍ଜନ କରିଥିଲେ।

ଜିଏଚ୍‌ପିସିର ଅନ୍ୟ ଜିମ୍ନାଷ୍ଟ ତପନ ମହାନ୍ତି ସର୍ଭିସେସ ପକ୍ଷରୁ ପ୍ରତିନିଧିତ୍ୱ କରି ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍ଏଜି)ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ବ୍ୟକ୍ତିଗତ ଅଲ-ଆରାଉଣ୍ଡ ଚାମ୍ପିଅନ ହୋଇଥିଲେ। ସେ ଫ୍ଲୋର ଏକ୍ସରସାଇଜରେ ଗୋଲ୍ଡ ଓ ଷ୍ଟିଲ ରିଙ୍ଗ୍ସରେ ବ୍ରୋଞ୍ଜ ପଦକ ହାତେଇଥିଲେ। ଦଳଗତ ଚାମ୍ପିୟନଶିପରେ ସର୍ଭିସେସ ଏମଏଜି ଦଳର ସଦସ୍ୟ ଭାବେ ତପନ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଭାପୁର,୨୦।୨ (ରାଜକୁମାର ପ୍ରଧାନ)- ଢେଙ୍କାନାଳ ସଦରଥାନା ଭାପୁର ଫାଣ୍ଡି କୋଡମ ପଞ୍ଚାୟତ ଜରିପାଳ ଗ୍ରାମର ଅଲେଖ ବେହେରା (୬୨)ଙ୍କ ଗୁରୁବାର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଅଲେଖ ସକାଳ ୫ଟାରେ ମଇଁଷି ଗୋଠକୁ ଯାଉଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ବନ ବିଭାଗ ଅଧିକାରୀ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୋଲ ବାଇଦ କୋଶେ,**
**ତୁଣ୍ଡ ବାଇଦ ସହସ୍ର କୋଶ।**

ଢୋଲର ଶବ୍ଦ ସୀମିତ। ମାତ୍ର ତୁଣ୍ଡର ଶବ୍ଦ ଏ ତୁଣ୍ଡରୁ ସେ ତୁଣ୍ଡ ହୋଇ କାହିଁ କେତେ ଦୂରକୁ ବ୍ୟାପି ଯାଇଥାଏ। ମୁଖରୁ ମୁଖ ହୋଇ କଥା ଶୀଘ୍ର ବ୍ୟାପି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢକ ଢକ କରି ପିଉଛି ପାଣି,**
**ମିଛେ ବୋଲୁଥାଏ ବାସି ତୋରାଣି।**

କିଛି ବ୍ୟକ୍ତି ଖାଇବାକୁ ପାଉ ନ ଥିବା ବେଳେ ନିଜର ଅଭାବ ଅସୁବିଧାକୁ ଲୁଚାଇବାକୁ ଯାଇ ଅନ୍ୟ ଆଗରେ ଭଲ ଖାଦ୍ୟ ଖାଉଥିବାର ମିଛ ଅଭିନୟ କରିଥାନ୍ତି। ଛଳନା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# କାଳବୈଶାଖୀ: ଆଜି ୮ ଜିଲାକୁ ଅରେଞ୍ଜ ୱାର୍ନିଂ

**ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)**

ରାଜ୍ୟର ବିଭିନ୍ନ ଜିଲାରେ ଏବେ କାଳବୈଶାଖୀ ଆରମ୍ଭ ହୋଇଛି। ଶୁକ୍ରବାର ମଧ୍ୟ ବିଭିନ୍ନ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। ଏହି ସମୟରେ ପବନ ବେଗ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ରହିବ। ଏନେଇ ୮ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲା ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ମୟୂରଭଞ୍ଜ, କେନ୍ଦୁଝରଗଡ଼ ଓ ସୁନ୍ଦରଗଡ଼। ଏଥିସହ ଅନ୍ୟ ୧୭ ଜିଲା ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସହ ୪୦ରୁ ୫୦ କି.ମି. ବେଗରେ ପବନ ବହିପାରେ। କାଳବୈଶାଖୀ ପ୍ରଭାବରେ କଚ୍ଚାଘର ଉପରେ ବିପଦ ରହିଥିବାବେଳେ ଅମଳଯୋଗ୍ୟ ଫସଲ କ୍ଷତିଗ୍ରସ୍ତ ହୋଇପାରେ। ତେଣୁ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଜିଲାବାସୀଙ୍କୁ ସତର୍କ କରାଯାଇଛି।

# ଓଡ଼ିଶା ରଣଜୀ କ୍ରିକେଟରଙ୍କ ଗ୍ରାଜୁଏଶନ ସାର୍ଟିଫିକେଟ ଜାଲ୍

**କାର୍ଯ୍ୟାନୁଷ୍ଠାନ ପାଇଁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ନିର୍ଦ୍ଦେଶ**

କଟକ,୨୦।୨(କାର୍ତ୍ତିକ ସାହୁ)- ଓଡ଼ିଶା ରଣଜୀ କ୍ରିକେଟର ବିପ୍ଳବ ସାମନ୍ତରାୟଙ୍କ ଗ୍ରାଜୁଏଶନ ସାର୍ଟିଫିକେଟ ଜାଲ୍ ବୋଲି ଜଣାପଡିଛି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (କ୍ୟାଟ୍) କଟକ ବେଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁସାରେ, ବିପ୍ଳବ ସିକିମ୍‌ର ଏକ ବିଶ୍ୱବିଦ୍ୟାଳୟରୁ ଗ୍ରାଜୁଏଶନ ପାସ୍ ଦର୍ଶାଇବା ସହ ସାର୍ଟିଫିକେଟ୍‌ପ୍ରଦାନକରିଭୁବନେଶ୍ୱରସ୍ଥିତପ୍ରିନ୍ସିପାଲଆକାଉଣ୍ଟାଣ୍ଟଜେନେରାଲଙ୍କଅଫିସରେ ଚାକିରି କରିଥିଲେ। ଏବେ ସେ ସେଠାରେ ସିନିୟର ଆକାଉଣ୍ଟାଣ୍ଟ ଭାବେ ସେ କାର୍ଯ୍ୟରତ ଅଛନ୍ତି। ସେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ନେଇ କ୍ୟାଟ୍‌ରେ ଅଭିଯୋଗ ହୋଇଥିଲା। ତେବେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ପକ୍ଷରୁ ଯାଞ୍ଚବେଳେ ଏହି ସାର୍ଟିଫିକେଟ୍ ଅସଲି କିମ୍ବା ନକଲି ତାହା ସ୍ପଷ୍ଟ କରିବା ପାଇଁ ସିକିମ୍ ସରକାରଙ୍କୁ ଅବଗତ କରାଯାଇଥିଲା। ସିକିମ୍ ସରକାରଙ୍କ ପକ୍ଷରୁ ଉକ୍ତ ସାର୍ଟିଫିକେଟ ଜାଲ୍ ବୋଲି ସ୍ପଷ୍ଟ କରାଯାଇଥିଲା।


# Classified Everyday
**0674-2580101, 9692975378**



**REAL ESTATE**
**SALE**

ପୁରୀରେ ଏକ ସ୍ଥିତିବାନ ଘର ବିକ୍ରି ହେବ। ଯୋଗାଯୋଗ ଫୋନ୍ ନମ୍ବର- 6372724096. D-3006

**Land/ plot and building of 7000sqft two storied for sale in Keonjhar Town, land area 1 acre, Contact: 8260780200.** D-75597

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9437226965, 9778832554.** D-3005

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2995

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2996

**Building for sale 35000sqft with land area 2 acre or more near Brahmapur, Ganjam for Hospital / College / School, Contact: 8260780200.** D-75598




Hospital commercial space used Infertility IVF Center, Chandrasekharpur, Bhubaneswar. 9437008388. D-74724

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236




Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

## LOST

I, Girish Chandra Paul, S/o- Late Mahesh Chandra Paul, resident of S-5/91, Niladri Vihar, Bhubaneswar wish to sell my property , Plot No.- 270, Khata No.- 703/26, Mouza- Patrapada, Bhubaneswar, Dist.- Khurda, Area 100 Decimal. The Original ROR (Patta) of the said property was lost on 10th Feb 2025 at about 11A.M. In this regards, I have filed a lost report at Chandrasekharpur Police Station, Bhubaneswar, GD No.- 15 dated 15th Feb. 2025. D- 3003

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 29.01.2025 I, Rajesh Kumar Muduli, Address: At- Nilachakra Nagar Salia Sahi, P.O.- R.R.L, P.S.- Nayapalli, Bhubaneswar, PIN- 751013, Dist.- Khordha declare that I have changed my name from Ashirbad Muduli to Rajesh Kumar Muduli. Henceforth, I shall be known as Rajesh Kumar Muduli for all purposes.
Rajesh Kumar Muduli D-3004

By virtue of an affidavit sworn before Executive Magistrate, Bhubaneswar dated 19.02.2025, I, M. Debaraj, Address: At- Dalapalanka, P.O.- Ramachandrapur, P.S.- K. Nuagaon, Dist.- Ganjam, Odisha 761010, declare that I have changed my name from M. Raju to M. Debaraj. Henceforth, I shall be known as M. Debaraj for all purposes.
M. Debaraj D-3009

By virtue of an affidavit sworn before the Executive Magistrate, Badamba, dated 14.02.2025, I, Malati Sethi, W/o- Artabandhu Sethi, Address: At- Ratapat, P.O.- Ratapat, P.S.- Badamba, Dist.- Cuttack-754037. Declare that I have changed my name from Malata Sethi to Malati Sethi. Henceforth, I shall be known as Malati Sethi for all purposes.
Malati Sethi D-3013

By virtue of an affidavit sworn before Executive Magistrate, Cuttack, dated 18.02.2025, I, Kamala Purty, Address: At- Tangurusahi, P.O.- Nuagaon, P.S.- Ghagarabeda, Dist.- Mayurbhanj, Odisha 757035, declare that I have changed my name from Manguli Purtty to Kamala Purty. Henceforth, I shall be known as Kamala Purty for all purposes.
Kamala Purty D-3008

By virtue of affidavit No.- 3669 and No.- 3670 dtd 13.08.2024, I Hari Jally, father of Sruti Jally and Bijayalaxmi Jally have changed their names from Gunu Jally to Sruti Jally and Raju Jally to Bijayalaxmi Jally respectively. Henceforth, my both daughter's will be known as Sruti Jally and Bijayalaxmi Jally in future for all purposes. D-75491

By virtue of an affidavit sworn before Executive Magistrate, Basudevpur, dated 14.02.24, I, Ananta Panda, S/o- Sanatan Panda, Age- 53, At- Kapagadia, P.O.- Padmapur, Dist.- Bhadrak, P.S.- Basudevpur declare that my nick name wrongly written as Jaga Panda in my Aadhaar Card No.- xxxx xxxx 8083 and Ananta Prasad Panda is same and one person. D-3012

ମୁଁ ମରିୟମ ତୁରୁକ, ବୟସ- ୨୯ବର୍ଷ, ସ୍ୱାମୀ- ରବି କରକରିଆ, ଗ୍ରାମ- ବରଜା, ପୋଷ୍ଟ- ସେରିଗୁମା, ଥାନା- କଲ୍ୟାଣସିଂହପୁର, ଜିଲ୍ଲା- ରାୟଗଡ଼ା। ମୋର ବିବାହ ପରେ ମୋର ନାମ ମିରିୟମ କରକରିଆ ନାମରେ ମୋ ଆଧାର କାର୍ଡ ବଦଳ ହୋଇଛି, ଯାହା ତିନି ଥର ସଂଶୋଧନ କରାଯାଇଛି। ଏବେ ଆଉ ଥରେ ସଂଶୋଧନ କରିବା ପାଇଁ ଆଧାର କେନ୍ଦ୍ରକୁ ଗଲେ ସଂଶୋଧନର ଲିମିଟ୍ କ୍ରସ୍ ହୋଇଯାଇଥିବାରୁ ହୋଇପାରୁନି। ମୁଁ +୩ରେ ଅଧ୍ୟୟନ କରୁଅଛି। ମୋର ବିଶ୍ୱବିଦ୍ୟାଳୟରେ ABC ID ମଧ୍ୟ ଆଧାର ଭୁଲ୍ ଯୋଗୁଁ ହୋଇପାରୁନାହିଁ ଏବଂ ମୋର ଜନ୍ମ ତାରିଖ ମଧ୍ୟ ୧୫।୦୮।୧୯୯୫ ପରିବର୍ତ୍ତେ ଭୁଲ୍ ବଶତଃ ୧୫।୦୫।୧୯୯୫ ହୋଇଯାଇଛି। ଏଣୁ ମୋର ଆଧାର କାର୍ଡରେ ମୋର ନାମ ମରିୟମ ତୁରୁକ ଓ ଜନ୍ମ ତାରିଖ ୧୫।୦୮।୧୯୯୫ ସଂଶୋଧନ କରିବା ପାଇଁ ଚାହୁଁଛି। ଧ-୩୦୧୬

I, BALAKRUSNA DHARUA, S/o- Natabar Dharua, resident of Village- Jharmunda, P.O.- Pardhiapali, P.S.- Loisingha, Dist.- Balangir, Odisha declare by this affidavit No.-20, dt.20.02.2025 that now onwards I shall be known as BALAKRUSHNA DHARUA for all future purposes. D-3015

By virtue of an affidavit sworn before Executive Magistrate, Chandbali on dated 17.02.2025, I Itishree Mohanty, DOB- 05.08.2005, Address: D/o- Gourahari Mohanty, of Vill- Kulhibindha, P.O.- Tentulidihi, P.S.-Chandbali, Dist.- Bhadrak declare that I have changed my name from "Rajalaxmi Mohanty" to "Itishree Mohanty". Henceforth, I shall be known as "Itishree Mohanty" for all purposes. D-3017

I, Sarojini Samal, D/o- Shyam Sundar Samal, At-Rustampur, P.O.- Nahanga, Dist.- Balasore, PIN- 756059 have change my name in my Postal Life Insurance bearing No.- R-OR-EA-754860 and my all Official documents to Anushaya Jena affidavit dated 26.12.2024 infront to Magistrate vide Registration No.- 4004. D-3018

I, ETTI MOHAPATRA, W/o- SUJIT MOHAPATRA, resident of 29/147, 2nd floor, Omm Garden, Maitri Vihar, Rail Vihar road, Bhubaneswar, PIN- 751023, Dist.- Khordha declare by this affidavit No.- 68, dated- 19.02.2025 that now onwards I shall be known as ETTI MAHAPATRA for all future purposes. D-3019

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF THE 2ND ADD. CIVIL JUDGE (SR. DIVISION), CUTTACK
CIVIL SUIT NO.- 666/24

ଅମୂଲ୍ୟ କୁମାର ପଟ୍ଟନାୟକ ଓଗେର ....ବାଦୀମାନେ
ବନାମ
ବଦନୀ ବିଶୋଇ ଓଗେର ..... ପ୍ରତିବାଦୀମାନେ

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ୍ ୨୦ ଅନୁଯାୟୀ ନୋଟିସ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ. ୩- ସଞ୍ଜୁଶ୍ରୀ ପଟ୍ଟନାୟକ,ବୟସ ବ୫୨ର୍ଷ, ସ୍ୱାମୀ: ରାଜକିଶୋର ମହାନ୍ତି, ସା: ଭଗତପୁର, ପୋ.ଅ: ତେଲେଙ୍ଗାବଜାର, ଥାନା: ପୁରୀଘାଟ, ସହର ଓ ଜିଲ୍ଲା: କଟକ, ପିନ- ୭୫୩୦୦୯ । .......ପ୍ରତିବାଦୀ

ଏତଦ୍ୱାରା ଉପରଲିଖିତ ପ୍ରତିବାଦିନୀଙ୍କୁ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ବାଦୀମାନେ ଅତ୍ର ମୋକଦ୍ଦମା ବର୍ଣ୍ଣିତ ବିବାଦୀୟ ବୃତ୍ତିକୁ ବଣ୍ଟନ କରିବା ନିମନ୍ତେ ଦାଏର କରିଛନ୍ତି। ଏଥକୁ ଅତ୍ର ମୋକଦ୍ଦମାରେ ଉପରଲିଖିତ ଠିକଣାରେ ଆପଣଙ୍କ ନାମରେ ବାରମ୍ବାର ନୋଟିସ୍ ଯିବା ସତ୍ତ୍ୱେ ଆପଣ ଅନୁପସ୍ଥିତ ଥିବାର ରିପୋର୍ଟମାନ ହେବାରୁ ନୋଟିସ୍ ଜାରି ନ ହୋଇ ଫେରିଆସୁଛି । ଏଣୁ ଅତ୍ର ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଛି ଅତ୍ର ମୋକଦ୍ଦମାର ତାରିଖ ତା୨୮।୦୩।୨୦୨୫ରିଖ ଦିବା ୧୦.୩୦ ଘଟିକାକୁ ଧାର୍ଯ୍ୟ ହୋଇଅଛି । ଅତ୍ର ଧାର୍ଯ୍ୟ ତାରିଖେ ଆପଣ କିମ୍ବା ଆପଣଙ୍କ ତରଫରୁ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ଅତ୍ର ଅଦାଲତରେ ହାଜର ହୋଇ ଜବାବମାନ ଦାଖଲ କରିବେ। ନଚେତ୍ ଆଇନ ଅନୁଯାୟୀ ଉପରୋକ୍ତ ଆପଣଙ୍କ ଅନୁପସ୍ଥିତିରେ ଫଏସଲା କରାଯିବ । ଅତ୍ର ଅଦାଲତର ତା୦୪।୦୨।୨୦୨୫ରିଖେ ମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।

ସ୍ୱା./-୨ୟ ଆଡିସିନାଲ ସିଭିଲ ଜଜ୍, ସିନିୟର ଡିଭିଜନ୍ ଅଦାଲତ, କଟକ
ଧ-୩୦୦୨

**ଧରିତ୍ରୀ DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଦୀପ୍ତିମୟୀ ପରିଜା**

ବନ୍ଧମୁଣ୍ଡା, ମଠସାହି, ତେନ୍ତୁଳିପଦା, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୧୧।୦୨।୨୦୨୫
ମା' ଶାରଳାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସ୍ୱାମୀ- କ୍ଷେତ୍ର ମୋହନ ପରିଜା, ପ୍ରକାଶ ପରିଜା, ସରିତା ପରିଜା, କୁଲି, ମାଉଁ, ଟୁଟୁଲି, ବନ୍ଧୁ ଓ ପରିବାରବର୍ଗ ।
ଧ-୩୦୧୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ନିର୍ମଳା ଜେନା**

ସ୍ୱାମୀ: ମହେନ୍ଦ୍ରନାଥ ଜେନା
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୧୫.୦୫.୧୯୫୫
ତିରୋଧାନ: ୧୧.୦୨.୨୦୨୫
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅଶେଷ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ:
ପୁତ୍ର: ସୁଧୀର, ସଲିଳ, କନ୍ୟା: ସୁକାନ୍ତି, ନାତୁଣୀ: ନିକି, ସୋନା, ନାତି: ଚିଣ୍ଟୁ ଓ ବନ୍ଧୁ ପରିଜନ
ଧ-୭୬୨୪୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ

**ଆଇସିସି ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଟୁର୍ନାମେଣ୍ଟର ସବୁଠାରୁ ହାଇ ପ୍ରୋଫାଇଲ୍ ମ୍ୟାଚ ଆସନ୍ତା ୨୩ ତାରିଖରେ ଦୁବାଇରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ଚାମ୍ପିୟନ୍ସ ଟ୍ରଫିରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ରେକର୍ଡକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**



ଆଇସିସି ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହୋଇ ଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ପାକିସ୍ତାନ ୬୦ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇ ଥିବାବେଳେ ଗୁରୁବାର ଭାରତ ଏହାର ପ୍ରଥମ ମ୍ୟାଚ ଖେଳିସାରିଛି। ଟୁର୍ନାମେଣ୍ଟର ସବୁଠାରୁ ହାଇ ପ୍ରୋଫାଇଲ୍ ମ୍ୟାଚ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ମନା କରି ଦେଇଥିବାରୁ ହାଇବ୍ରିଡ୍ ମୋଡ୍‌ରେ ଭାରତର ସମସ୍ତ ମ୍ୟାଚ ଦୁବାଇରେ ଖେଳାଯିବ। ତେଣୁ ଭାରତ-ପାକିସ୍ତାନ ମୁକାବିଲା ସେଠାରେ ଅନୁଷ୍ଠିତ ହେବ। ଏହି ହାଇ ଭୋଲ୍ଟେଜ ମ୍ୟାଚ ପାଇଁ ମଝିରେ ଆଉ ମାତ୍ର ଗୋଟିଏ ଦିନ ସମୟ ଥିବାବେଳେ ଚାମ୍ପିୟନ୍ସ ଟ୍ରଫିରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ରେକର୍ଡକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

### ଭାରତ ୨, ପାକିସ୍ତାନ ୩

ରେକର୍ଡ ଦେଖିଲେ ଭାରତ ୨ ଥର ୨୦୦୨ ଓ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ହାସଲ କରିଛି। ପାକିସ୍ତାନ ୨୦୧୭ରେ ଥରେ ଏହା ହାସଲ କରିପାରିଛି। ଗତବର୍ଷ ଅର୍ଥାତ୍ ୨୦୨୪ରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ସେତେ ଗୁରୁତ୍ୱ ପାଇ ନ ଥିଲା। ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପ ଅନୁଷ୍ଠିତ ହୋଇଥିବାରୁ ଏହି ଫର୍ମାଟକୁ ଗୁରୁତ୍ୱ ଦିଆ ଯାଇଥିଲା। ଏହା ବ୍ୟତୀତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲକୁ ମଧ୍ୟ ଦଳଗୁଡ଼ିକ ଗୁରୁତ୍ୱର ସହ ନେଇଥିଲେ। ପ୍ରାୟ ୩୦ ବର୍ଷ ବ୍ୟବଧାନରେ ପାକିସ୍ତାନ ଏକ ଆଇସିସି ଇଭେଣ୍ଟ ଆୟୋଜନର ସୁଯୋଗ ପାଇଛି। ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୋଟ ୫ ଥର ଭେଟ ହୋଇଛି। ପ୍ରଥମ ୨ଟି ମ୍ୟାଚ ପାକିସ୍ତାନ ଜିତି ଥିବାବେଳେ ପରବର୍ତ୍ତୀ ୨ଟି ମ୍ୟାଚରେ ବିଜୟୀ ହୋଇ ବିଜୟ/ପରାଜୟ ରେକର୍ଡକୁ ବରାବର କରିଥିଲା ଭାରତ। ମାତ୍ର ପରବର୍ତ୍ତୀ ମୁକାବିଲାରେ ପାକିସ୍ତାନ ବିଜୟ ହାସଲ କରିବା ସହିତ ପ୍ରଥମଥରପାଇଁ ଚାମ୍ପିୟନ ହୋଇ ଗୋଟିଏ ପାଦ ଆଗରେ ରହିଛି।

### ୨୦୦୪: ପାକିସ୍ତାନ ୩ ଉଇକେଟରେ ବିଜୟୀ

୧୯୯୮ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହୋଇଥିଲେ ହେଁ ୩ ସଂସ୍କରଣ ପରେ ଭାରତ-ପାକିସ୍ତାନ ଭେଟ ପ୍ରଥମଥରପାଇଁ ୨୦୦୪ରେ ହୋଇଥିଲା। ଇଂଲଣ୍ଡର ବର୍ମିଂହାମରେ ସେପ୍ଟେମ୍ବର ୧୯ରେ ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୩ ଉଇକେଟରେ ବିଜୟୀ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଦଳ ୪୯.୫ ଓଭରରେ ୨୦୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ମିଡିଲ ଅର୍ଡରରେ ରାହୁଲ ଦ୍ରାବିଡ (୬୭ ରନ)ଙ୍କ ଅର୍ଦ୍ଧଶତକ ଓ ଶେଷ ଭାଗରେ ଅଜିତ ଅଗରକରଙ୍କ ୪୭ ରନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଭାରତୀୟ ବ୍ୟାଟର ପାକିସ୍ତାନ ବୋଲରଙ୍କ ମୁକାବିଲାରେ ବିଫଳ ହୋଇଥିଲେ। ପାକିସ୍ତାନ ପକ୍ଷରୁ ନଭେଦ-ଉଲ୍-ହାସନ ଓ ଶୋଏବ ଅଖତର ୪ଟି ଲେଖାଏ ଉଇକେଟ ନେଇଥିଲେ। ୨୦୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଏକଦା ୨୧ ରନ ମଧ୍ୟରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମିଡିଲ ଅର୍ଡରରେ ମହମ୍ମଦ ୟୁସୁଫଙ୍କ ଅପରାଜିତ ୮୧ ରନ ବଳରେ ୪୯.୨ ଓଭରରେ ୭ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ଅଧିନାୟକ ଇଞ୍ଜାମାମ ଉଲ୍ ହକ୍ (୪୧) ଓ ଶାହିଦ ଆଫ୍ରିଦୀ (୧୨ ବଲ୍‌ରୁ ୨୫ ରନ)ଙ୍କ ଅବଦାନ ମୂଲ୍ୟବାନ ସାବ୍ୟସ୍ତ ହୋଇଥିଲା। ମ୍ୟାଚ ବିଜୟୀ ଇନିଂସ ପାଇଁ ମହମ୍ମଦ ୟୁସୁଫ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ୨୦୦୯: ପାକିସ୍ତାନ ୫୪ ରନରେ ବିଜୟୀ

ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଅନଠାରେ ଭାରତ ପାକିସ୍ତାନ ଦ୍ୱିତୀୟ ମୁକାବିଲା ୨୦୦୯ ସେପ୍ଟେମ୍ବର ୨୬ରେ ହୋଇଥିଲା। ଏଥିରେ ୟୁନିସ ଖାଁଙ୍କ ନେତୃତ୍ୱାଧୀନ ପାକିସ୍ତାନ ୫୪ ରନରେ ବିଜୟୀ ହୋଇ ଆଧିପତ୍ୟ ଅବ୍ୟାହତ ରଖିଥିଲା। ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଶୋଏବ ମଲିକଙ୍କ ଶତକ ସହାୟତାରେ ୫୦ ଓଭରରେ ୯ ଉଇକେଟ ହରାଇ ୩୦୨ ରନ କରିଥିଲା। ଶୋଏବ ୧୨୮ ଓ ମହମ୍ମଦ ୟୁସୁଫ ୮୭ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଆଶିଷ ନେହେରା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୩୦୩ ରନ ବିଜୟ ଲକ୍ଷ୍ୟର ପିଛା କରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୪୪.୫ ଓଭରରେ ୨୪୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ରାହୁଲ ଦ୍ରାବିଡ ୭୬, ଗୌତମ ଗମ୍ଭୀର ୫୭ ଓ ସୁରେଶ ରାଇନା ୪୬ ରନ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ପାକିସ୍ତାନ ବୋଲରଙ୍କ ମଧ୍ୟରେ ମହମ୍ମଦ ଅମିର, ନଭେଦ-ଉଲ-ହାସନ, ସଇଦ ଆଜମଲ ଓ ଶହିଦ ଆଫ୍ରିଦୀ ୨ଟି ଲେଖାଏ ଉଇକେଟ ନେଇ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶତକୀୟ ଇନିଂସ ପାଇଁ ଶୋଏବ ମଲିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଶୋଏବ ମଲିକ ଓ ମହମ୍ମଦ ୟୁସୁଫ

### ୨୦୧୩: ଭାରତ ୮ ଉଇକେଟରେ ବିଜୟୀ (ଡି/ଏଲ୍)

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ତୃତୀୟ ମୁକାବିଲା ଇଂଲଣ୍ଡର ବର୍ମିଂହାମଠାରେ ୨୦୧୩ ଜୁନ୍ ୧୫ରେ ଅନୁଷ୍ଠିତ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଡକ୍‌ୱର୍ଥ ଲୁଇସ (ଡି/ଏଲ୍) ନିୟମରେ ଭାରତ ୮ ଉଇକେଟରେ ବିଜୟୀ ହୋଇଥିଲା। ଟସ୍ ଜିତି ଭାରତୀୟ ଦଳର ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବୋଲରମାନେ ଚମତ୍କାର ବୋଲିଂ କରି ମିସ୍‌ବା-ଉଲ୍-ହକ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନକୁ ୩୯.୪ ଓଭରରେ ୧୬୫ ରନ ମଧ୍ୟରେ ସୀମିତ ରଖି ଦେଇଥିଲେ। ଅସଦ ସଫିକ ସର୍ବାଧିକ ୪୧ ରନ କରିଥିଲେ। ଭୁବନେଶ୍ୱର କୁମାର, ଇଶାନ୍ତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ନେଇ ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ବର୍ଷା ଯୋଗୁ ମ୍ୟାଚ ବାଧାପ୍ରାପ୍ତ ହେବାରୁ ଭାରତ ସମ୍ମୁଖରେ ୨୨ ଓଭରରେ ୧୦୨ ରନର ରିଭାଇଜ୍ ଟାର୍ଗେଟ୍ ରଖାଯାଇଥିଲା। ଭାରତ ୧୯.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଶିଖର ଧାୱନ ୪୮ ଓ ବିରାଟ କୋହଲି ୨୨ ରନରେ ଅପରାଜିତ ରହି ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଚମତ୍କାର ବୋଲିଂ କରି ୮ ଓଭରରେ ମାତ୍ର ୧୯ ରନରେ ୨ ଉଇକେଟ ହାସଲ କରିଥିବାରୁ ଭୁବନେଶ୍ୱର କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଫାଇନାଲରେ ଇଂଲଣ୍ଡକୁ ହରାଇ ଭାରତ ଏହି ସଂସ୍କରଣରେ ଚାମ୍ପିୟନ ହୋଇଥିଲା।

୨୦୧୩: ଉଇକେଟ ନେବାପରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ବଧେଇ।

### ୨୦୧୭: ଭାରତ ୧୨୪ ରନରେ ବିଜୟୀ (ଡି/ଏଲ୍)

ଗତ ୨୦୧୭ ସଂସ୍କରଣରେ ଭାରତ ଓ ପାକିସ୍ତାନ ପରସ୍ପରକୁ ୨ ଥର ଭେଟିଥିଲେ। ଜୁନ ୪ରେ ବର୍ମିଂହାମରେ ଅନୁଷ୍ଠିତ ମୁକାବିଲାରେ ଭାରତ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୨୪ ରନରେ ବିଜୟୀ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ରୋହିତ ଶର୍ମାଙ୍କ ୯୧, ଅଧିନାୟକ ବିରାଟ କୋହଲିଙ୍କ ଅପରାଜିତ ୮୧, ଶିଖର ଧାୱନଙ୍କ ୬୮ ଓ ଯୁବରାଜ ସିଂଙ୍କ ୫୩ ରନ ବଳରେ ନିର୍ଦ୍ଧାରିତ ୪୮ ଓଭରରେ ୩ ଉଇକେଟ ହରାଇ ୩୧୯ ରନ କରିଥିଲା। ବର୍ଷା ଯୋଗୁ ଖେଳ କିଛିସମୟ ବାଧାପ୍ରାପ୍ତ ହେବାରୁ ସର୍ଫରାଜ ଅହମଦଙ୍କ ନେତୃତ୍ୱାଧୀନ ପାକିସ୍ତାନ ସମ୍ମୁଖରେ ରିଭାଇଜ୍ ଟାର୍ଗେଟ ୪୧ ଓଭରରେ ୨୮୯ ରନ ରଖା ଯାଇଥିଲା। ମାତ୍ର ଓପନର ଆଜାର ଅଲୀ (୫୦)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ପାକିସ୍ତାନ ୩୩.୪ ଓଭରରେ ୧୬୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଉମେଶ ଯାଦବ ୩ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୨ ବଲ୍‌ରୁ ୫୩ ରନ କରିଥିବାରୁ ଯୁବରାଜ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଯୁବରାଜ ସିଂ

### ୨୦୧୭ (ଫାଇନାଲ): ପାକିସ୍ତାନ ୧୮୦ ରନରେ ବିଜୟୀ

ସଂଯୋଗ ବଶତଃ ଏହି ସଂସ୍କରଣରେ ଭାରତ ଓ ପାକିସ୍ତାନ ଫାଇନାଲରେ ପରସ୍ପରକୁ ପୁଣି ଭେଟିଥିଲେ। ଭାରତ କ୍ରମାଗତ ଦ୍ୱିତୀୟ ଥରପାଇଁ ଫାଇନାଲ ଖେଳୁଥିବାରୁ ହଟ୍ ଫେଭରାଇଟ ରହିଥିଲା। ମାତ୍ର ଏଥିରେ ଭାରତକୁ ୧୮୦ ରନରେ ହରାଇ ପାକିସ୍ତାନ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଫଖର ଜମନ (୧୧୪ ରନ)ଙ୍କ ଶତକ, ଆଜାର ଅଲୀଙ୍କ ୫୯, ମହମ୍ମଦ ହାଫିଜଙ୍କ ଅପରାଜିତ ୫୭ ଓ ବାବର ଆଜମଙ୍କ ୪୬ ରନ ବଳରେ ୫୦ ଓଭରରେ ୪ ଉଇକେଟ ହରାଇ ୩୩୮ ରନ କରିଥିଲା। ଭାରତ ବଡ଼ ସ୍କୋରର ପିଛା କରିଥିବାବେଳେ ଟପ୍ ଓ ମିଡିଲ ଅର୍ଡର ବ୍ୟାଟିଂ ବିଫଳତା ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୭୬ ରନ ସତ୍ତ୍ୱେ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ୩୦.୩ ଓଭରରେ ୧୫୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ପାକିସ୍ତାନ ବୋଲରଙ୍କ ମଧ୍ୟରେ ମହମ୍ମଦ ଅମିର ଓ ହାସନ ଅଲୀ ୩ଟି ଲେଖାଏ ଉଇକେଟ ନେଇଥିଲେ। ଫଖର ଜମନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଟ୍ରଫି ସହ ସର୍ଫରାଜ ଅହମଦ




# ଖେଳ ଜଗତର ଭିତିରି କଥା

## ଆର୍ଟିଫିସିଆଲ ଟର୍ଫ ପିଚ୍ ବ୍ୟବହାରକୁ ବିରୋଧ

ସାଓ ପାଉଲୋ: ପ୍ରାକୃତିକ ଘାସର ପିଚ୍ ବଦଳରେ ଫୁଟବଲ ଲିଗ୍ ମ୍ୟାଚ ପାଇଁ ଆର୍ଟିଫିସିଆଲ ଟର୍ଫ ବ୍ୟବହାରକୁ ଜୁନିୟର ନେମାର, ମେମ୍ଫିସ ଡେପେ ଓ ଥିଆଗୋ ସିଲଭାଙ୍କ ଭଳି ଜଣାଶୁଣା ବ୍ରାଜିଲ ଖେଳାଳି ବିରୋଧ କରିଛନ୍ତି। ଆର୍ଟିଫିସିଆଲ ଟର୍ଫ ବ୍ୟବହାର ଦ୍ୱାରା ଖେଳାଳିଙ୍କର ଆହତ ହେବା ସମ୍ଭାବନା ବୃଦ୍ଧି ପାଇବ ବୋଲି ସେମାନେ ଅନ୍‌ଲାଇନରେ ସମାନ ମତ ରଖିଛନ୍ତି। ବ୍ରାଜିଲର ଶୀର୍ଷ ସ୍ତରୀୟ ଫୁଟବଲ ଲିଗ୍‌ରେ ଡିଫେଣ୍ଡିଂ ବ୍ରାଜିଲିଆନ ଚାମ୍ପିୟନ ବୋଟାଫୋଗୋ, ପାଲମେରାସ ଓ ଆଥଲେଟିକୋ ପାରାନାଏନ୍ସେ ଆଦି କ୍ଲବ ଆର୍ଟିଫିସିଆଲ ଟର୍ଫ ବ୍ୟବହାର କରୁଛନ୍ତି। ଏଥିଯୋଗୁ ଏହି ଦଳଗୁଡ଼ିକ ବିପକ୍ଷରେ ଖେଳାଯିବାକୁ ଥିବା ଆୱେ ମ୍ୟାଚକୁ କିଛି ଭେଟେରାନ ଓ ନେମାରଙ୍କ ଭଳି ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରୁଥିବା ଖେଳାଳିମାନେ ବହିଷ୍କାର କରିଛନ୍ତି। ପାଲମେରାସ ପକ୍ଷରୁ କୁହାଯାଇଛି ଯେ ଆର୍ଟିଫିସିଆଲ ଟର୍ଫକୁ ଫିଫାର ସ୍ୱୀକୃତି ମିଳିଛି। ୨୦୨୦ଠାରୁ ଏହାର ନିୟମିତ ଯାଞ୍ଚ କରାଯାଉଛି। ଏଣୁ ଏଥିରେ ପ୍ରାକୃତିକ ଘାସ ପଡ଼ିଆ ଭଳି ସମାନ ମାନଦଣ୍ଡ ରହିଛି।

## ଇଲେକ୍ଟ୍ରିକ ପାୱରବୋଟିଂ

ମୁମ୍ବାଇ: ବିଶ୍ୱର ପ୍ରଥମ ଅଲ୍-ଇଲେକ୍ଟ୍ରିକ ପାୱରବୋଟିଂ ପ୍ରତିଯୋଗିତା ୟୁଆଇଏମ୍‌ଇ ୱାନ ୱାର୍ଲ୍ଡ ଚାମ୍ପିୟନଶିପରେ ଅନୁଷ୍ଠିତ ହେବ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି, ଟେନିସ କିମ୍ବଦନ୍ତୀ ରାଫାଲ ନାଡାଲ ଓ ବାସ୍କେଟବଲ ଆଇକନ ଲେବ୍ରନ ଜେମ୍ସ ପ୍ରମୁଖ ବିଭିନ୍ନ ଦଳର ମାଲିକାନା ହାସଲ କରିଛନ୍ତି। ଏହି ବିଶ୍ୱସ୍ତରୀୟ ସିରିଜରେ କୋହଲିଙ୍କ ଟିମ୍ ବ୍ଲୁ ରାଇଜିଂ, ବାସ୍କେଟବଲ ଆଇକନ ଜେମ୍ସଙ୍କ ଟିମ୍ ଅଲଉଲା, ସଙ୍ଗୀତ ପ୍ରଯୋଜକ ଓ ଡିଜେ ଷ୍ଟିଭ ଆଓକିଙ୍କ ଆଓକି ରେସିଂ ଟିମ୍ ଓ ଏନ୍‌ଏଫ୍‌ଏଲ୍ କିମ୍ବଦନ୍ତୀ ଟମ୍ ବ୍ରାଡିଙ୍କ ଟିମ୍ ବ୍ରାଡି, ଚେଲସି ଦଳର ଷ୍ଟାର ଡିଡାୟର ଡ୍ରୋଗବାଙ୍କ ଟିମ୍ ଡ୍ରୋଗବା, ଟେନିସ କିମ୍ବଦନ୍ତୀ ନାଡାଲଙ୍କ ଟିମ୍ ରାଫା, ହଲିଉଡ ଅଭିନେତା ୱିଲ ସ୍ମିଥଙ୍କ ୱେଷ୍ଟବ୍ରୁକ ରେସିଂ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟ ରେସ ଜେଦ୍ଦା, ମିଆମି, ମଣ୍ଟେ କାର୍ଲୋ ଓ ଦୋହାଠାରେ ଅନୁଷ୍ଠିତ ହେବ।

## ମନୁଙ୍କ କୋଚ୍ ରହିବେ ରାଣା

ନୂଆଦିଲ୍ଲୀ: ପ୍ୟାରିସ ଅଲିମ୍ପିକ୍ସରେ ଡବଲ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ତାରକା ମହିଳା ଶୁଟର ମନୁ ଭାକରଙ୍କ କୋଚ୍ ଭାବେ ଅପରିବର୍ତ୍ତିତ ରହିବେ ଯଶପାଲ ରାଣା। ଏହାକୁ ମନୁ ନିଜେ ସ୍ପଷ୍ଟ କରିଛନ୍ତି। ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ ଯଶପାଲଙ୍କୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ (ଏଆର୍‌ଏଆଇ) ପକ୍ଷରୁ ପିସ୍ତଲ ଶୁଟରଙ୍କ ଲାଗି ହାଇ ପରଫର୍ମାନ୍ସ ଟ୍ରେନର ନିଯୁକ୍ତ କରାଯାଇଛି। ୪ ଥରର ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ରାଣାଙ୍କ ସହିତ ବିବାଦ କାରଣରୁ ମନୁ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଅଲଗା ହୋଇଯାଇଥିଲେ। ମାତ୍ର ଟୋକିଓ ଅଲିମ୍ପିକ୍ସ ପରେ ସଂଘର୍ଷ କରୁଥିବା ମନୁ ରାଣାଙ୍କ ମାର୍ଗଦର୍ଶନରେ ଶୁଟିଂକୁ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିବା ସହ ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ ଭାବେ ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିଲେ। ସେ ୧୦ ମିଟର ଏୟାର ପିସ୍ତଲ ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ରାଣାଙ୍କୁ ହାଇ ପରଫର୍ମାନ୍ସ କୋଚ ନିଯୁକ୍ତ କରାଯାଇଥିଲେ ହେଁ ମନୁ ଏବେ ବି ଯଶପାଲଙ୍କୁ ତାଙ୍କ ମେଣ୍ଟର ଭାବେ ଦେଖୁଛନ୍ତି। ମୁଁ କେବଳ ଗୋଟିଏ କଥା କହିପାରିବି ଯେ, ରାଣା ମୋର କୋଚ। ସେ ମୋ ପାଇଁ ଜଣେ ମହାନ କୋଚ ହୋଇ ରହିଛନ୍ତି ବୋଲି ମନୁ ବିବିସି ସ୍ପୋର୍ଟ୍ସୱମେନ ଅଫ ଦି ଇୟର ୨୦୨୪ ପୁରସ୍କାର ଜିତିବା ପରେ ପ୍ରକାଶ କରିଛନ୍ତି।

## ଦୁବାଇରେ ଭାରତୀୟ ପ୍ରଶଂସକଙ୍କ ଭିଡ଼

ଦୁବାଇ:ମସ୍କଟର ରେହମାନ ଜାଇଦ ଓ ଓମାନର ଫାତିମା ଭାରତୀୟ କ୍ରିକେଟରଙ୍କ ଝଲକ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ। କାରଣ ଏହି ଦେଶଗୁଡ଼ିକର କ୍ରିକେଟ ପ୍ରଶଂସକଙ୍କୁ ଭାରତୀୟ କ୍ରିକେଟରଙ୍କୁ ଦେଖିବାକୁ କଦାଚିତ ସୁଯୋଗ ମିଳେ। ଚାମ୍ପିୟନ୍ସ ଟ୍ରଫି ଲାଗି ଭାରତୀୟ ଦଳ ଆଇସିସି କ୍ରିକେଟ ଏକାଡେମୀରେ ପ୍ରାକ୍ଟିସ ଚଳାଇଥିବା ବେଳେ ଏକାଡେମୀ ବାହାରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରଶଂସକ ଏକତ୍ରିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ, ଓମାନ, ୟୁକେ ଓ ୟୁଏସ୍‌ଏର ନାଗରିକ ଥିଲେ। ଭାରତୀୟ କ୍ରିକେଟ ଦଳର ସଦସ୍ୟ ସୋମବାର ସନ୍ଧ୍ୟାରେ ୩ ଘଣ୍ଟା ଧରି ଟ୍ରେନିଂ କରିଥିଲେ। ପ୍ରଶଂସକ ଓ ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଏକ ବ୍ୟାରିକେଡ ଓ କିଛି ସୁରକ୍ଷା କର୍ମୀ ଛିଡ଼ା ହୋଇଥିଲେ। ଭାରତୀୟ ଖେଳାଳିଙ୍କ ନେଟ ସେସନ ଶେଷ ହେବା ପର୍ଯ୍ୟନ୍ତ ପ୍ରଶଂସକମାନେ ଅପେକ୍ଷା କରିଥିଲେ। କ୍ରିକେଟରମାନେ ବସ୍‌କୁ ଫେରିବା ଅବସରରେ ଫ୍ୟାନ୍ସଙ୍କ ସହିତ ଫଟୋ ଉଠାଇବା ସହିତ ଅଟୋଗ୍ରାଫ ଦେଇଥିଲେ। ଓମାନରୁ ଆସିଥିବା ୧୭ ବର୍ଷୀୟା ଫାତିମା ତାଙ୍କ ଟି-ଶାର୍ଟରେ ଶ୍ରେୟାସ ଆୟାରଙ୍କ ଅଟୋଗ୍ରାଫ ନେଇଥିଲେ। ଏ ସମ୍ପର୍କରେ ସେ କହିଥିଲେ, ମୁଁ ବହୁତ ଖୁସି। ଅତି ନିକଟରୁ ଭାରତୀୟ କ୍ରିକେଟରଙ୍କୁ ଦେଖିବାକୁ ସୁଯୋଗ ଦେଇଥିବାରୁ ଆମେ ଆଇସିସି ନିକଟରେ କୃତଜ୍ଞ। ମୁଁ ଟି-ଶାର୍ଟରେ ଅଟୋଗ୍ରାଫ ପାଇଛି। ଏହା ସତ ବୋଲି ବିଶ୍ୱାସ ହେଉ ନାହିଁ। ବିରାଟ କୋହଲିଙ୍କୁ ଦେଖିଲି। ସେ ଖୁବ୍ ଭଲ ମଣିଷ। ମୁଁ ଅଳ୍ପକେ ମହମ୍ମଦ ଶାମିଙ୍କ ଅଟୋଗ୍ରାଫ ନେବାରେ ବିଫଳ ହୋଇଥିଲି।



ନେମାର


ପୁରସ୍କାର ଗ୍ରହଣ ଅବସରରେ ମନୁ ଭାକର



ଶ୍ରେୟସ ଆୟାରଙ୍କ ସହ ଫାତିମା

## ଲଭ

ଦିନିକିଆ କ୍ରିକେଟରେ ସର୍ବନିମ୍ନ
ସ୍କୋରକୁ ଡିଫେଣ୍ଡ କରି
ଆମେରିକା ବିଶ୍ୱ ରେକର୍ଡ କରିଛି
ୱାର୍ଲ୍ଡ କପ୍ ଲିଗ୍‌ରେ ନରି
ଆକିବ ଲିଆସ ଡରି
ପଞ୍ଚଷଠି ରନରେ ଅଲ୍ ଆଉଟ ଦେଶ
ଓମାନର ଗଲା ଶିରୀ।



ନ୍ୟୁଜିଲାଣ୍ଡଠୁ ଇନାଗୁରେଶନ
ମ୍ୟାଚ ହାରି ପାକିସ୍ତାନ
ଅନୁକୂଳ ବିଗିଡ଼ିଲା କହି କେତେ
ଦୁଃଖୀ ପାକିସ୍ତାନୀ ଫ୍ୟାନ
ଈର୍ଷା ଦ୍ୱେଷ ଭରା ମନ
କରାଚୀ ଫିଲ୍ଡରେ ଭାରତ ତ୍ରିରଙ୍ଗା
ନ ରଖିବା କାର୍ଯ୍ୟ ହୀନ।

ଶେଷରେ କରାଚୀ ଷ୍ଟାଡିୟମଠାରେ
ଉଡ଼ିଲା ତ୍ରିରଙ୍ଗା ବାନା
ନିଜ ଭୁଲ ବୁଝିପାରିକି ପିସିବି
ପଛ ଚେଞ୍ଜ କଲା ସିନା
ସେ ଲୋକ, ସେ ଦେଶ ସୁନା
ହାରିବା ଜିତିବା ଭୁଲି ଯିଏ କରେ
ବିପକ୍ଷକୁ ଲଭ୍ ଅନା।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧/୨୦୨୫ Bhubaneswar, Friday, February 21/ 2025

# ବିଜୟ ସହ ଭାରତର ଅଭିଯାନ

ଦୁବାଇ,୨୦।୨

ଭାରତୀୟ ଦଳ ଚାମ୍ପିୟନ୍ସ ଟ୍ରଫିରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଆଇସିସି ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ମ୍ୟାଚରେ ଭାରତ ୬ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ବାଂଲାଦେଶ ଦ୍ୱାରା ଧାର୍ଯ୍ୟ ୨୨୯ ରନର ଟାର୍ଗେଟକୁ ଶୁବମନ ଗିଲଙ୍କ ଅପରାଜିତ ଶତକ ବଳରେ ଭାରତୀୟ ଦଳ ୪୬.୩ ଓଭରରେ ୪ ଉଇକେଟ ବିନିମୟରେ ହାସଲ କରିନେଇଛି। ବିଜୟୀ ଦଳ ତରଫରୁ ଅପରାଜିତ ଶତକ ହାସଲ କରିଥିବା ଶୁବମନ ଗିଲଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ କରାଯାଇଛି। ଏହି ବିଜୟରୁ ୨ ପଏଣ୍ଟ ସହ ଭାରତ ଗ୍ରୁପ-ଏ'ରେ ନ୍ୟୁଜିଲାଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଆସନ୍ତା ୨୩ ତାରିଖରେ ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।



ଶତକ ହାସଲ ପରେ ଶୁବମନ ଗିଲ୍।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଇନିଂସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୩୫ ରନ ମଧ୍ୟରେ ଟପ ଅର୍ଡରର ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ବିପଜ୍ଜନକ ସ୍ଥିତିରେ ତୋହିଦ ହ୍ରିଦୟ ଓ ଜାକର ଅଲୀ ଷଷ୍ଠ ଉଇକେଟ ଲାଗି ୩୪.୧ ଓଭରରେ ୧୫୪ ରନର ଭାଗୀଦାରି କରି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ୧୧୪ ବଲର ସମ୍ମୁଖୀନ ହୋଇଥିବା ଅଲୀ ୪ ଚୌକା ସହାୟତାରେ ୬୮ ରନ କରିଥିଲେ। ତାଙ୍କୁ ମହମ୍ମଦ ଶାମି ପାଭିଲିଅନ ପଠାଇଥିଲେ। ଏହାପରେ ହ୍ରିଦୟ ଶତକ ପୂରଣ କରିବା ସହ ଏକାକୀ ଦଳୀୟ ସ୍କୋରକୁ ୨୨୮ ରନରେ ପହଞ୍ଚାଇଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ଥିଲା। ହ୍ରିଦୟ ୧୧୮ ବଲରେ ୬ ଚୌକା ଓ ୨ ଛକା ସହିତ ୧୦୦ ରନ କରି ହର୍ଷିତ ରାଣାଙ୍କ ବଲରେ ଆଉଟ ହୋଇଥିଲେ। ଦଳ ପକ୍ଷରୁ ତଞ୍ଜିଦ ହାସନ ୨୫ ଓ ରିଶାଦ ହୋସେନ ୧୮ ରନ କରିଥିଲେ। ଦଳର ୫ ବ୍ୟାଟର ଖାତା ଖୋଲି ପାରି ନ ଥିଲେ।

ଭାରତୀୟ ଦଳ ପକ୍ଷରୁ ବୋଲିଂରେ ଶାମି ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହା ତାଙ୍କ କ୍ୟାରିୟରର ଷଷ୍ଠ ୫ ଉଇକେଟ ସଫଳତା ଥିଲା। ଅନ୍ୟମାନଙ୍କ ମଧ୍ୟରେ ହର୍ଷିତ ରାଣା ୩ ଓ ଅକ୍ଷର ପଟେଲ ୨ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ରୋହିତ ଶର୍ମା ଓ ଗିଲଙ୍କ ଓପନିଂ ଯୋଡ଼ି ଭାରତକୁ ଭଲ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ପ୍ରଥମ ଉଇକେଟ ପାଇଁ ୬୯ ରନ ଯୋଡ଼ିଥିଲେ। ଅଧିନାୟକ ରୋହିତ ୩୬ ବଲରେ ୭ ଚୌକା ସହିତ ୪୧ ରନ କରି ଆଉଟ ହୋଇଥିଲେ। ନଂ-୩ ସ୍ଥାନରେ ଆସିଥିବା ବିରାଟ କୋହଲି ଗିଲଙ୍କ ସହ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟ ଲାଗି ୪୩ ରନ ଭାଗୀଦାରି କରିଥିଲେ। ଏହାପରେ ଭାରତ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ହରାଇଥିଲା। କୋହଲି ୨୨, ଶ୍ରେୟାସ ଆୟାର ୧୫ ଓ ଅକ୍ଷର ପଟେଲ ୮ ରନ କରି ଆଉଟ ହୋଇଥିଲେ। ଏଭଳି ସ୍ଥିତିରେ ଗିଲଙ୍କ ସହ ଲୋକେଶ ରାହୁଲ ମ୍ୟାଚ ପରିସମାପ୍ତି ଘଟାଇ ଥିଲେ। ଦୁହେଁ ପଞ୍ଚମ ଉଇକେଟ ପାଇଁ ଅବିଭାଜିତ ୮୭ ରନ ଯୋଡ଼ିଥିଲେ। ଗିଲ ୧୨୯ ବଲରେ ୯ ଚୌକା ଓ ୨ ଛକା ସହିତ ୧୦୧ ରନ କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ଅଷ୍ଟମ ଶତକ ଥିଲା। ରାହୁଲ ୧ ଚୌକା ଓ ୨ ଛକା ସହିତ ୪୧ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ବୋଲିଂରେ ରିଶାଦ ହୋସେନ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୪୯.୪ ଓଭରରେ ୨୨୮/ଅଲଆଉଟ (ତୋହିଦ ହ୍ରିଦୟ-୧୦୦, ଜାକର ଅଲି-୬୮, ତାନ୍‌ଜିଦ ହସନ-୨୫; ମହମ୍ମଦ ଶାମି-୫/୫୩, ହର୍ଷିଦ ରାଣା-୩/୩୧, ଅକ୍ଷର ପଟେଲ-୨/୪୩)। ଭାରତ: ୪୬.୩ ଓଭରରେ ୨୩୧। (ଶୁବମନ ଗିଲ୍-୧୦୧*, ରୋହିତ ଶର୍ମା- ୪୧, କେ.ଏଲ୍ ରାହୁଲ-୪୧*, ବିରାଟ କୋହଲି-୨୨; ରିସାଦ ହୋସେନ-୨/୩୮)।

## ଚାମ୍ପିୟନ୍ସ ଟ୍ରଫି

### ଆଜିର ମ୍ୟାଚ

ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା
ସ୍ଥାନ: କରାଚୀ, ସମୟ: ଅପରାହ୍ନ ୨ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ସ୍ପୋର୍ଟ୍ସ ୧୮

# ମହମ୍ମଦ ଶାମିଙ୍କ ରେକର୍ଡ

ଦୁବାଇ,୨୦।୨(ପି.ଟି.)

ବାଂଲାଦେଶ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ଷ୍ଟାର ପେସର ମହମ୍ମଦ ଶାମି ଦିନିକିଆ କ୍ରିକେଟରେ ଦ୍ରୁତ ୨୦୦ ଉଇକେଟ ପୂରଣ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିବା ସହ ସେ ଏହି କୀର୍ତ୍ତିମାନ ନିଜ ନାମରେ କରିଛନ୍ତି। ୩୪ ବର୍ଷୀୟ ଶାମି କ୍ୟାରିୟରର ୧୦୪ତମ ମ୍ୟାଚରେ ଏହି ମାଇଲଖୁଣ୍ଟରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ଭାରତର ପୂର୍ବତନ ପେସର ଅଜିତ ଅଗରକରଙ୍କ ନାମରେ ଥିଲା। ସେ କ୍ୟାରିୟରର ୧୩୩ତମ ମ୍ୟାଚରେ ୨୦୦ ଉଇକେଟ ଅର୍ଜନ କରିଥିଲେ। ତେବେ ଶାମି ଅଷ୍ଟମ ଭାରତୀୟ ଭାବେ ଦିନିକିଆ କ୍ରିକେଟରେ ୨୦୦ ଉଇକେଟ ଅକ୍ତିଆର କରିଛନ୍ତି।

ଏତଦ୍ ବ୍ୟତୀତ ୫୦ ଓଭରିଆ ଆଇସିସି ଇଭେଣ୍ଟରେ ଶାମି ଭାରତ ପାଇଁ ସର୍ବାଧିକ ଉଇକେଟ ନେବାର ରେକର୍ଡ ନିଜ ନାମରେ କରିଛନ୍ତି। ଦିନିକିଆ ବିଶ୍ୱକପ ଓ ଚାମ୍ପିୟନ୍ସ ଟ୍ରଫିକୁ ମିଶାଇ ଶାମି ମୋଟ ୬୦ ଉଇକେଟ ନେଇଛନ୍ତି। ଏହି ରେକର୍ଡ ପୂର୍ବରୁ ଜାହିର ଖାନ୍‌ଙ୍କ ନାମରେ ଥିଲା। ସେ ୫୯ ଉଇକେଟ ନେଇଥିଲେ। ଏହି ତାଲିକାରେ ଜାଭାଗଲ ଶ୍ରୀନାଥ (୪୭) ଓ ରବୀନ୍ଦ୍ର ଜାଡେଜା (୪୩) ରହିଛନ୍ତି।



ଉଇକେଟ ହାସଲ ପରେ ମହମ୍ମଦ ଶାମିଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

# ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ ପଦକ

**ଜାତୀୟ ପାରା ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ)

ଚେନ୍ନାଇରେ ଚାଲିଥିବା ୨୩ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଗୁରୁବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସୁଚିତ୍ରା ପରିଡ଼ା। ସେ ମହିଳା ଏଫ୍-୫୫ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ୧୮.୭୯ ମିଟର କ୍ଲିୟର କରି ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ବୁଧବାର ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ତାରକା ସ୍ପ୍ରିଣ୍ଟର ଜୟନ୍ତୀ ବେହେରା। ସେ ମହିଳା ଟି-୪୭ ବର୍ଗର ୧୦୦ ମିଟର ରେସ୍‌ରେ ୧୩.୪୩ ସେକେଣ୍ଡ ଓ ଟି-୪୭ ମହିଳା ବର୍ଗର ୪୦୦ ମିଟର ରେସ୍‌ରେ ୧:୦୧.୧୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ।



ପଦକ ସହ ଜୟନ୍ତୀ ବେହେରା (ବାମ)।

## ଏଫ୍‌ଆଇଏଚ୍ ହକି ଆଜିର ମ୍ୟାଚ

**ପୁରୁଷ**
ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ
ସମୟ: ଅପରାହ୍ନ ୩ଟା ୩୦।
ଭାରତ ବନାମ ଆୟର୍ଲାଣ୍ଡ
ସମୟ: ୭ଟା୩୦

**ମହିଳା**
ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ
ସମୟ: ଅପରାହ୍ନ ୩ଟା
ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ
ସମୟ: ସନ୍ଧ୍ୟା ୬ଟା
ଭାରତ ବନାମ ଜର୍ମାନୀ
ସମୟ: ୫ ଟା ୧୫।

# ଭାରତ ୨-୦ରେ ବିଜୟୀ

**ପିଙ୍କ୍ ଲେଡିଜ କପ୍**

ଶାରଜା,୨୦।୨(ପି.ଟି.)

ପିଙ୍କ ଲେଡିଜ୍ କପ୍ ମହିଳା ଫୁଟବଲ ପ୍ରତିଯୋଗିତାରେ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଭାରତ ୨-୦ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ନୂଆ କୋଚ କ୍ରିସ୍ପିନ ଛେତ୍ରୀଙ୍କ ମାର୍ଗଦର୍ଶନରେ ଏହା ଭାରତୀୟ ଦଳ ଲାଗି ପ୍ରଥମ ବିଜୟ। ମ୍ୟାଚରେ ବିଜୟୀ ଦଳ ପାଇଁ ମିଡଫିଲ୍ଡର ପ୍ରିୟଙ୍କା ଦେବୀ (୨୩ତମ ମିନିଟ) ଓ ୱିଙ୍ଗର ମନୀଶା (୫୪ତମ) ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ ଜରିଆରେ ଲିଶାମ ବବିନା ଦେବୀ ତାଙ୍କର ଇଣ୍ଟରନ୍ୟାଶନାଲ କ୍ୟାରିୟର ଆରମ୍ଭ କରିଛନ୍ତି। ଆସନ୍ତା ୨୩ ତାରିଖରେ ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚରେ ରୁଷିଆକୁ ଭେଟିବ।

# ଜାତୀୟ ସିନିୟର ରୋଲ୍ ବଲ୍ ପାଇଁ ଓଡ଼ିଶା ଦଳ



କର୍ମକର୍ତ୍ତାଙ୍କ ସହ ଓଡ଼ିଶା ରୋଲ୍ ବଲ୍ ଦଳ।

ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ)

ତାମିଲନାଡୁର ତ୍ରିଚିଠାରେ ୨୧ତମ ଜାତୀୟ ସିନିୟର ରୋଲ ବଲ୍ ଚାମ୍ପିୟନଶିପ୍ ୨୨ ତାରିଖରୁ ଆରମ୍ଭ ହେବ। ୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଅଭିଜିତ ସ୍ୱାଇଁ ଅଧିନାୟକ ମନୋନୀତ ହୋଇଥିବାବେଳେ ମୋହନ ପାତ୍ର, ଅଂଶ ତିୱାରୀ, ଧ୍ରୁବଜ୍ୟୋତି ସ୍ୱାଇଁ, ରାଜୀବ କୁମାର ସାହୁ ଓ ଅମିତ କଅଁର ଦଳରେ ସ୍ଥାନ ପାଇଛନ୍ତି। ତାମିଲନାଡୁ ଯିବା ପୂର୍ବରୁ ଘାଟିକିଆର କେ୭ ବିଡିଏ ରୋଲ ବଲ୍ ମିନି ଷ୍ଟାଡିୟମରେ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା, ଘାଟିକିଆ ଉନ୍ନୟନ କମିଟି ସଦସ୍ୟ ଅଶୋକ କୁମାର, ଭୁଜବଳ, ସମୀର ନନ୍ଦ ଓ ପ୍ରସନ୍ନ କୁମାର ଭୁଜବଳ ପ୍ରମୁଖ ଉପସ୍ଥିତ ଥିଲେ।

# ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ ଲକ୍ଷ୍ୟରେ ସୌଭାଗ୍ୟ-ସାଗରିକା

**ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ):** ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ ଅଭିଯାନରେ ଗୁରୁବାର ତାଞ୍ଜାନିଆ ଅଭିମୁଖେ ଯାତ୍ରା କରିଛନ୍ତି ଓଡ଼ିଶାର ସୌଭାଗ୍ୟ କୁମାର ରଥ ଓ ସାଗରିକା ମିଶ୍ର। ଓଡ଼ିଶାର ପ୍ରଥମ ଦମ୍ପତ୍ତିଭାବେ କାଲିମାଞ୍ଜାରୋ ଆରୋହଣ ଲକ୍ଷ୍ୟ ରଖିଛନ୍ତି ସୌଭାଗ୍ୟ ଓ ସାଗରିକା। ଆସନ୍ତା ୨୩ ତାରିଖରେ ତାଞ୍ଜାନିଆର ମୋଶିଠାରେ ହେବାକୁଥିବା କିଲିମାଞ୍ଜାରୋ ଅନ୍ତର୍ଜାତୀୟ ମାରାଥନରେ ମଧ୍ୟ ସୌଭାଗ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଭାରତରେ ଟ୍ରେକିଂରେ ଏହି ଦମ୍ପତ୍ତିଙ୍କର ବହୁ ଅଭିଜ୍ଞତା ରହିଛି। ସୌଭାଗ୍ୟ ଇତିମଧ୍ୟରେ ୨ ଥର ଆଇରନ ମ୍ୟାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସାରିଥିବାବେଳେ ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁଶ ଆରୋହଣ କରିଛନ୍ତି। ସାଗରିକା ସମ୍ବଲପୁର ରେଙ୍ଗାଲି ବ୍ଲକରେ ଭେଟେରିନାରି ସର୍ଜନ ଥିବାବେଳେ ସୌଭାଗ୍ୟ ଆକାଶବାଣୀ ସମ୍ବଲପୁରରେ ପ୍ରସାରଣ ନିଷ୍ପାଦକ ଭାବେ କାର୍ଯ୍ୟରତ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ